

କୋଇଲା ଉତ୍ପାଦନର ଐତିହାସିକ ସଫଳତାକୁ ପ୍ରଶଂସା | ୬

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



କୋରାପୁଟ ପିଜୁଳିକୁ ଭୁଲିପାରୁନାହାନ୍ତି ଦେଶୀ ଗାର୍ଲ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୫୦ Vol. 21 No-350 22 MARCH 2025 SATURDAY BHUBANESWAR ଶନିବାର, ୨୨ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ନାରୀ ସୁରକ୍ଷା ନେଇ ବିଧାନସଭା କମ୍ପିଲା

# ପ୍ରବଳ ହଙ୍ଗାମା, ଗୃହ ମୁଲତବୀ

ଭୁବନେଶ୍ୱର,୨୧।୩ (ଭାସ୍କର ନ୍ୟୁଜ): ଶୁକ୍ରବାର ବିଧାନସଭାରେ ବିରୋଧୀ କଂଗ୍ରେସ ଓ ବିଜେଡି ଦଳର ପ୍ରବଳ ହଙ୍ଗାମା କାରଣରୁ ପ୍ରଥମାର୍ଦ୍ଧ ବୈଠକ ବାଧାପ୍ରାପ୍ତ ହୋଇଛି । ଏହି କାରଣରୁ ବିଧାନସଭାରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ପରି କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ମହିଳା ନିର୍ଯାତନା ପ୍ରସଙ୍ଗରେ କଂଗ୍ରେସ ବିଧାୟକମାନେ କଳା ପୋଷାକ ପିନ୍ଧି ଘଣ୍ଟ ଓ ମହୁରୀ ବଜାଇ ପ୍ରତିବାଦ କରିଥିବା ବେଳେ ବିଜେଡି ବିଧାୟକ ମାନେ ଗୃହରେ ବିରୋଧୀ ମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ହଙ୍ଗାମା କରିଛନ୍ତି। ଏହି କାରଣରୁ ବିଧାନସଭାକୁ ବାରମ୍ବାର ସ୍ଥଗିତ ରଖିବାକୁ ପଡିଥିଲା । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଗୃହ କାର୍ଯ୍ୟ ୧୦.୩୦ ମିନିଟରେ ଆରମ୍ଭ ହୋଇଥିଲା । ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ ଓ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଉତ୍ତର ଦେବାକୁ ଡାକିଥିଲେ । ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖୁଥିବା ବେଳେ ରାଜ୍ୟରେ ନାରୀ ସୁରକ୍ଷା ପ୍ରସଙ୍ଗରେ ବିରୋଧୀ କଂଗ୍ରେସ ସଦସ୍ୟମାନେ ଘଣ୍ଟ ବଜାଇ ପ୍ରତିବାଦ କରିଥିଲେ। କଂଗ୍ରେସ ସଦସ୍ୟମାନେ କଳା ପୋଷାକ ପିନ୍ଧି ଗୃହର ମଧ୍ୟଭାଗକୁ ଯାଇ ଘଣ୍ଟ ଓ ମହୁରୀ ବଜାଇ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା । ସେହିପରି ବିଜେଡି ବିଧାୟକ ମାନେ ମଧ୍ୟ ବିରୋଧୀଙ୍କୁ ଅଣଦେଖା କରାଯାଉଥିବାରୁ ହଙ୍ଗାମା କରିଥିବା ଦେଖିବାକୁ ମିଳିଥିଲା । ଏହି ହଙ୍ଗାମା କାରଣରୁ ବାଚସ୍ପତି ସୁରମା ପାଢୀ ପ୍ରଥମେ ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ୧୧.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା • ପୃଷ୍ଠା ୫ ଦେଖନ୍ତୁ



## ସଂକ୍ଷେପରେ...

### ବ୍ୟାଙ୍କ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର,୨୧।୩(ଭାସ୍କର ନ୍ୟୁଜ): ୯ଦଫା ଦାବିନେଇ ଆସନ୍ତା ୨୪ ଓ ୨୫ ତାରିଖରେ ହେବାକୁ ଥିବା ବ୍ୟାଙ୍କ ଧର୍ମଘଟକୁ ସ୍ଥଗିତ ରଖାଯାଇଛି। ସିଏଲ୍‌ସି ସହ ଆଲୋଚନା ପରେ ୟୁଏଫବିୟୁ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଏଥିପୂର୍ବରୁ ୯ଦଫା ଦାବି ପୂରଣ ନେଇ ୟୁଏଫବିୟୁ ପକ୍ଷରୁ ଧର୍ମଘଟ ପାଇଁ ଡାକରା ଦିଆଯାଇଥିଲା।

### ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ



ଭୁବନେଶ୍ୱର,୨୧।୩(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଶୁକ୍ରବାର ପରଲୋକ ହୋଇଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୬୬ ବର୍ଷ ହୋଇଥିଲା। • ପୃଷ୍ଠା ୫ ଦେଖନ୍ତୁ

## ଜଷ୍ଟିସ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି



କଟକ,୨୧।୩(ଭାସ୍କର ନ୍ୟୁଜ): ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ହରିଶ ଟଣ୍ଡନଙ୍କୁ ନିଯୁକ୍ତି ଦିଆଯାଇଛି। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ ଟଣ୍ଡନଙ୍କୁ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ଶୁକ୍ରବାର କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ ସୂଚନା ଦେଇଛନ୍ତି। ପୂର୍ବରୁ ଜଷ୍ଟିସ ଟଣ୍ଡନଙ୍କ ନାମ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଥିଲେ। ଜଷ୍ଟିସ ଟଣ୍ଡନ ଏବେ କୋଲକାତା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି। ଗତ ଜାନୁଆରୀ ୧୯ରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଅବସର ନେବାପରେ ଜଷ୍ଟିସ ଟଣ୍ଡନଙ୍କ ନାମ ସୁପାରିସ କରାଯାଇଥିଲା। ତେବେ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଛି। ଜଷ୍ଟିସ ଟଣ୍ଡନ ୧୯୬୪ ମସିହା ନଭେମ୍ବର ୧୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ୧୯୮୩ ମସିହାରେ କୋଲକାତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ ପରେ ୧୯୮୯ ମସିହାରେ • ପୃଷ୍ଠା ୫ ଦେଖନ୍ତୁ



ଲୋକସେବା ଭବନଠାରେ ହରିଆଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସଇନି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ନିକଟରେ ହରିଆଣା ବିଦ୍ୟାଳୟ ଶିକ୍ଷାମନ୍ତ୍ରୀ ମହିପଲ ଧଣ୍ଡା ଉପସ୍ଥିତ ଅଛନ୍ତି।

## ରାଜ୍ୟସଭାରେ ସୁରକ୍ଷା ସଂପର୍କିତ ତଥ୍ୟ ରଖିଲେ ଶାହ

# ପ୍ରତି ଚାଲେଞ୍ଜର ମୁକାବିଲା ପାଇଁ ପ୍ରସ୍ତୁତ



### ସମୟ ଅନୁସାରେ ପରିବର୍ତ୍ତନ ଜରୁରି

### ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତି

### ୨୦୨୬ ମାର୍ଚ୍ଚସୁଦ୍ଧା ସଫା ହେବେ ନକ୍ସଲ

ନୂଆଦିଲ୍ଲୀ,୨୧।୩: ସମୟ ଅନୁସାରେ ପରିବର୍ତ୍ତନ ଜରୁରି। ଆମେ ପ୍ରତ୍ୟେକ ଚାଲେଞ୍ଜର ମୁକାବିଲା ପାଇଁ ପ୍ରସ୍ତୁତ ରହିଛୁ। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ନକ୍ସଲଙ୍କୁ ସଫା କରିବା ପାଇଁ ପଣ କରିଛୁ। ଶୁକ୍ରବାର ରାଜ୍ୟସଭାରେ ସୁରକ୍ଷା ସଂପର୍କିତ ତଥ୍ୟର ହିସାବ ଦେବାବେଳେ ଏହି ମନ୍ତବ୍ୟ ରଖିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି, ଆମେ ପାକିସ୍ତାନରେ ପ୍ରବେଶ କରି ସର୍ଜିକାଲ ଷ୍ଟ୍ରାଇକ୍ କରିଛୁ। ସୀମା ବାହାରେ ଅନେକ ଅପରାଧ ଘଟୁଛି। ସେଗୁଡ଼ିକ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ମୋଦୀ ସରକାର ଜାମ୍ମୁ ଓ କାଶ୍ମୀରରୁ ଧାରା ୩୭୦ର ଉଚ୍ଛେଦ କରିଛନ୍ତି। ପୂର୍ବ ସରକାର ଆତଙ୍କବାଦୀ ଆକ୍ରମଣକୁ ଭୁଲି ଯାଉଥିଲେ। କିନ୍ତୁ ମୋଦୀ ସରକାର ଆତଙ୍କବାଦ ବିରୁଦ୍ଧରେ • ପୃଷ୍ଠା ୫ ଦେଖନ୍ତୁ





କେନ୍ଦୁଝର(ଭାସ୍କର ନ୍ୟୁଜ): କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝର ଏବଂ ଚେସ୍, ଭୁବନେଶ୍ୱରର ମିଳିତ ଆନୁକୁଲ୍ୟରେ ତା ୨୦.୦୩.୨୦୨୫ ରିଖରେ ଅନୁସୂଚିତ ଜନଜାତିଙ୍କ ଦକ୍ଷତା ବୃଦ୍ଧି ପାଇଁ ଉଦ୍ୟାନ କୃଷିରେ ତାଲିମ୍ ଏବଂ ଫଳଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୨୦ ରୁ ଊର୍ଦ୍ଧ୍ୱ ଚାଷୀ ଏବଂ କୃଷି ଅଧିକାରୀ ଯୋଗଦେଇ ତାଲିମ୍ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ଚାଷୀମାନଙ୍କୁ ଫଳ ଚାରା ବଣ୍ଟନ କରାଯାଇ ଉଦ୍ୟାନ କୃଷି ପ୍ରତି ଆକୃଷ୍ଟ ହେବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ଚେସର ପ୍ରଧାନ ବୈଜ୍ଞାନିକ ଡ. ପି. ଶ୍ରୀନିବାସ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଚାଷୀମାନଙ୍କୁ ତାଲିମ୍ ଦେଇ ଉତ୍ସାହିତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ରିଷ ବୈଜ୍ଞାନିକ ଡଃ ସୁକାନ୍ତ କୁମାର ସାହୁ, ଆଞ୍ଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ଡ଼ କିଶୋର ଚନ୍ଦ୍ର ସାହୁ, ଉପଉଦ୍ୟାନ କୃଷି ଅଧକାରୀ ସୌମେନ୍ଦ୍ର ପାଣିଗ୍ରାହୀ ଓ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ଚାଷୀମାନଙ୍କୁ ତାଲିମ୍ ପ୍ରଦାନ କରି ଜିଲ୍ଲାରେ ଫଳ ଚାଷକୁ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ରଖିଥିଲେ।

# ବାଲି ନିଲାମଧାରୀଙ୍କ ପାଖରେ ବକେୟା ପଡିଛି ୫କୋଟି

## ରାଜସ୍ୱ ଆଦାୟ କରିବାରେ ପ୍ରଶାସନ ବିଫଳ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାରେ ବାଲି ଚୋରି ବୃଦ୍ଧି ପାଉଥିବାବେଳେ ଯେଉଁ ନିଲାମଧାରୀ ମାନେ ବାଲି ସୈରାତ ନିଲାମ ନେଇଛନ୍ତି ସେମାନଙ୍କ ଠାରୁ ରାଜସ୍ୱ ଆଦାୟ ହୋଇପାରୁନାହିଁ। ଏହାଦ୍ୱାରା ସରକାରଙ୍କ ରାଜସ୍ୱହାନୀ ହେଉଛି। ତେବେ ପ୍ରଶାସନ ପକ୍ଷରୁ ନିଲାମ ଧାରୀଙ୍କ ବିରୋଧରେ କୋହଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାରୁ ଏହିପରି ଅବସ୍ଥା ସୃଷ୍ଟି ହେଉଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ସମଗ୍ର ଜିଲ୍ଲାରେ ଯେଉଁ ବ୍ୟକ୍ତିମାନେ ବାଲି ସୈରାତ ନିଲାମ ନେଇଛନ୍ତି ସେମାନଙ୍କ ଉପରେ ପ୍ରାୟ ୫ କୋଟି ଟଙ୍କା ବକେୟା ପଡିରହିଛି। ମହାକାଳପଡ଼ାରେ ଥିବା ମହାନଦୀର ନଳଦିଆ ବାଲି ସୈରାତକୁ ନୀଳକଣ୍ଠ ବାରିକ ନିଲାମ ନେଇଥିବାବେଳେ ତାଙ୍କ ଉପରେ ୧୬ଲକ୍ଷ ୧୪ହଜାର ୯୪୫ ଟଙ୍କା ବାକି ପଡିଛି। ମାର୍ଶାଘାଇର କରାଣ୍ଡିଆ ନଦୀ ବାଲି ସୈରାତକୁ ଚିତ୍ତରଞ୍ଜନ ମଲ୍ଲ ନିଲାମ ନେଇଥିବାବେଳେ ତାଙ୍କ ଉପରେ ୧୯,୧୮,୪୩୨ ଟଙ୍କା ବାକି ପଡିଛି। ମାର୍ଶାଘାଇ ଚିତ୍ରୋତ୍ପଳା ନଦୀ ବାଲି ସୈରାତକୁ ରଜତ ପାତ୍ର ନିଲାମ ନେଇଥିବା ବେଳେ ତାଙ୍କ ଉପରେ ୩ ଲକ୍ଷ୧୧୪ ଟଙ୍କା ବାକି ପଡିଛି। ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ନଦୀର ତରଡିପାଳ ବାଲି ସୈରାତକୁ ଶ୍ରୀବସ୍ତ ମହାନ୍ତି ନିଲାମ ନେଇଥିବା ବେଳେ ତାଙ୍କ ଉପରେ ୬୭ଲକ୍ଷ ୪୦ହଜାର ୩ଶହ ଟଙ୍କା ବାକି ପଡିଛି। ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀନଦୀ ପେଣ୍ଠପାଳ ବାଲି ସୈରାତକୁ ବଂଶୀଧର ସ୍ୱାଇଁ ନିଲାମ ନେଇଥିବାବେଳେ ତାଙ୍କ ଉପରେ ୧କୋଟି ୪୫ ଲକ୍ଷ ୨୪ହଜାର ୨୫୪ ଟଙ୍କା ବାକି ପଡିଛି। ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ନଦୀର ଅଳପୁଆ ବାଲିଘାଟକୁ ମହମ୍ମଦ ଜୁନେଦ ନିଲାମ ନେଇଥିବା ବେଳେ ତାଙ୍କ ଉପରେ ବାକି ପଡିଛି ୧ କୋଟି୨୨ଲକ୍ଷ ୮୪ ହଜାର ୯୧୬ ଟଙ୍କା। ଆଳିର ଖରସ୍ରୋତା ନଦୀର ଅର୍ଗଳ ବାଲି ଘାଟକୁ ବିକ୍ରାନ୍ତ ନାରାୟଣ ପଣ୍ଡା ନିଲାମ ନେଇଥିବାବେଳେ ତାଙ୍କ ଉପରେ ୬ଲକ୍ଷ ୪୭ ହଜାର ୬୭୧ ଟଙ୍କା ବାକି ପଡିଛି। ଆଳିର ଖରସ୍ରୋତା ନଦୀର ପାନପେଣ୍ଠ ଦେସାହି ବାଲିଘାଟକୁ ସ୍ୱାଗତିକା ପାତ୍ର ନିଲାମ ନେଇଥିବା ବେଳେ ତାଙ୍କ ଉପରେ ୧୫ ଲକ୍ଷ ୬୪ ହଜାର ୮୩୫ ଟଙ୍କା ବାକି ପଡିଛି। ଆଳି ଖରସ୍ରୋତାର ଗୋବିନ୍ଦପୁର ବାଲି ଘାଟକୁ ହରେକୃଷ୍ଣ ଧଳ ନିଲାମ ନେଇଥିବା ବେଳେ ତାଙ୍କ ଉପରେ ୩ ଲକ୍ଷ ୮୫ ହଜାର ୩୭୬ ଟଙ୍କା ବାକି ପଡିଛି। ବ୍ରାହ୍ମଣୀ ନଦୀର ନୂଆପଡ଼ା ବାଲିଘାଟକୁ ମନୋରଞ୍ଜନ ମିଶ୍ର ନିଲାମ ନେଇଥିବାବେଳେ ତାଙ୍କ ଉପରେ ୧୧ ଲକ୍ଷ ୪୪ ହଜାର ୭୧୫ ଟଙ୍କା ବାକି ପଡିଛି। ବ୍ରାହ୍ମଣୀ ନଦୀର ଗଙ୍ଗାଧରପୁର ବାଲିଘାଟକୁ ଗୀତାଞ୍ଜଳୀ ସେନାପତି ନିଲାମ ନେଇଥିବା ବେଳେ ତାଙ୍କ ଉପରେ ୧୦ ଲକ୍ଷ ୧୫ ହଜାର ୭୧୦ ଟଙ୍କା ବାକି ପଡିଛି। ଡେରାବିଶ ବ୍ଲକ ବିରୁପା ନଦୀ ମଙ୍ଗଳପୁର ବାଲି ଘାଟକୁ ସତ୍ୟଜିତ ଦାସ ନିଲାମ ନେଇଥିବା ବେଳେ ତାଙ୍କ ଉପରେ ୩୭ ଲକ୍ଷ ୫୧ ହଜାର ୭୩୧ ଟଙ୍କା ବାକି ପଡିଛି। ରାଜକନିକା ବ୍ଲକ ଖରସ୍ରୋତା ନଦୀର ଚରପଡ଼ା ବାଲିଘାଟକୁ ଅରୁଣ କୁମାର ନାୟକ ନିଲାମ ନେଇଥିବା ବେଳେ ତାଙ୍କ ଉପରେ ୯ ଲକ୍ଷ ୯୯ ହଜାର ୩୩୮ ଟଙ୍କା ବାକି ପଡିଛି। ରାଜକନିକା ବ୍ଲକର ବୈତରଣୀ ନଦୀ କନପୁର ବାଲିଘାଟକୁ ଅରୁଣ କୁମାର ନାୟକ ନିଲାମ ନେଇଥିବା ବେଳେ ତାଙ୍କ ଉପରେ ୧୧ ଲକ୍ଷ ୬୦ହଜାର ୨୮୨ ଟଙ୍କା ବାକି ପଡିଛି। ଗରଦପୁର ବ୍ଲକ ପାଇକା ନଦୀର ପୁଣ୍ଡିଲୋ ବାଲି ଘାଟକୁ ନାରାୟଣ ରାଉତ ନିଲାମ ନେଇଥିବା ବେଳେ ତାଙ୍କ ଉପରେ ୧୭ ଲକ୍ଷ ୬୦ ହଜାର ୪୭୨ ଟଙ୍କା ବାକି ପଡିଛି। ବେଆଇନ୍ ବାଲି ଉଠାଣ ଉପରେ ସଂଗ୍ରାମ ଜାରି ରଖିଥିବା ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି ପ୍ରଶାସନ ଓ ନିଲାମଧାରୀଙ୍କ ମଧ୍ୟରେ ଉତ୍ତମ ଯୋଗସୂତ୍ର ରହିଛି। ଯାହା ଫଳରେ ରାଜସ୍ୱ ଆଦାୟ ହେଉନାହିଁ। ରାଜସ୍ୱ ଆଦାୟ ହେଲେ ସରକାରୀ ଖାତାରେ ଏହି ଅର୍ଥ ରହିବ। ଫଳରେ ସରକାର ମୂଳ ଟଙ୍କାର ସୁଧ ପାଇ ପାରିବେ। ହେଲେ ବାଲି ନିଲାମଧାରୀମାନେ ରାଜସ୍ୱ ପୈଠ ନ କରି ସେହି ଟଙ୍କାରେ ଅନ୍ୟ ବ୍ୟବସାୟ କରୁଛନ୍ତି। ସେଥିରୁ ଯାହା ଲାଭ କରୁଛନ୍ତି ପ୍ରଶାସନିକ ଅଧିକାରୀଙ୍କୁ ପୋଷୁଛନ୍ତି। ଫଳରେ ଏହି ଅବସ୍ଥା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଖଣି ଅଧିକାରୀ ରଞ୍ଜିତ ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେଉଁମାନେ ବକେୟା ଦେଇ ନାହାଁନ୍ତି ସେମାନଙ୍କୁ ନୋଟିସ ପଠାଯାଇଛି। ଖୁବଶୀଘ୍ର ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦେବ ଇଣ୍ଟରନ୍ୟାସନାଲ ସ୍କୁଲରେ ଗ୍ରାଜୁଏସନ ଡେ କାର୍ଯ୍ୟକ୍ରମ



ବ୍ୟାସନଗର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ୟାସନଗର ପୌରାଞ୍ଚଳ କୁସୁନପୁର ସ୍ଥିତ ଦେବ ଇଣ୍ଟରନ୍ୟାସନାଲ ସ୍କୁଲ ଠାରେ ଶୁକ୍ରବାର ସକାଳ ୯ଘଟିକାରେ ସିନିୟର କେଜି ପିଲାଙ୍କର ଗ୍ରାଜୁଏସନ ଡେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ କୁନି କୁନି ପିଲାଙ୍କର ଏଭଳି କାର୍ଯ୍ୟକ୍ରମରେ ଅନେକ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇ ଆନନ୍ଦ ମୁଖର ହୋଇଥିଲେ। ପିଲାମାନଙ୍କୁ ସ୍ୱାଗତ କରାଯିବା ସହ ଗ୍ରାଜୁଏସନ ଡେ ର ପୋଷାକ ଓ ଟୋପି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳିଙ୍ଗନଗର ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟ ୟୁନିଟ ମୁଖ୍ୟ ଦୀପକ ଅଗ୍ରୱାଲ ଓ ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ଯୋଗ ଦେଇ ଦୀପ ପ୍ରଜ୍ୱଳିତ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଚେଷ୍ଟା ଦ୍ୱାରା ହିଁ ସଫଳତାର ମାର୍ଗ ସରଳ ଓ ସହଜ ହୋଇଥାଏ ବୋଲି କହିଥିଲେ ମୁଖ୍ୟ ଅତିଥି। ସିସିଏ ମୁଖ୍ୟ ବଲବୀର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପିଲାମାନଙ୍କ ମଧ୍ୟରେ ଅନେକ ଉତ୍ସାହ ଦେଖିବାକୁ ମିଳିଥିଲା। ବେଲୁନ୍ ଓ ଫୁଲମାଳରେ ଶିକ୍ଷାନୁଷ୍ଠାନ ସଜାଯାଇଥିବାବେଳେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ସ୍ୱାଗତ ଲାଗି ବିଦ୍ୟାଳୟ ଅଭିନବ ପଦକ୍ଷେପ ଗ୍ରହଣ କରିଥିଲା। ବିଦ୍ୟାଳୟ ମୁଖ୍ୟଦ୍ୱାରରେ ସମସ୍ତ ପିଲାଙ୍କୁ ପୁଷ୍ପଦ୍ୱାରା ସ୍ୱାଗତ କରାଯାଇଥିଲା। କୁନି କୁନି ପିଲାଙ୍କର ନାଚ,ଗୀତ କାର୍ଯ୍ୟକ୍ରମ ମଧ୍ୟ ରହିଥିଲା। ଅଭିଭାବକମାନେ ଶିକ୍ଷାର ବିକାଶ ଦିଗରେ ସମସ୍ତେ ନିଜ ନିଜର ମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଷ୍ଣୁପ୍ରିୟା ପଟ୍ଟନାୟକ, ସାଗରିକା ଗୁରୁ, ହେମାଙ୍ଗିନୀ ଦେହୁରୀ, ପ୍ରାର୍ଥନା ଦାସ, ସ୍ମିତା ପଣ୍ଡା, ନିଲମ ମିଶ୍ର, ସ୍ରୋତସ୍ୱିନୀ ପୃଷ୍ଟି , ନିବେଦିତା ଦାଶ, ପ୍ରଭାସିନୀ ଚିନରା, ପ୍ରିୟତମା ଜେନା, ଅପରିମିତା ସାମଲ, ରୋଜାଲିନ ସାମନ୍ତରାୟ,ମିନତିଲତା ବାରିକ, ସନ୍ଧ୍ୟାରାଣୀ ମାରାଣ୍ଡି, ଇତିଶ୍ରୀ ସ୍ୱାଇଁ, ମଧୁସ୍ମିତା ଚକ୍ରବର୍ତ୍ତୀ,ଦୀପ୍ତି ମିତ୍ରା , ସୁମିତ୍ରା ସାହୁ, ଅଞ୍ଜନା ମହାପାତ୍ର, ପ୍ରମୁଖ ଯୋଗଦେଇ କୁନିକୁନି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର କଳା ଶିକ୍ଷକ ଉଦୟ କୁମାର ଓଝା ଓ ଅରୁଣ କୁମାର ଜେନା ମଞ୍ଚ ସାଜସଜା କରିଥିଲେ। ନୃତ୍ୟ ଶିକ୍ଷିକା ପ୍ରିୟଙ୍କା ବେହେରା ଓ ଏସ ପୁଣ୍ୟତୋୟାଙ୍କ ଦ୍ୱାରା କୁନି କୁନି ପିଲାଙ୍କୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା। ସ୍କୁଲର ଏଭଳି ଗ୍ରାଜୁଏସନ ଡେ କାର୍ଯ୍ୟକ୍ରମକୁ ଅଭିଭାବକ ମହଲରେ ପ୍ରଶଂସା କରାଯାଇଥିବା ବେଳେ ବିଦ୍ୟାଳୟର ଚେୟାରମ୍ୟାନ ବୁଦ୍ଧଦେବ ରାଉତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ପ୍ରସୂତି ବିଭାଗରେ ଶଯ୍ୟା ଅଭାବ

## ଚଟାଣରେ ଶୋଉଛନ୍ତି ମା' ଓ ନବଜାତକ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଶଯ୍ୟା ଅଭାବ ଯୋଗୁଁ ମା' ଓ ନବଜାତ ଶିଶୁ ଚଟାଣରେ ଶୋଉଛନ୍ତି।ଏହି ସମସ୍ୟା ଅନେକ ଦିନ ଧରି ରହିଥିଲେ ହେଁ ମେଡିକାଲ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ସମାଧାନ ଦିଗରେ କାହିଁକି ଗୁରୁତ୍ୱ ଦେଉ ନାହାନ୍ତି ଜନସାଧାରଣ ପ୍ରଶ୍ନ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ତଥା ରାଜ୍ୟ ବାହାରୁ ରୋଗୀ ଆସୁଥିବାରୁ ଶଯ୍ୟା ଅଭାବ ନେଇ ଚଟାଣରେ ଶୋଉଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏହାସହ ତଳେ ଶୋଇ ରହିବା ଦ୍ୱାରା ନବଜାତ ଶିଶୁ ଓ ମା' ମାନେ ସଂକ୍ରାମକ ରୋଗରେ ପଡୁଥିବା ଅଭିଯୋଗ ହେଉଛି। । ସବୁଠାରୁ ବଡକଥା ହେଲା ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏପରି ଅବ୍ୟବସ୍ଥା ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଓ ମେଡିକାଲ ବିଭାଗର ଅବହେଳା ପାଇଁ ରୋଗୀ ଶଯ୍ୟା ସମସ୍ୟା ସୁଧୁରୁନାହିଁ। ଦୈନିକ ପ୍ରସୂତି ବିଭାଗରେ ଏକାଧିକ ନବଜାତ ଶିଶୁ ଜନ୍ମ ହେଉଛନ୍ତି। କୋମଳମତି ଶିଶୁ ମା' ଚଟାଣରେ ଶୋଇବା ଘଟଣାକୁ ଅଞ୍ଚଳବାସୀ ଘୋର ନିନ୍ଦା କରିଛନ୍ତି। ତୁରନ୍ତ ଜିଲ୍ଲାପାଳ ଏହି ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମୃତ୍ୟୁ

ବୋଲଗଡ଼(ଭାସ୍କର ନ୍ୟୁଜ): ସଂପୁରସ୍ଥିତ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟର ସେବାନିବୃତ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ କହ୍ନେଇ ଦତ୍ତ ବୁଧବାର ରାତ୍ର ୩ଘଟିକାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଶ୍ୱାସ ଜନିତ ରୋଗରେ ପୀଡିତ ଶ୍ରୀ ଦତ୍ତଙ୍କ ଚିକିତ୍ସା ପାଇଁ ତାଙ୍କୁ ପୁତ୍ରବଧୂ ଅଶାନ୍ତିଦତ୍ତ, ଦୁଇ ପୁତ୍ର ବିଶ୍ୱନାଥ ଦତ୍ତ ଏବଂ ଦିଲ୍ଲୀପ କୁମାର ଦତ୍ତ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗତ ବୁଧବାର ଦିନ ନେଇଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ରାତ୍ର ୧୧ଟାରେ ସେଠାରୁ ବାହାରି ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ସେମାନେ ପହଂଚିଥିଲେ । ରାତି ୩ ଘଟିକାରେ ସେଠାରେ ଶ୍ରୀ ଦତ୍ତଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା । ମରଶରୀରକୁ ତାଙ୍କ ସଂପୁରସ୍ଥିତ ବାସଗୃହକୁ ଗୁରୁବାର ଦିନ ଅଣାଯାଇଥିଲା । ମରଶରୀରର ଅନ୍ତିମ ଦର୍ଶନ ନିମନ୍ତେ, ସ୍ଥାନୀୟ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା ।

# ବୁଥସ୍ତରୀୟ ଏଜେଣ୍ଟ ନିଯୁକ୍ତି ସମ୍ବନ୍ଧୀୟ ଆଲୋଚନାଚକ୍ର



ବାରିପଦା:(ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ ରାଜନୈତିକ ଦଳ ସହିତ ବୁଥସ୍ତରୀୟ ଏଜେଣ୍ଟ ନିଯୁକ୍ତି ଏବଂ ସେମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ବିଜେପି ଦଳ ତରଫରୁ ବୀର କିଶୋର ପଟ୍ଟନାୟକ, ଆଇଏନସି ତରଫରୁ ଶାନ୍ତନୁ କୁମାର ପାଲ, ଅଶୋକ କୁମାର ଗିରି, ଆମ ଆଦମୀ ପାର୍ଟି ତରଫରୁ ଶଙ୍କର୍ଷଣ ମିଶ୍ର, ବିଜେଡି. ତରଫରୁ ଗଦାଧର ବେହେରା ଓ କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ (ଏମ ) ତରଫରୁ ଜି.କେ. ଗୋସ୍ୱାମୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆଲୋଚନା ମାଧ୍ୟମ ରେ ଅତିରିକ୍ତ ଜିଲ୍ଲାପାଳ ବୁଥ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକ୍ରିୟା ତଥା ସେମାନଙ୍କର ଭୂମିକା ସମ୍ପର୍କରେ ରାଜନୈତିକ ଦଳ ପ୍ରତିନିଧି ମାନଙ୍କୁ ବିଶଦ ଭାବେ ଅବଗତ କରାଇଥିଲେ ଏବଂ ଆଗାମୀ ସମୟରେ ପ୍ରକାଶିତ ହେବାକୁ ଥିବା ଭୋଟର ତାଲିକାକୁ ନିର୍ଭୁଲ ତଥା ତ୍ରୁଟି ଶୁନ୍ୟ କରିବା ପାଇଁ ଚଳିତ ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ଏଜେଣ୍ଟ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ରାଜନୈତିକ ଦଳମାନଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକ ରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଅଧ୍ୟକ୍ଷଙ୍କ ସହ ୯ ପଦ ପଦବୀ ଖାଲି

ମାଲକାନଗିରି(ଭାସ୍କର ନ୍ୟୁଜ): ଆଦିବାସୀ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ବୈଷୟିକ ତାଲିମ ଦେଇ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାରେ ୨୦୧୫ରେ ପ୍ରତିଷ୍ଠିତ ସରକାରୀ ପଲିଟେକ୍ନିକ କଲେଜ ସରକାରଙ୍କ ଅବହେଳାର ଶିକାର ହୋଇଛି। ସ୍ମାର୍ଟ କ୍ଲାସ୍ ରୁମ୍, ହଷ୍ଟେଲ ଓ ଦକ୍ଷତା ବିକାଶ ପାଇଁ ସମସ୍ତ ଆବଶ୍ୟକୀୟ ଉପକରଣ ଥିବାବେଳେ ତାଲିମଦାତା ଅଧ୍ୟାପକ ଓ ଲ୍ୟାବ୍ ଟେକ୍ନିସିଆନ୍ ପଦବୀ ବହୁ ସଂଖ୍ୟାରେ ଖାଲିରହିଛି । ଯାହାଫଳରେ ଶିକ୍ଷାଦାନ ହୋଇପାରୁନି। ଏଠାରେ ଅଧ୍ୟକ୍ଷଙ୍କ ସହ ୯ ଅଧ୍ୟାପକ ପଦବି ଖାଲି ପଡ଼ିଥିବାରୁ ତାଲିମ ଓ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି । ୨୦୨୪ ଠାରୁ ଅଧ୍ୟକ୍ଷ ପଦବି ଖାଲିରହିଛି। ଜଣେ ବରିଷ୍ଠ ଅଧ୍ୟାପକ ଦାୟିତ୍ୱ ତୁଲାଉଛନ୍ତି । ସିଭିଲ, ମେକାନିକାଲ, ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ଆଦି ୪ଟି ଟ୍ରେଡ୍ ଥିବାବେଳେ ସିଭିଲରେ ୬୦, ଇଲେକ୍ଟ୍ରିକାଲରେ ୩୦, ମେକାନିକାଲରେ ୬୦, ଇଲେକ୍ଟ୍ରୋନିକ୍ସରେ ୩୦ଟି ଲେଖାଏଁ ସିଟ ରହିଛି। ସିଭିଲ ବିଭାଗରେ ଜଣେ ବରିଷ୍ଠ ଅଧ୍ୟାପକଙ୍କ ସମେତ ୩ ଅଧ୍ୟାପକ, ଜଣେ ଲ୍ୟାବ୍ ଆସିଷ୍ଟାଣ୍ଟ ପଦବି ଥିବାବେଳେ ୨୦୨୩ରୁ ସମସ୍ତ ପଦବୀ ଖାଲି ପଡ଼ିଛି। ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସରେ ବରିଷ୍ଠ ଅଧ୍ୟାପକ ଜଣେ ଓ ସହକାରୀ ଅଧ୍ୟାପକ ଜଣେ ଲେଖାଏଁ ଅଛନ୍ତି। ଲ୍ୟାବ ଆସିଷ୍ଟାଣ୍ଟ ପଦବି ଖାଲି ପଡିଛି । ୩ ବର୍ଷ ଡିପ୍ଲୋମା ଶିକ୍ଷା ପାଇଁ ଗଣିତ, ଫିଜିକ୍ସ, କେମେଷ୍ଟ୍ରି ଭଳି ବିଷୟ ଶିକ୍ଷାଦାନ ପାଇଁ ୬ ଅଧ୍ୟାପକ ଆବଶ୍ୟକ। କିନ୍ତୁ ଦୀର୍ଘବର୍ଷ ହେଲା ୨ ଅଧ୍ୟାପକ ଓ ଲ୍ୟାବ ଆସିଷ୍ଟାଣ୍ଟ ପଦବୀ ଖାଲିପଡିଛି । ଅଫିସ କାର୍ଯ୍ୟ ପାଇଁ ଜଣେ ସେକ୍ସନ ଅଫିସର, ୩ ଜଣ କନିଷ୍ଠ ସେକ୍ସନ ଅଫିସର, ଜଣେ ଲାଇବ୍ରେରୀଆନ ପଦ ରହିଛି । କେବଳ ଜଣେ ସେକ୍ସନ ଅଫିସର ଥିବା ବେଳେ ଅନ୍ୟ ୩ ପଦବି ୧୦ବର୍ଷ ହେଲା ଖାଲି ପଡ଼ିଛି ।

## ୫ରେ ଶ୍ରୀଶ୍ରୀ ଶିରିଡ଼ି ସାଇ ମନ୍ଦିରର ବାର୍ଷିକ ଉତ୍ସବ



ଡେଲାଙ୍ଗ(ଭାସ୍କର ନ୍ୟୁଜ): ଶ୍ରୀଶ୍ରୀ ଶିରିଡ଼ି ସାଇ ମନ୍ଦିର ପରିବାର ଟ୍ରଷ୍ଟ ବ୍ରାହ୍ମଣ ତରାବଇ ଡେଲାଙ୍ଗଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାମନବମୀ ଦିନ ସାଇ ମନ୍ଦିରର ୫ମ ବାର୍ଷିକ ଉତ୍ସବ ସମାରୋହରେ ପାଳନ କରାଯିବ ବୋଲି ଆଲୋଚନା ହୋଇଛି। ଏହି ଅବସରରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିରୀକୃତ କରାଯାଇଛି । ଉକ୍ତ ବୈଠକରେ ଅନୁଷ୍ଠାନର ସଭାପତି ରମାକାନ୍ତ ଆଚାର୍ଯ୍ୟ, ଉପସଭାପତି ପ୍ରଦୀପ୍ତ କୁମାର ଦାଶ, କୋଷାଧ୍ୟକ୍ଷ କୈଳାଶ ମହାପାତ୍ରଙ୍କ ସମେତ ସନାତନ ସାହୁ, ତାପସ ଚକ୍ରବର୍ତ୍ତୀ, ବିଜୟ ମଲ୍ଲିକ, ଧୁମା ପ୍ରଧାନ, ଶିବପ୍ରସାଦ ସାହୁ, ଆଶିଷ ରଞ୍ଜନ ସାହୁ, ଇତି ସାହୁ, ବାସନ୍ତୀ ପ୍ରଧାନ, ଟିକି ବେହେରା, ତ୍ରିଲୋଚନ ବିଶ୍ୱାଳ, ଜଗୁ ସାହୁ, ପ୍ରଶାନ୍ତ ଜେନା, ସନ୍ତୋଷ ନାୟକ, ଚାରୁଲତା ବିଶ୍ୱାଳ, ଜ୍ୟୋସ୍ନାରାଣୀ ପଣ୍ଡା, ଜିତୁ ସେନାପତି, କୃଷ୍ଣ/୪ଚନ୍ଦ୍ର ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# କାର୍ଯ୍ୟକାରୀ ହେଉନି ମାଧ୍ୟମିକ ଶିକ୍ଷା ପରିଷଦଙ୍କ ଆଦେଶ

## ମାଟ୍ରିକ ଖାତା ମୂଲ୍ୟାୟନ କେନ୍ଦ୍ରରେ ଚାଲିଛି ରୋଷେଇ




କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରରେ କୌଣସି ପରିସ୍ଥିତିରେ ରୋଷେଇ ହୋଇପାରିବନି କିମ୍ବା କୌଣସି ଅବସରପ୍ରାପ୍ତ ଶିକ୍ଷକ ପ୍ରବେଶ କରିପାରିବେନି ବୋଲି ମାଧ୍ୟମିକ ଶିକ୍ଷା ପରିଷଦଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଏହି ନିର୍ଦ୍ଦେଶ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ସ୍ଥିତ କଷଣଅଣ୍ଟାର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ମାଟ୍ରିକ ପରୀକ୍ଷା ମୂଲ୍ୟାୟନ କେନ୍ଦ୍ରରେ କାର୍ଯ୍ୟକାରୀ ହେଉନଥିବା ଦେଖାଯାଇଛି। କେନ୍ଦ୍ରାପଡା ଜିଲ୍ଲାରେ ମାଟ୍ରିକ ପରୀକ୍ଷା ଖାତା ଦେଖା ନିମନ୍ତେ ଦୁଇଟି ମୂଲ୍ୟାୟନ କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କରାଯାଇଛି। ସେଥିମଧ୍ୟରୁ ଗୋଟିଏ କେନ୍ଦ୍ରାପଡା ସହରର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କରାଯାଇଥିବା ବେଳେ ଅନ୍ୟଟି ପଟ୍ଟାମୁଣ୍ଡାଇ ବ୍ଲକର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, କଷଣଅଣ୍ଟାରେ କରାଯାଇଛି। କିନ୍ତୁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, କଷଣଅଣ୍ଟା ମୂଲ୍ୟାୟନ କେନ୍ଦ୍ରରେ ଅବନେଇ ଜଣେ ଶିକ୍ଷାବିତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦଙ୍କ ନିର୍ଦ୍ଦେଶକୁ ସଂପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଇ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, କଷଣଅଣ୍ଟା ମୂଲ୍ୟାୟନ କେନ୍ଦ୍ରରେ ଅବସରପ୍ରାପ୍ତ ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ଜେନା ପ୍ରବେଶ କରିବା ସହିତ କେନ୍ଦ୍ର ପରିସରରେ ରୋଷେଇ ମଧ୍ୟ କରାଯାଉଛି। ନୀତି ନିୟମକୁ ଏଭଳି ଭାବରେ ଉଲ୍ଲଙ୍ଘନ କରାଯାଇ କଷଣଅଣ୍ଟାସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ମୂଲ୍ୟାୟନ କେନ୍ଦ୍ରରେ ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଶ୍ରୀ ଜେନା ମୂଲ୍ୟାୟନ ସମୟରେ ପ୍ରବେଶ କରିବା ଏବଂ ମୂଲ୍ୟାୟନ ସମୟରେ ରୋଷେଇ କରାଯିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଦେଖାଯାଇଛି। ଏହି ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମାଣ୍ଡିଆ ଉତ୍ପାଦନରେ କେନ୍ଦୁଝର ଜିଲ୍ଲାର ନୂଆ ରେକର୍ଡ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଏକ କୃଷି ବହୁଳ ଜିଲ୍ଲା। ଏହି ଜିଲ୍ଲାର ମୁଖ୍ୟତଃ ଧନଚାଷ ଅଧିକ ହୋଇଥାଏ। ମାତ୍ର ଧାନ ସହିତ ଅନ୍ୟାନ୍ୟ ଫସଲ, ମାଣ୍ଡିଆ, ବାଜ୍ରା, କପା, ଆଖୁ ସମେତ ବିଭିନ୍ନ ପ୍ରକାରର ପନିପରିବା ଚାଷ ବହୁଳ ଭାବେ ହୋଇଥାଏ। ଆଗରୁ ଗାଁ ଗହଳି, ପାହାଡିଆ ଅଞ୍ଚଳରେ ମାଣ୍ଡିଆ ଏବଂ ଅନ୍ୟାନ୍ୟ କ୍ଷୁଦ୍ର ଶସ୍ୟ ଚାଷ ହେଉଥିଲା। ସମୟକ୍ରମେ ଏହା କମି କମି ଆସିଲା। ମାଣ୍ଡିଆ ଏବଂ କ୍ଷୁଦ୍ରଶସ୍ୟ ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ଉପକାରୀ ବୋଲି ଜଣାପଡିବା ପରେ ଏହାର ବ୍ୟବହାର ବଢ଼ିବା ସହିତ ଏବେ ମାଣ୍ଡିଆ ଚାଷ ପାଇଁ ଲୋକେ ପୂର୍ବ ଭଳି ଆଗ୍ରହ ପ୍ରକାଶ କରୁଛନ୍ତି। ମୁଖ୍ୟତଃ ବିଗତ ନବୀନ ପଟନାୟକ ନେତୃତ୍ୱାଧୀନ ବିଜେଡି ସରକାର ମାଣ୍ଡିଆର ଉପାଦନ ବୃଦ୍ଧି ଲକ୍ଷ୍ୟରେ ମିଲେଟ ମିଶନ ସ୍ଥାପନ କରି ମାଣ୍ଡିଆ ଚାଷୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦେବାରୁ ଏହି ଚାଷ ପ୍ରତି ଅଧିକ ଆଗ୍ରହ ବଢିଥିଲା। ଅନ୍ୟ ଏକ ଗୁରୁତ୍ୱପୂର୍ଣ କଥା ହେଲା ଧାନ ଭଳି ମାଣ୍ଡିଆର ମଧ୍ୟ ସର୍ବନିମ୍ନ ସାହାଯକ ମୂଲ୍ୟ ସ୍ଥିର କରିଥିଲେ ସରକାର। ମଣ୍ଡି ମାଧ୍ୟମରେ ଧାନ ଭଳି ମାଣ୍ଡିଆ କିଣା ବ୍ୟବସ୍ଥା ହେଲା।ଫଳ ସ୍ୱରୂପ ମାଣ୍ଡିଆ ର ଉତ୍ପାଦନ ବୃଦ୍ଧି ପାଇ ଚାଲିଛି। କେନ୍ଦୁଝର ଜିଲ୍ଲାରେ ବିଶେଷକରି ମହିଳା ଚାଷୀ ମାନେ ମାଣ୍ଡିଆ ଚାଷ ଅଧିକ ପରିମାଣର କରିଥିବା ଦେଖାଯାଉଛି। ଜିଲ୍ଲାରେ ଗତ କିଛି ବର୍ଷ ହେଲା ମାଣ୍ଡିଆ ଚାଷ ବଢ଼ି ବଢ଼ି ଚାଲିଥିବାବେଳେ ଖରିଦ ମଧ୍ୟ ବଢିଲାଣି। ଗତ ବର୍ଷ ୩୮୪୬ ଟଙ୍କା ଏମଏସପି ଦରରେ ଜିଲ୍ଲାରୁ ୮୬୪୧. ୮୫ ହଜାର କ୍ୟୁଣ୍ଟାଲ ମାଣ୍ଡିଆ କିଣା ହୋଇଥିଲା। ଏବର୍ଷ ଗତ ବର୍ଷ ଅପେକ୍ଷା ଏମଏସପି ବୃଦ୍ଧି ପାଇ ୪୫୦୦ ଟଙ୍କାରେ ୧୫୯୦୦ ଜିଲ୍ଲାରୁ କ୍ୟୁଣ୍ଟାଲ ମାଣ୍ଡିଆ କିଣିବାକୁ ଟିଡିସିସି ଲକ୍ଷ୍ୟ ରଖିଛି। ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ୯୦୧୭. ୬୯ କ୍ୟୁଣ୍ଟାଲ ୧୧ ଟି କେନ୍ଦ୍ରରେ କିଣା ସାରିଲାଣି।ଟିଡିସିସିରୁ ମିଳିଥିବା ତଥ୍ୟ ଅନୁସାରେ ଗାନ୍ଧମାର୍ଦ୍ଦନ ମିଲେଟ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଦ୍ୱାରା ମାର୍ଚ୍ଚ ୩ ତାରିଖ ମଧ୍ୟରେ ୮୦୦. ୦୪ କ୍ୟୁଣ୍ଟାଲ ମାଣ୍ଡିଆ କିଣା ସରିଛି। ସେହିଭଳି ମା ଗଡ଼ଚଣ୍ଡୀ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଦ୍ୱାରା ଉପରୋକ୍ତ ଅବଧି ମଧ୍ୟରେ ୧୦୦୬. ୫୦କ୍ୟୁଣ୍ଟାଲ ମାଣ୍ଡିଆ କିଣା ସାରିଥିବାବେଳେ ସିଂହ ବାହିନୀ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଦ୍ୱାରା ୪୭୧. ୫୬ କ୍ୟୁଣ୍ଟାଲ ମାଣ୍ଡିଆ କିଣା ସରିଛି। ସେହିଭଳି ଛେଦଲାଗଣ ଫାର୍ମର ପ୍ରଡ୍ୟୁସର କମ୍ପାନୀ ମାଧ୍ୟମରେ ୬୩୬. ୧୪ କ୍ୟୁଣ୍ଟାଲ ମାଣ୍ଡିଆ କିଣା ହୋଇସାରିଛି। ଅନ୍ୟପକ୍ଷରେ ମହାବୀର ମିଲେଟ ଫାର୍ମର କମ୍ପାନୀ ମାଧ୍ୟମରେ ୧୧୦୭. ୮୮ କ୍ୟୁଣ୍ଟାଲ, ଚମ୍ପୁଆ ଫାର୍ମର ପ୍ରଡ୍ୟୁସର କମ୍ପାନୀ ମାଧ୍ୟମରେ ୪୭୦ କ୍ୟୁଣ୍ଟାଲ ମାଣ୍ଡିଆ କିଣା ହୋଇଛି। ଏତଦ ଭିନ୍ନ ସାହାରପଡା ଫାର୍ମର ପ୍ରଡ୍ୟୁସର କମ୍ପାନୀ ମାଧ୍ୟମରେ ୬୨୪ କ୍ୟୁଣ୍ଟାଲ ମାଣ୍ଡିଆ କିଣା ହୋଇ ସାରିଥବା ବେଳେ ଦଶେରୀ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଦ୍ୱାରା ୯୭୯. ୪୬ କ୍ୟୁଣ୍ଟାଲ, କେନ୍ଦୁଝର ଫାର୍ମର ପ୍ରଡ୍ୟୁସର ମାଧ୍ୟମରେ ୮୯୯.୨୨ କ୍ୟୁଣ୍ଟାଲ ଏବଂ ନାରଦପୁର ଫାର୍ମର ପ୍ରଡ୍ୟୁସର ମାଧ୍ୟମରେ ୮୫୧.୮୯ କ୍ୟୁଣ୍ଟାଲ ମାଣ୍ଡିଆ ଏମ ଏସ ଏପି ଦରରେ ମଣ୍ଡି ମାଧ୍ୟମରେ ମାର୍ଚ୍ଚ ମାସ ୩ ତାରିଖ ସୁଦ୍ଧା କିଣା ସରିଲାଣି। ଏବର୍ଷ ଚଳିତ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମଣ୍ଡି ମାଧ୍ୟମରେ ମାଣ୍ଡିଆ କିଣା ହେବାକୁ ଥିବାବେଳେ ଜିଲ୍ଲାର ୧୩ ଟି ବ୍ଲକ ମଧ୍ୟରୁ ଘସିପୁରା ଏବଂ ଆନନ୍ଦପୁର ବ୍ଲକକୁ ଛାଡି ବାଂଶପାଳ, ତେଲକୋଇ, ସଦର ବ୍ଲକ, ଯୋଡ଼ା ବ୍ଲକ, ଚମ୍ପୁଆ ବ୍ଲକ, ଝୁମ୍ପୁରା ବ୍ଲକ, ସାହାରପଡା ବ୍ଲକ, ପାଟଣା ବ୍ଲକ, ଘଟଗାଁ ବ୍ଲକ, ହାଟଡିହି ବ୍ଲକ, ଏବଂ ହରିଚନ୍ଦନପୁର ବ୍ଲକକୁ ମିଶାଇ ୧୧ ଗୋଟି ବ୍ଲକର ୧୧ ଟି ଚିହ୍ନିତ କେନ୍ଦ୍ରରେ ମାଣ୍ଡିଆ କିଣା ଚାଲିଛି।

## ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ପଞ୍ଚାୟତ ଅଫିସ୍ ସାମ୍ନାରେ ଏକ ବିପଦସଙ୍କୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଏଠିଥିବା ବିଦ୍ୟୁତ୍ ବିଭାଗର ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି ଏବଂ ସେଠି ଉଚ୍ଚ ଭୋଲଟେଜ୍ ବିଦ୍ୟୁତ୍ ସଂଯୋଗ ଥିବାରୁ ଗ୍ରାମବାସୀ ଅତି ଚିନ୍ତିତ। ଉକ୍ତ ଟ୍ରାନ୍ସଫର୍ମର ପାଖରେ ରହିଛି ଏକ ଗ୍ରାମ ମନ୍ଦିର, ଯେଉଁଠି ଦିନ ପ୍ରତିଦିନ ଲୋକେ ପୂଜା ଅର୍ଚ୍ଚନା ପାଇଁ ଆସନ୍ତି। ସେହିପରି ଏଠି ଗାଁର ପିଲାମାନେ ଖେଳନ୍ତି ବୁଲନ୍ତି ଏବଂ ଗାଈ-ଗୋରୁ ମେଣ୍ଢା ଆଦି ଏଣେତେଣେ ଚରିଥାନ୍ତି। ଏପରି ପରିସ୍ଥିତିରେ ଯଦି କୌଣସି ଅପ୍ରିୟ ଘଟଣା ଘଟିଯାଏ, ତାହା ପାଇଁ ଦାୟୀ କିଏ ରହିବ ? ଏହି ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ବିଭାଗ ଅଣଦେଖା ଓ ଅସାବଧାନତା ନୀତି ଅନୁସରଣ କରୁଥିବାରୁ ସମସ୍ତ ଗ୍ରାମବାସୀ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ବିଭାଗ ଦରକାରୀ ପଦକ୍ଷେପ ଗ୍ରହଣ କରି ଟ୍ରାନ୍ସଫର୍ମର ଚତୁର୍ଦ୍ଦିଗରେ ସୁରକ୍ଷା ପାଚେରୀ ବାନ୍ଧିବା ପାଇଁ ବିଦ୍ୟୁତ୍ ବିଭାଗ ନିକଟରେ ଦାବି କରିଛନ୍ତି ଗ୍ରାମବାସୀ। ଏହାସହ ଏହି ବିପଦକୁ ଅବଶ୍ୟ ଦୂର କରିବାକୁ ଅତି ଶୀଘ୍ର ବ୍ୟବସ୍ଥା ନେବା ଆବଶ୍ୟକ ବୋଲି ସେମାନେ ଜଣାଇଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବିଶ୍ୱକେଶନ୍ ପ୍ରଧାନଙ୍କୁ ପଚାରିବାରୁ 'ଏନେଇ ମୁଁ ଅବଗତ ନାହିଁ ଉକ୍ତ ସ୍ଥାନକୁ ଅନୁଧ୍ୟାନ କରି, ଯଥା ଶୀଘ୍ର ଉକ୍ତ ସ୍ଥାନରେ ସୁରକ୍ଷା ପାଚେରୀ ଲଗାଯିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ମତ ପ୍ରକାଶ କରିଥିଲେ।ଏବେ ଦେଖିବାକୁ ରହିଲା, ବିଭାଗ କେତେ ତ୍ରୁଟିମୁକ୍ତ ଓ ଦ୍ରୁତ ବ୍ୟବସ୍ଥା ନେବ ?

# ଧାନ ଓ ପରିବା ଅବଶିଷ୍ଟରେ ହେବ ଜୈବିକ ଖତ



ଛତ୍ରପୁର(ଭାସ୍କର ନ୍ୟୁଜ): ଧାନ ଆଧାରିତ ଫସଲ ପ୍ରଣାଳୀରେ ମାଟି ସ୍ୱାସ୍ଥ୍ୟର ଉନ୍ନତି ପାଇଁ କୃଷି ଅବଶିଷ୍ଟ୍ୟ ପରିଚାଳନା ଉପରେ ତାଲିମ କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲାର ପାଲିଆମା ଠାରେ ଇ-ଚାଷୀ ପ୍ରକଳ୍ପ ଅଧୀନରେ ଆୟୋଜିତ ହୋଇଥିଲା। କଟକ ସ୍ଥିତ କେନ୍ଦୀୟ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ତଥା ଏହି ପ୍ରକଳ୍ପର ପ୍ରମୁଖ ଅଧିକାରୀ ବୈଜ୍ଞାନିକ ଡକ୍ଟର ଅମରେଶ କୁମାର ନାୟକ ରହିଛନ୍ତି । ଏହି ପ୍ରକଳ୍ପ ଓ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ବୈଜ୍ଞାନିକ ଡକ୍ଟର ପି. ପନ୍ନିରସେଲଭମ୍ ଏବଂ କଟକ ଧାନ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ପ୍ରକାଶ ଚନ୍ଦ୍ର ଜେନା ଜେନା ସଂଯୋଜନା କରିଥିଲେ। ତାଲିମ ସମୟରେ ଡକ୍ଟର ପନ୍ନିରସେଲଭମ୍ ଚାଷୀମାନଙ୍କୁ ପରିବେଶ ଅନୁକୂଳ ଟେକ୍ ଧାନ ଗବେଷଣା କେନ୍ଦ୍ରର ଡି କମ୍ପୋଜର ସହିତ ପରିଚିତ କରାଇଥିଲେ, କୃଷି ଅବଶିଷ୍ଟ୍‌କୁ ମୂଲ୍ୟବାନ କମ୍ପୋଷ୍ଟରେ ପରିଣତ କରିବାରେ ଏହାର ବ୍ୟବହାର ପ୍ରଦର୍ଶନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ, ପରବର୍ତ୍ତୀ ଫସଲ ଚାଷରେ ଏହି କମ୍ପୋଷ୍ଟ ପ୍ରୟୋଗ କରିବା ଦ୍ୱାରା ମାଟି ସ୍ୱାସ୍ଥ୍ୟ, ଜୈବିକ କାର୍ବନ ସ୍ଥିତି, ଜୀବାଣୁ ଗୁଣ ବୃଦ୍ଧି ପାଇପାରିବ ଏବଂ ଅଜୈବିକ ସାରର ବ୍ୟବହାର ହ୍ରାସ ପାଇପାରିବ ଡକ୍ଟର ପି.ସି. ଜେନା ପ୍ରଭାବଶାଳୀ ଅବଶିଷ୍ଟ ବିଘଟନ ପାଇଁ ଡି କମ୍ପୋଜର ପ୍ରୟୋଗର ପ୍ରଦର୍ଶନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାବା କଳ୍ପତରୁ ପାଣି ପଞ୍ଚାୟତ ସଭାପତି ରାଜ୍ କୁମାର ବସ୍ତିଆ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ରଜକ, ଆଦିତ୍ୟ ନାୟକ, ରାମହରି ମଲ୍ଲିକ, ମୃତ୍ୟୁଞ୍ଜୟ ନାୟକ, ମନୋଜ ସେଠି, ପଦ୍ମ ଚରଣ ନାହାକ, ସୁଦର୍ଶନ ନାହାକଙ୍କ ସମେତ ଅନ୍ୟାନ୍ୟ ପ୍ରକଳ୍ପ କର୍ମଚାରୀମାନେ ସହଯୋଗ କରିଥିଲେ। ଯେଉଁଥିରେ ୧୫୦ ଜଣ ଚାଷୀ ଏବଂ କୃଷକ ମହିଳା ସକ୍ରିୟ ଅଂଶଗ୍ରହଣ କରି ତାଲିମରୁ ମୂଲ୍ୟବାନ ତଥ୍ୟ ପାଇଥିଲେ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗକୁ ପାନୀୟ ଜଳକୁ ନେଇ ହେବ ତୃତୀୟ ବିଶ୍ୱଯୁଦ୍ଧ ! ସଂପ୍ରତି ବିଶ୍ୱରେ ଦେଖା ଦେଇଥିବା ପାନୀୟ ଜଳ ସଙ୍କଟର ସମସ୍ୟାକୁ ଉପଲବ୍ଧି କରି ବିଶ୍ୱ ଜଳ ଦିବସ ଅବସରରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ରଙ୍ଗ ତୂଳୀରେ ସାରା ବିଶ୍ୱକୁ ଜଳ ବଞ୍ଚାଅ, ଜୀବନ ବଞ୍ଚାଅର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି । ଏ ସଂପର୍କରେ ସେ କୁହନ୍ତି, ପୃଥିବୀରେ ମାତ୍ର ୧ ପ୍ରତିଶତ ହେଉଛି ମଧୁର ଜଳ । ଯାହା ପାନୀୟ ଜଳ ରୂପେ ବ୍ୟବହାର ହୋଇଥାଏ । ୪ ପ୍ରତିଶତରୁ ୩ ପ୍ରତିଶତ ହିମ ପ୍ରବାହ ଓ ବରଫ ଚଟାଣରେ ରହିଛି । ତତ୍‌ସହିତ ଲୋକ ମଧୁର ଜଳକୁ ବିଭିନ୍ନ ବାଟରେ ଅପବ୍ୟୟ କରି ଚାଲିଛନ୍ତି । କଥାରେ ଅଛି ଜଳ ହିଁ ଜୀବନ । ଜଳ ବିହୁନେ ସୃଷ୍ଟି ନାଶ । ଜଳର ଅପବ୍ୟବହାର, ଜଳବାୟୁ ପରିବର୍ତ୍ତନ, ବିଶ୍ୱ ତାପନ ଏବଂ ମାନବୀୟ ହସ୍ତକ୍ଷେପ ଯୋଗୁଁ ଦିନକୁ ଦିନ ଏହା ସଙ୍କଟ ଆଡକୁ ଗତି କରୁଛି । ଜଳର ମୂଲ୍ୟକୁ ଚିହ୍ନିବା, ଜନସାଧାରଣଙ୍କ ମଧ୍ୟରେ ଏହାର ସଚେତନତା ସୃଷ୍ଟି କରିବା, ଜଳର ପ୍ରଦୂଷଣ ରୋକିବା, ଜଳ ସୁରକ୍ଷା ପାଇଁ ପଦକ୍ଷେପ ନେବା ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖକୁ ବିଶ୍ୱ ଜଳ ଦିବସ ରୂପେ ପାଳନ କରାଯାଇଥାଏ । ଏଣୁ ଏବେ ଠାରୁ ଜଳର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ସହ ଏହାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ନିତାନ୍ତ ଜରୁରୀ ।

### ୧୧ତମ କଳିଙ୍ଗ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ

# ଗତିଶୀଳ ବିବିଧତା ଭାରତର ଭାଷାଗତ ପରମ୍ପରାର ସୌନ୍ଦର୍ଯ୍ୟ: ରାଜ୍ୟପାଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତିଶୀଳ ବିବିଧତା ହେଉଛି ଭାରତର ସମୃଦ୍ଧ ଭାଷା ପରମ୍ପରାର ସୌନ୍ଦର୍ଯ୍ୟ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି। ଶୁକ୍ରବାର ଭୁବନେଶ୍ୱରଠାରେ ୧୧ତମ କଳିଙ୍ଗ ସାହିତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ସୃଜନଶୀଳତା କ୍ଷେତ୍ରରେ ଭାରତ କେବେ ଭାଷା ପ୍ରତି ଅସହିଷ୍ଣୁ ଏବଂ ସଂକୀର୍ଣ୍ଣ ମନୋଭାବ ରଖିନାହିଁ। ଆମର ସଭ୍ୟତା ସର୍ବଦା ବୌଦ୍ଧିକ ସ୍ୱାଧୀନତାକୁ ଗ୍ରହଣ କରିଛି ଏବଂ ସାଂସ୍କୃତିକ ବିବିଧତାକୁ ସ୍ୱୀକାର କରିଛି। ଭାଷା କେବଳ ଯୋଗାଯୋଗର ଏକ ମାଧ୍ୟମ ନୁହେଁ ବରଂ ଏକ ସେତୁ ଯାହା ଲୋକଙ୍କୁ ସଂଯୋଗ କରେ ଏବଂ ସଂସ୍କୃତିର ବାହକ ଭାବେ କାର୍ଯ୍ୟ କରେ ବୋଲି ରାଜ୍ୟପାଳ କହିଥିଲେ। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ ସାହିତ୍ୟ କେବଳ ଏକ କଳାତ୍ମକ ସାଧନା ନୁହେଁ ବରଂ ଏହା ସମାଜକୁ ଆକାର ଦେବାରେ, ଚିନ୍ତାଧାରାକୁ ପ୍ରଭାବିତ କରିବାରେ ଏବଂ ପରିବର୍ତ୍ତନ ପାଇଁ ପ୍ରେରଣା ଯୋଗାଇବାରେ ଶକ୍ତି ଦିଏ। କଳିଙ୍ଗ ସାହିତ୍ୟ ମହୋତ୍ସବ ବିଶ୍ୱସ୍ତରରେ ଭାରତର ସମୃଦ୍ଧ ସାହିତ୍ୟିକ ଏବଂ କଳାତ୍ମକ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ସାଂସ୍କୃତିକ ରାଷ୍ଟ୍ରଦୂତ ଭାବରେ ଭୂମିକା ନିର୍ବାହ କରୁଛି ବୋଲି ରାଜ୍ୟପାଳ କହିବା ସହିତ ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏତଦ୍‌ବ୍ୟତୀତ ମହୋତ୍ସବ ଅବସରରେ ଅର୍ଥପୂର୍ଣ୍ଣ ଆଲୋଚନା, ନୂତନ ଦୃଷ୍ଟି କୋଣର ଅନୁସନ୍ଧାନ କରି ରାଷ୍ଟ୍ର ନିର୍ମାଣରେ ସାହିତ୍ୟର ଭୂମିକା ରଖିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ସମାରୋହରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଇନା ଏଚ୍. କ୍ରିଷ୍ଣାମୂର୍ତ୍ତି ଉଦ୍‌ବୋଧନ ଦେଇଥିଲେ। କଳିଙ୍ଗ ସାହିତ୍ୟ ମହୋତ୍ସବ ସିଇଓ ତଥା ପୃଷ୍ଠପୋଷକ ଅଶୋକ କୁମାର ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ରଶ୍ମି ରଂଜନ ପରିଡ଼ା ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ପ୍ରଫେସର କମଳାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍‌ଙ୍କ ଦ୍ୱାରା ଆୟୋଜିତ ହୋଇଥିବା ସର୍ବଦଳୀୟ ବୈଠକରେ ଯୋଗଦେବା ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଚେନ୍ନାଇ ବିମାନ ବନ୍ଦରରେ ସ୍ୱାଗତ କରୁଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଲୋକସଭା ସାଂସଦ ଦୟାନିଧି ମାରାନ୍ ଏବଂ ରାଜ୍ୟସଭା ସାଂସଦ କାନ୍ନିମୋଝି ସାମୁ ।

## ଶୃଙ୍ଖଳିତ ପର୍ବପର୍ବାଣୀ ପାଳନ ପାଇଁ ଡିଜିପିଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୩୧ ତାରିଖରେ ଇଦ-ଉଲ-ଫିତର, ଅପ୍ରେଲ ୦୬ ତାରିଖରେ ଶ୍ରୀ ରାମ ନବମୀ, ଅପ୍ରେଲ ୧୪ ତାରିଖରେ ହନୁମାନ ଜୟନ୍ତୀ ଏବଂ ମହା ବିଷୁବ ସଂକ୍ରାନ୍ତି ପାଳିତ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟବାସୀଙ୍କ ନିରାପତା ତଥା ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଡିଜିପି ଶ୍ରୀ ଖୁରାନିଆ ଉପରୋକ୍ତ ସମସ୍ତ ପର୍ବପର୍ବାଣୀ ଗୁଡିକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ଉପରେ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ପର୍ବପର୍ବାଣୀ ଗୁଡିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ସଦାସର୍ବଦା ସତର୍କତା ଏବଂ ଯେକୌଣସି ପ୍ରକାର ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାସହ ଏଥିନିମନ୍ତେ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଥିଲେ। ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ସଂକ୍ରାନ୍ତରେ ସଦାସର୍ବଦା ନଜର ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ନିମନ୍ତେ ଜିଲ୍ଲାରେ କାର୍ଯ୍ୟ କରୁଥିବା ସାଇବର ସେଲ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି । ରାଜ୍ୟ କ୍ରାଇମବ୍ରାଞ୍ଚ ଦ୍ୱାରା ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରାଯାଇ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ସକ୍ରିୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି) ଯତିନ୍ଦ୍ର କୋୟଲ, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥ, ଡିସିପି (କଟକ) ଖିଲାରୀ ରିଷିକେଶ ଦ୍ୟାନଦେଓଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୫ ପୋଲିସ ଅଧିକ୍ଷକଙ୍କ ପଦୋନ୍ନତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୫ ପୋଲିସ ଅଧିକ୍ଷକଙ୍କ ଶୁକ୍ରବାର ପଦୋନ୍ନତି ହେବା ନେଇ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ଓପିଏସ୍(ସିନିୟର) ଅଧିକାରୀ ପୋଲିସ ଅଧିକ୍ଷକଙ୍କୁ ଏହି ପଦୋନ୍ନତି ମିଳିଛି । ରାଜ୍ୟ ପୋଲିସ ମୁଖ୍ୟାଳୟ କଟକକୁ ପୋଲିସ ଅଧିକ୍ଷକ ଭାବେ ବିଜୟଲକ୍ଷ୍ମୀ ଆଚାର୍ଯ୍ୟଙ୍କୁ ଅବସ୍ଥାପିତ କରାଯାଇଥିବା ବେଳେ କଟକ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ବାମଦେବ ସିଂହଙ୍କୁ ମଧ୍ୟ ଅବସ୍ଥାପିତ କରାଯାଇଛି । ସେହିପରି କଟକ ରାଜ୍ୟ ପୋଲିସ ମୁଖ୍ୟାଳୟର ଏଆଇଜି ଅଫ୍ ପୋଲିସକୁ ପ୍ରଦୀପ କୁମାର ଦଳାଇ, ଦେଓଗଡ଼ର ପୋଲିସ ଅଧିକ୍ଷକ ଭାବେ ଅନିଲ କୁମାର ମିଶ୍ର ଓ କଟକ-ଭୁବନେଶ୍ୱର ପୋଲିସ କମିଶନରେଟ୍ ଡିସିପି ମୁଖ୍ୟାଳୟକୁ ସୁରେଶ ଚନ୍ଦ୍ର ପାତ୍ରଙ୍କୁ ନିଯୁକ୍ତି ମିଳିଛି ।

## ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ପହଞ୍ଚିଲେ ହରିୟାଣା ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ପହଂଚିଲେ ହରିୟାଣା ମୁଖ୍ୟମନ୍ତ୍ରୀ । ହରିୟାଣା ମୁଖ୍ୟମନ୍ତ୍ରୀ ନୟବ ସିଂ ସାଇନି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ପହଞ୍ଚି ତାଙ୍କ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ଦେବେନ୍ଦ୍ର ପ୍ରଧାନଙ୍କ ମୃତ୍ୟୁ ପରେ ବହୁ ନେତା ମନ୍ତ୍ରୀ ତାଙ୍କ ବାସଭବନରେ ପହଞ୍ଚୁଛନ୍ତି ।

### ବିଶ୍ୱ କବିତା ଦିବସ ପାଳିତ

## 'କବିତା ହେଉଛି ମଣିଷ ପ୍ରାଣର ଭାଷା'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କବିତା ମାନବ ଜାତିର ପ୍ରାରମ୍ଭରୁ ରହିଆସିଛି ।ଏହା ପ୍ରାଣର ଭାଷା ପ୍ରକାଶ କରେ । ସଂପ୍ରୀତି, ସମ୍ପର୍କ, ପ୍ରତିବାଦ, କାରୁଣ୍ୟ ଓ ଅସହାୟତାକୁ ପ୍ରକାଶ କରେ କବିତା । ଏହା ଶାନ୍ତି ଓ ଅନ୍ତର୍ଭୁକ୍ତିକୁ ଆଗେଇ ନେଇ ଏକ ସୁନ୍ଦର ଓ ସମ୍ଭାବନାମୟ ପୃଥିବୀ ପାଇଁ ପ୍ରାଣଶକ୍ତି ଯୋଗାଇ ଦେବ ବୋଲି ଏଠାରେ ବିଶ୍ୱ କବିତା ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ ଉଲ୍ଲେଖ କରିଛନ୍ତି । ନୂତନ ଭାରତ ନିର୍ମାଣର ସୂତ୍ରଧର ଟ୍ରଷ୍ଟ ଏବଂ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ଆୟୋଜନରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଷାବିତ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ପ୍ରସିଦ୍ଧ କବି ଡ଼. ଫନୀ ମହାନ୍ତି, ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର ନିର୍ଦ୍ଦେଶକ ତଥା ସମାଲୋଚକ ଡ଼. ବସନ୍ତ କୁମାର ପଣ୍ଡା, ବରିଷ୍ଠ କବି ମମତା ଦାଶ, ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର ଯୋଗଦେଇ ବିଶ୍ୱ କବିତା ଦିବସର ତାତ୍ପର୍ଯ୍ୟ, ଏହି ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ଏବଂ ଭବିଷ୍ୟତର ପିଢ଼ି ପାଇଁ କବିତାର ପ୍ରୟୋଜନୀୟତା ଇତ୍ୟାଦି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ବିଶିଷ୍ଟ କବି ରକ୍ଷକ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଟ୍ରଷ୍ଟର ସଭାପତି ଲକ୍ଷ୍ମୀକାନ୍ତ ଦାଶ (ନବୀନ ) ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା କରିବା ସହିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଗୀତିକାର ଗୌର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପଦ୍ମଶ୍ରୀ ପ୍ରତିଭା ଶତପଥୀ ସମ୍ବର୍ଦ୍ଧିତ ହେବାକୁ ଥିବାବେଳେ ସେ ଅସୁସ୍ଥତା ହେତୁ ଅନୁପସ୍ଥିତ ଥିଲେ । ଅପରାହ୍ନରେ ଆୟୋଜିତ କବିତା ପାଠୋତ୍ସବରେ ଡ଼. ଗୀତାଶ୍ରୀ ପ୍ରିୟମ୍ବଦା, ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ, ଡ଼. ସରୋଜିନୀ ପାଣି ସଂଯୋଜନା କରିଥିବା ବେଳେ ପ୍ରାୟ ୫୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ସୁଶ୍ରୀ ଆକୃତି ପ୍ରିୟଦର୍ଶିନୀ ସ୍ୱାଇଁ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ପ୍ରକାଶକ ସୁଧୀର ମଉଡମଣି, କଥାକାର ଶୈଳେନ୍ଦ୍ର ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବିଶ୍ୱ କବିତା ଦିବସ ଏବଂ ବିଶ୍ୱ ଡାଉନ୍ ସିଣ୍ଡ୍ରୋମ୍ ଦିବସ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ୱାଭିମାନ ସହଯୋଗରେ କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟ ଦ୍ୱାରା ବିଶ୍ୱ କବିତା ଦିବସ ଏବଂ ବିଶ୍ୱ ଡାଉନ୍ ସିଣ୍ଡ୍ରୋମ୍ ଦିବସ ଭୁବନେଶ୍ୱରର ଭାରତୀୟ ବିଦ୍ୟା ଭବନରେ ସାହିତ୍ୟିକ ଶ୍ରଦ୍ଧାଞ୍ଜଳି ଏବଂ ସାମାଜିକ ସଚେତନତାର ଏକ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଡାଉନ୍ ସିଣ୍ଡ୍ରୋମ୍ ସଚେତନତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ପଦ୍ୟର ଶକ୍ତିକୁ ପାଳନ କରିବା ପାଇଁ କବି, ବିଦ୍ୱାନ ଏବଂ କର୍ମୀମାନଙ୍କୁ ଏକତ୍ରିତ କରିଥିଲା। ରବୀନ୍ଦ୍ର କେ. ସ୍ୱାଇଁଙ୍କ ଦ୍ୱାରା ସ୍ୱାଗତ ସଭାରେ ଦ୍ୱୈତ ଉତ୍ସବର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ବିଶ୍ୱ କବିତା ଦିବସର ଏକ ଅଧିବେଶନରେ ଆଜିର ବିଶ୍ୱରେ କବିତାର ପ୍ରାସଙ୍ଗିକତା ଅନୁସନ୍ଧାନ କରାଯାଇଥିଲା, ଯାହା ସମ୍ମାନିତ କବି ରମାକାନ୍ତ ରଥଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦ୍ୱାରା ଆଲୋକିତ ହୋଇଥିଲା, ତାଙ୍କ ସ୍ଥାୟୀ ସାହିତ୍ୟିକ ଅବଦାନକୁ ସମ୍ମାନିତ କରାଯାଇଥିଲା। ପବିତ୍ର ମୋହନ କର ବିଶ୍ୱ ଡାଉନ୍ ସିଣ୍ଡ୍ରୋମ୍ ଦିବସରେ ଏହି ଅଧିବେଶନର ନେତୃତ୍ୱ ନେଇଥିଲେ, ଯେଉଁଥିରେ ସଚେତନତା ଏବଂ ଅନ୍ତର୍ଭୁକ୍ତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପରେ ଏକ ଚିତ୍ତାକର୍ଷକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଆଶୁତୋଷ ପରିଡା, ସକ୍ତି ମହାନ୍ତି, ସରୋଜ ବଳ, ଶୁଭଶ୍ରୀ ସୁଭାସ୍ମିତା ମିଶ୍ର, ସଂଗ୍ରାମ ଜେନା, କେଦାର ମିଶ୍ର, ବାଦଲ ମହାନ୍ତି, ସ୍ୱପ୍ନା ମିଶ୍ର, ବାସୁଦେବ ସୁନାନୀ, ପବିତ୍ର ମୋହନ କରଙ୍କ ସମେତ ପ୍ରସିଦ୍ଧ କବିମାନେ ପଦ୍ୟପାଠ କରି ରମାକାନ୍ତ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜେ.ପି. ଦାସଙ୍କ ଦ୍ୱାରା ଶୁଭଦ୍ରଙ୍କ ଆଖିର ବହୁ ପ୍ରତୀକ୍ଷିତ ପୁସ୍ତକ ଉନ୍ମୋଚନ ସହିତ ସନ୍ଧ୍ୟା ଶେଷ ହୋଇଥିଲା।

## ୨୨ରେ ଦେଶବ୍ୟାପୀ ପାଳନ ହେବ 'ବିହାର ଦିବସ'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବହୁ ବର୍ଷ ପୂର୍ବରୁ ବିହାରର ବହୁତ ଲୋକ ବ୍ୟବସାୟ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଓଡିଶାକୁ ଆସିଥିଲେ । ଏଠାର ମାଟି ସେମାନଙ୍କୁ ସ୍ୱାଗତ କଲା, ସ୍ଥାନ ଦେଲା ଓ ଆଗକୁ ବଢିବାରେ ସହଯୋଗର ହାତ ବଢାଇଲା । ତେଣୁ ସମସ୍ତ ଓଡିଶାବାସୀଙ୍କୁ ଧନ୍ୟବାଦ । ଓଡିଶା ଓ ବିହାରର ଲୋକଙ୍କ ମଧ୍ୟରେ ସଂସ୍କୃତିର ଆଦାନ ପ୍ରଦାନ ହେଉଛି । ବିହାରିଙ୍କ ସବୁଠୁ ବଡ ପର୍ବ ଛଟ୍ ପର୍ବକୁ ଓଡିଶାରେ ମଧ୍ୟ ମିଳିମିଶି ପାଳନ କରାଯାଉଛି । ଏହାଠାରୁ ବଡ ସ୍ନେହ ମିଳନର କାର୍ଯ୍ୟକ୍ରମ ଆଉ କିଛି ନାହିଁ । ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଜରିଆରେ ଆମେ ଓଡିଶାର ସମସ୍ତ ଜାଗାକୁ ଯିବୁ । ଓଡିଶା ଓ ବିହାରର ସାଂସ୍କୃତିକ ସମନ୍ୱୟ ସମାନ ଅଛି । ଯେଉଁ ପର୍ଯ୍ୟନ୍ତ ଆମେ ଏକାଠି ହୋଇ ଭାରତକୁ ଶ୍ରେଷ୍ଠ ଭାରତ ବନାଇବା ପାଇଁ ସମସ୍ତ କାର୍ଯ୍ୟକ୍ରମ କରିବା, ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସ୍ୱପ୍ନ ଭାରତକୁ 'ଶ୍ରେଷ୍ଠ ଭାରତ' ବନାଇବାରେ ସଫଳ ହେବ ବୋଲି ବିହାରର ପୂର୍ବତନ ବିଧାୟକ ତଥା ବିଜେପି ମୁଖପାତ୍ର ମନୋଜ ଶର୍ମା କହିଛନ୍ତି । ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶର୍ମା କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସ୍ୱପ୍ନ "ଏକ ଭାରତ ଶ୍ରେଷ୍ଠ ଭାରତ"କୁ ଚରିତାର୍ଥ କରିବା ପାଇଁ ପ୍ରତ୍ୟେକ ରାଜ୍ୟରେ ରହୁଥିବା ଅନ୍ୟ ରାଜ୍ୟର ପ୍ରବାସୀ ସମୁଦାୟଙ୍କୁ ନେଇ କାର୍ଯ୍ୟକ୍ରମ ଦେଶବ୍ୟାପୀ କାର୍ଯ୍ୟକ୍ରମ ଜାରୀ ରହିଛି । 'ଆମେ ସମସ୍ତେ ଅନ୍ୟ ଭାଷା ଓ ସଂସ୍କୃତିକୁ ସମ୍ମାନ ଦେବା' ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଆସନ୍ତା ୨୨ରେ ପାଳନ ହେବାକୁ ଥିବା ବିହାର ଦିବସକୁ ଦେଶର ବିଭିନ୍ନ ରାଜ୍ୟରେ ମଧ୍ୟ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସରେ ପାଳନ କରାଯିବ ବୋଲି ଶ୍ରୀ ଶର୍ମା କହିଛନ୍ତି । କାର୍ଯ୍ୟକ୍ରମ ଏକ ସପ୍ତାହ ଧରି ଭୁବନେଶ୍ୱର ବ୍ୟତୀତ କଟକ ଓ ରାଉରକେଲା ସମେତ ବିହାରୀ ସମୁଦାୟ ରହୁଥିବା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ । ଭୁବନେଶ୍ୱରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ଏବଂ ବିହାରର ପୂର୍ବତନ ବିଧାୟକ ତଥା ବିଜେପି ମୁଖପାତ୍ର ମନୋଜ ଶର୍ମା ପ୍ରମୁଖ ଯୋଗ ଦେବେ । ଆସନ୍ତା କାଲି କଟକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଏବଂ ବିହାରର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କ୍ରୀଷ୍ଣା କୁମାର ମଣ୍ଟୁ ପ୍ରମୁଖ ଯୋଗ ଦେବେ । ସେହିପରି ୨୩ରେ ରାଉରକେଲାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିହାର ବିଧାୟିକା ସଂଗୀତା କୁମାରୀ ଯୋଗ ଦେବେ ବୋଲି ରାଜ୍ୟ ସଂଯୋଜିକା ତଥା ମହିଳା ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି । ଏହି ଅବସରରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, କାର୍ଯ୍ୟକ୍ରମର ସହ ସଂଯୋଜକ ତଥା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ବରିଷ୍ଠ କାର୍ଯ୍ୟକର୍ତ୍ତା ମହେଶ ମହାନ୍ତି, ଅଶୋକ ଭଗତ ପ୍ରମୁଖ ଉପସ୍ଥିତ ଥିଲେ ।

वित्त मंत्रालय
MINISTRY OF FINANCE
सत्यमेव जयते

## ଜିଏସ୍‌ଟି କରଦାତା ଧ୍ୟାନ ଦିଅନ୍ତୁ

ଯେଉଁ କରଦାତାଙ୍କର ମୋଟ ବାର୍ଷିକ ଟର୍ଣ୍ଣଓଭର ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ରହିଛି, ସେମାନେ ଆର୍ଥିକ ବର୍ଷ ୨୦୨୫-୨୬ ବର୍ଷପାଇଁ ଜିଏସ୍‌ଟି କମ୍ପୋଜିସନ ଯୋଜନାର ବିକଳ୍ପ ୩୧ ମାର୍ଚ୍ଚ, ୨୦୨୫ ପର୍ଯ୍ୟନ୍ତ ପାଇପାରିବେ।

ଯୋଗ୍ୟ କରଦାତା, ଯେଉଁମାନେ କମ୍ପୋଜିସନ ଯୋଜନାର ଲାଭ ଉଠାଇବା ପାଇଁ ଆଗ୍ରହୀ, ତେବେ ସେମାନେ ଜିଏସ୍‌ଟି ପୋର୍ଟାଲ (www.gst.gov.in) ମାଧ୍ୟମରେ ନିମ୍ନ ପ୍ରକ୍ରିୟା ଦ୍ୱାରା କମ୍ପୋଜିସନ ଯୋଜନାର ବିକଳ୍ପ ପାଇପାରିବେ।

କରଦାତା ଇଣ୍ଟରଫେସ୍‌ରେ ଲଗ୍‌ଇନ୍ କରନ୍ତୁ
ସେବାଗୁଡ଼ିକୁ ଯାଆନ୍ତୁ ରେଜିଷ୍ଟ୍ରେସନ ପାଇଁ କମ୍ପୋଜିସନ୍ ଲେଭିକୁ ଯାଆନ୍ତୁ
ଫର୍ମ ଜିଏସ୍‌ଟି ସିଏମ୍‌ପି-୦୨ ପୂରଣ କରି ଜମା କରନ୍ତୁ

ପ୍ରଥମେ କମ୍ପୋଜିସନ ଯୋଜନାର ଲାଭ ଉଠାଇବା ପାଇଁ ଯୋଗ୍ୟ କରଦାତାଙ୍କ ପାଇଁ ଫର୍ମ ଜିଏସ୍‌ଟି-ସିଏମ୍‌ପି-୦୨ ଦାଖଲ କରିବା ଆବଶ୍ୟକ ନାହିଁ ।

ସହଜ ଏବଂ ସୁବିଧାଜନକ ଅନୁପାଳନ
ଆକର୍ଷଣୀୟ କର ଦର
ନ୍ୟୁନତମ ଅନୁପାଳନ ଆବଶ୍ୟକତା
ସ୍ୱତଃ ନବୀକରଣ ଏବଂ ଯୋଜନା ଛାଡ଼ିବା ପାଇଁ ସରଳ
ସାମଗ୍ରୀ ଏବଂ ସାମଗ୍ରୀ ଯୋଗାଣ ସୁବିଧା ଉପଲବ୍ଧ
କମ୍ ବହି ଖାତାର ଆବଶ୍ୟକତା

| * ଯୋଗାଣକାରୀଙ୍କ ପ୍ରକାର | | # ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସମସ୍ତ ବାର୍ଷିକ ଟର୍ଣ୍ଣଓଭର |
|---|---|---|
| ସାମଗ୍ରୀ ଯୋଗାଣକାରୀ | ୦୮ଟି ନିର୍ଦ୍ଦିଷ୍ଟ ରାଜ୍ୟରେ ପଞ୍ଜିକୃତ କରଦାତା | ଟ. ୭୫ ଲକ୍ଷ ପର୍ଯ୍ୟନ୍ତ |
| | ଅନ୍ୟ ରାଜ୍ୟରେ ପଞ୍ଜିକୃତ କରଦାତା | ଟ. ୧୫୦ ଲକ୍ଷ ପର୍ଯ୍ୟନ୍ତ |
| ସେବା ଯୋଗାଣକାରୀ | | ଟ. ୫୦ ଲକ୍ଷ ପର୍ଯ୍ୟନ୍ତ |


ଅଧିକ ବିବରଣୀ ପାଇଁ ଦୟାକରି ଜିଏସ୍‌ଟି ଅଧିନିୟମର ଧାରା ୧୦, ସିଜିଏସ୍‌ଟି ନିୟମ ୩ରୁ ୩ରୁ ୭ ଏବଂ ଅଧିସୂଚନା ସଂଖ୍ୟା ୧୪/୨୦୧୯- କେନ୍ଦ୍ରୀୟ କର ତାରିଖ ୦୭.୦୩.୨୦୧୯ ଦେଖନ୍ତୁ।

ଜିଏସ୍‌ଟି କମ୍ପୋଜିସନ୍ ଯୋଜନା: କ୍ଷୁଦ୍ର କରଦାତାଙ୍କ ପାଇଁ ବଡ଼ ଲାଭ।

ସ୍କାନ୍ କରନ୍ତୁ

CBC- 15502/13/0009/2425

କେନ୍ଦ୍ରୀୟ ଅପ୍ରତ୍ୟକ୍ଷ କର ଏବଂ ସୀମା ଶୁଳ୍କ ବୋର୍ଡ
@cbicindia @cbic_india @cbicindia @cbicindia @CBIC india



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



# ମାଓ ଦମନ ଅଭିଯାନକୁ ସଫଳତା

## ଗୃହମନ୍ତ୍ରୀଙ୍କ ସଂକଳ୍ପ ପୂରଣ କ'ଣ ବେଶି ଦୂର !

ସଶସ୍ତ୍ର ବିପ୍ଳବ ଓ ହିଂସାକାଣ୍ଡ ଜରିଆରେ ଶାସନ କ୍ଷମତା ଦଖଲ କରିବା ନକ୍ସଲବାଦ୍ କିମ୍ବା ମାଓବାଦ୍‌ର ମୂଳ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ନିମନ୍ତେ ନକ୍ସଲପନ୍ଥୀମାନେ ଗତ ଅନେକ ବର୍ଷ ଧରି ଆମ ଦେଶରେ ବିଭିନ୍ନ ସ୍ଥାନରେ ହିଂସା, ରକ୍ତପାତ ଓ ଅରାଜକତା ସୃଷ୍ଟି କରିଚାଲିଛନ୍ତି। ୧୯୬୭ ମସିହାରେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗର ଶିଲିଗୁଡ଼ି-ଦାର୍ଜିଲିଂ ଅଞ୍ଚଳର ଏକ ଛୋଟ ଗ୍ରାମ ନକ୍ସଲବାଡ଼ିରୁ ମୁଣ୍ଡ ଟେକିଥିବା ଏହି ହିଂସାତ୍ମକ ଚାଷୀ ଆନ୍ଦୋଳନ ପରବର୍ତ୍ତୀ ସମୟରେ ଦେଶର ବହୁ ରାଜ୍ୟକୁ ବ୍ୟାପି ଯାଇଥିଲା। ଗୋଟିଏ ସମୟରେ ଆମ ଦେଶର ୧୯ଟି ରାଜ୍ୟରେ ନକ୍ସଲପନ୍ଥୀ ବା ମାଓବାଦୀମାନେ ସେମାନଙ୍କର ପ୍ରଭାବ ପତିଆରା ଜାହିର କରିଥିଲେ, ଯାହା ସାମଗ୍ରିକ ଭାବରେ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ବଡ଼ ଆହ୍ୱାନ ରୂପେ ଦେଖାଦେଲା। କେବଳ ସୁରକ୍ଷାକର୍ମୀ ବା ଧନୀ ଜମିଦାର୍ ସେମାନଙ୍କ ହିଂସାତ୍ମକ ଆକ୍ରମଣର ଶିକାର ହେଲେ ନାହିଁ, ଇନଫର୍ମର୍ ସନ୍ଦେହରେ ଅନେକ ନିରୀହ ନାଗରିକଙ୍କ ଜୀବନ ମଧ୍ୟ ସେମାନେ ଲୁଟି ନେଇଥିଲେ। ତେବେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଏବଂ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଯୋଗୁ ନକ୍ସଲ ଆନ୍ଦୋଳନ ଅନେକାଂଶରେ ନିୟନ୍ତ୍ରଣାଧୀନ ହୋଇପାରିଛି। ଏବେ ଦେଶର ଅଳ୍ପ କେତୋଟି ରାଜ୍ୟରେ ସେମାନଙ୍କ କାର୍ଯ୍ୟକଳାପ ସୀମିତ ରହିଛି, ଯାହା ମଧ୍ୟରେ ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ ଏବଂ ଆମ ଓଡ଼ିଶାର କିଛି ଅଞ୍ଚଳ ଅନ୍ତର୍ଭୁକ୍ତ। ଏହିସବୁ ରାଜ୍ୟ ମଧ୍ୟରୁ ଛତିଶଗଡ଼କୁ ନକ୍ସଲପନ୍ଥୀଙ୍କ ଏକ ଅଭେଦ୍ୟ ଗଡ଼ ରୂପେ ବିଚାର କରାଯାଉଛି। ଏଠାରେ ସୁରକ୍ଷା କର୍ମୀଙ୍କ ସହ ସେମାନଙ୍କ ବହୁ ସମୟରେ ସଂଘର୍ଷ ଓ ଗୁଳି ବିନିମୟ ହେବାର ଦେଖାଯାଇଥାଏ। ଏହି ଦୀର୍ଘକାଳୀନ ଅଭିଯାନରେ ଉଭୟ ପକ୍ଷରୁ ଅସଂଖ୍ୟ ଜୀବନହାନି ହୋଇଛି। ଏହାରି ଭିତରେ ଗୁରୁବାର ଦିନ ଛତିଶଗଡ଼ରେ ନକ୍ସଲ ଦମନ ଅଭିଯାନକୁ ଏକ ବଡ଼ ସଫଳତା ମିଳିଥିବାର ଖବର ଆଶ୍ୱସ୍ତି ଆଣି ଦେଇଛି। ଓଡ଼ିଶାର ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ର ବିଜାପୁର ଓ ଦାନ୍ତେୱାଡ଼ାରେ ଯବାନ୍ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩୦ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ ୨୬ଜଣ ବିଜାପୁରରେ ଓ ୪ଜଣ ଦାନ୍ତେୱାଡାରେ ମରିଥିବା ବେଳେ ଜଣେ ଯବାନ୍ ମଧ୍ୟ ଶହୀଦ ହୋଇଛନ୍ତି। ସଂପୃକ୍ତ ଅଞ୍ଚଳରେ ଯବାନଙ୍କ ତଲାସୀ ଅଭିଯାନରେ ବିପୁଳ ପରିମାଣର ବନ୍ଧୁକ, ଗୁଳି ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଏବେ ମଧ୍ୟ ସେଠାରେ ତଲାସୀ ଅଭିଯାନ ଜାରିଥିବାରୁ ମାଓବାଦୀଙ୍କ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ମାଓ ଦମନ ଅଭିଯାନକୁ ଆଗକୁ ଆହୁରି ଜୋରଦାର କରାଯିବ ବୋଲି ବସ୍ତର ଆଇ.ଜି ସୂଚନା ଦେଇଛନ୍ତି। ସୁରକ୍ଷା କର୍ମୀଙ୍କ ଏହି ସଫଳତାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଭୂୟସୀ ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇ ଗୃହମନ୍ତ୍ରୀ କହିଛନ୍ତି ଯେ, ମୋଦି ସରକାର ନକ୍ସଲଙ୍କ ପ୍ରତି ନିର୍ଦ୍ଦୟ ଆଭିମୁଖ୍ୟ ପୋଷଣ କରିବା ସଙ୍ଗେ ସଙ୍ଗେ ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି। ତେବେ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ରାଷ୍ଟ୍ରରେ ପରିଣତ କରିବାକୁ ଗୃହମନ୍ତ୍ରୀ ଅମିତ୍ ଶାହ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି ଏବଂ ସେ ଦିଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି। ଗୁରୁବାର ଛତିଶଗଡ଼ରେ ହାସଲ କରାଯାଇଥିବା ସଫଳତାକୁ ଏ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ରୂପେ ବିଚାର କରାଯାଇପାରେ। ଏକ ଭ୍ରମାତ୍ମକ ବିଚାରଧାରା ଓ ଦର୍ଶନରେ ବିଶ୍ୱାସୀ ମାଓବାଦୀମାନେ ଏଥିରୁ ଶିକ୍ଷା ଗ୍ରହଣ କରି ହିଂସାର ପଥ ପରିହାର କରି ତୁରନ୍ତ ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ବିଜ୍ଞତାର କାର୍ଯ୍ୟହେବ।

# ଲାଞ୍ଚର ଟ୍ରମ୍ପ କାର୍ଡ !



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଆମେରିକା ଏବେ ମାନିନେଇଛି ଯେ ବ୍ୟବସାୟ ପାଇଁ ଲାଞ୍ଚ ଜରୁରି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକୀୟ କମ୍ପାନୀମାନଙ୍କୁ ସ୍ପଷ୍ଟ ସଙ୍କେତ ଦେଇଛନ୍ତି ଯେ ଲାଞ୍ଚଦିଅ-ଠିକାକାମ ନିଅ, ଆମେରିକାରେ ସେମାନଙ୍କ ବିରୁଦ୍ଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବ ନାହିଁ। ପଦକ୍ଷେପ ସ୍ୱରୂପ ଟ୍ରମ୍ପ ପ୍ରଶାସନ ବିଦେଶୀ ଭ୍ରଷ୍ଟ ଆଚରଣ ଅଧିନିୟମ (ଏଫ୍‌ସିପିଏ) ଆଉ କାର୍ଯ୍ୟକାରୀ ହେବନାହିଁ ବୋଲି କହିଛି। ଏହି ଆଇନ ଆମେରିକା ସହ ଯୋଡ଼ି ହୋଇଥିବା ସଂସ୍ଥା ଏବଂ ଲୋକଙ୍କୁ ବିଦେଶରେ ନିଜର ବ୍ୟବସାୟକୁ ସୁରକ୍ଷା ଦେବା ପାଇଁ ବିଦେଶୀ ଅଧିକାରୀମାନଙ୍କୁ ଅର୍ଥ, ଉପହାର ବା ଅନ୍ୟ କିଛି ପ୍ରକାରର ଲାଞ୍ଚ ପ୍ରଦାନକୁ ପ୍ରତିବନ୍ଧିତ କରିଥିଲା, କିନ୍ତୁ ଏବେ ଏହି ଆଇନ୍ ଉପରେ ଟ୍ରମ୍ପ ପ୍ରଶାସନ ପ୍ରତିବନ୍ଧ ଲଗାଇଛି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ପାଖାପାଖି ୫୦ବର୍ଷର ପୁରୁଣା ଏହି ଆଇନ୍‌କୁ ଅକାମୀ କରିଦେଇଛନ୍ତି। ଏହି ଆଇନ୍ ଅକାମୀ ହେବାପରେ ଆମେରିକୀୟ ସଂସ୍ଥାମାନେ ବିଦେଶରେ ବ୍ୟବସାୟ କରିବା ପାଇଁ ଯଦି ଲାଞ୍ଚ ଦିଅନ୍ତି ତେବେ ତାକୁ ଅପରାଧ ଭାବେ ଗ୍ରହଣ କରାଯିବ ନାହିଁ। ଟ୍ରମ୍ପ ଆମେରିକାର ଆଟର୍ଣ୍ଣି ଜେନେରାଲ ପାମ୍ ବଣ୍ଡିଙ୍କୁ ଏହି ଆଇନ ଅନୁସାରେ ଦିଆଯାଇଥିବା ରାୟର ସମୀକ୍ଷା କରିବା ପାଇଁ ଗାଇଡ଼ଲାଇନ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପଙ୍କ ମତ ହେଉଛି ଏହି ଆଇନ୍ ଆମେରିକୀୟ କମ୍ପାନୀମାନଙ୍କ ପାଇଁ ଏକ ସଙ୍କଟ ଥିଲା। ଟ୍ରମ୍ପ କହିଛନ୍ତି ଯେ ଯେତେବେଳେ ଅନ୍ୟ ଦେଶର କମ୍ପାନୀମାନେ ଲାଞ୍ଚ ଦେଇ ସହଜରେ ବ୍ୟବସାୟ ହାତେଇ ପାରୁଛନ୍ତି ସେତେବେଳେ ଏହି ଆଇନ୍ ଆମେରିକୀୟ କମ୍ପାନୀମାନଙ୍କୁ ବିଶ୍ୱସ୍ତରର ପ୍ରତିସ୍ପର୍ଦ୍ଧାରେ ଦୁର୍ବଳ କରିଦେଉଥିଲା। ଟ୍ରମ୍ପ ଏହି ଆଇନ (ବିଦେଶୀ ଭ୍ରଷ୍ଟଆଚରଣ ଅଧିନିୟମ)କୁ ଜିମ୍ମି-କାର୍ଟରଙ୍କ ବେକାର ଯୋଜନା ବୋଲି କହିଛନ୍ତି ଏବଂ କହିଛନ୍ତି ଯେ ଏହି ଆଇନ୍ ଯୋଗୁଁ ଆମେରିକାର କମ୍ପାନୀମାନଙ୍କର କ୍ଷତି ହେଉଥିଲା। ଏବେ ଲାଞ୍ଚ ଦେଇ ବ୍ୟବସାୟ ହାତେଇବା ପାଇଁ ଆମେରିକୀୟ କମ୍ପାନୀ ମାନଙ୍କୁ ସୁବିଧା ମିଳିଗଲା। ଅର୍ଥାତ୍ ଏଣିକି ବିଦେଶୀ ଅଧିକାରୀମାନଙ୍କୁ ଲାଞ୍ଚଦେଇ ଆମେରିକୀୟ କମ୍ପାନୀ ମାନେ ବ୍ୟବସାୟ ହାତେଇଲେ ସେମାନଙ୍କ ବିରୁଦ୍ଧରେ ମାମଲା ଦରଜ କରାଯିବ ନାହିଁ।

ମହାଶକ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ବର୍ତ୍ତମାନ ସମୟରେ ସାରା ବିଶ୍ୱ ଆଗରେ ନିଜକୁ ଆଦର୍ଶ ଭାବେ ଉପସ୍ଥାପିତ କରିବା ପରିବର୍ତ୍ତେ ବ୍ୟବସାୟ- ବାଣିଜ୍ୟ କ୍ଷେତ୍ରରେ ଆମେରିକାର ବର୍ଚ୍ଚସ୍ୱ (ବର୍ଚ୍ଚସ୍ୱ) ସ୍ଥାପିତ କରିବାର ପ୍ରୟାସ କରୁଛନ୍ତି। ତାଙ୍କର ଏହି ପ୍ରୟାସର ପ୍ରଥମ ପଦକ୍ଷେପ ସ୍ୱରୂପ ବିଦେଶୀ ଭ୍ରଷ୍ଟ ଆଚରଣ ଅଧିନିୟମକୁ ରଦ୍ଦ କରିଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତିର ସିଧାସଳଖ ସଙ୍କେତ ହେଉଛି ଲାଞ୍ଚ ଓ ଲାଞ୍ଚୁଆଙ୍କ ବାବଦରେ ଚିନ୍ତିତ ହେବା ପରିବର୍ତ୍ତେ ଲାଞ୍ଚକୁ ମାନ୍ୟତା ଦିଆଯିବା ଉଚିତ୍। ଟ୍ରମ୍ପଙ୍କ ଏହି ପଦକ୍ଷେପକୁ ଟ୍ରମ୍ପଙ୍କ ଟ୍ରମ୍ପକାର୍ଡ ବୋଲି ମଧ୍ୟ କୁହାଯାଇପାରେ। ଏହି ପଦକ୍ଷେପ ପଛରେ ଅନେକ ନିହିତାର୍ଥ ରହିଛି ଓ ଟ୍ରମ୍ପଙ୍କ ଟ୍ରମ୍ପକାର୍ଡ ବାବଦରେ ଗଭୀର ଭାବେ ଚିନ୍ତାକଲେ ଅନେକ କଥାର ସୂଚନା ମିଳୁଛି। ଯେଉଁ ଲୋକମାନେ ଲାଞ୍ଚଖୋର ବା ଲାଞ୍ଚ ନିଅନ୍ତି ଏବଂ ନିଜକୁ ସଚ୍ଚୋଟ ବୋଲି କହିହୁଅନ୍ତି ସେମାନଙ୍କ ଉପରେ ମଧ୍ୟ ଟ୍ରମ୍ପ କାର୍ଡର ପ୍ରଭାବ ପଡିଛି। ମହାଶକ୍ତି ଆମେରିକାର ସ୍ପଷ୍ଟ ଭାବେ ସ୍ୱୀକାର କରି ନେଇଛି ଯେ ଲାଞ୍ଚ ଦେବା ନେବା ରହିଛି। ଏଥିରେ ଦେଖେଇ ହେବାର କିଛି ନାହିଁ।

ଲାଞ୍ଚକୁ ନେଇ ସାଧାରଣ ଲୋକଙ୍କ ମତାମତ ଓ ସମ୍ବିଧାନିକ ପଦରେ ଅଧିଷ୍ଠିତ ତଥା ବିଶ୍ୱର ଶକ୍ତିଶାଳୀ ଦେଶର ମୁଖ୍ୟଙ୍କ ମତାମତ ଭିତରେ ପାର୍ଥକ୍ୟ ରହିଛି। ଟ୍ରମ୍ପଙ୍କ କଥାରୁ ସ୍ପଷ୍ଟ ଯେ ଏବେ ଡିଲ(ବୁଝାବଣା) କରିବାରେ କୌଣସି ଆପତ୍ତି ନାହିଁ। ଟ୍ରମ୍ପଙ୍କ ସଙ୍କେତରୁ ସ୍ପଷ୍ଟ ଯେ ସବୁ କାମ ଏହି ଭଳି ହେଉଛି ତେଣୁ ଚିନ୍ତା କରିବାରେ ଆବଶ୍ୟକତା ନାହିଁ। ଟ୍ରମ୍ପ ଆମେରିକାର ଉଦ୍ୟୋଗପତି – ବ୍ୟବସାୟୀମାନଙ୍କୁ ଲାଞ୍ଚର ଟ୍ରମ୍ପକାର୍ଡ ଆମେରିକା ବାହାରେ ଖେଳିବା ପାଇଁ ସଙ୍କେତ ଦେଇଛନ୍ତି। କିନ୍ତୁ ଆମେରିକା ଭିତରେ ଲାଞ୍ଚ ଦେବା ନେବାକୁ ଟ୍ରମ୍ପ ସୁଯୋଗ ଦେବେ ତ ? ଏଲନ ମସ୍କଙ୍କ ବୟାନରୁ ଏ ପ୍ରସଙ୍ଗରେ ଅନେକ ସୂଚନା ମିଳୁଛି। ଆମେରିକାରେ ଡ଼ିପାର୍ଟମେଣ୍ଟ ଅଫ ଗଭର୍ଣ୍ଣମେଣ୍ଟ ଏଫିସିଏନ୍ସୀ(ଡିଓଜିଆଇ)ର ମୁଖ୍ୟ ଏଲନ ମସ୍କ ପ୍ରକାରାନ୍ତରେ ଏହାକୁ ସମାଲୋଚନା କରିଛନ୍ତି। ଲାଞ୍ଚ ପ୍ରସଙ୍ଗରେ ତଥା ବିଦେଶୀ ଭ୍ରଷ୍ଟ ଆଚରଣ ଅଧିନିୟନ ବାବଦରେ ଟ୍ରମ୍ପଙ୍କ ନିଷ୍ପତ୍ତିର ଦିନକ ପରେ ହ୍ୱାଇଟହାଉସରେ ଏକ ସାମ୍ବାଦିକ ସମ୍ମିଳନୀରେ ମସ୍କ କାର୍ଯ୍ୟାପାଳିକା(ଅଫିସର ରାଜ) ସରକାଙ୍କ ଉପରେ ଭାରି ପଡୁଛି କହି ଅଫିସର ରାଜକୁ କାଠଗଡ଼ାରେ ଠିଆ କରାଇଛନ୍ତି। ମସ୍କ କହିଛନ୍ତି ଯେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ସରକାର ବଦଳରେ ବାସ୍ତବରେ ବ୍ୟୁରୋକ୍ରାଟ (ଅଫିସର) ମାନେ ସରକାର ଚଳାଉଛନ୍ତି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ପରେ ଶକ୍ତିଶାଳୀ ବୋଲି କୁହାଯାଉଥିବା ଏଲନ ମସ୍କଙ୍କ ମନ୍ତବ୍ୟ ମଧ୍ୟ ଅନେକ ସୂଚନା ଦେଉଛି। ଆମେରିକାର ଶୀର୍ଷ ନେତୃତ୍ୱ ଯେତେବେଳେ ବ୍ୟୁରୋକ୍ରାସିକୁ ନେଇ ଏଭଳି ମନ୍ତବ୍ୟ ଦେଉଛନ୍ତି ସେତେବେଳେ କଥାର ଗୁରୁତ୍ୱ ମଧ୍ୟ ରହିଛି ଏଣୁ ବିଶ୍ୱର ଅନ୍ୟ ଦେଶ ମାନଙ୍କରେ ବ୍ୟୁରୋକ୍ରାସିକୁ ନେଇ ଚର୍ଚ୍ଚା ହେବାରେ କିଛି ନାହିଁ। ଏଯାବତ୍ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରି ବ୍ୟୁରୋକ୍ରାସିକୁ ଦାୟୀ କରୁଥିଲେ। ଭାରତର ଜନସାଧାରଣଙ୍କ ମନରେ ଏବେ ବି ଏଭଳି ଧାରଣା ରହିଛି ଯେ ଦେଶକୁ ଜନପ୍ରତିନିଧି ନୁହଁନ୍ତି ବରଂ ଇଷ୍ଟ ଇଣ୍ଡିଆ କମ୍ପାନୀ ପରେ ଆଇଏଏସ୍, ଆଇପିଏସ୍‌ଙ୍କ ଭଳି ବରିଷ୍ଠ ଅଧିକାରୀମାନେ ଚଳାଉଛନ୍ତି। ରାଜା ରାଜୁଡା ସମୟରେ ୫୬୫ ରାଜ୍ୟର ରାଜାମାନଙ୍କୁ ଭିଆଇପି ବୋଲି କୁହାଯାଉଥିଲା କିନ୍ତୁ ଏବେ ତ ସବୁ ଛୋଟମୋଟ ଅଫିସର ମଧ୍ୟ ଭିଆଇପି। ଏମାନଙ୍କ ମଧ୍ୟରୁ ଅନେକ ଟ୍ରମ୍ପ କାର୍ଡ ଚଳାଇବାରେ ସିଦ୍ଧହସ୍ତ।

# ମହାକାଶ ପରୀ ସୁନୀତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ମହାକାଶରେ ଚିକିତ୍ସା ବ୍ୟବସ୍ଥା



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଏସ୍‌ସିବି ମେଡିକାଲ କଲେଜ
କଟକ, ମୋ : ୯୪୩୭୦୫୧୯୫୭

ଦୀର୍ଘ ନଅ ମାସରୁ ଅଧିକ ସମୟ ଧରି ମହାକାଶରେ ଅଟକି ରହିଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମୋର ଫେରିଛନ୍ତି। ତେବେ ମହାକାଶରେ ଲମ୍ବା ସମୟ ବିତାଇବା ପରେ ସୁନୀତା ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପୃଥିବୀରେ ମଧ୍ୟ ତାଙ୍କୁ ଅନେକ ଶାରୀରିକ ଓ ମାନସିକ ସମସ୍ୟା ସାମ୍ନା କରିବାକୁ ପଡ଼ିବ। ସୂକ୍ଷ୍ମ ମାଧ୍ୟାକର୍ଷଣ ପରିବେଶରେ ଦୀର୍ଘ ସମୟ ରହିବା ଦ୍ୱାରା ମାଂସପେଶୀ ଓ ହାଡ଼ ଉପରେ ପ୍ରଭାବ ପଡ଼େ। ପିଠିର ତଳ ଅଂଶ, ଗୋଡ଼ ଓ ମାଂସପେଶୀରେ ଶକ୍ତି ଓ ଘନତ୍ୱ କମିଯାଏ ଯାହାଦ୍ୱାରା ଫ୍ୟାକଚର ଆଶଙ୍କା ବଢ଼େ। ତେଣୁ ସୁନୀତା ଠିଆ ହେବା ଚାଲିବାରେ ସନ୍ତୁଳନ ରକ୍ଷା କରିବାରେ ସମସ୍ୟାକୁ ସାମ୍ନା କରିପାରନ୍ତି। ମହାକାଶରେ ହୃତପିଣ୍ଡକୁ ଅଧିକ ପରିଶ୍ରମ କରିବାକୁ ପଡ଼େ ନାହିଁ ଏହାଦ୍ୱାରା ମାଂସପେଶୀର କ୍ଷତି ହୋଇପାରେ। ସୂକ୍ଷ୍ମ ମାଧ୍ୟାକର୍ଷଣରେ ହୃତପିଣ୍ଡ ନିଜର ଆକାର ବଦଳାଇ ପାରେ ତେଣୁ ପୃଥିବୀକୁ ଫେରିବା ପରେ ମହାକାଶଚାରୀ ସୁନୀତାଙ୍କ ହୃଦ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ସେହିପରି ମହାକାଶରେ ଲମ୍ବା ସମୟ ରହିବା ଦ୍ୱାରା ଦୃଷ୍ଟି ଶକ୍ତି ପ୍ରଭାବିତ ହୋଇପାରେ କାରଣ ମୁଣ୍ଡରେ ଚାପ ବଢ଼ିବା ଯୋଗୁଁ ଅପ୍ଟିକ ନର୍ଭ ଉପରେ ପ୍ରଭାବ ପଡ଼େ। କିଛି ମହାକାଶଚାରୀଙ୍କୁ ଧୂଆଁଳିଆ ଦିଶେ। ଦୀର୍ଘ ସମୟ ଧରି ଏକୁଟିଆ ରହିବା ଯୋଗୁଁ ମାନସିକ ଚାପ, ଚିନ୍ତା ଓ ଅବସାଦର ଶିକାର ମଧ୍ୟ ସେମାନେ ହୋଇପାରନ୍ତି। ମହାକାଶରେ ଉଚ୍ଚଶକ୍ତି ସମ୍ପନ୍ନ ବିକିରଣର ସାମ୍ନା କରିବାକୁ ପଡ଼େ ଯାହା ପୃଥିବୀରେ ପ୍ରତିଦିନ ଛାତିର ଗୋଟିଏ ଏକ୍ସରେ ସହ ସମାନ ଅର୍ଥାତ୍ ନଅ ମାସରେ ସୁନୀତା ପ୍ରାୟ ଦୁଇଶହ ସତୁରୀ ଏକ୍ସେରେ ସମାନ ବିକିରଣ ସାମ୍ନା କରିଛନ୍ତି। ଦୀର୍ଘ ସମୟ ବିକିରଣ ସଂସ୍ପର୍ଶରେ ରହିବା ଯୋଗୁଁ ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ ହୁଏ। ଫଳରେ ଶରୀରରେ ସଂକ୍ରମଣର ଶିକାର ଆଶଙ୍କା ବଢ଼ିଥାଏ। ଶରୀରରେ ଘାଆ ହେଲେ ଶୁଖିବାକୁ ବହୁତ ସମୟ ଲାଗେ। ଏଥିସହିତ ହୃତପିଣ୍ଡ ଓ କର୍କଟ ଆଶଙ୍କା ମଧ୍ୟ ବଢ଼େ। ପାଚନ ପ୍ରକ୍ରିୟା ଓ ଲିଭର ମଧ୍ୟ ପ୍ରଭାବିତ ହୋଇଥାଏ। ଯାହାଫଳରେ କିଛିଦିନ ଧରି ସେ ଭୋକ ତାଙ୍କର ନହୋଇପାରେ। ମହାକାଶରେ ଶରୀରର ତରଳ ପଦାର୍ଥ ସ୍ଥାନାନ୍ତରିତ ହେବା ଦ୍ୱାରା ସନ୍ତୁଳନ ଓ ରକ୍ତ ପ୍ରବାହ ଉପରେ ପ୍ରଭାବ ପଡ଼େ। ମହାକାଯାତ୍ରୀଙ୍କୁ ପୃଥିବୀରେ ମୁଣ୍ଡ ବୁଲାଇବା, ରକ୍ତଚାପ କମ୍ ବେଶୀ ଏବଂ ଠିଆ ହେବାରେ ସମସ୍ୟା ହୋଇପାରେ। ତେବେ ପରବର୍ତ୍ତୀ ସମୟରେ ସେ ସାମୟିକ ଉପଶମ ପାଇପାରନ୍ତି।

ଆମ ମହାକାଶ ବା ଅନ୍ତରୀକ୍ଷକୁ ନେଇ ଅନେକ କଥା ସବୁ ଶୁଣିବାକୁ ମିଳେ। କିଛିଦିନ ତଳେ ଚନ୍ଦ୍ର ପୃଷ୍ଠରେ ଜାଗା କିଣାକୁ ନେଇ ଅନେକ ରୋଚକ ଘଟଣା ସବୁ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଦିନକୁ ଦିନ ସୂଚନା ପ୍ରଯୁକ୍ତିର ଅନେକ ବିକାଶ ଓ ପ୍ରଗତି ହୋଇଥିବା ସତ୍ତ୍ୱେ ମହାକାଶକୁ ନେଇ ଅନେକ କୌତୁହଳ, ଉତ୍ସୁକତା ଅନେକଙ୍କ ଭିତରେ ଥାଏ। ଯେପରି ମହାକାଶଟି ବାସ୍ତବରେ କିପରି ? ସେ ସ୍ଥାନ ଆମ ପାଇଁ କେଉଁଭଳି ରହଣୀ ଯୋଗ୍ୟ, ସେଠାରେ ଅନ୍ୟ କେଉଁମାନଙ୍କୁ ଜଣେ ଦେଖିବାକୁ ପାଇବ ? ସେଠାରେ ଅନ୍ୟ ଦେଖିବା ଜିନିଷ କ'ଣ କ'ଣ ସବୁ ରହିଛି ? କିଛି ଏହିପରି। ତେବେ ମୂଳ କଥା ହେଉଛି ବାସ୍ତବରେ ମହାକାଶଚାରୀମାନେ ମହାକାଶକୁ ବିଭିନ୍ନ ପ୍ରକାର ଗବେଷଣା ପାଇଁ ଯାଇଥାନ୍ତି। ମହାକାଶଚାରୀମାନେ ପୃଥିବୀ ପୃଷ୍ଠରୁ ବହୁ ଦୂରରେ ଭିନ୍ନ ଏକ ପରିବେଶରେ ରହିଥାନ୍ତି। ଏହି ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ପ୍ରଭାବ ପଡ଼ିଥାଏ। ତେବେ ମହାକାଶରେ ସ୍ୱାସ୍ଥ୍ୟ ବିଗିଡ଼ିଗଲେ, କେମିତି ଚିକିତ୍ସା କରାଯାଏ ସେଠାରେ କ'ଣ ଡାକ୍ତର ଥାଆନ୍ତି, ଏହା ଜାଣିବାକୁ ସମସ୍ତେ ଆଗ୍ରହ ପ୍ରକାଶ କରନ୍ତି। ବାସ୍ତବ କଥା ହେଉଛି ମହାକାଶ, ବାତାବରଣ ପୃଥିବୀ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହାବାଦ ମହାକାଶରେ ବିକିରଣ ସ୍ତର ଅଧିକ ଥିବାରୁ ଏଠାରେ କର୍କଟ ହେବାର ଆଶଙ୍କା ଅଧିକ ରହିଥାଏ। ସେହିପରି ମହାକାଶରେ ଖାଦ୍ୟପେୟ ଶୈଳୀ ପୃଥିବୀ ପୃଷ୍ଠ ଠାରୁ ଭିନ୍ନ ହୋଇଥିବାରୁ ପାଚନଜନିତ ସମସ୍ୟା ଦେଖାଯାଇଥାଏ।

ପୃଥିବୀ ପୃଷ୍ଠରୁ ମହାକାଶରେ ମହାକାଶଚାରୀଙ୍କୁ ଏକାକୀ ରହିବାକୁ ପଡ଼ିଥାଏ। ଏକାକୀପଣରୁ ମାନସିକ ଚିନ୍ତା ବୃଦ୍ଧି ପାଇଥାଏ। ସେହିପରି ମହାକାଶଚାରୀ ଯାତ୍ରା ସାରି ଫେରିବା ପରେ ପ୍ରାୟତଃ ରକ୍ତହୀନତାର ଶିକାର ହୋଇଥାନ୍ତି। ଯଦିଓ ମହାକାଶରେ ଆମ ପୃଥିବୀ ପୃଷ୍ଠ ପରି ଡାକ୍ତର ନଥାନ୍ତି, ହେଲେ ଏଠାରେ ମହାକାଶଚାରୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ପ୍ରକାର ଚିକିତ୍ସା ଉପକରଣ ମହଜୁଦ ରହିଥାଏ। ଯଦ୍ୱାରା ଜଣେ ନିଜର ଛୋଟମୋଟ ରୋଗର ନିରାକରଣ କରିପାରିବେ। ଏଠାରେ ମହାକାଶଚାରୀଙ୍କ ନିମନ୍ତେ ପେନକିଲର, ଛୁଞ୍ଚି ଏବଂ କିଛି ସର୍ଜିକାଲ ସାମଗ୍ରୀ ରହିଥାଏ। ଗମ୍ଭୀର ସ୍ଥିତି ପାଇଁ କିଛି ମହାକାଶଯାନରେ ଅକ୍ସିଜେନ ସିଲିଣ୍ଡର ଏବଂ ଭେଣ୍ଟିଲେଟର ଆଦି ଉପକରଣ ଥାଏ। ଏହାବାଦ ପୃଥିବୀ ପୃଷ୍ଠରୁ ଡାକ୍ତରମାନେ ଭିଡ଼ିଓ କଲ୍ ତଥା ଯୋଗାଯୋଗ ମାଧ୍ୟମରେ ମହାକାଶଚାରୀଙ୍କ ଚିକିତ୍ସା କରିଥାନ୍ତି। ମହାକାଶରେ ସମସ୍ତ ସମସ୍ୟାକୁ ସାମ୍ନା କରିବାକୁ ସେଠାକାର ବାତାବରଣରେ ଖାପଖୁଆଇ ଚଳିବାକୁ ମହାକାଶଚାରୀଙ୍କୁ ପୂର୍ବରୁ ତାଲିମ ଦିଆଯାଇଥାଏ। ଏ ନେଇ ଏକ ଲମ୍ବା ସମୟର ସମୟ ଭିତରେ ସେମାନଙ୍କୁ କେବଳ ମହାକାଶ ଯାତ୍ରା ସମ୍ପର୍କିତ ନୁହେଁ ବରଂ ନିଜ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପର୍କିତ ଯତ୍ନ, ଚିକିତ୍ସା ଓ ସତର୍କତା ନେଇ ଅନେକ ଉପାଦେୟ ସୂଚନା ଓ ଶିକ୍ଷା ପ୍ରଦାନ କରାଯାଇଥାଏ। ଯାତ୍ରା ସମୟରେ ସେମାନଙ୍କୁ କିଛି ଔଷଧ ଏବଂ ଭିଟାମିନ ବଟିକା ମଧ୍ୟ ଦିଆଯାଇଥାଏ। ବେଳବେଳେ ଡାକ୍ତରଙ୍କୁ ମହାକାଶକୁ ଯାତ୍ରୀ ରୂପେ ପଠାଯାଇଥାଏ। ଉଦାହରଣ ସ୍ୱରୂପ ନାସାର କିଛି ମିଶନରେ ଡାକ୍ତର ମହାକାଶକୁ ଯାତ୍ରା କରିଥିବା ଦେଖିବାକୁ ମିଳିଥିଲା। ତେବେ ମହାକାଶର ବାସ୍ତବ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆମେ ଯାହା ସୂଚୀତ କରିଲୁ ତାହା ତଥ୍ୟଭିତ୍ତିକ ଓ ମହାକାଶ ସମ୍ବନ୍ଧୀୟ ସୂଚନାରୁ ସଂଗୃହୀତ ତଥ୍ୟରୁ ଜାଣିବାକୁ ପାଇଥିଲୁ। ତେବେ ସୋସିଆଲ ମିଡ଼ିଆରେ କିନ୍ତୁ ଏହି ଚିକିତ୍ସା ବ୍ୟବସ୍ଥା ନେଇ ଅନେକ ଗୁଜବ ଓ ମିଥ୍ୟା ତଥ୍ୟ ପ୍ରଚାର ପ୍ରସାର ହୋଇଥାଏ। ସେଗୁଡ଼ିକୁ ବିଶ୍ୱାସ କରିବା ଉଚିତ ନୁହେଁ।

## ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ।

# ସମ୍ପୂର୍ଣ୍ଣ ସୁଖୀ



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ଆଜି କାଲି ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ସମ୍ପୂର୍ଣ୍ଣ ସୁଖ ପାଇବା ପାଇଁ ଦିନରାତି ଚେଷ୍ଟା କରୁଛନ୍ତି। ତାଙ୍କର ଦିନ-ରାତି ପ୍ରୟାସ କେତେବେଳେ ସଫଳ ହୁଏ ତ କେତେବେଳେ ବିଫଳ। ଜଣେ ବ୍ୟକ୍ତି ବାରମ୍ବାର ବିଫଳ ହେଲେ, ତା'ର ଜୀବନ ପ୍ରତି ହତାଶା ଓ ନୈରାଶ୍ୟ ଭାବ ଆସିଥାଏ। ଏହି ନୈରାଶ୍ୟ ଭାବ କାରଣରୁ ବ୍ୟକ୍ତିଟି ଭୁଲ୍ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥାଏ। ଏହି ସଂସାରରେ ଭଗବାନ ଆମକୁ ଏପରି କିଛି ଶକ୍ତି ଦେଇଛନ୍ତି, ଯାହାକୁ ବ୍ୟବହାର କରି ଜାଣିଲେ ଶିଖିଲେ... ଆମେ ଆମ ଜୀବନର ସମ୍ପୂର୍ଣ୍ଣ ସୁଖ ପାଇ ପାରିବା। କେବଳ ଏହି ଶକ୍ତିକୁ ଜାଣିବା ଆବଶ୍ୟକ ଏବଂ ଏହାକୁ ନିଜ ଜୀବନରେ ବ୍ୟବହାର କରିବା ଆବଶ୍ୟକ। ଯଦି ଜୀବନକୁ ସମ୍ପୂର୍ଣ୍ଣ ସୁଖମୟ କରିବାକୁ ଚାହୁଁଛନ୍ତି ତେବେ ସନ୍ତୋଷ, ଆରୋଗ୍ୟ ସମ୍ପନ୍ନ, ଐଶ୍ୱର୍ଯ୍ୟ ସମ୍ପନ୍ନ ଏବଂ ଦୀର୍ଘଜୀବନ ପାଇଁ ପ୍ରେରଣାର ସ୍ରୋତ ହେବା ଉଚିତ୍। ପ୍ରାଚୀନ କାଳରେ ଜଣେ ରାଜା ଥିଲେ। ରାଜାଙ୍କ ପାଖରେ ସମସ୍ତ ପ୍ରକାର ସୁଖ ସୁବିଧା ଓ ଅସଂଖ୍ୟ ସେବକ ଉପଲବ୍ଧ ଥିଲା। ରାଜାଙ୍କର କୌଣସି ଥିରେ ଅଭାବ ନଥିଲା। ତଥାପି ରାଜା ନିଜ ଜୀବନରେ ଖୁସି ନଥିଲେ। କାରଣ ରାଜା ନିଜ ସ୍ୱାସ୍ଥ୍ୟକୁ ନେଇ ବହୁତ ଚିନ୍ତିତ ଥିଲେ। ସେ ସର୍ବଦା ରୋଗରେ ପିଡିତ ରହୁଥିଲେ। ରାଜାଙ୍କୁ ବଡ଼ ବଡ଼ ବୈଦ୍ୟଙ୍କ ଦ୍ୱାରା ଚିକିତ୍ସା କରାଗଲା, କିନ୍ତୁ ରାଜା ସୁସ୍ଥ ହେଲେ ନାହିଁ। ସମୟ କ୍ରମେ ରାଜାଙ୍କ ଅସୁସ୍ଥତା ବଢିବାରେ ଲାଗିଲା। ରାଜାଙ୍କର ବଢୁଥିବା ଅସୁସ୍ଥତା ନେଇ ରାଜଦରବାର ଚିନ୍ତିତ ହେଲେ। ରାଜାଙ୍କ ଅସୁସ୍ଥତା ଦୂର କରିବା ପାଇଁ ରାଜଦରବାରୀ ମାନେ ନଗରରେ ଘୋଷଣା କଲେ ଯେ, ଯିଏ ରାଜାଙ୍କୁ ସୁସ୍ଥ କରିବ ତାକୁ ଅସଂଖ୍ୟ ସ୍ୱର୍ଣ୍ଣ ମୁଦ୍ରା ଦିଆଯିବ। ଏହା ଶୁଣି ଜଣେ ବୃଦ୍ଧ ରାଜାଙ୍କୁ ସୁସ୍ଥ କରିବା ପାଇଁ ରାଜପ୍ରାସାଦକୁ ଆସିଲା। ବୃଦ୍ଧ ରାଜାଙ୍କ ପାଖକୁ ଆସି କହିଲା, ମହାରାଜ ! ଯଦି ଆପଣ ମୋତେ ଅନୁମତି ଦେବ, ତେବେ ମୁଁ ଆପଣଙ୍କର ରୋଗ ଭଲ କରିପାରିବି। ରାଜାଙ୍କ ଅନୁମତି ପାଇବା ପରେ ସେ କହିଲା, ସଂସାରରେ ଆପଣ ସମ୍ପୂର୍ଣ୍ଣ ସୁଖୀ ବ୍ୟକ୍ତିର ପୋଷାକ ପରିଧାନ କରନ୍ତୁ, ଆପଣ ନିଶ୍ଚିତ ସୁସ୍ଥ ଓ ସୁଖୀ ହେବେ। ବୃଦ୍ଧଙ୍କ କଥା ଶୁଣି ରାଜାଙ୍କ ସମସ୍ତ ମନ୍ତ୍ରୀ ଓ ସେବକ ଜୋରରେ ହସିବାକୁ ଲାଗିଲେ। ଏହା ଉପରେ ବୃଦ୍ଧ ଜଣକ କହିଲେ- ମହାରାଜ ! ଆପଣ ସବୁ ଉପଚାର କରିସାରିଛନ୍ତି, ଏହାକୁ ମଧ୍ୟ ଥରେ ଚେଷ୍ଟା କରନ୍ତୁ, ଦେଖିବେ ଆପଣ ନିଶ୍ଚୟ ସୁସ୍ଥ ହୋଇଯିବେ। ରାଜା ତାଙ୍କ କଥାରେ ସହମତି ପ୍ରଦାନ କଲେ। ସଂସାରରେ ଜଣେ ସୁଖୀ ବ୍ୟକ୍ତିର ସନ୍ଧାନରେ ତାଙ୍କ ସେବକମାନଙ୍କୁ ରାଜ୍ୟର ଚାରି ଦିଗକୁ ପଠାଇଲେ। ସମସ୍ତ ସେବକ ଖୋଜିବା ପରେ ସମ୍ପୂର୍ଣ୍ଣ ସୁଖୀ ଥିବା ବ୍ୟକ୍ତିକୁ ପାଇଲେ ନାହିଁ। ଯାହାକୁ ଦେଖିଲେ ପଚାରିଲେ ସେ ଯେ କୌଣସି କାର୍ଯ୍ୟ ଓ କଥାକୁ ନେଇ ଦୁଃଖୀ ଅଟେ। ଏବେ ରାଜା ନିଜେ ଜଣେ ସୁଖୀ ବ୍ୟକ୍ତିକୁ ଖୋଜିବାକୁ ବାହାରି ପଡିଲେ। ଅତ୍ୟଧିକ ଗରମ ଦିନ ହୋଇଥିବା ହେତୁ ରାଜା ଅସୁସ୍ଥ ହୋଇ ଏକ ଗଛଛାୟା ତଳେ ବିଶ୍ରାମ ନେଲେ। ସେ ସମୟରେ ରାଜା ଦେଖିଲେ, ଜଣେ ଶ୍ରମିକ ଏତେ ଗ୍ରୀଷ୍ମ ପ୍ରବାହରେ କାମ କରୁଛି। ରାଜା ତାକୁ ଯାଇ ପଚାରିଲେ, 'ତୁମେ ସମ୍ପୂର୍ଣ୍ଣ ସୁଖୀ କି ? ଶ୍ରମିକ ଜଣକ ଖୁସିରେ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ କହିଲା, 'ଭଗବାନଙ୍କ କୃପାରୁ ମୁଁ ସମ୍ପୂର୍ଣ୍ଣ ସୁଖୀ। ଏହା ଶୁଣି ରାଜା ଅତି ପ୍ରସନ୍ନ ହେଲେ। ରାଜା ଶ୍ରମିକକୁ ଉପରୁ ତଳ ପର୍ଯ୍ୟନ୍ତ ଦେଖିଲେ, ସେ ଗୋଟିଏ ମଇଳା ମିଚିକିଟିଆ ଲୁଗାଟିଏ ପିନ୍ଧିଛି, ତାହା ମଧ୍ୟ କଠିନ ପରିଶ୍ରମ ଦ୍ୱାରା ଝାଳରେ ବୁଡି ଯାଇଛି। ଏହା ଦେଖି ରାଜା ବୁଝିଗଲେ ଯେ, ଜଣେ ସାଧାରଣ ଶ୍ରମିକ ମଧ୍ୟ ପରିଶ୍ରମ କରି ଖୁସି। ରାଜା କୌଣସି ପରିଶ୍ରମ ନକରିବା କାରଣରୁ ରୋଗରେ ଘାଣ୍ଟି ହେଉଛନ୍ତି। ରାଜା ଫେରି ଆସି ବୃଦ୍ଧଙ୍କ ଉପକାର ସ୍ୱରୂପ ତାଙ୍କୁ ଅସଂଖ୍ୟ ସ୍ୱର୍ଣ୍ଣ ମୁଦ୍ରା ଦେଇଥିଲେ। ରାଜା ନିଜେ ବିଶ୍ରାମ ଓ ଆଳସ୍ୟ ତ୍ୟାଗ କରି ପରିଶ୍ରମ କରିବା ଆରମ୍ଭ କଲେ। କଠିନ ପରିଶ୍ରମ ବଳରେ ରାଜା କିଛିଦିନ ମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ଓ ସୁଖୀ ହୋଇଗଲେ। ଆଜି ଆମେ ଭୌତିକ ଜଗତରେ ଏତେ ଆରାମ ପାଇବା ପାଇଁ ଅଭ୍ୟସ୍ତ ହୋଇଗଲଣି ଯେ ଆମ ଶରୀରର ରୋଗ ସହ ଲଢ଼ିବାର ଶକ୍ତି ହ୍ରାସ ପାଉଛି। ଏଣୁ ଆମକୁ ଶୀଘ୍ର ରୋଗ ଆକ୍ରମଣ କରିନେଉଛି। ସୁସ୍ଥ ଓ ସୁଖମୟ ଜୀବନର ପ୍ରକୃତ ରହସ୍ୟ – ଯୋଗ, ଧ୍ୟାନ, ବ୍ୟାୟାମ ଇତ୍ୟାଦି। ସାମାନ୍ୟ ଶାରୀରିକ ପରିଶ୍ରମ କରିବା ସହ ଯଥାସମ୍ଭବ ଶୁଦ୍ଧ ଦେଶୀ ପୁଷ୍ଟିକର ଅପମିଶ୍ରିତ ଖାଦ୍ୟ ଖାଇଲେ, ଆମେ ଜୀବନକୁ ନିରୋଗ ରଖିପାରିବା।

# ଖରାଦିନେ ପିଲାଙ୍କ ସ୍ୱାସ୍ଥ୍ୟ



ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ମୋ: ୯୪୩୭୧୨୪୦୭୪

ଖରା ବଢ଼ିଲାଣି। ଦିନକୁ ଦିନ ରୌଦ୍ରତାପ ଧରାପୃଷ୍ଠକୁ ଉତ୍ତପ୍ତ କଲାଣି। ଖରାଦିନଟି ପିଲାମାନଙ୍କ ପାଇଁ କଷ୍ଟକର ହୋଇଥାଏ ବୋଲି ଅନେକ ସମୟରେ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ବାପାମାଆମାନେ ଦୁଃଖ ପ୍ରକାଶ କରିଥାନ୍ତି। ବାସ୍ତବ କଥା ହେଉଛି ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ପିଲାମାନଙ୍କ ପାଇଁ ସତର୍କ ରହିବା ବାପାମାଆଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଛୋଟ ପିଲାଙ୍କ ପାଇଁ ଖରାଦିନରେ ଅନେକ ସ୍ୱାସ୍ଥ୍ୟଗତ ସଚେତନ ହେବାକୁ ପଡ଼ିଥାଏ। ଖରାଦିନେ ଦୀର୍ଘଛୁଟି ପାଇ ପିଲାମାନେ ବିଳମ୍ବିତ ରାତି ଯାଏ କାର୍ଟୁନ ଚ୍ୟାନେଲ୍ ଦେଖା, ଟିଭି ଦେଖା କିମ୍ବା କମ୍ପ୍ୟୁଟରରେ ଭିଡ଼ିଓ ଗେମ୍ ଖେଳି ବିଳମ୍ବରେ ଶୋଇ ବିଳମ୍ବରେ ଶଯ୍ୟା ଛାଡ଼ିବା ଭଲ ଅଭ୍ୟାସ ନୁହେଁ। ପିଲାମାନଙ୍କୁ ସ୍ୱାସ୍ଥ୍ୟସଚେତନ କରିବା ପାଇଁ ବାପାମାଆ ମାନେ ସେମାନଙ୍କୁ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ ଅଭ୍ୟାସ କରାଇବା ସହ ଯୋଗ ପ୍ରାଣାୟମ ମଧ୍ୟ ଭଲ। ତେବେ ଛୋଟ ପିଲାଙ୍କ କ୍ଷେତ୍ରରେ ସେମାନଙ୍କ ଶରୀର ସାମର୍ଥ୍ୟର ବିଶ୍ରାମ ଅନୁଯାୟୀ ଶୋଇବା ଭଲ। ଖରାଦିନେ ପିଲାମାନଙ୍କ ଦେହରୁ ଜଳୀୟଅଂଶ କମିଯାଉଥିବାରୁ ସେମାନଙ୍କୁ ସିଝାପାଣି କିମ୍ବା ଶୋଧିତ ହୋଇଥିବା ପାଣି ପିଇବାକୁ ଦିଅନ୍ତୁ। ତେବେ ସୁରେଇ ପାଣି ମଧ୍ୟ କିଛି ମନ୍ଦ ନୁହେଁ। ଏହିଦିନରେ ଶରୀରରୁ ହଜମ କରିବାର ଶକ୍ତି ବଢ଼ାଇଥିବାରୁ ପିଲାମାନଙ୍କୁ ଖାଦ୍ୟ ସହିତ ଫଳ, ସାଲାଡ୍ ଖାଇବାକୁ ଦିଅନ୍ତୁ। ସେମାନଙ୍କୁ ବଜାରର ଖାଦ୍ୟ ଓ ପ୍ରଦୂଷିତ ଖାଦ୍ୟ ଠାରୁ ଦୂରେଇ ଘର ଖାଇବା ଖୋଇବା ଶିଖାନ୍ତୁ। ଏହି ଦିନରେ ପିଲାମାନେ ଥଣ୍ଡାପାନୀୟ ପିଇବା ପାଇଁ ରୁଚି ରଖୁଥିବାରୁ ପିଲାଙ୍କୁ ସେଥିରୁ ନିରୁତ୍ସାହିତ କରି ବରଂ ଘରେ ଫଳରସ ବି କରିପାରିବେ। ତେବେ ଉତ୍ତମ ସ୍ୱାସ୍ଥ୍ୟମାନର ବାହାର ଫଳରସ ଖରାପ ବି ନୁହେଁ। ତେବେ ସୋଡ଼ା ଜାତୀୟ ପାନୀୟ ଠାରୁ ପିଲାଙ୍କୁ ସର୍ବଦା ଦୂରେଇ ରଖନ୍ତୁ ସେହିପରି ଫ୍ରିଜ୍‌ରୁ ସାଙ୍ଗେ ସାଙ୍ଗେ କଢ଼ା ଯାଇଥିବା ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ଠାରୁ ଅଧିକ କ୍ୟାଲୋରୀଯୁକ୍ତ ଆଇସ୍‌କ୍ରିମ୍ ଓ ଥଣ୍ଡା ଚକୋଲେଟ ମଧ୍ୟ ଖରାପ।

ଖରାଦିନରେ ପିଲାମାନଙ୍କ ବିଶ୍ରାମକୁ ଗୁରୁତ୍ୱ ଦିଅନ୍ତୁ। ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ଖରାର ତେଜ ପଡୁଥିବା ସମୟରେ ଘରୁ ବାହାରକୁ ନଛାଡ଼ିବା ଭଲ। ସେହି ସମୟ ହେଉ ବା ରାତି ସମୟ ପିଲାମାନଙ୍କ ଶୋଇବା କ୍ଷେତ୍ରରେ ଆପଣ ନିଜେ ଏକ ଭଲ ରୁଟିନ୍ କରିପାରିବେ। ପିଲାର ସ୍ୱାସ୍ଥ୍ୟ ଓ ଖାଇବା ସହ ବୌଦ୍ଧିକ କ୍ଷେତ୍ରକୁ ଦେଖି ଶୋଇବା ସମୟ ନିର୍ଘଣ୍ଟ କରିପାରିନ୍ତି। ସେହିପରି ଖରାର ତେଜ ପିଲାମାନଙ୍କ ଚର୍ମ ପାଇଁ କିଛି କ୍ଷେତ୍ରରେ କଷ୍ଟଦାୟକ ହୋଇପଡ଼ିଥାଏ। କାରଣ ଏହି ସମୟରେ କିଛି ପିଲାଙ୍କ କ୍ଷେତ୍ରରେ ସଂକ୍ରାମକ ଜାତୀୟ ଚର୍ମରୋଗର କଷ୍ଟକର ସମସ୍ୟା ବି ରହିଥାଏ। ପିଲାମାନଙ୍କୁ ସଂକ୍ରାମକ ରୋଗୀଥିବା ବ୍ୟକ୍ତିଙ୍କ ଠାରୁ ଦୂରେଇ ରଖନ୍ତୁ। ଖରାଦିନରେ କିଛି ପିଲାଙ୍କ ନାକରୁ ରକ୍ତ ପଡ଼ିବା ସମସ୍ୟା ଦେଖାଦେଇଥାଏ। ଏ କ୍ଷେତ୍ରରେ ସର୍ବପ୍ରଥମେ ଚିତ୍‌କରି ଶୋଇଦେବା ବାଞ୍ଛନୀୟ। ତେବେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ପିଲାମାନେ ଏହି ଦିନରେ ଘମିର ପରି ସାମୂହିକ କୁଣ୍ଡିଆ ରୋଗଟିକୁ କିଛି କ୍ଷେତ୍ରରେ ସାମ୍ନା କରିଥାନ୍ତି। ତେବେ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା କଲେ ପ୍ରାରମ୍ଭିକ ସମୟରୁ ନିୟନ୍ତ୍ରଣାଧିନ ହୋଇ ପିଲାଟି ସୁସ୍ଥ ହୋଇଯିବ। ଏହି ସମୟରେ ବିଶେଷକରି ଖରା ସମୟରେ ଯେପରି ପିଲାଟି ବାହାରକୁ ନଯାଏ ସେ ଦିଗଟିକୁ ଦେଖନ୍ତୁ। ଆଗକୁ ଗ୍ରୀଷ୍ମ ଲହରି ବୃଦ୍ଧି ପାଇଲେ ଅଂଶୁଘାତର ସମସ୍ୟା ମଧ୍ୟ ଦେଖାଦେଇପାରେ।

ତେବେ ଖରାଦିନରେ ପିଲାମାନଙ୍କ ରୁଚିକୁ ଦେଖି ଫୁଡ଼୍‌ମେନୁ କରିପାରିବେ। ପିଲାଙ୍କୁ ଏହି ଦିନରେ ଖାଦ୍ୟସହ ଡାଲି, ଖୁବ୍ କମ୍ ଦହି, ଫଳରସ, ଗଜାବୁଟସହ ପ୍ରଚୁର ପରିମାଣରେ ସାଲାଡ୍ ରଖନ୍ତୁ। ପିଲାମାନଙ୍କୁ ସବୁଜ ପରିବା ଖାଇବାକୁ ଦିଅନ୍ତୁ। ପିଲାମାନଙ୍କ ସ୍ୱାସ୍ଥ୍ୟପାଇଁ କ୍ଷୀର ଅତ୍ୟନ୍ତ ସ୍ୱାସ୍ଥ୍ୟ ଦାୟକ। ଏହି ଦିନରେ ପିଲାମାନେ ବିଶେଷକରି ଥଣ୍ଡା ପାନୀୟ, ଆଇସକ୍ରିମ ଓ ଥଣ୍ଡା ଖାଦ୍ୟ ଖାଇବା ପାଇଁ ପସନ୍ଦ କରିଥାନ୍ତି। ତେବେ ଏଥିରୁ ପିଲାଟିକୁ ଯଥା ସମ୍ଭବ ଯେତେ ଦୂରେଇବେ ସେତେ ଭଲ। ବରଂ ଆପଣ ଘରୋଇ ଭାବରେ ଏହିସବୁ ପଦାର୍ଥ ତିଆରି କରିପାରିବେ। ସେହିପରି ଫାଷ୍ଟଫୁଡ ଖାଦ୍ୟ ଓ ଆମିଷ ଖାଦ୍ୟ ଯେତେ କମ ଦେବା ଭଲ। ଏପରି କ୍ଷେତ୍ରରେ ଋତୁକାଳୀନ ଫଳ ପିଲାଟିକୁ ଦିଅନ୍ତୁ। କିମ୍ବା ପିଲାଟି ଭଲ ପାଉଥିଲେ ବିଭିନ୍ନ ଫଳ ସମିଶ୍ରିତ ଜୁସ ତିଆରି କରି ଦେବା ଭଲ। ବଜାରର ଫାଷ୍ଟଫୁଡ ପ୍ରଥମତଃ ପିଲାମାନଙ୍କ ପାଇଁ ଗରିଷ୍ଠ ଦ୍ୱିତୀୟତଃ ଏହା ସେମାନଙ୍କର ଖାଦ୍ୟ ରୁଚିକୁ ବଦଳାଇ ଦେବ। ଖରାଦିନେ ଆପଣ ଯଥା ସମ୍ଭବ ପିଲାଟିକୁ ଘରୋଇ ଖାଦ୍ୟ ଦେବା ବହୁତ ଭଲ।

ପିଲାମାନେ ଶରୀରର ଓଜନ ଅନୁଯାୟୀ କ୍ୟାଲୋରୀଯୁକ୍ତ ଖାଦ୍ୟ ଦିଅନ୍ତୁ। ପିଲାମାନେ ଏହି ଦିନରେ ବାହାରକୁ ଯିବାକୁ ସମୟ ପାଇଥିବାରୁ ପିଲାମାନଙ୍କୁ ଦୂର ଯାତ୍ରାରେ ନେଉଥିଲେ ଆପଣଙ୍କ ଯାତ୍ରା ଓ ଦର୍ଶନୀୟ ଭ୍ରମଣ ସହ ସ୍ୱତନ୍ତ୍ର ରୁଟିନ୍ ରଖିପାରିବେ। ଖରାଦିନ ପିଲାମାନଙ୍କ ପାଇଁ କିଛି ଅବକାଶ ସୃଷ୍ଟି କରିଥାଏ। ସୃଜନଶୀଳ କ୍ଷେତ୍ରରେ ପିଲାମାନଙ୍କୁ ସ୍ୱାସ୍ଥ୍ୟଭିତ୍ତିକ ଶିକ୍ଷା ଦିଅନ୍ତୁ। ପିଲାମାନଙ୍କ ଭିତରେ ଆଧ୍ୟାତ୍ମିକତା ଭାବନାର ଶିକ୍ଷା ଦେବାପାଇଁ ବାଳବିକାଶ ବା ଆଧ୍ୟାତ୍ମିକ ଶିକ୍ଷାଭିତ୍ତିକ ଅନୁଷ୍ଠାନ ଯିବାକୁ ଦିଅନ୍ତୁ। ପିଲାମାନଙ୍କୁ ଖରାଦିନରେ ସବୁଜବନାନୀରେ କିଛି ମୁହୂର୍ତ୍ତ ବିତାଇବାକୁ ସମୟ ଓ ଯୋଜନା ରଖନ୍ତୁ ଏହା ପିଲାମାନଙ୍କ ସ୍ୱାସ୍ଥ୍ୟସହ ବୌଦ୍ଧିକ ସୃଜନଶୀଳ କ୍ଷେତ୍ର ପାଇଁ ବହୁତ ଭଲ। ଖରାଦିନ ପିଲାମାନଙ୍କ ପାଇଁ ଏକ ପ୍ରକାର ଛୁଟି ଦିନ ହୋଇଥିବାରୁ ଏହି ଦିନରେ ସେମାନଙ୍କ ସ୍ୱାସ୍ଥ୍ୟକ୍ଷେତ୍ର ଠାରୁ ସୃଜନଶୀଳକ୍ଷେତ୍ର, ଖାଇବା ଓ ବିଶ୍ରାମ ଠାରୁ ସେମାନଙ୍କୁ ସବୁକ୍ଷେତ୍ରରେ ସେମାନଙ୍କ ପାଇଁ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ବାହାରେ ରହୁଥିବା ପିଲାମାନଙ୍କ ପାଇଁ ଗାଁରେ ନିଜ ପରିଜନଙ୍କ ସହ ସମୟ ବିତାଇବା ପାଇଁ ସମୟର ଦିନ ହେଉଛି ଏହି ଖରାଦିନ। ଏ କ୍ଷେତ୍ରରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଦିଗକୁ ସଚେତନ ରଖନ୍ତୁ। ତେବେ ପିଲାମାନଙ୍କ ପାଇଁ ଖରାଦିନଟି କଷ୍ଟକର ବୋଲି ନଭାବି ଶିକ୍ଷାଭିତ୍ତିକ, ପ୍ରେରଣାଦାୟକ ଓ ସ୍ୱାସ୍ଥ୍ୟ ଚିନ୍ତନର ରୁଟିନ୍‌ଟି ରଖିଲେ ଦେଖିବେ ପିଲାମାନଙ୍କ ପାଇଁ ଖରାଦିନ ବରଂ ବହୁତ ଭଲର ଦିନ ହୋଇପାରିବ।



ଛତ୍ରପୁର(ଭାସ୍କର ନ୍ୟୁଜ): ଜନ୍ମଦିନ ଭଳି ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଦିବସକୁ ସ୍ମରଣୀୟ କରିବା ସହ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଛତ୍ରପୁର ବ୍ଲକର ଅଗସ୍ତି ନୂଆଗାଁର ନାହାକ ପରିବାର। ସୁଶାନ୍ତ ନାହାକ ଓ ସୁମିତ୍ରା ନାହାକଙ୍କ ପୁତ୍ର ସମ୍ବିତର ୫ମ ଜନ୍ମ ବାର୍ଷିକୀ ଅବସରରେ ପରିବାର ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି । ଏଥିରେ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ବ୍ରହ୍ମପୁର ବଡ ମେଡିକାଲ ପରିସରରେ ଥିବା ଓଡ଼ିଶା ରକ୍ତ ଭଣ୍ଡାରର ସହାୟତାରେ ଆୟୋଜିତ ଏହି ଶିବିରକୁ ଛତ୍ରପୁରସ୍ଥିତ ନିଉ ଏଜ୍ ୟୁରୋ କିଡସ୍ ସ୍କୁଲର ଅଧ୍ୟକ୍ଷ ରଞ୍ଜନ ମହାପାତ୍ର, ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ପ୍ରେସ କ୍ଲବର ସଭାପତି ରବିନ୍ଦ୍ର ପଣ୍ଡା ଓ ଉପସଭାପତି ସନ୍ତୋଷ ମିଶ୍ର ଉପସ୍ଥିତ ଥିଲେ । ୟୁରୋ କିଡସ୍ ସ୍କୁଲର ଅଧକ୍ଷ ରଞ୍ଜନ ମହାପାତ୍ର ନିଜେ ରକ୍ତଦାନ କରି ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ । ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ସୁଦର୍ଶନ ସାହୁ ଶିବିର ପରିଦର୍ଶନ କରିବା ସହ ଆୟୋଜକଙ୍କ ଏଭଳି ମହତ ଆୟୋଜନ ପାଇଁ ସାଧୁବାଦ ଜଣାଇ ଥିଲେ। ନାହାକ ପରିବାରର ଏହି ମହତ୍ କାର୍ଯ୍ୟକ୍ରମ ସାଧାରଣରେ ଖୁବ ପ୍ରଶଂସିତ ହୋଇଛି।



# ଦୁଇ ଦିବସୀୟ ସାଗର କବଚ ସାମରିକ ଅଭ୍ୟାସ୍ ଉଦ୍‌ଯାପିତ



ପାରାଦୀପ(ଭାସ୍କର ନ୍ୟୁଜ): ରାଜ୍ୟ ସାମୁଦ୍ରିକ ଉପକୂଳର ସୁରକ୍ଷା ବ୍ୟବସ୍ଥାପନାକୁ ପରୀକ୍ଷଣ କରିବା ପାଇଁ ଚଳିତ ଗତ ୧୯ ଓ ୨୦ତାରିଖରେ ଦୁଇ ଦିବସୀୟ ସାମରିକ ସୁରକ୍ଷା ଅଭ୍ୟାସ ସାଗର କବଚ (ଓଡ଼ି)-୦୧/୨୫' ଅନୁଷ୍ଠିତ ହୋଇଯାଇଛି। ଏହି ଅଭ୍ୟାସ ସମୟରେ ରାଜ୍ୟର ଉପକୂଳ ସୁରକ୍ଷା ମାନଦଣ୍ଡ ଗୁଡ଼ିକୁ ବ୍ୟାପକ ଅଭ୍ୟାସ ମାଧମରେ ପ୍ରମାଣିତ କରାଯାଇଥିଲା। ଏହି ଅଭ୍ୟାସଟି ତଟ ରକ୍ଷକ କମାଣ୍ଡର (ଉତ୍ତର ପୂର୍ବ) ଦ୍ୱାରା ପରିଚାଳନା କରାଯାଇଥିଲା। ଅଭ୍ୟାସର ମୂଳ କେନ୍ଦ୍ର ରାଜ୍ୟ ଉପକୂଳ ସୁରକ୍ଷା ପରିଚାଳନା କେନ୍ଦ୍ର, ତଟରକ୍ଷକ ଜିଲ୍ଲା ମୁଖ୍ୟାଳୟ -୭, ପାରାଦୀପ ରହିଥିଲା, ଯେଉଁଠାରେ ବିଭିନ୍ନ ଅଭ୍ୟାସ ପରିସ୍ଥିତିଗୁଡ଼ିକୁ ପରିଚାଳନା କରାଯାଇଥିଲା, ଯେପରି ଆତଙ୍କବାଦୀ ମାନେ ମାଛ ଧରିବା ଡଙ୍ଗାକୁ ଅପହୃତ କରିବା, ଅବୈଧ ପଦାର୍ଥ ଚୋରାଚାଲାଣ, ପଣ୍ୟବାହୀ ଜାହାଜକୁ ଅପହୃତ କରିବା, ବୋମା ବିସ୍ଫୋରଣ ଓ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଗୁଡ଼ିକରେ ଆକ୍ରମଣ କରିବା ଇତ୍ୟାଦି । ସମୁଦ୍ର ଓ ନଦୀରେ ଅଧିକାରୀକ ସୁରକ୍ଷାରେ ଭାରତୀୟ ତଟରକ୍ଷକ, ଭାରତୀୟ ନୌବାହିନୀ, ସାମୁଦ୍ରିକ ପୋଲିସ୍, ରାଜ୍ୟ ପୋଲିସ୍, ବନ୍ଦର ଅଧିକାରୀ, କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ, ମତ୍ସ୍ୟ ବିଭାଗ, ରାଜ୍ୟ ଗୁଇନ୍ଦା ବିଭାଗ ଏବଂ କଷ୍ଟମ୍ସ ବିଭାଗ ଆଦି ଅଂଶଗ୍ରହଣ କରିଥିଲେ। ଏହି ସୁରକ୍ଷା ଅଭ୍ୟାସରେ ଜିଲ୍ଲା ପୋଲିସ୍ ଏବଂ ବନ୍ୟ ବିଭାଗ ମଧ୍ୟ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷା ବଳର ଆଖି ଏବଂ କାନ ଭାବରେ ସକ୍ରିୟ କରାଯାଇଥିଲା। ମୁଖ୍ୟ ଅଭିଯାନ ମଧ୍ୟରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ, ତଟ ରକ୍ଷକ ଏବଂ ପୋଲିସ୍ କ୍ୟୁଆରଟି ବାହିନୀ ଦ୍ୱାରା ବିଶେଷ ଅଭିଯାନ ଏବଂ ଡ୍ରୋନ୍ ଅନୁସନ୍ଧାନ ଅନୁଷ୍ଠିତ ହୋଇଥିଲା। ଓଡିଶା ରାଜ୍ୟର ୪୮୦ କିମି ବନ୍ଦର ଅଞ୍ଚଳରେ ୩.୬ ଲକ୍ଷ ମତ୍ସ୍ୟଜୀବୀ ଏବଂ ୧୯,୦୦୦ ଟି ମାଛଧରା ବୋଟ୍ କାର୍ଯ୍ୟରତ ଅଛନ୍ତି । ପାରାଦୀପ, ଧାମରା, ଓ ଗୋପାଳପୁର ବନ୍ଦର ଏବଂ ଅନ୍ୟାନ୍ୟ ବନ୍ଦର ଏହି ଅଞ୍ଚଳର ମୁଖ୍ୟ ସାମୁଦ୍ରିକ ସଂସ୍ଥାନ ଅଟେ। ଏହି ସଂସ୍ଥାନଗୁଡ଼ିକ ଓଡ଼ିଶାର ପ୍ରମୁଖ ନଦୀ ମୁଖ ଓ ସାମୁଦ୍ରିକ ଉପକୂଳରେ ଅବସ୍ଥିତ ଥିବାରୁ ସୁରକ୍ଷା ବିଭାଗ ପାଇଁ ଏହାର ସୁରକ୍ଷା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏହି ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ସମନ୍ୱୟ ଜରୁରୀ ଅଟେ। ଏଥିପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଏକାଠି ହୋଇ ଏପରି ଅଭ୍ୟାସ ଆୟୋଜନ କରି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଥାନ୍ତି। ଅଭ୍ୟାସ ଦ୍ୱାରା ଉତ୍କୃଷ୍ଟ ପରିଚାଳନା ଉପରେ ଉଚ୍ଚସ୍ତରରେ ଆଲୋଚନା କରାଯାଇଥିଲା ଏବଂ ଏହା ଆଧାରରେ ତଟସୁରକ୍ଷା ପ୍ରଣାଳୀ, ଏବଂ ସମନ୍ୱୟ ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା।

### ଘରୋଇ ଜମିରେ ସୋଲାର ନଳକୂପ ବୋରିଂ

## କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ନାମରେ ମାମଲା ଆଗତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡା ଗ୍ରାମ ଜଳ ଯୋଗାଣ ପରିମଳ କନିଷ୍ଠ ଯନ୍ତ୍ରୀ ଓ ଦଳୀୟ ନେତାଙ୍କ ଦବଙ୍ଗଗିରି ଘରୋଇ ପ୍ଲଟ୍‌ରେ ସରକାରୀ ନଳକୂପ ବସାଇବାକୁ ନେଇ ବିବାଦ ଉଗ୍ର ରୂପ ଧାରଣ କରିଥିବା ବେଳେ ଏ ସଂପର୍କରେ ନିମାପଡ଼ା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ମାମଲା ଦାଖଲ ହୋଇଥିବା ବେଳେ ଏଥିରେ ବିଭାଗୀୟ ଅଧିକାରୀଙ୍କୁ ପକ୍ଷ କରାଯାଇଥିବା ବେଳେ ଠିକାଦାରଙ୍କୁ ମଧ୍ୟ ପକ୍ଷ କରାଯାଇଛି । କେଉଁ ଭାବରେ ସରକାରୀ ପ୍ଲଟ୍‌ରେ ନଳକୂପ ନ ବସାଇ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ପ୍ଲଟ୍‌ରେ ନଳକୂପ ବସାଉଛନ୍ତି ତାହା ଏବେ ଆଲୋଚନାର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ଗଡ଼ତୋରିହିଁ ଗ୍ରାମ ରଘୁନାଥ ଦାଶଙ୍କ ପ୍ଲଟ୍ ନଂ-୧୨୯୫, ଖାତା ନଂ-୫୮ ଟୋଟାଲ୍ ଏ୦.୫୪ ଡ଼ିସିମିଲି, ପ୍ଲଟ୍ ନଂ-୧୨୯୦, ଖାତା ନଂ-୪୬୪, ଏ୦.୩୭ ଡ଼ିସିମିଲି ଜାଗା ଉପରେ ନଳକୂପ ବସାଇବା ସଂପର୍କରେ କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ବିରୁଦ୍ଧରେ ରଘୁନାଥ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ ପୋଲିସ ଉଭୟ ପକ୍ଷଙ୍କୁ ଡ଼ାକି ସମାଧାନ ପାଇଁ ଉଦ୍ୟମ କରିଥିବା ବେଳେ ଏହି କଥାକୁ ପଂଚାୟତରେ ଫଏସଲା ହୋଇ ନପାରିବାରୁ ରଘୁନାଥ ଏ ସଂପର୍କରେ ନିମାପଡ଼ା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ଭାରତୀୟ ନ୍ୟାୟ ସଂହିତା ୧୬୩ ଧାରା ମତେ ମାମଲା ଆଗତ କରିଥିବା ବେଳେ ନିମାପଡ଼ା ଥାନାଧିକାରୀଙ୍କୁ ତୁରନ୍ତ ନୋଟିସ୍ ଜାରି ପାଇଁ ନିର୍ଦ୍ଦେଶ ରହିଛି । ମାତ୍ର ୧୯.୦୩.୨୦୨୫ରେ ନୋଟିସ୍ ଜାରି କରିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ନଥିବାରୁ ଭାରତୀୟ ନ୍ୟାୟ ସଂହିତା ଧାରା ୧୬୩ ଜରୁରୀକାଳୀନ କାର୍ଯ୍ୟକୁ କ'ଣ ପାଇଁ ବିଳମ୍ବ କରାଯାଉଛି ତାହା ସାଧାରଣରେ ଚିନ୍ତା ପ୍ରକଟ କରିଛି । ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପିଙ୍କି ମହାନ୍ତି, ଠିକାଦାର ରବିନ୍ଦ୍ର ନାୟକଙ୍କୁ ମଧ୍ୟ ପକ୍ଷଭୁକ୍ତ କରାଯିବା ପାଇଁ ନୋଟିସ୍ ଜାରି କରାଯାଇଛି । ଏହି ଘଟଣା ଏବେ ପଂଚାୟତରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିବା ବେଳେ କେଉଁ ବ୍ୟକ୍ତି ନଳକୂପ (ସୋଲାର ବୋରିଂ) ବସାଇବା ପାଇଁ ଜାଗା ଚିହ୍ନଟ କଲେ ତାହା ତଦନ୍ତ ପରିସରଭୁକ୍ତ ବୋଲି ଦାବୀ ହୋଇଛି । ଡ଼ିମାର୍କେସନ୍ ପାଇଁ ପୂର୍ବରୁ ମାନ୍ୟବର ଅତିରିକ୍ତ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଥାନାକୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆସିଥିବା ବେଳେ ଏ ସଂପର୍କରେ ରଘୁନାଥ ତହସିଲଦାରଙ୍କୁ ଡ଼ିମାର୍କେସନ୍ ପାଇଁ ଅଭିଯୋଗ କରିଥିଲେ । ମାପ ଚିହ୍ନଟ ନମ୍ବର ୭୦/୪୫, ୦୩.୦୬.୨୦୨୪ରେ ଡ଼ିମାର୍କେସନ୍ ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ରଘୁନାଥଙ୍କ ମାଆ କୁଳତା ଦାଶ ବାରମ୍ବାର ତହସିଲ କାର୍ଯ୍ୟାଳୟ ଓ ଥାନାକୁ ଦୌଡ଼ି ନିରାଶ ହୋଇଛନ୍ତି ମାତ୍ର ମାପ ଚିହ୍ନଟ କରାଯାଇ ପାରି ନାହିଁ। ପୂର୍ବରୁ ଏ ସଂପର୍କରେ ୫୦ ଜଣଙ୍କ ନାମରେ ଅଭିଯୋଗ ରହିଥିଲା । ପଂଚାୟତର କୁଜି ନେତା ମାମଲାକୁ ଜଟିଳ କରିବା ସହ ବ୍ରାହ୍ମଣ ପରିବାରକୁ ବାରମ୍ବାର ଧମକ ପ୍ରଦାନ କରୁଛନ୍ତି । ଏ ସଂପର୍କରେ ପୋଲିସ ପୋର୍ଟାଲରେ ରଘୁନାଥ ଦାଶଙ୍କ ବିଧବା ମାଆ କୁଳତା ଦାଶ ଆବେଦନ କରି ନ୍ୟାୟ ଭିକ୍ଷା କରିଛନ୍ତି । ତୁରନ୍ତ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ପାଇଁ ବିଧବା ମହିଳା ଓ ତାଙ୍କ ପୁଅ ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ଉଚ୍ଚ ନ୍ୟାୟାଳୟରେ ମାମଲା ଆଗତ କରାଯିବା ପାଇଁ ମଧ୍ୟ ରଘୁନାଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ପୋଖରୀରେ ବୁଡ଼ି ଷଷ୍ଠ ଶ୍ରେଣୀ ଛାତ୍ରୀର ମୃତ୍ୟୁ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡା ପୋଖରୀ ପାଣିରେ ଗାଧେଇବା ଷଷ୍ଠ ଶ୍ରେଣୀର ଛାତ୍ରୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଗାଧୋଉଥିବା ବେଳେ ପୋଖରୀରେ ଗୋଡ଼ ଖସି ଛାତ୍ରୀଙ୍କର ମୃତ୍ୟୁ ଘଟିଛି । ଚାରିଛକ ଥାନା ପୋଲିସ ଘଟଣା ସ୍ଥଳରେ ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି । ଏହି ଘଟଣା ଗ୍ରାମରେ ଏକ ଦୁଃଖଦ ପରିବେଶ ସୃଷ୍ଟି କରିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଚାରିଛକ ଥାନା ଓରପଟ ଗ୍ରାମର ଷଷ୍ଠ ଶ୍ରେଣୀର ଛାତ୍ରୀ ବୈଶାଖୀ (୧୧) ପୋଖରୀରେ ସାଂଗମାନଙ୍କ ସହ ମଧ୍ୟାହ୍ନ ସମୟରେ ଗାଧୋଉ ଥିବା ବେଳେ ଗୋଡ଼ ଖସି ଯିବାରୁ ଗାଡ଼ିଆ ମଝିକୁ ଚାଲି ଯାଇଥିଲେ । ସେଠାରେ ବୁଡ଼ି ଯାଉଥିବା ବେଳେ ସାଙ୍ଗମାନେ ଡ଼ାକ ପକାଇବାରୁ ଲୋକମାନେ ପୋଖରୀ ପାଣିରୁ ଖୋଜାଖୋଜି କରି ବୈଶାଖୀକୁ ଉଦ୍ଧାର କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡ଼ାକ୍ତର ମୃତ୍ୟୁ ଘୋଷଣା କରି ଏ ସଂପର୍କରେ ଚାରିଛକ ଥାନାକୁ ଖବର ଦେଇଥିଲେ । ଚାରିଛକ ଥାନା ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ଶବକୁ ଜବତ କରିଥିବା ଜଣାପଡ଼ିଛି ।

## ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୋଲସାହି ଗ୍ରାମର ଜଣେ ନାବାଳିକାକୁ ସେହି ଗ୍ରାମର ଜଣେ ବରଫକଳ ମାଲିକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ପୁଲିସ ୧୧୩/୨୫ ମକଦମା ରୁଜୁ କରି ଅଭିଯୁକ୍ତ ବରଫ କଳ ମାଲିକ ଶିବ ବେହେରା (୫୦)କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଅଭିଯୋଗରୁ ପ୍ରକାଶ ଯେ, ଦୋଲସାହି ଗ୍ରାମରେ ଥିବା ଏକ ବରଫକଳରୁ ଗ୍ରାମର ଜଣେ ନାବାଳିକା ଆଇସ୍କ୍ରିମ ନେବାକୁ ଆସିଥିଲେ । ବରଫକଳରେ କେହି ନଥିବାର ସୁଯୋଗ ନେଇ ମାଲିକ ଶିବ ନାବାଳିକାକୁ ଅସଦାଚରଣ କରିଥିଲା । ନାବାଳିକା ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ପରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ ।

## ବିଦେଶୀଙ୍କୁ ବେଆଇନ ସିମ୍ ବିକ୍ରି କରି ୨ କୋର୍ଟଚାଲାଣ



ଛତ୍ରପୁର(ଭାସ୍କର ନ୍ୟୁଜ): ଗଞ୍ଜାମରୁ ବିଦେଶ ସିମକାର୍ଡ ଲିଙ୍କ ମାମଲାରେ ଦୁଇଜଣଙ୍କୁ ଗିରଫ କରିଛି ଆର୍ଯ୍ୟପଲ୍ଲୀ ଥାନା ପୋଲିସ। ଏମାନଙ୍କ ଠାରୁ ୭୦ଟି ସିମ ସହ ୨୨ ଡ଼ଲାର ବିଦେଶୀ ଟଙ୍କା ଜବତ ହୋଇଛି। ନିଜ ବନ୍ଧୁ ବାନ୍ଧବଙ୍କ ନାଁରେ ସିମକାର୍ଡ କରି ଜାହାଜରେ ଆସୁଥିବା ବିଦେଶୀଙ୍କୁ ବିକ୍ରି କରୁଥିଲେ ଗଞ୍ଜାମ ଆର୍ଯ୍ୟପଲ୍ଲୀ କତୁରୁ ଅଞ୍ଚଳର ଦୁଇଜଣ ଯୁବକ । ଗିରଫ ଦୁଇଜଣ ହେଲେ କତୁରୁ ଗ୍ରାମର ଜି ସାମ୍ବା, ଏମ କାମେୟା। ଜି ସାମ୍ବା ଗୋପାଳପୁର ପୋର୍ଟରେ ଫୋର ମେନ ଭାବେ କାର୍ଯ୍ୟ କରୁଥିବା ବେଳେ ଜାହାଜରେ ଆସୁଥିବା ବିଦେଶୀ ମାନଙ୍କୁ ୨ହଜାରରୁ ୩ହଜାର ଟଙ୍କାରେ ବିକ୍ରି କରୁଥିଲେ ସିମକାର୍ଡ। ଦୀର୍ଘ ଦିନ ଧରି ଏହିଭଳି ଭାବେ ବେଆଇନ ଭାବେ ସିମ କାର୍ଡ ବିକ୍ରି କରୁଥିବା ବେଳେ ଖବର ପାଇ ଆର୍ଯ୍ୟପଲ୍ଲୀ ଥାନା ପୋଲିସ ୟୁଏଇରୁ ଆସିଥିବା ଏକ ଜାହାଜରେ ସିମ ବିକ୍ରି ହେଉଥିଲା ବେଳେ ଜି ସାମ୍ବାଙ୍କୁ ଉଠାଇ ନେଇଥିଲା । ଅଧିକ ପଚରା ଉଚୁରା କରିବା ପରେ ଏମ କାମେୟା ଠାରୁ ସିମ କାର୍ଡ ଆଣି ବିକ୍ରି କରିଥିବା ସୂଚନା ଦେଇଥିଲା । ଏହାପରେ ପୋଲିସ ଦୁଇଜଣଙ୍କୁ ଗିରଫ କରିଥିଲା । ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଆର୍ଯ୍ୟପଲ୍ଲୀ ଥାନା ପୋଲିସ । ଘଟଣାରେ ଅନ୍ୟ କେଉଁ ମାନେ ସମ୍ପୃକ୍ତ ଅଛନ୍ତି ଏହି ଲିଙ୍କ କେଉଁ ପର୍ଯ୍ୟନ୍ତ ବ୍ୟାପିଛି ତାହାର ଅଧିକ ତଦନ୍ତ କରାଯାଉଥିବା ସୂଚନା ଦେଇଛନ୍ତି ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼େଇ।

## ଚୌଦ୍ୱାର ମହାବିଦ୍ୟାଳୟରେ ମତ-ମନ୍ତବ୍ୟ କାର୍ଯ୍ୟକ୍ରମ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଗତ ୨୦୦୮ରୁ ୨୦୧୮ ମଧ୍ୟରେ ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ନିଯୁକ୍ତ ଅଧାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସରକାରଙ୍କୁ ନିବେଦନ କରିବା ଲକ୍ଷ୍ୟରେ ଚୌଦ୍ୱାର ମହାବିଦ୍ୟାଳୟରେ ମତ-ମନ୍ତବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ବିଶ୍ୱରଞ୍ଜନ ଦାସ ଓ ଖଣ୍ଡ ସଂଯୋଜକ ସସ୍ମିତା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଚୌଦ୍ୱାର କଲେଜ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧାପକ, ଅଧାପିକା ଓ କର୍ମଚାରୀ, ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ.ପ୍ରଫୁଲ୍ଲ କୁମାର ସାହୁ ଓ ରସାୟନ ବିଜ୍ଞାନ ଅଧାପିକା ଡ. ମମତା ସାହୁଙ୍କୁ ଭେଟି ଏ ସଂକ୍ରାନ୍ତରେ ସେମାନଙ୍କ ମତାମତ ସଂଗ୍ରହ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାର ବିଭିନ୍ନ କଲେଜରେ କାର୍ଯ୍ୟରତ ୫ହଜାରରୁ ଉର୍ଦ୍ଧ ଅଧାପକ, ଅଧାପିକା ଓ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଗତି କରୁଛି ବୋଲି ଉଭୟ ଅଧାପକ ମତବ୍ୟକ୍ତ କରିବା ସହିତ ସେମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ନୂତନ ଅନୁଦାନ ନୀତି ପ୍ରଣୟନ କରି ଏମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବାପାଇଁ ନିବେଦନ କରିଥିଲେ । କର୍ମଚାରୀ ପରେଶ କୁମାର ବେଉରା, ଲୋହରୀ ଲୋପାମୁଦ୍ରା ରାଉତରାୟ, ଅଶୋକ କୁମାର ଦାସ, ଶ୍ରୀକାନ୍ତ ନାୟକ, ସୂର୍ଯ୍ୟକାନ୍ତ ସାହୁ, ରଶ୍ମିରଞ୍ଜନ ମଙ୍ଗରାଜ ଓ ପ୍ରଭାଷିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଅର୍ଥଲଗାଣକାରୀ ସଂସ୍ଥା କର୍ମଚାରୀଙ୍କ ଗୁଣ୍ଡାଗିରି : ରାସ୍ତାମଝିରୁ ଛଡାଇ ନେଉଛନ୍ତି ଗାଡି

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥା ଲୋକଙ୍କୁ ବାଇକିଠାରୁ ଆରମ୍ଭ କରି ବଡ଼ ବଡ଼ ଗାଡି ଲୋଭନୀୟ ଅଫର ଦେଖାଇ ଫାଇନାନ୍ସରେ ଯାଚିକି ଦେଉଛନ୍ତି । ମାତ୍ର ଯଦି କୌଣସି କାରଣରୁ ଜଣେ କିସ୍ତି ଦେବାରେ ବିଫଳ ହୁଏ ତେବେ ସମ୍ପୃକ୍ତ କମ୍ପାନୀ ଏଜେଣ୍ଟ ପଠାଇ ସେମାନଙ୍କଠାରୁ କିସ୍ତି ଟଙ୍କା ଆଣିଥାନ୍ତି । ଅପରପକ୍ଷରେ କୌଣସି କିସ୍ତି ଖିଲାପକାରୀଙ୍କ ଗାଡି ଛଡ଼ାଇ ପାରିବେ ନାହିଁ ବୋଲି ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ହେଉ ଅବା ଅସ୍ତରଙ୍ଗରୁ କାକଟପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଠିଆ ହୋଇ କିଛି ମାସ ହେବ ଅର୍ଥଲଗାଣକାରୀ ସଂସ୍ଥାର ଏଜେଣ୍ଟ କିସ୍ତି ପୈଠ କରିବାରେ ବିଫଳ ହୋଇଥିବା ବ୍ୟକ୍ତିଙ୍କୁ ରାସ୍ତାରେ ଅଟକାଇ ଗାଡି ଛଡ଼ାଇ ନେଉଥିବା ଅନେକ ଅଭିଯୋଗ ଥାନାକୁ ଆସିଛି । ଶୁକ୍ରବାର ଦିନ ମଧ୍ୟାହ୍ନ ସମୟରେ କୁହୁଡି ଛକ ନିକଟରେ ଅର୍ଥଲଗାଣକାରୀ ସଂସ୍ଥା କିଛି ଯୁବକ ଶୂନଶାନ ରାସ୍ତାରେ ଜଣେ ବ୍ୟକ୍ତି ର ଗାଡି ଜୋରଜବରଦସ୍ତି ନେବାକୁ ପ୍ରୟାସ କରୁଥିବା ବେଳେ ପାଟିତୁଣ୍ଡ ପରେ ଅର୍ଥଲଗାଣକାରୀ ଶସ୍ତା ଯୁବକ ଗାଡି ନେଇନଥିଲେ । ଏପରିକି ପରିବାର ସହ ଯାଉଥିବା ଗାଡିକୁ ମଧ୍ୟ ଛଡାଇବାକୁ ପଛାଉନାହାନ୍ତି । ନିଜକୁ ଫାଇନାନ୍ସ ଏଜେଣ୍ଟ କହି ଗାଡି ଗୁଡ଼ିକୁ ନେଇ ଆଖପାଖରେ ଥିବା କମ୍ପାନୀ ୟାର୍ଡରେ ରଖୁଛନ୍ତି । ଏହାଦ୍ୱାରା କିସ୍ତିରେ ଆଣିଥିବା ଗାଡି ମାଲିକ ମାନେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି । ସେମାନଙ୍କ ଗାଡିକୁ ସର୍ବସାଧାରଣ ସ୍ଥାନରେ ଛଡାଇବା ସହ ଅପମାନିତ କରିବାକୁ ପଛାଉ ନାହାନ୍ତି । ଏହାକୁ ନେଇ ଅନେକ ସମୟରେ ଆଇନି ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିଲେ ମଧ୍ୟ ପୁଲିସ ସବୁ ଦେଖି ଚୁପ ରହୁଛି । ପୁଲିସ କୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏ ବିଷୟରେ ନିମାପଡ଼ା ଏସଡିପିଓ ଙ୍କୁ ପଚାରିବାରୁ କହିଛନ୍ତି ଏପରି କୌଣସି ଅଭିଯୋଗ ଆସିନାହିଁ, ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ଖବର ପ୍ରସାରଣ ପରେ ତୁଳସୀ ଅଞ୍ଚଳ ପରିଦର୍ଶନ କଲେ ଜିଲ୍ଲା ପରିଷଦ ସଭ୍ୟା



ମାଲକାନାଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଟେମୁରୁପାଲି ପଞ୍ଚାୟତର କେରମେଟି ଓ କର୍ତନପାଲି ପଞ୍ଚାୟତ ଖଚୁଆପଦର୍ ଓ ଗୁଗାପଦର୍ ଗ୍ରାମରେ ଦିର୍ଘଦିନ ହେବ ବିଦ୍ୟାଳୟ ସ୍ଥାପନ ହୋଇଛି, କିନ୍ତୁ ଦୁଃଖର ବିଷୟ ସ୍ୱାଧୀନତାର ଆଠ ଦଶନ୍ଧି ବିତି ଯାଇଥିଲେ ମଧ୍ୟ ଆଜିବି ପକ୍କା ବିଦ୍ୟାଳୟ ଗୃହଟିଏ ତିଆରି ହୋଇପାରିଲା ନାହିଁ । ବିଭିନ୍ନ ଖବରକାଗଜରେ ପ୍ରସାରଣ ହେବା ପରେ ମାଥିଲି ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ କେରମେଟୀ, ଗୁଗାପଦର, ଖଚୁଆପଦର୍ ଗସ୍ତ କରି ବେସରକାରୀ ଘରେ ଚାଲିଥିବା ବିଦ୍ୟାଳୟକୁ ଯାଇ ପିଲା ମାନଙ୍କ ସମସ୍ୟା ବୁଝିବା ସହ ତାପ ମାତ୍ରାର ପ୍ରକୋପ ଯୋଗୁଁ ପିଲାଙ୍କ ପାଠ ପଢ଼ାର ଅବ୍ୟବସ୍ଥା ଦେଖି ଦୁଃଖ ପ୍ରକାଶ କରିଥିଲେ ଏବଂ ଅଞ୍ଚଳବାସୀଙ୍କ ସହ ତୁରନ୍ତ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହିତ କଥା ହୋଇ କିଭଳି ନୂତନ ସ୍କୁଲ କୋଠାର ବ୍ୟବସ୍ଥା କରାଇବା ପ୍ରତିଶ୍ରୁତି ଦେଇଥିଲେ । ସେଠାକାର ଗ୍ରାମବାସୀ ଲକ୍ଷ୍ମୀପ୍ରିୟା ଶିକ୍ଷା ବ୍ୟବସ୍ଥା ଛଡ଼ା ପାନୀୟ ଜଳ ସଙ୍କଟ ଏବଂ ନିଜ ଗ୍ରାମ ଠାରୁ ପଞ୍ଚାୟତ ଦୂରତା ହେଉଥିବାରୁ ସରକାରଙ୍କ ତରଫରୁ ମିଳୁଥିବା ପଞ୍ଚାୟତ ଚାଉଳ କିଭଳି ଭାବରେ ଗାଁ ରେ ଯୋଗାଇଦିଆଯିବା ନେଇ ଅନୁରୋଧ କରିଥିଲେ । ଲକ୍ଷ୍ମୀପ୍ରିୟା ତୁରନ୍ତ ସ୍ଥାନୀୟ ସରପଂଚ ତୁମେଶ୍ୱର୍ ସମରଥ ଓ ଗୁର ନାୟକଙ୍କ ସହ ଆଲୋଚନା କରିଥିଲେ ।

### ସୋରଡ଼ା ତହସିଲରେ ଖଣି ବିଭାଗ ଅଧିକାରୀଙ୍କ ଦେଖା ନାହିଁ

## ଦିବାଲୋକରେ ବାଲି, ପଥର, ମେଟାଲ ଓ ମୋରମ ଚୋରି

ସୋରଡା(ଭାସ୍କର ନ୍ୟୁଜ): ସୋରଡ଼ା ସହର ସମେତ ପ୍ରାୟତଃ ସମସ୍ତ ରେଭେନ୍ୟୁ ସର୍କଲ ଅଞ୍ଚଳ ଗାଜଲ ବାଡ଼ି, ଅସୁରବନ୍ଧ, ଲାଠିପଡ଼ା, ସୋରଡ଼ା, ସରାବାଡ଼ି, ବଡ଼ଗଡ, ବୋରଦା, ଏକଲପୁର, ନୋକମାରି ଓ ଅନ୍ୟାନ୍ୟ ଗ୍ରାମାଞ୍ଚଳ ମାନଙ୍କର ଅବସ୍ଥିତ ରାଜସ୍ୱ ବିଭାଗର ସରକାରୀ ପଥର ପାହାଡ଼ରୁ ପଥର, ବିଭିନ୍ନ ନଦୀ ରଷିକୂଲ୍ୟା, ପଦ୍ମା, ଜରଡ, ବାଂଥୁଲିରୁ ବାଲି ଅବାଧରେ ଚୋରା ଚାଲାଣ ହେଉଥିବା ବେଳେ ଖଣିଜ ପଦାର୍ଥ ଲୁଟି ଚାଲିଥିବାରୁ ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜସ୍ୱ ବିଭାଗ ପକ୍ଷରୁ କରାଯାଉଥିବା ବେଳେ ନାମକୁ ମାତ୍ର ଖଣି ବିଭାଗ ଅଧିକାରୀ ଆସି ଅଞ୍ଚଳ ପରିଦର୍ଶନ କରି ପଳାଇ ଯାଉଥିବାର ଦେଖାଦେଇଛି । ରାଜସ୍ୱ ବିଭାଗ ପ୍ରାୟ ସମସ୍ତ ଅଞ୍ଚଳର ରେଭେନ୍ୟୁ ଇନ୍ସପେକ୍ଟର ମାନେ ପରିଦର୍ଶନ କରି କାମ ତୁଲାଉଥିବା ବେଳେ ପ୍ରାୟ ସମସ୍ତ ଧରପଗଡ କାମ ତହସିଲଦାର, ଅତିରିକ୍ତ ତହସିଲଦାର ମାନେ ବୁଝୁଥିବା ବେଳେ ଖଣି ବିଭାଗ ଅଧିକାରୀ ମାନେ ନାମକୁ ମାତ୍ର ବ୍ରହ୍ମପୁରରେ ରହି କରଜ ପତ୍ରରେ କ୍ଷେତ୍ର ପରିଦର୍ଶନ ଦେଖାଇ ଶାନ୍ତିରେ ଘରେ ବସି କାର୍ଯ୍ୟରେ ଦେଖାଉଥିବା କେତେଦୂର ଏହାର ସତ୍ୟତା ଅଛି । ଏହାର ଅଚାନକ ତଦନ୍ତ କଲେ ଖଣିଜ ବିଭାଗ ଓ ରାଜ୍ୟସ୍ୱ ଭିଭାଗ କର୍ମଚାରୀମାନଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକା ପଦାକୁ ଆସିପାରିବ ବୋଲି ଅଞ୍ଚଳରେ ଜନସାଧାରଣଙ୍କ ପକ୍ଷରୁ ଦୃଢ ଦାବି ହେଉଛି ।

## ରାଜନଗର ଭିତରକନିକା ଜାତୀୟ ଅଭୟାରଣ୍ୟରେ ବିଶ୍ୱ ବନ ଦିବସ ପାଳିତ



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧୀନସ୍ଥ ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ଏସିଏଫ ମାନସ ରଞ୍ଜନ ଦାସଙ୍କ ସଂଯୋଜନାରେ ବିଶ୍ୱ ବନ ଦିବସ୨୦୨୫ ପାଳନ ହେବା ସହ ସ୍କୁଲ ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବ ପ୍ରଦ୍ୱୀପ ପ୍ରଜ୍ୱଳନ କରିବା ସହ ବିଶ୍ୱ ବନ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ତାଙ୍କ ଭାଷଣରେ କହିଥିଲେ ଜଙ୍ଗଲ ସମଗ୍ର ବିଶ୍ୱ ପାଇଁ ପ୍ରକୃତିର ବରଦାନ। ପରିବେଶର ପ୍ରଦୂଷଣକୁ କମ୍ କରିବା ସଙ୍ଗେ ଜଙ୍ଗଲ ବାୟୁମଣ୍ଡଳରେ ଅମ୍ଳଜାନ ସ୍ତରକୁ ବଜାଇ ରଖେ। ଜଙ୍ଗଲର ପୁନରୁଦ୍ଧାର, ଜୈବ ବିବିଧତା ଓ ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି ଏବଂ ଜଙ୍ଗଲ ଆଖପାଖରେ ବସବାସ କରୁଥିବା ଅଧିବାସୀ ମାନଙ୍କର ଜୀବନ ଜୀବିକାର ଉନ୍ନତିକୁ ସୁଯୋଗ ଦେଉଛି। ସମ୍ମାନୀତ ଅତିଥି ଭାବେ ସୁଶ୍ରୀ ପୁନମ୍ ହୀରା ହାଁସଦା ( ସହକାରୀ ବନ ସଂରକ୍ଷକ), ଗଗନ ବିହାରୀ ମଲ୍ଲିକ( ସହକାରୀ ବନ ସଂରକ୍ଷକ), ଚିତ୍ତରଞ୍ଜନ ବେଉରା (ବନାଞ୍ଚଳ ଅଧିକାରୀ, ରାଜନଗର) ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ମହାକାଳପଡ଼ା ରେଞ୍ଜ୍ ଷ୍ଟାଫ୍, ରାଜନଗର ରେଞ୍ଜ ଷ୍ଟାଫ୍, ଗହୀରମଥା ରେଞ୍ଜ ଷ୍ଟାଫ୍, କୁଜଙ୍ଗ ରେଞ୍ଜ ଷ୍ଟାଫ୍ ଓ କନିକା ରେଞ୍ଜର ସମସ୍ତ ଷ୍ଟାଫ୍ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଏହି ବିଶ୍ୱ ବନ ଦିବସ ଅବସରରେ ଆୟୋଜିତ ହୋଇଥିବା ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଜୟଲାଭ କରିଥିବା ପିଲାମାନଙ୍କୁ ବନଖଣ୍ଡ ଅଧିକାରୀ ଶ୍ରୀ ଯାଦବ ଟ୍ରଫି ସହିତ ମାନପତ୍ର ପ୍ରଦାନ କରିଥିଲେ ।

## ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପାରାଦୀପ ପୌରପାଳିକା ପକ୍ଷରୁ ଜଳସେବା କେନ୍ଦ୍ର ଉଦ୍‌ଘାଟିତ



ପାରାଦୀପ(ଭାସ୍କର ନ୍ୟୁଜ): ପ୍ରତିବର୍ଷ ପରି ଚଳିତବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାରାଦୀପ ପୌରାଞ୍ଚଳର ବିଭିନ୍ନ ୱାର୍ଡ ଅନ୍ତର୍ଗତ ମୁଖ୍ୟ ଛକ ମାନଙ୍କରେ ପଥଚାରିଙ୍କ ତୃଷା ନିବାରଣ ପାଇଁ ପୌରପାଳିକା ପକ୍ଷରୁ ଜଳ ସେବା କେନ୍ଦ୍ର ଖୋଲାଯାଉଛି । ଏହି ପରିପ୍ରେକ୍ଷୀରେ ୧୫ ନମ୍ବର ୱାର୍ଡ ଅନ୍ତର୍ଗତ ବଡ଼ପଡ଼ିଆ ଥାନା ଛକ ନିକଟସ୍ଥ ଟ୍ୟାକ୍ସି ଷ୍ଟାଣ୍ଡ ଛକଠାରେ ଶୁକ୍ରବାର ଦିନ ଏକ ଜଳସେବା କେନ୍ଦ୍ରକୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ୧୫ ନମ୍ବର ୱାର୍ଡର ପାରିଷଦ ସୌଦାମିନୀ ସାହୁ, ଅତିରିକ୍ତ ନିର୍ବାହୀ ଅଧିକାରିଣୀ ସ୍ମୃତି ସ୍ୱାଇଁ, ବଣିକ ସଙ୍ଘ କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, ବରିଷ୍ଠ ପାରିଷଦ ଜଗନ୍ନାଥ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ୨ ନମ୍ବର ୱାର୍ଡ ଅନ୍ତର୍ଗତ ଅଠରବାଙ୍କୀ ବିଜୁ ପଟନାୟକ ପ୍ରତିମୂର୍ତି ନିକଟସ୍ଥ ଛକଠାରେ ଜଳସେବା କେନ୍ଦ୍ରକୁ ପୌରାଧ୍ୟକ୍ଷ ଉଦଘାଟନ କରିଥିଲେ । ଜଳକଷ୍ଟ ନିବାରଣ ପାଇଁ ସମସ୍ତ ୧୯ଟି ୱାର୍ଡର ବିଭିନ୍ନ ମୁଖ୍ୟ ଯାତାୟତ ପଥ ଛକମାନଙ୍କରେ ଏହିପରି ଜଳସେବା କେନ୍ଦ୍ର ସ୍ଥାପନ କରାଯିବ ବୋଲି ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ବକେୟା ଅର୍ଥ ଦାବିରେ ୨ ଯୋଗାଣକାରୀ କ୍ଷୁଦ୍ର ଜାହାଜ ଗିରଫ

ପାରାଦୀପ(ଭାସ୍କର ନ୍ୟୁଜ): ଚୁକ୍ତି ଉଲ୍ଲଘଂନ ଓ ବ୍ୟବସାୟିକ ବିବାଦକୁ ନେଇ ଆଲଫାର୍ଡ ମେରିଟାଇମ ଲିମିଟେଡ୍ ନାମକ କମ୍ପାନୀ ପକ୍ଷରୁ ଦୁଇଟି ଯୋଗାଣକାରୀ କ୍ଷୁଦ୍ର ଜାହାଜ ବିରୋଧରେ ହାଇକୋର୍ଟରେ ଦାୟର ଏକ ମାମଲାର ବିଚାର କରି ଏହି ଦୁଇ ଜାହାଜ ଓସିନ ଜାଡେ ଓ ଓସିନ ମୋର୍ଗନାଇଟକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ନିର୍ଦ୍ଦେଶ ପରେ କୁଜଙ୍ଗ କୋର୍ଟ ମାଜିଷ୍ଟ୍ରେଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ମଧ୍ୟାହ୍ନରେ ପାରାଦୀପ ଆଦର୍ଶ ଥାନା ପୋଲିସ ସହାୟତାରେ ଏହି ଦୁଇଟି



ଜାହାଜରେ ନୋଟିସ ମରାଯାଇ ଗିରଫ କରାଯାଇଥିଲା । ଏହି ଦୁଇଟି ଜାହାଜରୁ ୪୨୮ କୋଟି ଟଙ୍କା ଦାବିରେ ଏହି ମାମଲା ରୁଜୁ କରାଯାଇଥିଲା । ତେବେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ଦୁଇ ଜାହାଜ ପାରାଦୀପ ବନ୍ଦର ପୋତାଶ୍ରୟରେ ବନ୍ଧାହୋଇ ରହିବେ ବୋଲି ଜଣାପଡିଛି । ଏହି ଛୋଟ ଜାହାଜ ବନ୍ଦରରେ ସମୁଦ୍ର କୂଳରୁ ଆଙ୍କରେଜରେ ରହୁଥିବା ଜାହାଜମାନଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାଇଥାଏ । ସୂଚନାଥାଉ କି ଗତବର୍ଷ ଅଗଷ୍ଟ ମାସରେ ଏହିପରି ଏକ ଘଟଣା କ୍ରମରେ ଓଡିଶା ହାଇକୋର୍ଟରେ ଜର୍ମାନର ଏକ କମ୍ପାନୀ ୩.୯୬ କୋଟି ଟଙ୍କା ପ୍ରାପ୍ୟ ଖିଲାପ ଅଭିଯୋଗର ଏକ ମାମଲାରେ ଇଜିପ୍ଟର ଏକ ଜାହାଜକୁ ୨୦୨୪ ମସିହା ଅଗଷ୍ଟ ୧୪ ତାରିଖରେ ଗିରଫ କରାଯାଇଥିଲା ।

## ଜଗବନ୍ଧୁ ହାଇସ୍କୁଲରେ ଅନ୍ତର୍ଜାତୀୟ ବନ ଦିବସ ପାଳିତ




ବାରିପଦା(ଭାସ୍କର ନ୍ୟୁଜ): ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ାରେ ୟୁଥ୍ ଏଣ୍ଡ୍ ଇକୋ କ୍ଲବ୍ ତରଫରୁ ଅନ୍ତର୍ଜାତୀୟ ବନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ବନ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନଶିକ୍ଷକ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଦୀପକ ରାମ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଶିକ୍ଷକ ପ୍ରାର୍ଥସାରଥୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିକା ଗିରି, ରେଖାରାଣୀ ମହାକୁଡ଼, ଅଲିଭା ଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି, ଅଫିସ ସହାୟକ ପଦ୍ମାବତୀ ମହାନ୍ତ ସହଯୋଗ କରିଥିଲେ ।

## ଓଡ଼ିଶାରେ ପ୍ରଥମ: ମଣିପାଲ ହସ୍ପିଟାଲରେ ୧୪ ଦିନ ଶିଶୁର ହେଲା ସଫଳ ବ୍ରେନ୍ ସର୍ଜରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୧୪ ଦିନ ପରେ ପୁଣିଥରେ ପୁର୍ନଜୀବନ ପାଇଲା ଏକ ନବଜାତ ଶିଶୁ । ଏକ ଦୁର୍ଲଭ ଏବଂ ଜଟିଳ ବ୍ରେନ୍ ରୋଗ ଅନ୍ତର୍କ୍ରାନିଆଲ ହେମାଟୋମାରେ ପୀଡ଼ିତ ଥିବା ନବଜାତ ଶିଶୁ ଜୀବନ ରକ୍ଷା କରିବା ପାଇଁ ଜନ୍ମ ହେବାର ମାତ୍ର ୧୪ ଦିନ ପରେ କରାଯାଇଥିଲା ବ୍ରେନ ଅପରେସନ୍ । ଯାହାକି ଓଡ଼ିଶାରେ ପ୍ରଥମ ଘଟଣା ବୋଲି ମଣିପାଲ ହସ୍ପିଟାଲର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ବର୍ତ୍ତମାନ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ଅନ୍ୟ ପିଲାଙ୍କ ଭଳି ଏକ ସାଧାରଣ ଜୀବନ ଅତିବାହିତ କରୁଛି । ରାଉରକେଲାରେ ଜନ୍ମ ହୋଇଥିବା ଏହି ଶିଶୁ ଗୋଟିଏ ଗଭୀର ମସ୍ତିଷ୍କ ସମସ୍ୟାର ଲକ୍ଷଣ ଦେଖାଇଥିଲା । ଚିନ୍ତିତ ମାତାପିତା ଶିଶୁଟିକୁ ମଣିପାଲ ହସ୍ପିଟାଲ୍, ଭୁବନେଶ୍ୱରକୁ ଆଣିଥିଲେ, ଯେଉଁଠି ବରିଷ୍ଠ ନ୍ୟୁରୋସର୍ଜନ ଡାକ୍ତର ସୁନିଲ କୁମାର ପାତ୍ର ଶିଶୁଟିଙ୍କୁ ଏକ ଜଟିଳ ବ୍ରେନ ରୋଗ ଅନ୍ତର୍କ୍ରାନିଆଲ ହେମାଟୋମାରେ ଯେଉଁଥିରେ ବ୍ରେନ୍ ଭିତରେ ରକ୍ତ ଜମାଟ ପୀଡ଼ିତ ବୋଲି ଚିହ୍ନଟ କରିଥିଲେ । ଏହି ଅବସ୍ଥା ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କ ଠାରେ ଦେଖାଯାଏ । ଏହି କାରଣରୁ ଏହା ନବଜାତ ଶିଶୁଙ୍କ ଠାରେ ଚିହ୍ନଟ ହେବା ବହୁତ ଦୁର୍ଲଭ । ନବଜାତ ଶିଶୁର ଜୀବନ ରକ୍ଷା କରିବା ପାଇଁ ଡାକ୍ତର ସୁନିଲ କୁମାର ପାତ୍ର ଶିଶୁଟିଙ୍କ ମସ୍ତିଷ୍କର ଡାହାଣ ପାର୍ଶ୍ୱର୍ରେ ସର୍ତକତା ସହିତ ଅପରେସନ୍ କରିଥିଲେ । ଯାହା ଫଳରେ ଶିଶୁଟି ନୂତନ ଜୀବନ ପାଇଛି । ଏଥିପାଇଁ ଡାକ୍ତର ସୁନିଲ କୁମାର ପାତ୍ର ମଣିପାଲ ହସ୍ପିଟାଲର ନ୍ୟୁରୋ ଆନାସ୍ଥେସିଓଲୋଜିଷ୍ଟ ଡାକ୍ତର ଭାଗ୍ୟରଞ୍ଜନ ଜେନା, ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଜାନକୀ ବଲ୍ଲଭ ପ୍ରଧାନ ଏବଂ ମଣିପାଲ ହସ୍ପିଟାଲର ସମସ୍ତ ଓଟି ଷ୍ଟାଫ, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ । ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ପରାମର୍ଶଦାତା ନ୍ୟୁରୋସର୍ଜନ ଡାକ୍ତର ସୁନିଲ କୁମାର ପାତ୍ର ସୁଚନା କହିଲେ, ମାତ୍ର ୧୪ଦିନର ଶିଶୁର ବ୍ରେନ ଅପୋ ରେସନ୍ କରିବା ଅତ୍ୟନ୍ତ ଜଟିଳ ଥିଲା, କାରଣ ନବଜାତ ଶିଶୁଙ୍କ ବ୍ରେନର ଟିସୁଗୁଡିକ ଖୁବ ପତଳା ଓ ସଂବେଦଶୀଳ ଥାଏ । ବର୍ତ୍ତମାନ ପିଲାକୁ ୫ମାସ ହେଲା, ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛି, କୌଣସି ମମସ୍ୟା ନାହିଁ ଓ ଅନ୍ୟ ପିଲାଙ୍କ ଭଳି ଏକ ସାଧାରଣ ଜୀବନ ଅତିବାହିତ କରୁଛି । ଏଥିପାଇଁ ମୁଁ ସର୍ବଦା ମଣିପାଲ ହସ୍ପିଟାଲ ପାଖରେ ଚିର ଉପକୃତ ରହିବି ।

## ଓଏମ୍‌ଡିସି କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଇସ୍ପାତ ଓ ଶିଳ୍ପ ମନ୍ତ୍ରୀଙ୍କୁ ସାଂସଦଙ୍କ ସ୍ମାରକପତ୍ର



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଗୁରୁବାର ନୂଆଦିଲ୍ଲୀ ଠାରେ ଇସ୍ପାତ ଓ ଭାରୀ ଶିଳ୍ପ ମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀଙ୍କ ସହିତ ସାକ୍ଷାତ କରିଛନ୍ତି । ଏହି ଅବସରରେ ଶ୍ରୀ ନାୟକ ଓଡ଼ିଶା ଖଣିଜ ବିକାଶ କମ୍ପାନୀ (ଓ.ଏମ.ଡି.ସି.) କର୍ମଚାରୀଙ୍କର ଗୁରୁତର ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏଏମଡିସି କମ୍ପାନୀ ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍ (ଆର.ଆଇ.ଏନ୍.ଏଲ.) ର ସହଯୋଗୀ କମ୍ପାନୀ ଅଟେ। ଏହି ପତ୍ରରେ ଶ୍ରୀ ନାୟକ ଓଏମଡିସି କର୍ମଚାରୀ ବିଶେଷ ଭାବେ ଜନଜାତୀୟ ବର୍ଗର କର୍ମଚାରୀ ମାନଙ୍କର ଗୁରୁତର ଆର୍ଥିକ ସମସ୍ୟାଗୁଡିକ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି ଯେଉଁମାନଙ୍କୁ ଗତ ୭-୮ ମାସ ଧରି ବେତନ ମିଳି ନାହିଁ । ଏହି କାରଣରୁ ଏହି କର୍ମଚାରୀ ମାନେ ଆର୍ଥିକ ସଂକଟ ଦେଇ ଗତି କରୁଛନ୍ତି । ବେତନ ମିଳିବାରେ ବିଳମ୍ବ କାରଣରୁ ସେମାନେ ଆନ୍ଦୋଳନ କରୁଛନ୍ତି ଓ ଗତ ଦୁଇ ମାସରୁ ଧର୍ମଘଟ କରୁଛନ୍ତି । ଏହି କାରଣରୁ ଇସ୍ପାତ ମନ୍ତ୍ରଣାଳୟର ହସ୍ତକ୍ଷେପର ଆବଶ୍ୟକତା ବଢି ଯାଇଛି ବୋଲି ଶ୍ରୀ ନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଶ୍ରୀ ନାୟକ ତାଙ୍କ ପତ୍ରରେ କହିଛନ୍ତି ଯେ ଏହି କମ୍ପାନୀର ପ୍ରତିଷ୍ଠା ୧୯୧୮ ମସିହାରେ ହୋଇଥିଲା ଓ ଏହା ଦେଶର ସବୁଠାରୁ ପୁରୁଣା ରାଷ୍ଟ୍ରାୟତ ଉଦ୍ୟୋଗ ମଧ୍ୟରୁ ଅନ୍ୟତମ । ୨୦୧୧ ମସିହାରେ ଏହା ଆରଆଇଏନଏଲର ସହାୟକ କମ୍ପାନୀ ହୋଇଥିଲା । ଓଡିଶାର କେନ୍ଦୁଝର ଜିଲ୍ଲାରେ ଏହି କମ୍ପାନୀ ୬ ଲୌହ ଓ ମାଙ୍ଗାନିଜ ଖଣିର ପରିଚାଳନା କରିଥାଏ । ତେବେ ବିଭିନ୍ନ ଅପରେସନାଲ ଓ ନିୟାମକ ସମସ୍ୟା କାରଣରୁ ଏହି ଖଣି ଗୁଡିକର ପରିଚାଳନା ଅନେକ ସମୟ ଧରି ବନ୍ଦ ପଡି ରହିଛି । ତେବେ ଭଦ୍ରାସାହୀ ଲୌହ ଓର ଖଣି ୨୦୨୪ରୁ ପୁଣି ଥରେ ପରିଚାଳିତ ହେବା ଆରମ୍ଭ ହୋଇଛି ଓ ବେଲକୁଣ୍ଡି ଲୌହ ଓ ଆଇରନ ଖଣି ଆଗାମୀ ଦୁଇ ମାସ ମଧ୍ୟରେ ପୁଣି ଆରମ୍ଭ ହେବାର ସମ୍ଭାବନା ରହିଛି । କର୍ମଚାରୀ ମାନଙ୍କୁ ତାଙ୍କର ବକେୟା ବେତନ ପ୍ରଦାନ କରାଯାଇ ନାହିଁ । ଏହା ବାଦ କେନ୍ଦୁଝର ଜିଲ୍ଲାର ଠାକୁରାଣୀ ଠାରେ ସ୍ଥିତ ସ୍ପଂଜ ପ୍ଲାଂଟ ୨୦୧୩ରୁ ନନ ଅପରେସନାଲ ରହିଛି ଓ ଏହି କାରଣରୁ କର୍ମଚାରୀ ମାନଙ୍କର ଆର୍ଥିକ ସ୍ଥିତି ଆହୁରି ଖରାପ ହୋଇଯାଇଛି । ଶ୍ରୀ ନାୟକ ମନ୍ତ୍ରୀ କୁମାରସ୍ୱାମୀଙ୍କୁ କର୍ମଚାରୀ ମାନଙ୍କର ବକେୟା ବେତନକୁ ଯଥାଶୀଘ୍ର ପ୍ରଦାନ କରାଇବା ସୁନିଶ୍ଚିତ କରିବାକୁ ନିବେଦନ କରିଛନ୍ତି । ଏହା ବାଦ ସେ ଓଏମଡିସିର ଖଣି ଓ ସ୍ପଂଜ ପ୍ଲାଂଟର ପରିଚାଳନାରୁ ଆସୁଥିବା ବାଧାକୁ ଦୂର କରିବାକୁ ଆବଶ୍ୟକୀୟ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି । ଏହା ସହିତ ସାଂସଦ ନାୟକ ପ୍ରଭାବିତ କର୍ମଚାରୀମାନଙ୍କର ପାଇଁ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ଯଦ୍ୱାରା କର୍ମଚାରୀ ମାନଙ୍କର ଆର୍ଥିକ ସମସ୍ୟାକୁ ଦୂର କରାଯାଇ ପାରିବ । ସାଂସଦ ଶ୍ରୀ ନାୟକ ସ୍ଥିତିର ଗୁରୁତ୍ୱକୁ ରେଖାଙ୍କିତ କରି କହିଛନ୍ତି ଯେ କର୍ମଚାରୀଙ୍କର ମଧ୍ୟରେ ଅସନ୍ତୋଷ ବଢୁଥିବା କାରଣରୁ ଏହି ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । କେନ୍ଦ୍ର ମନ୍ତ୍ରୀ କୁମାରସ୍ୱାମୀ ଏହି ପ୍ରସଙ୍ଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କର୍ମଚାରୀ ମାନଙ୍କ ସମସ୍ୟାକୁ ଦୂର କରିବେ ବୋଲି ଶ୍ରୀ ନାୟକ ଆଶା ବ୍ୟକ୍ତ କରିଛନ୍ତି ।



କନ୍ଧମାଳ/ବାଲିଗୁଡା, (ଭାସ୍କର ନ୍ୟୁଜ୍ ) : ବାଲିଗୁଡାର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡାଙ୍କ ପୀଠରେ ମା' ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ କାନ୍ଦୁଲ ଭଜାଯାତ୍ରା ଭେଟଘାଟ ପାରମ୍ପରିକ ନୀତିରେ ଅନୁଷ୍ଠିତ ହୋଇଯାଇଛି। ୨୧ତାରିଖ ଅପରାହ୍ନରେ ବାଲିଗୁଡା ମୁଠାମୁଖ୍ୟ ଓ ନୂଆସାହି ମୁଠାମୁଖ୍ୟ ନିଜ ନିଜର ପଟୁଆରରେ ଆତସବାଜି ବଜାଇ ମା ପାଟଖଣ୍ଡା ମନ୍ଦିରକୁ ଆସିଥିଲେ। ମନ୍ଦିର ସମ୍ମୁଖରେ ଦୁଇରାଜା ଓ ମୁଠାମୁଖ୍ୟଙ୍କ ମଧ୍ୟରେ ଭେଟଘାଟ ହୋଇଥିଲେ। ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ବାଲିଗୁଡା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଯୋଗଦେଇଥିବା ବେଳେ ବାଲିଗୁଡା ମୁଠାମୁଖ୍ୟ ଅରୁଣ ପାତ୍ର ଓ ନୂଆସାହି ମୁଠାମୁଖ୍ୟ ପ୍ରଶାନ୍ତ କୁମାର ପାତ୍ର, ମା ପାଟଖଣ୍ଡା ଦୁର୍ଗାପୂଜା ସିତିର ସଭାପତି ଲଳିତ କୁମାର ପାତ୍ର, ଉପ-ସଭାପତି ଭୀମସେନ ବିନ୍ଧାଣୀ, ସମ୍ପାଦକ ଶିବରାମ ପ୍ରଧାନୀ, ଉପଦେଷ୍ଟା ଡା. ବିଚିତ୍ରାନନ୍ଦ ଆଚାର୍ଯ୍ୟ, ଲୋକନାଥ ପାଢୀ ଓ ବିଭିନ୍ନ ଅଞ୍ଚଳର ମୁଠାମୁଖ୍ୟ ଯୋଗ ଦେଇଥିଲେ । ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ଡା ଶୁଶାନ୍ତ କୁମାର ଦାସ। ଏହି ଅବସରରେ ଅଙ୍ଗନବାଡି କର୍ମୀ, ମହିଳା ଗୋଷ୍ଠୀଙ୍କୁ ସମ୍ବନ୍ଧିତ କରାଯାଇଛି । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଇଥିଲା। ଆୟୋଜକ ସମିତିର କୋଷାଧ୍ୟକ୍ଷ ଅଶୋକ କୁମାର ସାହ ଓ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ୫୧ତମ ରଘୁନାଥ ଜିଉ ମିଳନ ଅନୁଷ୍ଠିତ



ଚଣ୍ଡଖୋଲ, (ଭାସ୍କର ନ୍ୟୁଜ୍ ) : ବଡଚଣା ବ୍ଲକ୍ ଅନ୍ତର୍ଗତ ବନ୍ଧାପଦ୍ମ ଲାଭପୁର ସ୍ଥିତ ଉଠା ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ନିକଟସ୍ଥ ମିଳନ ପଡିଆ ଠାରେ ୫୧ତମ ରଘୁନାଥ ଜୀଉ ମିଳନ ଅନୁଷ୍ଠିତ ହୋଇଯାଇଛି। ଗତକାଲି ବିଳମ୍ବିତ ରାତିରୁ ବିମାନ ଗୁଡିକ ବାଜା, ବାଣ, ସଂକୀର୍ତ୍ତନ, ଘୋଡାନାଚ, ସମେତ ପାରମ୍ପରିକ ବାଦ୍ୟ ନୃତ୍ୟ ପରିବେଷଣ, କରି ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ପ୍ରଥମେ ରଘୁନାଥ ଜିଉ ମଠ ପଦ୍ମଲାଭ ପୁର ଗ୍ରାମର ଥାନପତି ବିମାନ ଦୋଳ ମଣ୍ଡପରେ ବସିଲା ପରେ ଅନ୍ୟ ବିମାନ ଗୁଡିକ ଗୋଟେ ପରେ ଗୋଟେ ମଣ୍ଡପରେ ବସିଥିଲେ। ପରେ ପୂଜକ ରଘୁନାଥ ପଣ୍ଡା ବିମାନ ଗୁଡ଼ିକୁ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ପରେ ମିଳନ କମିଟିର ସଭାପତି ତରୁଣ ଚନ୍ଦ୍ର ସ୍ୱାଇଁ, ଉପ ସଭାପତି ରବିନ୍ଦ୍ର କୁମାର ସାମଲ, ସମ୍ପାଦକ ପାଣ୍ଡବ ଚରଣ ଧଳ, ସହ ସମ୍ପାଦକ ପ୍ରଦୀପ୍ତ କୁମାର ଧଳ, କୋଷାଧ୍ୟକ୍ଷ ମନୋଜ କୁମାର ବେହେରା, ସହ କୋଷାଧ୍ୟକ୍ଷ ସୋମନାଥ ସ୍ୱାଇଁ, ଉଠା ଜଳସେଚନ ଉପଖଣ୍ଡ ସହକାରୀ ଯନ୍ତ୍ରୀ ଯୁଧିଷ୍ଠିର ମହାଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ସାହୁ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଶିଖର ଚନ୍ଦ୍ର ବେହେରା ପ୍ରମୁଖ ବିମାନ ଗୁଡ଼ିକୁ ବିଦାକୀ ପ୍ରଦାନ କରିଥିଲେ। ଉକ୍ତ ମିଳନ ଦେଖିବା ପାଇଁ ଆଖ ପାଖ ଗ୍ରାମରୁ ପ୍ରାୟ ୩୦ହଜାର ଲୋକ ସମାଗମ ହେବା ସହିତ ବିଭିନ୍ନ ଘରକରଣା ଜିନିଷ କ୍ରୟ କରୁ ଥିବାର ଦେଖା ଯାଇଥିଲ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ। ଗ୍ରାମବାସୀମାନଙ୍କ ସାହାଯ୍ୟ ସହଯୋଗ ଫଳରେ ମିଳନ ସଫଳ ହୋଇଥିଲା।

# ଅଲ୍ ଓଡିଶା ଅଙ୍ଗନବାଡି ଲେଡିଜ ୱାକରର୍ସ ସଂଘର ବିକ୍ଷୋଭ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଭାରତୀୟ ମଜଦୁର ସଂଘର ୧୫୮ତମ ଅଖିଳ ଭାରତୀୟ କାର୍ଯ୍ୟକାରିଣୀ କମିଟି ବୈଠକ ଗୌହାଟି, ଆସାମରେ ଗୃହିତ ପ୍ରସ୍ତାବ କ୍ରମେ ଗୁରୁବାର କେନ୍ଦୁଝର ଅଲ୍ ଓଡିଶା ଅଙ୍ଗନବାଡି ଲେଡିଜ ୱାକରର୍ସ ସଂଘ ପକ୍ଷରୁ ୬ଦଫା ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହିତ ଧାରଣା ପ୍ରଦର୍ଶନ କରିଛନ୍ତି। ପ୍ରଥମେ ସ୍ଥାନୀୟ କାଳୀପଡିଆ ଠାରୁ ଶୋଭାଯାତ୍ରାରେ ବାହାରି ଟେଲିଫୋନ ଏକ୍ସଚେଞ୍ଜ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱବାଡି କର୍ମୀମାନେ ଦାବି ପୂରଣ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାରତ ସରକାରଙ୍କ ଦ୍ୱାରା ୧ ଫେବୃଆରୀରେ ଉପସ୍ଥାପିତ ବଜେଟରେ, ଆୟକର ସୀମା ବୃଦ୍ଧି କରି କର୍ମଚାରୀ ମାନଙ୍କୁ ଆଶ୍ୱସ୍ତି ଦିଆଯାଇଛି। ତେବେ ଦୁଗ୍ଧ ଶିଳ୍ପ, ମତ୍ସ୍ୟ ଶିଳ୍ପ, ଏବଂ କ୍ଷୁଦ୍ର ଶିଳ୍ପକୁ ମଧ ରିଲିଫ୍ ଯୋଗାଇ ଦିଆଯାଇଛି। ବରିଷ୍ଠ ନାଗରିକ ମାନଙ୍କୁ ଡିଜିଏସ୍ ମାଧ୍ୟମରେ ରିଲିଫ୍ ଦେଇ ସଞ୍ଚାଳିତ କରାଯାଇଛି। କର୍କଟ ରୋଗର ଔଷଧ ଉପରେ ଆମଦାନୀ ଶୁଳ୍କ ଛାଡ କରି ଆଶ୍ୱସ୍ତି ପ୍ରଦାନ କରାଯାଇଛି। ସେହିପରି ଷ୍ଟାର୍ଟଅପ୍, ଚମଡା ଶିଳ୍ପ ଓ ଲିଭିଭୂମି ଉତ୍ପାଦନ ମାଧ୍ୟମରେ ନିଯୁକ୍ତି ସୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଫଳରେ ଏହି କାର୍ଯ୍ୟକାରୀ କମିଟି ସ୍ୱାଗତ ଜଣାଇଛି। ମାତ୍ର ଭାରତୀୟ ମଜଦୁର ସଂଘ ଦ୍ୱାରା ଜାନୁଆରୀରେ ପ୍ରାକ୍-ବଜେଟ ବୈଠକରେ ଅର୍ଥମନ୍ତ୍ରୀଙ୍କୁ ଦିଆଯାଇଥିବା ପରାମର୍ଶଗୁଡିକ ଆଶାନୁରୂପ ଭାବେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ହୋଇଛି। କାର୍ଯ୍ୟକାରୀ କମିଟି ଉପସ୍ଥାପିତ ବଜେଟ୍ ଇପିଏସ୍ ୯୫ର ୭୫ ଲକ୍ଷରୁ ଅଧିକ ପେନ୍‌ସନ୍ ଭୋଗୀଙ୍କୁ କୌଣସି ଆଶ୍ୱସ୍ତି ଦେଇନାହିଁ। ଏଣୁ ସେମାନଙ୍କ ମଧ୍ୟରେ ବଡ ନିରାଶା ରହିଛି, କାରଣ ମୁଦ୍ରାସ୍ଫୀତି ଏହି ଯୁଗରେ ୧ହଜାର ଟଙ୍କାରେ ବଞ୍ଚିବା କଳ୍ପନାନୀତ ଅଙ୍ଗନବାଡି, ଆଶା, ମଧ୍ୟାହ୍ନ ଭୋଜନ ପରି ଯୋଜନା କର୍ମୀ ଏବଂ ବିକ୍ରି, ବଗିଚା, ଚା ବଗିଚା ଶ୍ରମିକ, କୃଷି ଶ୍ରମିକ ଏବଂ ଖଣି ଶ୍ରମିକ ଭଳି ଅସଂଗଠିତ ଶ୍ରମିକଙ୍କୁ ମଧ୍ୟ ଅବହେଳା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଉପସ୍ଥାପିତ ବଜେଟରେ, ସରକାର ୨୦୩୦ ସୁଦ୍ଧା ସମ୍ପତ୍ତି ବିମୁଦ୍ରୀକରଣ ମାଧ୍ୟମରେ ୧୦ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖୁଛନ୍ତି। ଜୀବନ ବୀମା ନିଗମରେ ଶତପ୍ରତିଶତ ବିଦେଶୀ ନିବେଶକୁ ଅନୁମତି ଦେଇ ସାର୍ବଜନୀନ ସମ୍ପତ୍ତିର ବିକ୍ରୟ ପାଇଁ ରାସ୍ତା ଖୋଲି ଦେଇ ସରକାରଙ୍କ ଏହି ପଦକ୍ଷେପ ଆତ୍ମନିର୍ଭରଶୀଳ ଭାରତ ଧାରଣା ଉପରେ ଏକ ଆକ୍ରମଣ ବୋଲି ପ୍ରଶ୍ନ କରିଛନ୍ତି। ତେଣୁ ଭାରତୀୟ ମଜଦୁର ସଂଘର ୧୫୮ତମ କାର୍ଯ୍ୟକାରିଣୀ ଭାରତ ସରକାରଙ୍କ ଠାରୁ ଇପିଏସ ୯୫ ଅନୁଯାୟୀ ସର୍ବନିମ୍ନ ୫ହାଜର ଟଙ୍କା ପେନସନ ଲାଗୁ, ଦରମା ୫୦ ପ୍ରତିଶତ ମହଙ୍ଗା ସହାୟତା ପେନସନ ପ୍ରଦାନ। ଇପିଏଫ ଦରମା ସୀମା ୧୫ହଜାର ଟଙ୍କାରୁ ୩୦ହାଜର ଟଙ୍କା ଏବଂ ଇଏସଆଇସି ଦରମା ସୀମା ୨୧ହଜାର ଟଙ୍କାରୁ ୪୨ହଜାର ଟଙ୍କାକୁ ବୃଦ୍ଧି। ସାର୍ବଜନୀନ ସମ୍ପତ୍ତି ବିକ୍ରୟ ତୁରନ୍ତ ବନ୍ଦ, ବୀମା ଆର୍ଥିକ କ୍ଷେତ୍ରରେ ଶତପ୍ରତିଶତ ବିଦେଶୀ ନିବେଶକୁ ନିଷିଦ୍ଧ। ଯୋଜନା କର୍ମୀମାନଙ୍କୁ ସରକାରୀ କର୍ମଚାରୀଙ୍କ ପରି ସମାନ ଦରମା ସମେତ ସାମାଜିକ ସୁରକ୍ଷା ପ୍ରଦାନ। ଅସଂଗଠିତ କ୍ଷେତ୍ର ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଉପଲବ୍ଧ କରିବାକୁ ଦାବି ହୋଇଛି।ସଂଘର ପ୍ରସ୍ତାବକ ଅଶୋକ କୁମାର ଶୁକ୍ଲା, ସମର୍ଥକ ପି ଉନ୍ନିକୃଷ୍ଣନ, ଭାନୁମତୀ ମହାନ୍ତଙ୍କ ସହ ଅନ୍ୟମାନେ ଦାବିପତ୍ର ପ୍ରଦାନ ବେଳେ ସାମିଲଥିଲେ।

## ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, କେନ୍ଦୁଝର ଶାଖା ତଥା ତୈଳିକ ସମାଜ ମିଳିତ ସହଯୋଗରେ ଚଳିତ ୧୬ତାରିଖ ଠାରୁ ୨୧ତାରିଖ ପର୍ଯ୍ୟନ୍ତ ଷଡଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ତୈଳିକ ସମାଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାପନ ଦିବସରେ ବିଶିଷ୍ଟ ସମାଜସେବୀ ତଥା କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟର ପ୍ରତିଷ୍ଠାତା ଓ ତୈଳିକ ସମାଜର ଉପଦେଷ୍ଟା ଇଂ ବସନ୍ତ କୁମାର ଦାନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାଜରେ ଯୋଗର ଆବଶ୍ୟକତା ଅନିବାର୍ଯ୍ୟ ଥିବାରୁ ଯୋଗ ପ୍ରତି ଆକର୍ଷିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ତୈଳିକ ସମାଜ କୋଷାଧ୍ୟକ୍ଷ ମାୟାଧର ସାହୁ ଯୋଗର ବହୁମୁଖୀ ଉପାଦେୟତା ଉପରେ ଅଭିମତ ପ୍ରଦାନ କରିଥିଲେ। ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, କେନ୍ଦୁଝର ଶାଖା ପୂର୍ବତନ ସଞ୍ଚାଳକ ଡ଼ା ବିମଳ କୁମାର ରାଉତ ମହୋଦୟ ଅତିଥି ଭାବରେ ଯୋଗଦେଇ ଯୋଗ ଦ୍ୱାରା ସହଜ ଉପାୟରେ ରୋଗ ଭଲ ହେବାର ଅଭିନବ କ୍ଷମତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ଓ ତେଲଗୁ ପ୍ରାନ୍ତର ସଂଗଠକ ମାନନୀୟ ରବି ନାଇଡୁ ଯୋଗ ଏକ ନିରନ୍ତର ଜୀବନ ପ୍ରକ୍ରିୟା ହୋଇ ଥିବାରୁ ବ୍ୟକ୍ତି ସହିତ ସମଷ୍ଟିର ମିଶ୍ରଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ କେନ୍ଦ୍ର ସଞ୍ଚାଳକ ଇଂ ସନ୍ତୋଷ କୁମାର ନନ୍ଦ ମଞ୍ଚ ପରିଚାଳନା ପୂର୍ବକ ଜଳନେତିର ଉପାଦେୟତା ନିଜ ଅଭିଜ୍ଞତାରୁ ବର୍ଣ୍ଣନା କରିଥିଲେ। ପଣ୍ଡିତ ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ଶେଷରେ ସମସ୍ତ ସହଭାଗୀ ତଥା ଅତିଥି ମାନଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ତୈଳିକ ସମାଜର ଆନ୍ତରିକ ସହଯୋଗ ଫଳରେ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ବିବେକାନନ୍ଦ କେନ୍ଦ୍ର କେନ୍ଦୁଝର ଶାଖା ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଭାକର ବେହେରା, କ୍ଷୀରୋଦ ଘଡ଼େଇ, କ୍ରୀଷ୍ଣେନ୍ଦୁ ପଟ୍ଟନାୟକ, ପ୍ରକାଶ ଆଚାର୍ଯ୍ୟ, ସତ୍ୟନାରାୟଣ ସାହୁ, ଧଳଭାଇ, ସତ୍ୟ ଭାଇ, ମହାରଣା ଭାଇ, ରାମଭାଇ, ଅକ୍ଷୟ ଭାଇ ବୀରେନ୍ଦ୍ର ଭାଇ, ପରିଡ଼ା ଭାଇ, ରାଉତ ଭାଇ, ପ୍ରମିଳା ଭଉଣୀ ପ୍ରଭୃତି ସହଯୋଗ କରିଥିଲେ। ଏକାତ୍ମତା ଦର୍ଶନ ଆଧାରିତ ଜୀବନ ପ୍ରକ୍ରିୟା ହେଉଛି ଯୋଗ। ଏହାକୁ ଆପଣେଇ ପାରିଲେ ବ୍ୟକ୍ତି ନିର୍ମାଣ ସହିତ ରାଷ୍ଟ୍ର ପୁନର୍ଗଠନ ସମ୍ଭବ ହୋଇପାରିବ ।

## ୧୨ ଦଫା ଦାବି ନେଇ ନିର୍ମାଣ ଶ୍ରମିକ ସଙ୍ଘର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ବ୍ୟାସନଗର, (ଭାସ୍କର ନ୍ୟୁଜ୍ ) : ଓଡ଼ିଶା କନଷ୍ଟ୍ରକସନ ୱାର୍କର୍ସ ୟୁନିୟନ (ସିଆଇଟିୟୁ) ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଆଇନକୁ ବଳବତ୍ତର ରଖି ସଠିକ ରୂପେ କାର୍ଯ୍ୟକାରୀ କରିବା ସହିତ ୧୨ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡ଼ିକ ହେଲା ନିର୍ମାଣ ଶ୍ରମିକଙ୍କ ପଞ୍ଜିକରଣ ଓ ନବୀକରଣ କାର୍ଯ୍ୟରେ ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ଓଡ଼ିଶାର ସମସ୍ତ ଜିଲ୍ଲା ଅଫିସରେ ଖାଲିପଡ଼ିଥିବା ପଦବୀଗୁଡ଼ିକରେ ତୁରନ୍ତ ନିଯୁକ୍ତି ଓ ନିର୍ମାଣ ଶ୍ରମିକ ମାନଙ୍କ ପାଇଁ ପ୍ରଚଳିତ ସମସ୍ତ କଲ୍ୟାଣକାରୀ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ କରିବା, ଯାଜପୁର ଜିଲ୍ଲାରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ନିର୍ମାଣ ଶ୍ରମିକ ମାନଙ୍କ ବିଭିନ୍ନ



ବ୍ୟବସ୍ଥାକୁ ସରଳିକରଣ କରି ସମସ୍ତ ନିର୍ମାଣ ଶ୍ରମିକଙ୍କୁ ରେଜିଷ୍ଟ୍ରେସନ ଓ ତୁରନ୍ତ ସମସ୍ତ ବେନିଫିଟ ପ୍ରଦାନ, ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଓ ସମସ୍ତ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢୁଥିବା ନିର୍ମାଣ ଶ୍ରମିକ ହିତାଧିକାରୀ ମାନଙ୍କ ପିଲା ମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ, ନିର୍ମାଣ ଶ୍ରମିକ ହିତାଧିକାରୀ ମାନଙ୍କ ପେନସନ ଓ ମୃତ୍ୟୁ କାଳୀନ ସହାୟତା ବୃଦ୍ଧି, ମହିଳା ଶ୍ରମିକ ମାନଙ୍କୁ ୫୫ ବର୍ଷରେ ପେନସନ, କୋଠାବାଡ଼ି ଓ ନିର୍ମାଣ ଶ୍ରମିକ ସେସ୍ ପାଣ୍ଠି କଡାକଡି ଭାବେ ଆଦାୟ, ରାଜ୍ୟରେ ବନ୍ଦ୍ ଥିବା କଳକାରଖାନା - ଖଣିଖାଦାନ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଗୁଡ଼ିକୁ ତୁରନ୍ତ ଖୋଲିବା, ଶ୍ରମିକ ବିରୋଧୀ ୪ ଟି ଶ୍ରମ କୋର୍ଡ ପ୍ରତ୍ୟାହାର, ଶ୍ରମିକଙ୍କ ମାସିକ ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କାକୁ ବୃଦ୍ଧି, ଠିକା, କାଜୁଆଲ୍ ଓ କଣ୍ଟ୍ରାକଚ୍ୟୁଆଲ୍ ପ୍ରଥା ବନ୍ଦକରି ସ୍ଥାୟୀ ସହାୟତାକୁ ତୁରନ୍ତ ପ୍ରଦାନ ଇତ୍ୟାଦି ୧୨ ଦଫା ଦାବି ନେଇ ନିର୍ମାଣ ଶ୍ରମିକ ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଯୁଗ୍ମ ଶ୍ରମ ଆୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ୩୦ ଦିନ ମଧ୍ୟରେ ଜିଲ୍ଲାର ନିର୍ମାଣ ଶ୍ରମିକ ହିତାଧିକାରୀ ମାନଙ୍କ ସମସ୍ୟା ଗୁଡିକ ସମାଧାନ ନହେଲେ ବୃହତ୍ତର ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକ ଜିଲ୍ଲା ସଭାପତି ସୁରେଶ ସାହୁ, ଗୟାଧର ବେହେରା, ତ୍ରିଲୋଚନ ରାଉତ, ମନ୍ମଥ ରାୟ, ଲାଲ ମଣି ମୁଣ୍ଡା, ପାନି କିସ୍କୁ, ମାଳତୀ ହାଂସଦା, ସନ୍ତୋଷ ପୃଷ୍ଟି, ଦିଲ୍ଲିପ ଦାସ,ବ୍ରହ୍ମାନନ୍ଦ ବାରିକ, ଗୋପବନ୍ଧୁ ସାହୁ, ରାଜେନ୍ଦ୍ର ସ୍ୱାଇଁ, ପ୍ରତ୍ୟୁଷ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗୋବରାରେ ବିଶ୍ୱ ପଖାଳ ଦିବସ ପାଳିତ

ଭଂଜନଗର, (ଭାସ୍କର ନ୍ୟୁଜ୍ ) : ବିଶ୍ୱ ପଖାଳ ଦିବସ ଅବସରରେ, ଗୋବରା ଠାରେ ବିଶ୍ୱ ପଖାଳ ଦିବସ, ପାଳିତ ହୋଇଯାଇଛି। ଓଡିଆଙ୍କ ଖାଦ୍ୟରେ ନିଆରା ରୁଚି ରହିଥିବା ବେଳେ ପାରମ୍ପାରିକ ଖାଦ୍ୟ ଓ ଏହାର ପ୍ରସ୍ତୁତି ଉପରେ ପ୍ରତ୍ୟେକ ଓଡିଆ ଓତଃପ୍ରୋତ ଭାବେ ଜଡ଼ିତ। ତଥାପି ବିଦେଶୀ ଖାଦ୍ୟ ପ୍ରତି ଧିରେ ଧିରେ ଆଗ୍ରହ ପ୍ରକାଶ ପାଉଥିବା ବେଳେ, ଓଡ଼ିଆ ଖାଦ୍ୟ ପ୍ରତି ଲୋକଙ୍କୁ ପୁଣି ଥରେ ଆକର୍ଷିତ କରିବାର ଏହା ଏକ ମାଧ୍ୟମ ବୋଲି, ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ମହିଳା ମାନେ ମତ ରଖିଥିଲେ । ସ୍ଥାନୀୟ ଶିକ୍ଷାବିତ ସନ୍ତୋଷ କୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ "ପଖାଳ ଦିବସ" ଆସରରେ ଯୁବ ସମାଜସେବୀ ବିଭୁପାଦ ଜେନା, ସମାଜସେବୀ ରାମକୃଷ୍ଣ ପାତ୍ର, କବି ଗୋପାଳଚନ୍ଦ୍ର ଲେଙ୍କା, ସୁନିତା ଗୌଡ, ସାଗରୀକା ସ୍ୱାଇଁ ଯୋଗ ଦେଇଥିବା ବେଳେ, ମହିଳା ସଂଗଠନର ସଦସ୍ୟା ହେମଲତା ବିଶ୍ୱାଳ ଖାଦ୍ୟ ପ୍ରସ୍ତୁତି କରିଥିଲେ।

## ପଦ୍ମଶ୍ରୀ ଡ଼ କୃତାର୍ଥ ଆଚାର୍ଯ୍ୟଙ୍କ ୧୨୬ ତମ ଜୟନ୍ତୀ ପାଳିତ



ବରଗଡ଼, (ଭାସ୍କର ନ୍ୟୁଜ୍ ) : ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ପଦ୍ମଶ୍ରୀ ଡ଼ କୃତାର୍ଥ ଆଚାର୍ଯ୍ୟଙ୍କ ୧୨୬ ତମ ଜୟନ୍ତୀ ମହା ସମାରୋହ ରେ ପାଳିତ ହୋଇ ଯାଇଛି। ସକାଳୁ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ କୁମାର ଆଚାର୍ଯ୍ୟଙ୍କ ସମେତ ତାଙ୍କ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ବୃନ୍ଦଙ୍କ ଦ୍ୱାରା ବରଗଡ଼ ବ୍ଲକ ସମ୍ମୁଖ ବସ୍ତ୍ରାଳୟ ନିକଟରେ ରହିଥିବା ପଦ୍ମଶ୍ରୀ ଡ କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଜୟନ୍ତୀ ମହୋତ୍ସବରେ ଅବସପ୍ରାପ୍ତ ଅଧ୍ୟକ୍ଷ ତଥା ସ୍ମୃତି କମିଟିର ଅଧ୍ୟକ୍ଷ ଡ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତା କରିଥିବା ବେଳେ ସ୍ମୃତି ଚାରଣ ସଭା ପ୍ରାରମ୍ଭରେ ପଦ୍ମଶ୍ରୀ ଡ଼ କୃତାର୍ଥ ଆଚାର୍ଯ୍ୟଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିବା ବେଳେ ବିକାଶ ସ୍କୁଲ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ଏହି ଅବସରରେ ଓଡ଼ିଶାର ବିଶିଷ୍ଟ କଥାକାର ଦାସ ବେନୁହୁର ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପଦ୍ମଶ୍ରୀ ଡ଼ କୃତାର୍ଥ ଆଚାର୍ଯ୍ୟଙ୍କ ସମବାୟ ଆନ୍ଦୋଳନରେ ଥିବା ଗୁରୁତ୍ୱ ପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଆଲୋକପାତ କରି ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ। ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ହୃଷୀକେଶ ମାହାଲି ବସ୍ତ୍ରାଳୟର ଅଗ୍ରଗତି ସମ୍ବନ୍ଧୀୟ ବିବରଣୀ ଉପସ୍ଥାପନ କରିଥିବା ବେଳେ ୪ ଜଣ କୁଶଳୀ ବୁଣାକାରଙ୍କୁ ଜଣେ ଉତ୍ପାଦନ କେନ୍ଦ୍ର କର୍ମଚାରୀ, ୫ ଜଣ ବିକ୍ରୟ କେନ୍ଦ୍ର କର୍ମଚାରୀ ତଥା ଜଣେ ବିକ୍ରୟ କେନ୍ଦ୍ର ପ୍ରତିନିଧିଙ୍କୁ ତାଙ୍କର କାର୍ଯ୍ୟ ଦକ୍ଷତା ଆଧାରରେ ବସ୍ତ୍ରାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସମ୍ପାଦକ ଶରତ ଲାଲ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ । ।

## ଖୁଡ଼ଖୁଡି ଖେଳ ଯୋଗୁଁ ଲୋକେ ସର୍ବସ୍ୱାନ୍ତ

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲ୍ଲା ଏବେ ପାଲଟିଛି ଜୁଆଡ଼ିଙ୍କ ଆଡ୍ଡା ସ୍ଥଳୀ। ଜିଲ୍ଲାର ବିଶେଷ କରି ରାଇଘର, ଉମରକୋଟ, ଡାବୁଗାଁ ଓ କୋଷାଗୁମୁଡା ଅଂଚଳରେ ହେଉଥିବା ସାପ୍ତାହିକ ହାଟ, ଯାନୀ ଯାତ୍ରା, ଶିବରାତ୍ରି ଓ ମଣ୍ଡେଇରେ ଖୁଡଖୁଡି ପାଲି ଖେଳ ଜୋରସୋରରେ ଚାଲିଛି। ଏହି ଖେଳ ଯଦିଓ ଛୋଟ ଦେଖାଯାଏ କିନ୍ତୁ ପ୍ରତି ଖେଳରେ ଲକ୍ଷାଧିକ ଟଙ୍କାର ଖେଳ ହୁଏ। ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ଖୁଡଖୁଡି ଖେଳ ଚଳାଉଥିବା ଟିମ ସହ ହାତ ମିଶାଇ ଖେଳ କରନ୍ତି। ସାପ୍ତାହିକ ହାଟରେ ଖେଳ ହେଲେ ଗ୍ରାମ କମିଟିକୁ ଚାନ୍ଦା ଓ ଯାନୀ ଯାତ୍ରା, ମଣ୍ଡେଇରେ ଖେଳ ହେଲେ ରାତିରେ ଆଦିବାସୀ ନାଟ କରିବା ସହ କିଛି ଚାନ୍ଦା ଟଙ୍କା ଆକାରରେ ଦିଅନ୍ତି। ଗୋଟିଏ ପ୍ରକାର କହିବାକୁ ଗଲେ ଗ୍ରାମ ପୂଜା ଆଡୁଆଳରେ ଜୁଆଖେଳକୁ ପ୍ରଶୟ ଦିଆଯାଏ। ଏହି ଖୁଡଖୁଡି ଖେଳ ଯୋଗୁଁ ହାଟ ବଜାର ଓ ଯାତ୍ରା ଦେଖୁବାକୁ ଆସୁଥିବା ଲୋକ ସର୍ବସ୍ୱାନ୍ତ ହୋଇଯାନ୍ତି। ଏପରିକି ବଜାରକୁ ପରିବା କିଣିବାକୁ ଆସିଥିବା ଲୋକ ମଧ ଜୁଆରେ ସବୁ ଟଙ୍କା ହାରି ଖାଲି ବ୍ୟାଗ ଧରି ଘରକୁ ଫେରିବା ଅନେକ ଉଦାହରଣ ଦେଖିବାକୁ ମିଳେ। କିଛି ସ୍ଥାନରେ ପୋଲିସ ଯଦି ଅତର୍କିତ ଚଢ଼ାଉ କରୁଛି ତେବେ ଖୁଡଖୁଡି ଟିମ ଓ ପୂଜା କମିଟିର ଆକ୍ରୋଶର ଶିକାର ହୋଇ ମାଡ଼ ଖାଇବାକୁ ପଡୁଛି। ଖୁଡଖୁଡି ଖେଳ ସ୍ଥାନରେ ଏକ ଅଲିଖିତ ନିୟମ ରହିଛି କୌଣସି ବ୍ୟକ୍ତି ମୋବାଇଲରେ ଫୋଟୋ ଭିଡିଓ କରିବା ମନା। ଯଦି କେହି ଏହାର ଖିଲାପ କରି ଫୋଟୋ ଭିଡିଓ କରିବାକୁ ଚେଷ୍ଟା କରେ ତେବେ ଖୁଡଖୁଡି ଟିମ ଓ ପୂଜା କମିଟିର ସଙ୍ଘବଦ୍ଧ ଆକ୍ରମଣର ଶିକାର ହେବା ସମ୍ଭାବନା ଅଧିକା ରହୁଛି। ନଚେତ ଟଙ୍କା ମାଗୁଥିଲା ତେଣୁ ଆମେ ଆକ୍ରମଣ କଲୁ ବୋଲି ବାହାଦୁରି ମାରନ୍ତି। ଜିଲ୍ଲା ପ୍ରଶାସନ ସାପ୍ତାହିକ ହାଟ, ପୂଜା ପାର୍ବଣ ଓ ମଣ୍ଡେଇ ଗୁଡିକରେ ଖୁଡଖୁଡିକୁ ନିୟନ୍ତ୍ରଣ ନ କରେ ତେବେ ଆଗାମୀ ଦିନରେ ଆଇନ ଶୃଙ୍ଖଳା ବିଗିଡି ଯିବ, ଖୁଡଖୁଡି ଖେଳ ପୋଲିସର ନିୟନ୍ତ୍ରଣ ବାହାରକୁ ଚାଲିଯିବ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

## ଜଙ୍ଗଲ ଜମିରୁ ମୂଲ୍ୟବାନ ଗଛ କାଟିବା ଅଭିଯୋଗରେ ଦୁଇ ଗିରଫ

ଭଂଜନଗର, (ଭାସ୍କର ନ୍ୟୁଜ୍ ) : ଜଗନ୍ନାଥ ପ୍ରସାଦ ଉତ୍ତର ଘୁମୁସର ବନାଞ୍ଚଳ ଅଧୀନ ପାଇଛେଲିଆ ଭାଗ (୪)ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଶାଳ, ସାହାଜ, ବବୁଲ ଓ ବାଉଁଶ ବୁଦା କାଟୁଥିବା ବେଳେ ଲୁଣ୍ଡୁରୁପଦର ବିଟ ଫରେଷ୍ଟ ଗାର୍ଡ ଚନ୍ଦ୍ର ଶେଖର ପାଣିଗ୍ରାହୀ, ସ୍କ୍ୱାର୍ଡ କର୍ମଚାରୀ ଓ ଫାୟାର ୱାଚର ପହଞ୍ଚି ୨ଜଣ ଆସାମୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ସେମାନେ ହେଲେ କ୍ଷେତମୁଣ୍ଡାଳି ପଞ୍ଚାୟତ ଅଧୀନ ବନ୍ତା ଗ୍ରାମ ବଡ଼ସାହିର ନୃସିଂହ ଚୌଧୁରୀଙ୍କ ପୁଅ ଏସ୍ ବାବୁଲା ଚୌଧୁରୀ (୫୦) ଓ ତୋଟା ସାହିର ଶତ୍ରୁଘନ ବାରିକଙ୍କ ପୁଅ ସୁରେନ୍ଦ୍ର ବାରିକ (୫୩) ବୋଲି ବନବିଭାଗର ବନାଞ୍ଚଳ ଅଧିକାରୀ ସୁଶ୍ରୀ ସୁଜାତା ରାଣୀ ପଣ୍ଡା ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ଲୁଣ୍ଡୁରୁପଦର ବିଟ ପକ୍ଷରୁ ଫରେଷ୍ଟ ଗାର୍ଡ ଶ୍ରୀ ପାଣିଗ୍ରାହୀଙ୍କ ସମେତ ତାଙ୍କ ଟିମ ୨୪ଘଣ୍ଟିଆ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଗତ ବୁଧବାରରେ ଉଭୟଙ୍କୁ କାବୁ କରି ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଣାଯାଇଛି। ସେଠାରେ ତଦନ୍ତ ପରେ କେସ ନମ୍ବର ୧୬୯/୨୫ପ୍ରକାରେ ଓଏଫ୍ ଆକ୍ଟ ୨୭(୧) ଏ ଓ ବି, ୨(ସି) ଏବଂ ୬୭(ସି) ଅନୁସାରେ ଉଭୟଙ୍କୁ କୋର୍ଟ ଚଲାଣ କରାଯାଇଥିଲା। ତେବେ କୋର୍ଟ ଚାଲାଣ ପରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ସୁଶ୍ରୀ ସୁଜାତା ରାଣୀ ପଣ୍ଡା ସୂଚନା ଦେଇଛନ୍ତି।

## ନୂତନ ଯୁବ ସଂଗଠନ ପାଇଁ ପ୍ରସ୍ତୁତି ବୈଠକ

ଏରସମା, (ଭାସ୍କର ନ୍ୟୁଜ୍ ) : ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତ ସରବା ଠାରେ ଆଗାମୀ ଦିନରେ ଯୁବକ ମାନଙ୍କୁ ସଂଗଠିତ କରି ସମାଜ ମଙ୍ଗଳ କାର୍ଯ୍ୟ କରିବାକୁ ଏକ ଯୁବ ସଂଗଠନ କରିବା ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଅଞ୍ଚଳର ଯୁବକ ମାନେ ଯୋଗ ଦେଇଥିଲେ। ସମାଜରେ ଲୋକମାନଙ୍କ ବିଭିନ୍ନ ସମସ୍ୟା, ଯୁବକ ମାନଙ୍କୁ ନିଯୁକ୍ତି, ଦାରିଦ୍ର୍ୟ ଦୂରୀକରଣ, ନିଶାମୁକ୍ତ ସମାଜ ଗଠନ ସଂଗଠନ ମୁଖ୍ୟ ଉଦ୍ଦେଶ୍ୟ ରହିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପାର୍ଥ ସାରଥି ରାଉତ, ନିରାକାର ସ୍ୱାଇଁ, ଲକ୍ଷ୍ମୀଧର ଓଝା, ଜ୍ଞାନ ରଞ୍ଜନ ଦାସ, ଅଭିଜିତ ସାହୁ, ମାନସ ସ୍ୱାଇଁ, ତପନ ଗଚ୍ଛାୟତ, ରାଜ କିଶୋର ମଲ୍ଲିକ, ବିକ୍ରମ ଦଳାଇ, ଚନ୍ଦନ ମଲ୍ଲିକ, ରାକେଶ ସ୍ୱାଇଁ, ସଞ୍ଜୀବ ରାଉତ, ନେତ୍ରାନନ୍ଦ ବେହେରା, ହେମନ୍ତ ରାଉତ, ଅନିଲ ସ୍ୱାଇଁ, କୃପାସିନ୍ଧୁ ଶୁକ୍ଳା ପ୍ରମୁଖଙ୍କ ସମେତ ୫୦ରୁ ଉର୍ଦ୍ଧ ଯୁବକ ଯୋଗ ଦେଇଥିଲେ ।

## ଲକ୍ଷ୍ମୀ ବସକୁ ଅଟକାଇଲେ ଅଞ୍ଚଳବାସୀଙ୍କ ସହ ଜନ ପ୍ରତିନିଧି

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ପୂର୍ବ ସରକାର ସମୟରେ ଲକ୍ଷ୍ମୀ ଯୋଜନାରେ ବିଭିନ୍ନ ପଞ୍ଚାୟତରୁ ବ୍ଲକ ଓ ଜିଲାକୁ ଚଳାଚଳ କରୁଥିଲା ଲକ୍ଷ୍ମୀ ବସ୍। ମାତ୍ର ୧୦ ଟଙ୍କାରେ ଲୋକେ ବ୍ଲକରୁ ଜିଲ୍ଲା ସଦର ମହକୁମାକୁ ଯାତାୟାତ କରି ପାରୁଥିଲେ। ନୂଆ ସରକାରଙ୍କ ସମୟରେ କିଛି ମାସ ଚାଲିଲା ପରେ ବ୍ଲକରୁ ଜିଲ୍ଲାକୁ ଗଡୁଥିବା ଏସି ବସ୍‌ଟି ବନ୍ଦ ହୋଇଯାଇଥିଲା। ଲକ୍ଷ୍ମୀବସ୍ ଯୋଜନାକୁ ପରିବର୍ତ୍ତନ କରାଯାଇ ଗ୍ରାମୀଣ ସଂଯୋଗୀକରଣ ବସ( ମୁଖ୍ୟମନ୍ତ୍ରୀ ବସ୍ ଭାବରେ ଚଳାଚଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା) ବ୍ଲକରୁ ପଞ୍ଚାୟତକୁ ଚଳାଚଳ କରୁଥିବା ବେଳେ ଜିଲ୍ଲାକୁ ଚାଲୁଥିବା ଏସି ବସ୍‌ଟି ଦୀର୍ଘ ମାସ ଧରି ପଡିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପଡିରହି ଥିଲା। ଗୁରୁବାର ଦିନ ଏହି ବସକୁ ନିଆ ଯାଉଥିଲାବେଳେ ପଡିଆର ଲୋକ ପ୍ରତିନିଧୀଙ୍କ ସମେତ ଅଞ୍ଚଳବାସୀ ଅଟକାଇ ଥିଲେ। ଏମାନଙ୍କ କହିବା ଅନୁଯାୟୀ ପଡିଆ ବ୍ଲକରୁ ଜିଲ୍ଲାକୁ ଏକ ମାତ୍ର ସରକାରୀ ବସ୍ ଚାଲୁଛି ଯାହା ଭୋର ୫ ଟାରୁ ବାହାରୁଛି। ଜୟପୁରରୁ ଫେରି ସନ୍ଧ୍ୟା ସାଢେ ୭ଟାରେ ପଡିଆରେ ପହଞ୍ଚୁଛି। ପଡିଆ ଅଞ୍ଚଳର ୯୦ ପ୍ରତିଶତ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ବସ୍‌ଟିକୁ ଅଟକାଇ ବ୍ଲକରୁ ଜିଲ୍ଲାକୁ ଚଳାଚଳ ପାଇଁ ଦାବି କରାଯାଇଛି ଓ ବସ୍‌ଟି ଯାଉଥିବା ଦେଖି ସ୍ଥାନୀୟ ସରପଞ୍ଚ ଗଙ୍ଗା କାରାମ, ଏମ୍‌ପି ପ୍ରତିନିଧି ପି.ଭେଙ୍କଟେଶ୍ୱର ରାଓ, କୋଟାମ ବାଲାୟା, ରୁଞ୍ଜା ଆନନ୍ଦ ରାଓ, ବି.ଭାସ୍କର ରାଓ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡକାମୀ ପ୍ରମୁଖ ବିରୋଧ କରି ସ୍ଥାନୀୟ ଦୁର୍ଗା ମନ୍ଦିର ନିକଟରେ ଅଟକାଇ ରଖିଛନ୍ତି । କିଏ ନେଉଥିଲେ ସେ ସମ୍ପର୍କରେ ସ୍ଥାନୀୟ କୋର୍ଡିନେଟର ରାମ ପ୍ରସାଦ ଦେବନାଥଙ୍କୁ ପଚାରିବାରୁ ତାଙ୍କୁ କୌଣସି ଅନୁମତି ଦିଆଯାଇ ନାହିଁ । ଦୀର୍ଘ ମାସଧରି ବସ୍‌ଟି ବ୍ଲକ ପରିସରରେ ପଡି ଖତ ହେବାକୁ ବସିଲାଣି, ମୂଷା ପଶି ୱାୟାରିଂ ସବୁ କାଟି ଦେଇଛି ଏହାକୁ ମରାମତି ପାଇଁ ଜିଲ୍ଲା ସଦର ମହକୁମାକୁ ନିଆଯାଉଥିଲା ବୋଲି କହିଛନ୍ତି । ହେଲେ ଅଞ୍ଚଳବାସୀଙ୍କ ଦାବି ପଡ଼ିଆ ଠାରୁ ଜିଲ୍ଲା ସଦର ମହକୁମାକୁ ଏହି ବସଟିକୁ ସରକାର ଚଳାନ୍ତି ତାହେଲେ ଅଞ୍ଚଳବାସୀ ବହୁ ଉପକୃତ ହୁଅନ୍ତେ ।

# ବଜାର ବ୍ୟବସ୍ଥାରେ ଅଣଓଡ଼ିଆଙ୍କ ଆଧିପତ୍ୟ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା ରାଜ୍ୟରେ ଏକ ସୀମାନ୍ତବର୍ତ୍ତୀ ଜିଲ୍ଲା ହୋଇଥିବାବେଳେ ଏହି ଜିଲ୍ଲାର ଖଣି ଖାଦାନ ଓ ଜନସାଧାରଣଙ୍କ ସରଳତାର ସୁଯୋଗ ନେଇ ବିହାର, ଝାଡଖଣ୍ଡ, ଛତିଶଗଡ, ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଅଞ୍ଚଳରୁ ହଜାର ହଜାର ଅନୁପ୍ରବେଶକାରୀ ଜିଲ୍ଲା ମଧ୍ୟରେ ପ୍ରବେଶ କରି ବଜାର ବ୍ୟବସ୍ଥାକୁ ପୁରା ହାତମୁଠାକୁ ନେଉଛନ୍ତି ବୋଲି ଅଭିଯୋଗ ହୋଇଛି। କେବଳ ଯେ ଘର ନିର୍ମାଣ କାମଠାରୁ ଆରମ୍ଭ କରି ଅନ୍ୟାନ୍ୟ ବ୍ୟବସାୟରେ ନିଜର ଏକଚାଟିଆ କାରବାରକୁ ଜାହିର କରିଛନ୍ତି ତାହା ନୁହେଁ ଅନେକ ସମୟରେ ଏମାନେ ଅସାମାଜିକ କାର୍ଯ୍ୟ କରି ଫେରାର ହେଉଥିବା ପରିଲକ୍ଷିତ ହେଉଛି। ବିଭିନ୍ନ ସମୟରେ ଅନୁପ୍ରବେଶକୁ ନେଇ ବଡ ବଡ ସମସ୍ୟା ସୃଷ୍ଟି ହେବା ସହ ଅନେକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖା ଦେବା ସହିତ ପ୍ରକାରନ୍ତେ ଏହା ପ୍ରଶାସନ ପାଇଁ ମୁଣ୍ଡବ୍ୟାଥାର କାରଣ ହୋଇଛି। କେନ୍ଦୁଝର ଜିଲ୍ଲାର ସୀମାକୁ ଲାଗି ଝାଡଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟ ରହିଥିବାବେଳେ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଏବେ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ବିଭିନ୍ନ କାମ ନେଇ ଏ ଜିଲ୍ଲାକୁ ଆସିଥାନ୍ତି। ଏବେ କେନ୍ଦୁଝର ଜିଲ୍ଲାରେ ପରିଲକ୍ଷିତ କରାଯାଉଛି ରାଜମିସ୍ତ୍ରୀ, ମାର୍ବଲ ମିସ୍ତ୍ରୀ, ସିଲିଂ ମିସ୍ତ୍ରୀ, ଗଛ କାଟିବା ପାଇଁ, ମାଟି ଖୋଳା, ହୋଟେଲ ଏବଂ ଖଣି ଓ କଳକାରଖାନାରେ କାର୍ଯ୍ୟ କରିବା ପାଇଁ ଏମାନେ ସେମାନଙ୍କ ଅଞ୍ଚଳରୁ କେନ୍ଦୁଝରକୁ ଆସୁଥିବା ଜଣାଯାଇଛି । କେତେ ପରିମାଣର ବାଂଲାଦେଶୀ, ପଶ୍ଚିମବଙ୍ଗ କିମ୍ବା ବିହାର ଅଞ୍ଚଳର ଲୋକମାନେ ଏଠାକୁ ଆସୁଛନ୍ତି ତାହାର କୌଣସି ହିସାବ ପ୍ରଶାସନ ପାଖରେ ନଥିବାବେଳେ ଏହାକୁ ନେଇ ଅନେକ ସମୟରେ ସମସ୍ୟା ସୃଷ୍ଟି ହୋଇଛି। କୋଭିଡ ସମୟରେ ଏହି ରାଜ୍ୟ ବାହାରର ମିସ୍ତ୍ରୀ ଓ ଠିକାଦାରମାନେ ନିଜ ରାଜ୍ୟକୁ ଫେରିବା ପାଇଁ ପ୍ରଶାସନ ଓ ଶ୍ରମ ବିଭାଗ ନିକଟରେ ପ୍ରାର୍ଥନା କରି ସହାୟତା ପାଇଥିବାବେଳେ ସେମାନଙ୍କର ନିର୍ଦ୍ଦିଷ୍ଟ ସଂଖ୍ୟା ନ ଥିବାରୁ ଶ୍ରମ ବିଭାଗକୁ ବେଶ ମାନସମନ୍ଥନ କରିବାକୁ ପଡିଥିଲା । ଏବେ ମଧ ବାଂଲାଦେଶୀ ଓ ରାଜ୍ୟ ବାହାରର ଅନୁପ୍ରବେଶକାରୀମାନେ ସମସ୍ତ ପ୍ରକାର ସରକାରୀ ସହାୟତା ପାଉଥିବା ସହ କେତେକ ଅଞ୍ଚଳରେ ମଧ ଫଟୋ ପରିଚୟପତ୍ର ପାଇଯିବାର ସୂଚନା ମିଳିଲାଣି । ନିୟମିତ ଅଭିଯୋଗ ହେଉଛି ଯେ, ବିଭିନ୍ନ କାମ ପାଇଁ ସାଧାରଣ ଲୋକଙ୍କୁ ଏହି ରାଜ୍ୟବାହାରର ବ୍ୟକ୍ତିମାନେ ଶୋଷଣ କରୁଛନ୍ତି। ରାଜ୍ୟ ବାହାରର କିଛି ବ୍ୟକ୍ତି ନିଜକୁ ଠିକାଦାର ବୋଲାଇ ଅଭିଜ୍ଞ ଓ ସାମାନ୍ୟ ଅଭିଜ୍ଞ ଥିବା ମିସ୍ତ୍ରୀମାନଙ୍କୁ କାମରେ ଲଗାଇ ଅର୍ଥରୋଜଗାର କରୁଛନ୍ତି। ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ଛତିଶଗଡ ରାଜ୍ୟରେ ଏମାନେ କାମଧନ୍ଦା ନପାଇ ଏଠାକୁ ତାଙ୍କ ଠିକାଦାରଙ୍କ ସାଙ୍ଗରେ ଆସି କାମ କରି ଏହି ଦଲାଲମାନଙ୍କଠାରୁ ପଇସା ପାଉ ନଥିବା ଅଭିଯୋଗ ହୋଇଥାଏ। ତେଣୁ ସେମାନେ ପୁଣି ଘରକୁ ଫେରିଯିବା ପରେ ଏବେ ଓଡିଆ ମିସ୍ତ୍ରୀ କାମ କରିବା ଆରମ୍ଭ କଲେଣି। ନିଜ ମର୍ଜିରେ ଦର କଷିବା ସହ ଅପରାଧିକ କ୍ରିୟାକଳାପ ମଧ ଏମାନଙ୍କ ଦ୍ୱାରା ସଂଗଠିତ ହେଉଥିବା ଅଭିଯୋଗ ହେଉଛି । ପୋଲିସ ପ୍ରଶାସନ ସତର୍କ ଦୃଷ୍ଟି ନରଖିଲେ ଯେ କୌଣସି ପ୍ରକାର ଅଘଟଣକୁ ଅସ୍ୱୀକାର କରାଯାଇନପାରେ । ବିଶେଷ କରି ଜିଲ୍ଲାର କେଉଁ ଅଞ୍ଚଳରେ କେତେ ପରିମାଣରେ ଏହି ସଂପ୍ରଦାୟର ଲୋକ ଅଛନ୍ତି ତାହାର ହିସାବ ନା ପ୍ରଶାସନ ନା ପୋଲିସ କାହାରି ପାଖରେ ନଥିବା ଜଣାପଡିଛି । ସାଧାରଣରେ ଅଭିଯୋଗ ହେଉଛି ଯେ ଅନେକ ଅପରାଧର ପୃଷ୍ଠଭୂମିରେ ଏମାନଙ୍କ ହାତ ଥିବାବେଳେ କ୍ରାଇମ୍ ଡିଟେକ୍ସନ ପାଇଁ ଏମାନଙ୍କର ଭୂମିକାକୁ ପୋଲିସ ତୀକ୍ଷ୍ଣ ପର୍ଯ୍ୟାଲୋଚନା ନକଲେ ପରିସ୍ଥିତି ହାତ ଛଡା ହେବାର ସମ୍ଭାବନା ରହିଛି । ଏଦିଗରେ ବେଳ ଥାଉ ଥାଉ ପଦକ୍ଷେପ ନନେଲେ ଆଗାମୀ ଦିନରେ ଏମାନଙ୍କ ଦ୍ୱାରା ବଡଧରଣର ଅପରାଧକୁ ଅସ୍ୱୀକାର କରିହେବ ନାହିଁ ।

**ମୁର୍ଶିଦାବାଦ ମିସ୍ତ୍ରୀଙ୍କ ପାଖରେ ଓଡିଆ କାମ କରୁଛନ୍ତି**




ରଘୁନାଥପୁର (ଭାସ୍କର ନ୍ୟୁଜ୍): ଶିକ୍ଷାବିତ୍ ଦିବ୍ୟସିଂହ ରଥଙ୍କ ଦ୍ୱାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜନ୍ମସ୍ଥାନ ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ ଅନ୍ତର୍ଗତ ବାଲିକୁଦା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତଥା ଶିକ୍ଷକ ନେତା ସୁରେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନନୀୟ ଅତିଥି ଭାବେ ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା, ଶିକ୍ଷକ ନେତା ବୈରାଗୀ ଚରଣ ସାହୁ ଓ ବନମାଳୀ ମହାରଣା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଥଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧ୍ୟକ୍ଷ ରମାରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ସଦାଶିବ ବିଶ୍ୱାଳ, ରବିନାରାୟଣ ରଥ, ନରେନ୍ଦ୍ର ପ୍ରସାଦ ସ୍ୱାଇଁ, ବ୍ରଜକିଶୋର ସ୍ୱାଇଁ, ରଘୁନାଥ ସ୍ୱାଇଁ, ସରୋଜ କୁମାର ଦ୍ୱିବେଦୀ, ନୃସିଂହ ଚରଣ ପଣ୍ଡା, ଉପେନ୍ଦ୍ର ନାଥ ରଥ, ମିହିର କୁମାର ନାୟକ, କୈଳାସ ଚନ୍ଦ୍ର ମଲ୍ଲିକ, ଇଲାବନ୍ତ ନାୟକ, ଶୁଭ୍ରାଂଶୁ ଆଚାର୍ଯ୍ୟ, ଦୁର୍ଯୋଧନ ବିଶ୍ୱାଳ, ପ୍ରାଣକୃଷ୍ଣ ନାୟକ, ବିଶ୍ୱନାଥ ବାରିକ, ଭଉଣୀ ଗୀତା ରଥ, ବଡ଼ ପୁଅ ଦିଲ୍ଲୀପ କୁମାର ରଥ, ଝିଅ ଦୀପିକା ଆଚାର୍ଯ୍ୟ ଓ ଶାନ୍ତିଲତା ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ରଥଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ସମାଜସେବୀ ବିଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦେଇଥିଲେ।

### ମହକୁଛି ମହୁଲ ଫୁଲର ବାସ୍ନା

# ମୂଲ୍ୟ କମୁଛି, ସଂଗ୍ରହକାରୀ ହତାଶ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାରେ ମହକୁଛି ବଉଳ ଫୁଲର ବାସ୍ନା। କିନ୍ତୁ କମୁଛି ହଳଦିଆ ଫୁଲର ମୂଲ୍ୟ। ଫଳରେ ଅଭାବୀ ବିକ୍ରିର ଶିକାର ହୋଇ ସଂଗ୍ରହକାରୀ ହତାଶ। ଜିଲ୍ଲାର ବହୁ ସଂଖ୍ୟକ ଆଦିବାସୀଙ୍କ ପେଟର ଭୋକ ମେଣ୍ଟାଇବାକୁ ପ୍ରକୃତି ସାଇତି ରଖିଛି ଅନେକପ୍ରକାର ଜଙ୍ଗଲଜାତ ଦ୍ରବ୍ୟ। ସେଥିମଧ୍ୟରୁ ମହୁଲଗଛ (ଟୋଲଗଛ) ଅନ୍ୟତମ। ଏହି ଗଛରୁ ଫୁଲ ଓ ଫଳ ସଂଗ୍ରହକରି ଆଦିବାସୀମାନେ ନିଜ ପରିବାର ପାଇଁ ୬ ମାସର ଦାନା ଯୋଗାଡ଼ କରିଥାନ୍ତି। ମାଲକାନଗିରି ଜିଲ୍ଲାର କୋରକୁଣ୍ଡା, କାଲିମେଳା, ମାଥିଲି, ଗୁମ୍ଫା, ଖଇରପୁଟ, ମାଲକାନଗିରି, ପଡିଆ ବ୍ଲକ ଅଞ୍ଚଳରେ ପ୍ରଚୁର ପରିମାଣର ମହୁଲଗଛ ରହିଛି। ଫେବୃଆରୀ ମାସ ଶେଷରୁ ଏହି ଗଛରେ ଫୁଲର ପସରା ମେଲି ମେ ମାସ ଶେଷ ପର୍ଯ୍ୟନ୍ତ ଅବ୍ୟାହତ



ରହିଥାଏ। ଆଦିବାସୀମାନେ ପିଲାଛୁଆ ଧରି ନିକଟସ୍ଥ ଜଙ୍ଗଲକୁ ଯାଇ ମହୁଲଫୁଲ ସଂଗ୍ରହ କରି ଘରକୁ ଆଣିଥାନ୍ତି। ଏହାକୁ ଖରାରେ ଶୁଖାଇ ବିକ୍ରି ଯୋଗ୍ୟ କରିଥାନ୍ତି। ପରେ ଗାଁ ପାଖ ହାଟକୁ ନେଇ ବିକ୍ରି କରିଥାନ୍ତି। କିଛିଲୋକ ମହୁଲଫୁଲକୁ ବାଟି ଚକୁଳିପିଠା କରି ଖାଇଥାନ୍ତି। ମହୁଲଫୁଲରୁ ମହୁଲିମଦ ରନ୍ଧା ଯାଇଥାଏ। ଜୁନ୍‌ମାସ ପରେ ମହୁଲ ଗଛରେ ଫଳ ଧରିଥାଏ। ଜୁଲାଇ ମାସ ଠାରୁ ଏହି ଫଳଗୁଡିକ ପାଚି ଖସିପଡିଥାଏ। ଏହି ଫଳକୁ ସଂଗ୍ରହ କରି ଆଦିବାସୀମାନେ ଶୁଖାଇ ସେଥିରୁ ଟୋଲ ତେଲ ବାହାର କରିଥାନ୍ତି। ଏହି ତେଲ ରୋଷେଇ ଠାରୁ ଆରମ୍ଭକରି ଅନ୍ୟାନ୍ୟ କାମରେ ଲାଗିଥାଏ। ଏହି ଫଳକୁ ଆଦିବାସୀମାନେ ଟୋଲ ବୋଲି କହିଥାନ୍ତି। ଏହା ମାଲକାନଗିରି ଜିଲ୍ଲାବାସୀଙ୍କ ପ୍ରମୁଖ ରୋଜଗାରର ମାଧ୍ୟମ। ସରକାରଙ୍କ ଜଙ୍ଗଲଜାତ ଦ୍ରବ୍ୟ ଉପରେ କୌଣସି ସ୍ୱଷ୍ଟ ନୀତି ନଥିବାରୁ ଗତ ବର୍ଷର ମୂଲ୍ୟ ଚଳିତ ବର୍ଷ ଅପରିବର୍ତ୍ତିତ ରହିଛି। ସରକାରୀ ସ୍ତରରେ ଶୁଖୁଲା ମହୁଲ ଫୁଲ କେଜି ପ୍ରତି ମାତ୍ର ୨୦ ଟଙ୍କା ରହିଥିବା ବେଳେ ବ୍ୟବସାୟୀମାନେ ଏହାକୁ ୧୪ରୁ ୧୫ଟଙ୍କା ଦରରେ କିଣି ନେଉଛନ୍ତି। ଭାଲୁ ଆକ୍ରମଣର ଭୟ ସତ୍ତ୍ୱେ ଜୀବନ ବିପନ୍ନ କରି ଗୋଟିଏ ପରିବାର ଦିନକୁ ପ୍ରାୟ ୪ରୁ ୫କେଜି ଭଳି ମହୁଲ ସଂଗ୍ରହ କରିଥାନ୍ତି। ଦିନସାରା ମହୁଲଗଛ ମୂଳେ ଜଗିରହି ଯାହା ଫୁଲ ମିଳେ ତାକୁ ମୁଣ୍ଡାଇ ସଞ୍ଜ ନଇଁବା ବେଳକୁ ଧାଡି ହୋଇ ଘରକୁ ଫେରିଥାନ୍ତି। ଆଦିବାସୀ ଲୋକଟି ଦିନ ତମାମ ଟାଇଁ ଟାଇଁ ଖରାରେ ବହୁ କଷ୍ଟ ସହି ମହୁଲ ଫୁଲ ସଂଗ୍ରହ କରୁଥିଲେ ମଧ ତା'ର ପରିଶ୍ରମର ଉପଯୁକ୍ତ ପ୍ରାପ୍ୟ ପାଇପାରୁ ନାହିଁ। ଏ ନେଇ ସରକାର ଅନ୍ତତଃ ଧ୍ୟାନ ଦେଲେ ଜିଲ୍ଲାର ଆଦିବାସୀମାନେ ଉପକୃତ ହୁଅନ୍ତେ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# ପରିବାରର ନିର୍ଯାତନା ସହିନପାରି ବୃଦ୍ଧ ଗଲେ ବୃଦ୍ଧାଶ୍ରମ

ଏରସମା (ଭାସ୍କର ନ୍ୟୁଜ୍) : ନାଗରିକମାନେ ବୟସର ଅପରାହ୍ନରେ ଏବେ ଅଖୋଜା ଅଲୋଡା ହୋଇ ପଡୁଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ପ୍ରଣୟନ କରାଯାଇଥିବା ଆଇନ୍ ରହିଯାଉଛି ଫାଇଲ ଭିତରେ। ଯାହା ବରିଷ୍ଠ ନାଗରିକମାନେ ପରିବାର ଛାଡି ବୃଦ୍ଧାଶ୍ରମରେ ଅବଶିଷ୍ଟ ଜୀବନ ବଞ୍ଚିବା ପାଇଁ ଶ୍ରେୟ ମଣୁଛନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଏରସମା ବ୍ଲକ୍ ଅନ୍ତର୍ଗତ ଚଟୁଆ ପଞ୍ଚାୟତ ଜନାର୍ଦ୍ଦନପୁର ଗ୍ରାମର ଗୋପୀନାଥ ପାତ୍ରଙ୍କ କ୍ଷେତ୍ରରେ। ଦୀର୍ଘଦିନ ହେଲା ପିଲାମାନଙ୍କ ଦ୍ୱାରା ଅବହେଳିତ ଓ ନିର୍ଯାତିତ ହୋଇ ନ୍ୟାୟ ପାଇଁ ଜଗତସିଂହପୁର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଜିଲ୍ଲାପାଳ ଘଟଣାର ବିଚାର କରିବା ସହିତ କୁଜଙ୍ଗ ଥାନା ମାଧ୍ୟମରେ ସମାଧାନ କରି ଗୋପୀନାଥଙ୍କୁ ନିଜ ଘରେ ଛାଡିବା ପାଇଁ ପରାମର୍ଶ ଦେଇଥିଲେ। କୁଜଙ୍ଗ ଥାନା ଏବଂ ବ୍ୟାସ ଫାଉଣ୍ଡେସନର ମିଳିତ ସହଯୋଗରେ ପରିବାର ଲୋକଙ୍କୁ ବୁଝାସୁଝା କରି ଗୋପୀନାଥଙ୍କୁ ନିଜ ପରିବାରରେ ଛଡ଼ାଯାଇଥିଲା। ମାତ୍ର ଦୁଇମାସ ପରେ ପୂର୍ବଭଳି ପରିବାରରେ ତାଙ୍କୁ ନିର୍ଯାତନା ଦିଆଯିବାର ଅଭିଯୋଗ କରି, ଶେଷରେ ଏଭଳି ଜୀବନ ବଞ୍ଚିବା ଅପେକ୍ଷା ଗୋପୀନାଥ ଶେଷ ଜୀବନ ବୃଦ୍ଧାଶ୍ରମରେ କାଟିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ସମୟରେ ସେ' ବ୍ୟାସ ଫାଉଣ୍ଡେସନ କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି ତାଙ୍କୁ ବୃଦ୍ଧାଶ୍ରମରେ ଛାଡିବା ପାଇଁ ଅନୁରୋଧ କରିଛନ୍ତି। ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଉପସଭାନେତ୍ରୀ ରଶ୍ମିତା ନାୟକ, ଆଇନ ପରାମର୍ଶଦାତା ହୃଷିକେଶ ନନ୍ଦ, ସଦସ୍ୟ ସଂଗ୍ରାମ ନାୟକ, ବିପିନ ମାଝୀ ପ୍ରମୁଖ ପହଞ୍ଚି କୁଜଙ୍ଗ ଥାନା ଅଧିକାରୀଙ୍କ ସହିତ ସବିଶେଷ ଆଲୋଚନା ପରେ, ତଥା ଗୋପୀନାଥଙ୍କ ସମ୍ମତି କ୍ରମେ, ଗୁରୁବାର ଅପରାହ୍ନରେ ତାଙ୍କୁ ରଘୁନାଥପୁର ସ୍ଥିତ ମୋ ଘର ବୃଦ୍ଧା ଶ୍ରମରେ ଛଡ଼ା ଯାଇଥିବାର ଜଣାପଡିଛି। ତେବେ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ପାଇଁ ପ୍ରଣୟନ କରାଯାଇଥିବା ଆଇନର କାର୍ଯ୍ୟକାରିତା ଉପରେ ବ୍ୟାସ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ଆଚାର୍ଯ୍ୟ ଗୁରୁତ୍ୱାରୋପ କରିଛନ୍ତି।

### ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା

# ଉତ୍ତମ ପୋଷଣ, ସୁସ୍ଥ ଜୀବନ




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ମା', କିଶୋରୀ ଝିଅ ଓ ଶିଶୁମାନଙ୍କ ଉପଯୁକ୍ତ ପୃଷ୍ଟି ସାଧନ ଉଦେଶ୍ୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା'। ୧୫ରୁ ୧୯ବର୍ଷ ବୟସର ସମସ୍ତ କିଶୋରୀ ବାଳିକାମାନଙ୍କୁ ପୃଷ୍ଟି ସହାୟତା ସହିତ ଗର୍ଭବତୀ ମହିଳା ଓ ପ୍ରସୂତି ମା'ମାନଙ୍କ ପାଇଁ ଅଧିକ ଶୁଖିଲା ଖାଦ୍ୟର ବ୍ୟବସ୍ଥା, ଅତିଶୟ ପୃଷ୍ଟିହୀନ ପିଲାମାନଙ୍କ ପାଇଁ ସମ୍ପୂର୍ଣ୍ଣ ଆହାର, ମଧ୍ୟମ ପୃଷ୍ଟିହୀନ ପିଲା ଏବଂ ଅତିଶୟ କମ୍ ଓଜନର ପିଲାମାନଙ୍କ ପାଇଁ ଭିଟାମିନ ଯୁକ୍ତ ଖାଦ୍ୟର ପ୍ରଦାନ ବ୍ୟବସ୍ଥା ରହିଛି। ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମମତା ନାୟକଙ୍କ ସଭାପତିତ୍ୱରେ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରିଣୀ ସୁଧାଂଶୁବାଳା ଶତପଥୀ, ମିଶନଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ଟିକିନା ବେହେରା, ମଣ୍ଡଳ ପରିଦର୍ଶିକା ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୃଷ୍ଟି ସହିତ ସମୃଦ୍ଧିର ଗଭୀର ସମ୍ପର୍କ ରହିଛି। ତେଣୁ ପୃଷ୍ଟିର ଉନ୍ନତି ଜରିଆରେ ଆମେ ବିକାଶର ଲକ୍ଷ୍ୟ ପୂରଣ କରିପାରିବା। ପରିବାରକୁ ଉପଯୁକ୍ତ ପୃଷ୍ଟି କେବଳ ମା' ହିଁ ଦେଇପାରିବ ବୋଲି ମଣ୍ଡଳ ଉନ୍ନୟନ ଅଧିକାରିଣୀ କହିଥିଲେ। ଏହାସହ ସିଡିପିଓ କହିଥିଲେ ଆମ ଅଙ୍ଗନବାଡି କର୍ମୀ ଓ ମିଶନ ଶକ୍ତି ମା'ମାନଙ୍କର ମଧ କାର୍ଯ୍ୟକ୍ରମର ସଫଳତା ପାଇଁ ଗୁରୁଦାୟିତ୍ୱ ରହିଛି। ମମତା ଯୋଜନାରେ ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନିଆଯାଉଛି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା ଏ କ୍ଷେତ୍ରକୁ ଅଧିକ ସୁଦୃଢ କରିବ। କାର୍ଯ୍ୟକ୍ରମରେ କିଶୋରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ମଣ୍ଡଳ ପରିଦର୍ଶିକା ଲକ୍ଷ୍ମୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଆନ୍ଦୋଳନ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟକରୁଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ ଆନ୍ଦୋଳନରେ ଯୋଗ ଦେଇଥିବାରୁ ସ୍ୱାସ୍ଥ୍ୟସେବା ପରିଚାଳନାରେ ଗୁରୁତର ପ୍ରଭାବ ପଡିଛି। ଏହି କାରଣରୁ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ଆୟୁଷ୍ମାନ ଭାରତ ବୀମା କାର୍ଡ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବିତରଣ ସମ୍ଭବ ହୋଇପାରିନାହିଁ। ଫଳରେ ସରକାରଙ୍କ ପକ୍ଷରୁ ଆୟୁଷ୍ମାନ ଭାରତ କାର୍ଡ ବିତରଣ ଦାୟିତ୍ୱ ବିଡିଓମାନଙ୍କୁ ପ୍ରଦାନ କରିଥିବା ଜଣାଯାଇଛି। ଜନସେବାକେନ୍ଦ୍ର ମାଧ୍ୟମରେ ବିଡିଓ ଆୟୁଷ୍ମାନ ଭାରତ କାର୍ଡ ହିତାଧିକାରୀମାନଙ୍କୁ ବିତରଣ କରିବାକୁ ନିର୍ଦ୍ଦେଶ ହୋଇଛି। ସ୍ଥାୟୀ ନିଯୁକ୍ତି ଆଦି ୬ ଦଫା ଦାବି ପୂରଣ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ ମାର୍ଚ୍ଚ ୧୦ ତାରିଖରୁ ଆନ୍ଦୋଳରେ ଯୋଗଦେଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ୧୭ଜଣ କର୍ମଚାରୀ ଆନ୍ଦୋଳନରେ ଯୋଗଦେଇଥିବାରୁ ସଂକ୍ରାମକ ରୋଗ କାର୍ଯ୍ୟକ୍ରମ, ରକ୍ତହୀନତା ଟୀକାକରଣ, ଥାଲାସେମିଆ, ଯକ୍ଷ୍ମା, କୁଷ୍ଠ ଆଦି ରୋଗ ନିରୂପଣ, ଲାବ ଟେଷ୍ଟ, ଗର୍ଭବତୀ ଟୀକାକରଣ, ପୁଷ୍ଟିସାଧନ କେନ୍ଦ୍ର ପରିଚାଳନା, ମାନସିକ ଓ ମ୍ୟାଲେରିଆ ଆଦି ରୋଗ ନିରାକରଣ ବାଧାପ୍ରାପ୍ତ ହୋଇଛି।

## ବସନ୍ତ କବିତା ଆସର

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପଦିନାରାୟଣପୁର ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ବସନ୍ତ କବିତା ଆସର କବି ପୁରୁଷୋତ୍ତମ ଧଳଙ୍କ ପୌରୋହିତ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କବି ସନ୍ତୋଷ କୁମାର ସାହୁ, ଜଗନ୍ନାଥ ନାୟକ, ଘନଶ୍ୟାମ ସାହୁ, ନାରାୟଣ ପୋଥାଳ, ଭରତ ଦାସ, ଶରତ କୁଣ୍ଡୁ, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଯୋଗଦେଇ ଋତୁରାଜ ବସନ୍ତର ନୈସର୍ଗିକ ଅନୁଭବକୁ କବିତା ମାଧ୍ୟମରେ କବି ଜୀବନ୍ତ ଭାବେ ଉପସ୍ଥାପନ ପାଇଁ ଯୁଗେ ଯୁଗେ ପ୍ରୟାସ କରିଥାଏ ବୋଲି ବକ୍ତବ୍ୟରେ କହିବା ସହ ସ୍ୱରଚିତ କବିତା ପାଠ କରିଥିଲେ। ହିମାଂଶୁ ରାଉତ ସ୍ୱାଗତ ଭାଷଣ ଓ ନାରାୟଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# କୃଷି ବିଭାଗ ପକ୍ଷରୁ ଏକ ଦିବସୀୟ ତାଲିମ ପ୍ରଦାନ

ବେତନଟୀ (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ଅଧୀନ ଭୁଡୁରୁବେଣି ଠାରେ କୃଷି ବିଭାଗ ପକ୍ଷରୁ ଆୟୋଜିତ ଏକ ଦିବସୀୟ ତାଲିମ୍ ପ୍ରଦାନ କରାଯାଇଛି। ଗ୍ରାମ୍ୟ କୃଷି କର୍ମଚାରୀ ଅଭୟ କୁମାର ସାହୁଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ଏହି କର୍ମଶାଳାରେ ଟିଆର୍‌ଏଫ୍‌ଏ ବା ଟାର୍ଗେଟିଂ ରାଇସ ଫୋଲ ମ୍ୟାନେଜମେଣ୍ଟ ଉପରେ ମୁଖ୍ୟତଃ ଆଲୋଚନା ପୂର୍ବକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସହକାରୀ କୃଷି ଅଧିକାରିଣୀ ମୌସମୀ ମୁର୍ମୁଙ୍କ ସଭାପତିତ୍ୱରେ




ଆୟୋଜିତ ତାଲିମ୍ କାର୍ଯ୍ୟକ୍ରମରେ ଟିଆର୍‌ଏଫ୍‌ଏ ଯୋଜନା ସଂଯୋଜକ ବୁଦ୍ଧିଆ ସିଂ ନିଜର ଅନୁଭୂତି ବାବଦରେ କର୍ମଶାଳାରେ ଉପସ୍ଥିତ ଚାଷୀଭାଇ ଭଉଣୀମାନଙ୍କୁ ଅବଗତ କରାଇଥିଲେ। ସହକାରୀ କୃଷି ଅଧିକାରିଣୀ ମୌସମୀ ମୁର୍ମୁ ଡାଲି ଜାତୀୟ ଫସଲ ଅମଳର ଆବଶ୍ୟକତା ଏବଂ ଉପାଦେୟତା ତଥା ରୋଗପୋକ ନିରାକରଣ ଏବଂ ଧାନଫସଲର ଅମଳ ପରେ ସମୟର ସଦୁପଯୋଗ ପୂର୍ବକ ଚାରିମାସରୁ ଉର୍ଦ୍ଧ୍ୱ ସମୟ ଧରି ଖାଲି ପଡୁଥିବା ଚାଷଜମିକୁ ଉପଯୋଗ କରିବା ପାଇଁ ଉପାଦେୟ ତଥ୍ୟ ସାଙ୍ଗକୁ ଆବଶ୍ୟକ ତାଲିମ ଦେଇଥିଲେ। ଏକନାମୀ ଜମିପଟ୍ଟାଧାରୀ ଚାଷୀଭାଇ ଭଉଣୀମାନେ କୃଷକ ପଞ୍ଜିକରଣ ଓ କୃଷକ ଓଡ଼ିଶାରେ ନିଜକୁ କିଭଳି ଅନ୍ତର୍ଭୁକ୍ତ କରାଇ ପାରିବେ ସେନେଇ ଉଚିତ ମାର୍ଗଦର୍ଶନ ଦେବା ସହିତ ଆର୍ଥିକ ଦୃଷ୍ଟିକୋଣରୁ ଡାଲିଜାତୀୟ ଫସଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗ୍ରାମ୍ୟ କୃଷି କର୍ମଚାରୀ ଅଭୟ କୁମାର ସାହୁ ସମ୍ୟକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ପ୍ରଶିକ୍ଷଣ କର୍ମଶାଳା ପରିଚାଳନାରେ ବେତନଟୀର କୃଷକସାଥି ବିନୋଦ ଚନ୍ଦ୍ର ମହାନ୍ତ, ଜଗଦୀଶ ମହାନ୍ତ, ଏଟିଏମ ଲମ୍ୱୋଦର ମହାନ୍ତ ପ୍ରମୁଖ କୃଷିବିଭାଗର କର୍ମଚାରୀ ମାନେ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମର ଚାଷୀଭାଇ ମାନଙ୍କ ମଧ୍ୟରେ ରାଜକିଶୋର ମହାନ୍ତ, ଜଗତ କିଶୋର ମହାନ୍ତ, ଈଶ୍ୱର ମାଝୀ, ଭୀମ ଟୁଡୁ ପ୍ରମୁଖ ଚାଷୀମାନେ ଉପସ୍ଥିତ ରହିଥିଲେ।

## 'ଆମ ସଂସ୍କୃତି ଆମ ଖେଳନା' କର୍ମଶାଳା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସମଗ୍ର ଶିକ୍ଷା ଅଭିଯାନ, ପୁରୀଙ୍କ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ବଡ଼ଗୋଲା ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଦିନ 'ଆମ ସଂସ୍କୃତି ଆମ ଖେଳନା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।



ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କୁନି କୁନି ପିଲାମାନଙ୍କୁ ଖେଳନା ମାଧ୍ୟମରେ ପାଠ ପଢ଼ାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭରତ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟବକ୍ତା ତ୍ରିନାଥ ପ୍ରଧାନ, ସମ୍ମାନୀତ ଅତିଥି ସାଧନ ସଂଯୋଜକ ଦୁର୍ଯ୍ୟୋଧନ ନାୟକ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କିଶୋର ବେହେରା, ସହକାରୀ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା କୁମାରୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ପାଠପଢାକୁ ଆନନ୍ଦ ଦାୟକ, ଆଗ୍ରହପୂର୍ଣ୍ଣ କରିବା ସହ ପିଲାମାନେ କିପରି ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବେ ସେଥିପାଇଁ କିପରି ସ୍ୱଳ୍ପ ମୂଲ୍ୟରେ ଓ ବିନା ମୂଲ୍ୟରେ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତ କରାଯାଇ ପାରିବ ସେ ସମ୍ପର୍କରେ ଏହି କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ଯୋଗଦେଇ କହିଥିଲେ ସଂସ୍କୃତି ଓ ପରମ୍ପରାକୁ ନେଇ ଶୈକ୍ଷିକ ଖେଳନା ପ୍ରସ୍ତୁତି ବାବଦରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୩୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା, ଯୋଗଦେଲେ ୮୦ କମ୍ପାନୀ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ଷ୍ଟାଡିୟମରେ ଶୁକ୍ରବାର ଗଞ୍ଜାମ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ୮୦ରୁ ଅଧିକ ଘରୋଇ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଏଥିରେ ୫ ହଜାର ଆଶାୟୀ ବେକାର ଯୁବକ, ଯୁବତୀମାନେ ପଞ୍ଜିକରଣ କରିଥିଲେ। ଏହି ନିଯୁକ୍ତି ମେଳାରେ ୧୫୦ଜଣ ପିଲାଙ୍କୁ ଚୟନ କରାଯାଇ ସେମାନଙ୍କୁ ଜିଲ୍ଲାପାଳ ନିଯୁକ୍ତିପତ୍ର ଦେଇଥିଲେ। ଜିଲ୍ଲାପାଳ କହିଛନ୍ତି ଯେ ଏହା ସଫଳ ଆୟୋଜନ ହୋଇଥିଲା ଏବଂ ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ, ଯାହାଫଳରେ ବହୁ ବେକାର ଯୁବତୀ ଓ ଯୁବକ ଉପକୃତ ହୋଇପାରିବେ। ଏହି ମେଳା ଜରିଆରେ ୧ ହଜାର ପିଲାଙ୍କୁ ନିଯୁକ୍ତି ମିଳିବ ସେ ନେଇ ଉଦ୍ୟମ କରାଯାଉଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏଥିସହ ପିଲାମାନଙ୍କ



ଦକ୍ଷତା ବିକାଶ ପାଇଁ ଆଗାମୀ ଦିନରେ ଏ ସମ୍ପର୍କୀୟ ତାଲିମ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ମେଳାରେ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲଗୁଡିକ ଜିଲ୍ଲାପାଳ ବୁଲି ଦେଖିଥିଲେ। ଗଞ୍ଜାମ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସୌଜନ୍ୟରେ ବରିଷ୍ଠ ଡାକ୍ତର ସମାଜସେବୀ ଦିବଙ୍ଗତା ଡା. ସୁଚାରୁହାସିନୀ ପାତ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ପଟ୍ଟାମୁଣ୍ଡାଇସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ମୃତିଚାରଣ ସଭାରେ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. କେଲୁ ଚରଣ ସ୍ୱାଇଁ, ପ୍ରଫେସର କୈଳାଶ ଚନ୍ଦ୍ର ପାତ୍ର, ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, କାର୍ଯ୍ୟକାରୀ ସଭାପତି କଣ୍ଡୁରି ଚରଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିଜୟ କୁମାର ସାହୁ, କୋଷାଧକ୍ଷ ଚର୍ତ୍ତୁଭୂଜ ରାଉଳ, ପ୍ରଫେସର ପରୀକ୍ଷିତ ପାତ୍ର, ନାଟ୍ୟକାର ପ୍ରଫେସର ଗୋଲେଖ ଚନ୍ଦ୍ର ମହାରଣା, ପ୍ରଫେସର ଡ. ନରହରି ଲେଙ୍କା, ଶିକ୍ଷାବିତ ଶଚିନନ୍ଦନ ଦାସ, ଇଂଜି. ତ୍ରିଲୋଚନ ସୁତାର, ଇଂଜି ତପନ କୁମାର



ପାତ୍ର, ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ରାଉତ, ପ୍ରଦୀପ କୁମାର ରଥ, ଶିକ୍ଷାବିତ ପ୍ରମୋଦ କୁମାର ନାୟକ, ତୈଲୋକ୍ୟ ପ୍ରସାଦ ମିଶ୍ର, ପ୍ରାବନ୍ଧିକ ପ୍ରଦୀପ କୁମାର ନାୟକ, ନନ୍ଦକିଶୋର ମହାରଣା, ସୁଶାନ୍ତ କୁମାର ଦାଶ, ବ୍ରଜକିଶୋର ପଣ୍ଡା, କହ୍ନାଇ ଚରଣ ପରିଡା, ସଞ୍ଜୟ କୁମାର ବର୍ମା, ପ୍ରଫୁଲ୍ଲ କୁମାର ପ୍ରଧାନ, ଗର୍ନ୍ଧବ ଲେଙ୍କା ପ୍ରମୋଦ କୁମାର ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରି ଦିବଙ୍ଗତା ଡା. ସୁଚାରୁହାସିନୀ ପାତ୍ରଙ୍କର ପଟ୍ଟାମୁଣ୍ଡାଇ ଅଞ୍ଚଳ ପାଇ ଅବଦାନ ଓ ତାଙ୍କ ନିସ୍ୱାର୍ଥପର ସ୍ୱାସ୍ଥ୍ୟସେବା, ଉଚ୍ଚଶିକ୍ଷାର ପ୍ରସାର ପାଇଁ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାରେ ସହଭାଗୀତା ଆଦି ବିଷୟରେ ଆଲୋକପାତ କରିଥିଲେ। ଯଦିଓ ସେ ରାଜନୀତି କରୁନଥିଲେ ସ୍ୱାମୀଙ୍କର ରାଜନୈତିକ ପୃଷ୍ଠଭୂମିରେ ସେ ଥିଲେ ପଥପ୍ରଦର୍ଶକ। ସଭାର ପ୍ରାରମ୍ଭରେ ଦିବଙ୍ଗତା ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବକ୍ତାମାନେ ଦିବଙ୍ଗତା ଆତ୍ମାର ସ୍ମୃତି ଚାରଣ କରିବା ସହିତ ତାଙ୍କର ସମର୍ପିତ ସମାଜସେବା ଜନମାନସରେ ଅଭୁଲା ହୋଇ ରହିବ ବୋଲି ମତପ୍ରକାଶ କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶୂନ୍ୟ ଆଶ୍ରମରେ ସାଧୁମେଳା ଓ ବାର୍ଷିକୋତ୍ସବ

# 'ଜୀବନକୁ ଶାନ୍ତି ଦିଏ ଆଧ୍ୟାତ୍ମିକତା'

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାନନଗର ସ୍ଥିତ ଶୂନ୍ୟଆଶ୍ରମ ପରିସରରେ ୪ଦିନ ଧରି ବ୍ଲକସ୍ତରୀୟ ସାଧୁ ମେଳା ଓ ଭାଗବତ ନାମଯଜ୍ଞ ଅନୁଷ୍ଠିତ ହୋଇଅଛି। ଏହି ସାଧୁ ମେଳା ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଓ ନୟାଗଡ ଜିଲ୍ଲା ଶୂନ୍ୟ ଆଶ୍ରମ ଗୁଡିକରୁ ବହୁ ଶ୍ରଦ୍ଧାଳୁ ସାଧୁସନ୍ଥ ଓ ଭାଗବତ ପ୍ରେମୀ ଭକ୍ତମାନେ ଯୋଗଦେଇଛନ୍ତି। ମଙ୍ଗବାର ପ୍ରଥମ ଦିବସରେ ବରିଷ୍ଟ ପୂଜକ ପ୍ରମାଦ ଦାସଙ୍କ ଆବାହକତ୍ୱରେ ଶୁଭ ଅଧିବାସ, ଘଟ ସ୍ଥାପନ, କଳସ ସ୍ଥାପନ, ସୂର୍ଯ୍ୟ ପୂଜା, ଗୋ ପୂଜା, ହୋମ ଯଜ୍ଞ ଇତ୍ୟାଦି କରାଯାଇଥିଲା। ଦ୍ୱିତୀୟ ଦିବସରେ ଶ୍ରଦ୍ଧାଳୁ ଭାଗବତ ପ୍ରେମୀ ଭକ୍ତମାନଙ୍କ ଦ୍ୱାରା ଦିବାରାତ୍ର ନାମଯଜ୍ଞ ଓ ପୂଜାପାଠ କରାଯାଇଥିଲା। ଆଜିର ତୃତୀୟ ଦିବସରେ ବିଭିନ୍ନ ମହିଳା ତଥା ପୁରୁଷ ଭକ୍ତମାନଙ୍କ ଦ୍ୱାରା ଷୋଡଶ ପ୍ରହର ଭାଗବତ ନାମଯଜ୍ଞ ସହିତ ବିଶ୍ୱର ତଥା ଲୋକମାନଙ୍କର କଲ୍ୟାଣ ନିମନ୍ତେ ହୋମଯଜ୍ଞ କରାଯାଇଥିଲା। ସମାଜ ତଥା ଲୋକମାନଙ୍କର ବିକାଶ ପାଇଁ ଏବଂ ଉତ୍ତମ ଚରିତ୍ର ଗଠନ ନିମନ୍ତେ ବହୁ ବରିଷ୍ଠ ସାଧୁସନ୍ଥମାନେ ଉଚିତ ପରାମର୍ଶ ସହିତ ସତ୍ ଜ୍ଞାନ ଲୋକମାଙ୍କୁ ପ୍ରଦାନ କରିଥିଲେ। ଉତ୍ତମ ସାଧୁବାଣୀ ଓ ଆଧ୍ୟାତ୍ମିକ ଚିନ୍ତାଧାରା ଉତ୍ତମ ଚରିତ୍ର ଗଠନ କରିବାରେ ସହାୟକ ହୋଇଥାଏ ବୋଲି ବରିଷ୍ଠ ପୂଜକ ପ୍ରମୋଦ ବାବା କହିଥିଲେ। ଏହି ସାଧୁ ମେଳା ଉତ୍ସବକୁ ସମଜସେବୀ ଆନନ୍ଦ ଚନ୍ଦ୍ର ନାୟକ, ଦାସ ଚମ୍ପତି, ସୁବାସ ପଣ୍ଡା, ପ୍ରାଣନାଥ ସାହୁ ଓ ଶୂନ୍ୟ ଆଶ୍ରମର ସମସ୍ତ ସାଧୁସନ୍ଥମାନେ ମିଳିତ ଭାବେ ସହଯୋଗ କରି ପରିଚାଳନା କରିଥିଲେ। ଶୂନ୍ୟ ଆଶ୍ରମର ସୁସଜ୍ଜିତ ରଙ୍ଗ ବେରଙ୍ଗ ଆଲୋକ ଓ ଭକ୍ତି ଭାବର ଦୃଶ୍ୟ ସମସ୍ତ ଭକ୍ତମାନଙ୍କ ମନ ମୋହୁଅଛି।



## ରାଶିଫଳ

ଶନିବାର, ୨୨ ମାର୍ଚ୍ଚ ୨୦୨୫



**ମେଷ:** ଆଜି ଆପଣ ମାନସିକ କ୍ଲାନ୍ତ ଅନୁଭବ କରିପାରନ୍ତି ଏବଂ ପରିଶ୍ରମ କରିବା ସତ୍ତ୍ୱେ ଫଳାଫଳ କମ୍ ହେବ । ଅଧିକ ବ୍ୟସ୍ତତା ହେତୁ ଆପଣ ପରିବାରକୁ କମ୍ ସମୟ ଦେବେ, କିନ୍ତୁ ଆପଣ କାର୍ଯ୍ୟରେ ସଫଳତା ପାଇବେ । ପେଟ ଯନ୍ତ୍ରଣା ହେବାର ସମସ୍ୟା ହୋଇପାରେ ।



**ବୃଷ:** ଦିନ ଆରମ୍ଭରେ, ଆପଣଙ୍କର ମାନସିକ ସମସ୍ୟା ହୋଇପାରେ। ଶରୀରରେ କୌଣସି ଅସୁବିଧା ହେବନାହିଁ, ତଥାପି ଆପଣ ଅସ୍ଥିରତା ଅନୁଭବ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ହୋଇପାରନ୍ତି। ଛାତ୍ରମାନେ ପଢିବା ଏବଂ ଲେଖିବାରେ କମ୍ ସମୟ ନେବେ।



**ମିଥୁନ:** କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି। ଜୀବନସାଥୀ ଏବଂ ପିଲାମାନଙ୍କ ବିଷୟରେ ଚିନ୍ତା ହେବ। ସମସ୍ତଙ୍କ ଶରୀର, ମନ ଏବଂ ଧନରେ ବାଧା ଆସିବ। କୌଣସି କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ଏବଂ ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାକୁ ଏଡ଼ାନ୍ତୁ।



**କର୍କଟ:** ଆଜି ଛାତି ଯନ୍ତ୍ରଣା କିମ୍ବା ଅନ୍ୟାନ୍ୟ ବ୍ୟାଧିରୁ ଯନ୍ତ୍ରଣା ଅନୁଭବ ହେବ । ଘରେ ସଦସ୍ୟଙ୍କ ସହ ତୀବ୍ର ଆଲୋଚନା କିମ୍ବା ବିତର୍କ ହେତୁ ମନରେ ଦୁଃଖ ମଧ୍ୟ ରହିବ । ଆଜିର ଦିନ ଅସୁବିଧାରେ ପରିପୂର୍ଣ୍ଣ । କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ।



**ସିଂହ:** ସ୍ୱାସ୍ଥ୍ୟ ଭଲ ହେବ ଏବଂ ଆପଣ ଭାଇମାନଙ୍କ ସହିତ ସମୟ ବିତାଇବେ। ଏକ ସୁନ୍ଦର ଯାତ୍ରାର ଯୋଗ ରହିଛି। ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କୁ ଭେଟିବାର ସମ୍ଭାବନା ଅଛି । କାର୍ଯ୍ୟରେ ସଫଳତା ପାଇ ବନ୍ଧୁମାନେ ଖୁସି ହେବେ। କଳା କ୍ଷେତ୍ରରେ ବିଶେଷ ଆଗ୍ରହ ରହିବ।




**କନ୍ୟା:** ବକ୍ତବ୍ୟର ମଧୁରତା ସହିତ, ଆପଣ ଅନ୍ୟ ଲୋକଙ୍କ ମନରେ ଏକ ସକରାତ୍ମକ ଭାବନା ଛାଡି ପାରିବେ । ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ୍ୟ ଖୁସି ହେବ। ଏକ ସୁଖଦ ବ୍ୟାପାର ହେବ। ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବାରୁ ସନ୍ତୋଷର ଭାବନା ରହିବ।



**ତୁଳା:** ଶାରୀରିକ ଏବଂ ମାନସିକ ସ୍ତରରେ ସୁଖ ଅନୁଭବ କରିବେ । ପୋଷାକ ଏବଂ ଆନନ୍ଦ-ପ୍ରମୋଦ ପଛରେ ଖର୍ଚ୍ଚ ହେବ । ଆଦର୍ଶଗତ ଭାବରେ ଦୃଢ ରହିବେ। ମନ ସୃଜନଶୀଳ ଧାରାରେ ରହିବ। ବୌଦ୍ଧିକ ଧାରା ଏବଂ ଆଲୋଚନା ପାଇଁ ଦିନଟି ଭଲ ।



**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ । କୋର୍ଟ ସମ୍ବନ୍ଧୀୟ କାର୍ଯ୍ୟରେ ଯତ୍ନବାନ ହୁଅନ୍ତୁ । ପ୍ରତ୍ୟେକ ବିଷୟର ମଧ୍ୟମ ଆଚରଣ ଅପଚୟରୁ ଦୂରେଇ ରହିବ । ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ଅଛି, ତଥାପି କୌଣସି କ୍ଷତି ହେବ ନାହିଁ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ ।



**ଧନୁ:** ଆଜି ଆପଣଙ୍କ ଆୟ ଏବଂ ଲାଭର ବୃଦ୍ଧି ସମ୍ଭାବନା ରହିଛି। ସାମାଜିକ କାର୍ଯ୍ୟରେ ଭାଗ ନେଇ ମନ ଖୁସି ହେବ । ବ୍ୟବସାୟରେ ଲାଭବାନ ହେବେ । ଶାରୀରିକ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଆୟ ଅପେକ୍ଷା ଖର୍ଚ୍ଚ ଅଧିକ ହେବ । ବକ୍ତବ୍ୟରେ ସଂଯମତା ରଖନ୍ତୁ ।



**ମକର:** ଆଜି କଣ୍ଟିଜେନ୍ସି ଟଙ୍କା ମିଳିପାରେ । ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ନଷ୍ଟ କରିପାରେ। ବ୍ୟବସାୟ କ୍ଷେତ୍ରରେ ଧନ ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀଙ୍କ ସୁଖ ଆପଣଙ୍କ ଉପରେ ରହିବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ । ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ ।



**କୁମ୍ଭ:** ଆଜି ପ୍ରତିଯୋଗୀମାନଙ୍କ ସହିତ ବିତର୍କ କରନ୍ତୁ ନାହିଁ । ଶାରୀରିକ ଅସୁସ୍ଥ ରହିବେ । ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ । ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ । ଆଧ୍ୟାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ହୋଇପାରନ୍ତି ।



**ମୀନ:** ଆଜିର ଦିନ ସବୁ କ୍ଷେତ୍ରରେ ଆପଣଙ୍କ ପାଇଁ ଲାଭଦାୟକ । ଆଜି କିଛି ଦାନ କରନ୍ତୁ। ଉପଯୁକ୍ତ ଯୋଜନା ମାଧ୍ୟମରେ ବ୍ୟବସାୟ ବୃଦ୍ଧି ପାଇବ । ବ୍ୟବସାୟ ସହ ଜଡିତ ସ୍ଥାନାନ୍ତରଣର ସମ୍ଭାବନା ରହିଛି। ପିତା ଏବଂ ବରିଷ୍ଠମାନଙ୍କର ଆଶୀର୍ବାଦ ମିଳିବ। ଲାଭ ପାଇବେ । ଆୟ ବୃଦ୍ଧି ପାଇବ । ଛାତ୍ରମାନେ ପଢିବା ଏବଂ ଲେଖିବାରେ କମ୍ ସମୟ ନେବେ।



ଜ୍ୟୋତିଷ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ଗାଁର ନବ ନିର୍ମିତ ପ୍ରହରୀ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଓ ଷୋହଳ ପ୍ରହର ନାମ ଯଜ୍ଞର ଶୁଭାରମ୍ଭ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶତାଧିକ ମହିଳା ପୁରୁଷ ଘଣ୍ଟ, ଶଙ୍ଖ, ସଙ୍କୀର୍ତ୍ତନ ର ତାଳେ ତାଳେ ପବିତ୍ର ବେଦମନ୍ତ୍ରରେ ଭକ୍ତିମୟ ପରିବେଶ ହୋଇ ଉଠିଥିଲା ପ୍ରହରୀ ମଣ୍ଡପ ପରିସର । ଏହି ଅବସରରେ ପୂଜାକର୍ତ୍ତା ରୂପେ ସୁନନ୍ଦ ପୁଟେଲ, ଜୟଲକ୍ଷ୍ମୀ ପୁଟେଲ, ସୁବଳ ବରିହା, ସୁବସିନୀ ବରିହା, ମଙ୍ଗୁଲୁ ପୁଟେଲ, ରଶ୍ମିତା ପୁଟେଲ, ହିମାଂଶୁ ପୁଟେଲ ଦୁଲାସିନୀ ପୁଟେଲ, ଗୋପାଳ ବରିହା ପ୍ରମିଳା ବରିହା, ତିନିଦିନ ଦିନ ଧରି ହେବାକୁ ଥିବା ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ବୈଦ୍ୟନାଥ ମିଶ୍ର,କମଳାପତି ମିଶ୍ର,ପ୍ରୀତମ ମିଶ୍ର ପ୍ରମୁଖ ବ୍ରାହ୍ମଣ ନିୟୋଜିତ ହୋଇଛନ୍ତି । ଏହି ଅବସରେ ତିନିଦିନ ଧରି ଷୋହଳ ପ୍ରହାର ନାମଯଜ୍ଞ, ହୋମ ଯଜ୍ଞ ଆଦି ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପ୍ରକାଶ କରିଛନ୍ତି ।



# ବସନ୍ତର ରଙ୍ଗପସରାରେ ମହକୁଛି ମହୁଲ ଫୁଲର ବାସ୍ନା




ଉମରକୋଟ(ଭାସ୍କର ନ୍ୟୁଜ) : ଋତୁରାଜ ବସନ୍ତରେ ଫାଲଗୁନ ରାଣୀ ଧରଣୀରେ ସଜେଇ ହୋଇଥାଏ ରଙ୍ଗ ବେରଙ୍ଗର ଫୁଲ । ଏହି ସମୟରେ ଆଦିବାସୀଙ୍କ ଜୀବିକା ସାଜି ଥିବା ମହୁଲ ଫୁଲ ବି ଧରାକୁ ମହକାଇଥାଏ । ଜଙ୍ଗଲ ପାହାଡ଼ ଜମି କ୍ଷେତ ସବୁଠି ଏବେ ମହୁଲ ଫୁଲର ମହକ । ମହୁଲଫୁଲ ସମ୍ଭାରକୁ ଦେଖି ମହୁଲ ଗୋଟାଳି ମାନେ ବେଶ ଖୁସି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଆଦିବାସୀ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଅଞ୍ଚଳର ଅନେକ ଗ୍ରାମ ମାନଙ୍କରେ ମହୁଲ ଗଛ ଦେଖିବାକୁ ମିଳେ । ବସନ୍ତ ଋତୁ ଆଗମନ ଦେଖି ମହୁଲ ଫୁଲ ଯେମିତି ଗଛରୁ ଝଡି ପଡେ । ମହୁଲ ଫୁଲ ଗୋଟାଳି ମଧ ଦେଖି ଖୁସିହୁଅନ୍ତି । ମହୁଲ ଫୁଲ ଗୋଟାଳିମାନଙ୍କ ପେଟପାଟଣା ସାଙ୍ଗକୁ ସହାୟକ ହୁଏ ପରିବାର ର ପ୍ରତିପୋଷଣରେ । ମହୁଲ ଫୁଲ ସଂଗ୍ରହ କରିବା ଲାଗି ପୁରୁଷ, ମହିଳା, ପୁଅ, ଝିଅ ଭୋରରୁ ସନ୍ଧ୍ୟା ପର୍ଯ୍ୟନ୍ତ ମହୁଲ ଫୁଲଗଛରୁ ପଡ଼ିବା ଯାଏ ଅପେକ୍ଷା କରି ପରେ ସଂଗ୍ରହ କରି ଘରକୁ ଆଣନ୍ତି । ଏବେ ଆଦିବାସୀଙ୍କ ଘରେ ଘରେ ମହୁଲ ଫୁଲ ଶୁଖୁଥିବାର ଦେଖିବାକୁ ମିଳିଛି । ମହୁଲ ଫୁଲ ଫୁଟିବାର ସମୟରେ ବନବାସୀମାନେ ଅନ୍ୟ କାମଦାମ ପ୍ରାୟତଃ ଛାଡ଼ିଦିଅନ୍ତି । ସ୍କୁଲ ଯିବା ପିଲାମାନେ ମଧ ମହୁଲ ଗୋଟାଇବାରେ ଲାଗି ପଡ଼ନ୍ତି । ଆଦିବାସୀଙ୍କ କହିବା ଅନୁଯାୟୀ ଗୋଟିଏ ବଡ଼ ମହୁଲ ଗଛରୁ ଦିନକୁ ପ୍ରାୟ ୪ ରୁ ୫ କେଜି ପର୍ଯ୍ୟନ୍ତ ମହୁଲ ଫୁଲ ଝଡିଥାଏ । ଗୋଟିଏ ଗଛରେ ୩୦ ରୁ ୪୦ ଦିନ ପର୍ଯ୍ୟନ୍ତ ଫୁଲ ଫୁଟିଥାଏ । ଖରାର ତାତିରେ ମହୁଲ ଫୁଲ ୫ ରୁ ୭ ଦିନ ଶୁଖାଇ ଦିଅନ୍ତି । ସେହି ଶୁଖିଲା ମହୁଲକୁ ବିକ୍ରି କରି ବେଶ କିଛି ପଇସା ପାଇଥାନ୍ତି । ବର୍ତ୍ତମାନ ଉମରକୋଟ ଓ ଏହାର ଆଖପାଖ ଅଞ୍ଚଳର ବଜାରରେ ମହୁଲ କିଲୋ ପିଛା ୩୦ ରୁ ୩୫ ଟଙ୍କାରେ ବିକ୍ରୀ ହେଉଛି । ସତରେ ପରିବେଶ ଆମ ପାଇଁ ଆଶୀର୍ବାଦ, ପ୍ରକୃତି ହେଉଛି ବରଦାନ । ସେଥିପାଇଁ ତ ବଞ୍ଚିବା ପାଇଁ ରାହା ଦେଉଛି ଏହି ପ୍ରକୃତି । ସେହି ବରଦାନ ଧବଳ ମହୁଲ ଫୁଲ ଏବେ ବଞ୍ଚିବାର ଜୀବିକାର ମାଧ୍ୟମ । ମହୁଲ ଗୋଟାଳି ମାନେ ମହୁଲ ଫୁଲକୁ ଆସିବା ଦେଖି ଖୁସି ବ୍ୟକ୍ତ କରିଛନ୍ତି ।

# ‘ଧନ୍ୟବାଦ ମାଉସୀ, ମୁଁ ଜିଲ୍ଲାପାଳ ଆସିଛି’

## ପିଲାଙ୍କ ଖେଳକୁଦ ପାଇଁ ୫ ଏକର ଜମି ଦାନକରି ଚର୍ଚ୍ଚାରେ ସାବିତ୍ରୀ



ନୂଆପଡ଼ା (ଭାସ୍କର ନ୍ୟୁଜ) : ଏକ କୁଡିଆ ଘରେ ଜିଲ୍ଲାପାଳ ଖଟରେ ବସି ଜଣେ ବୁଢ଼ୀ ମାଉସୀ ସହିତ ଗପସପ କରୁଛନ୍ତି । ଏସି ରୁମ୍ ଛାଡ଼ି ପଙ୍ଖା ନଥିବା ଘରକୁ କାହିଁକି ଆସିଛନ୍ତି ଜିଲ୍ଲାପାଳ । ଏତେ ସମୟ ଗରମରେ ବସି କଣ କଥା ହେଉଛନ୍ତି । ଏ ଦୃଶ୍ୟ ଦେଖି ଆପଣ ମାନଙ୍କୁ ଅଜବ ଲାଗୁଥିବ । ହେଲେ ଏ ବୁଢ଼ୀ ମାଉସୀ ଏମିତି କାମ କରିଛନ୍ତି ଯେ ଜିଲ୍ଲାପାଳ ବାଧ ହୋଇ ଧନ୍ୟବାଦ କହିବାକୁ ତାଙ୍କ ଘରକୁ ଧାଇଁ ଆସିଛନ୍ତି । ଏ ବୁଢ଼ୀ ମାଉସୀ ଜଣକ ହେଲେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଂହଝର ଗାଁର ସାବିତ୍ରୀ ମାଝୀ । ବୟସ ୯୫ ବର୍ଷ ଗାଁ ପିଲାଙ୍କ ପାଇଁ ନିଜର ପୈତୃକ ସଂପତ୍ତି ଦାନ କରି ଚର୍ଚ୍ଚାକୁ ଆସିଛନ୍ତି । ସେଥିପାଇଁ ସମ୍ମାନ ଜଣାଇବା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାସ ଘରକୁ ଆସିଛନ୍ତି । ଅଣ୍ଟା ନଇଁପଡ଼ିଛି ବିନା ସାହାରାରେ ଚାଲିବା ସମ୍ଭବ ନୁହେଁ, ସାହାରା ଖୋଜୁଥିବା ବୟସରେ ସାବିତ୍ରୀ ମାଉସୀ ଦାନ କରିଛନ୍ତି ନିଜର ୫ଏକର ଜମି । ଗାଁରେ ଖେଳ ପଡିଆ ନଥିବାରୁ ପିଲାମାନେ ଏଣେ ତେଣେ ଖେଳୁଥିଲେ । ସ୍ଥାୟୀ ଖେଳ ପଡିଆ ନଥିବାରୁ ଖେଳିବା ସୁବିଧା ହେଉ ନଥିଲା । ପିଲାଙ୍କ ଖେଳ ପାଇଁ ନିଜ ଜମି ଦାନ କରିବାକୁ ନିଷ୍ପତି ନେଇଥିଲେ ସାବିତ୍ରୀ । ପରେ ଏହି ଜମିକୁ ଦାନ କରିବା ପାଇଁ ସେ ସିନାପାଲି ବିଡ଼ିଓଙ୍କୁ କରିଥିଲେ । ବୁଢ଼ୀ ମାଉସୀ ଏହି କାର୍ଯ୍ୟ ପାଇଁ ମାଉସୀଙ୍କ ଘରକୁ ଆସି ଧନ୍ୟବାଦ ଜଣାଇଛନ୍ତି । ବୟସ ୯୫ ଛୁଇଁଲାଣି, ଅଣ୍ଟା ନଇଁଗଲାଣି ଆଖିକୁ ଭଲ ଭାବରେ ଦେଖାଯାଉନାହିଁ । ତଥାପି କ୍ରିକେଟ, କବାଡି, ଫୁଟବଲ ଖେଳ ପ୍ରତି ତାଙ୍କର ମୋହ ଯାଇନାହିଁ । ବୟସରେ ଅପରାହ୍ନରେ ଥାଇ ବି ତାଙ୍କ ମହତ କାମ ସମ୍ପର୍କରେ ଆପଣ ଶୁଣିଲେ ବାଃ ବାଃ ନ କରି ରହିପାରିବେନି । ଭଲ ଭାବରେ ଚାଲି ପାରୁନାହାନ୍ତି ସାବିତ୍ରୀ ମାଝୀ । ଏହି ମହିୟସୀ ମହିଳାଙ୍କ ମହନୀୟତା ଏବେ ନୂଆପଡା ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି । ଗ୍ରାମୀଣ ଯୁବ ଖେଳାଳିଙ୍କ ଖେଳ ପଡିଆ ନିର୍ମାଣ କରିବା ପାଇଁ ନିଜ ପୈତୃକ ଅର୍ଜିତ ୫ ଏକର ଜମି ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ନାମରେ ଦାନ କରି ରେଜେଷ୍ଟ୍ରି କରିଦେଇଛନ୍ତି । ଏବେ ଏହି ଜମିରେ ସରକାର ଷ୍ଟାଡିୟମ ନିର୍ମାଣ କରିବା ପାଇଁ ସିଂହଝର ଗାଁର ଖେଳପ୍ରେମୀ ଦାବି କରିଛନ୍ତି । ନୂଆପଡା ଜିଲ୍ଲା ସଦର ମହକୁମା ଠାରୁ ୧୧୦ କିମି ଦୂରରେ ସିଂହଝର ଗାଁ । ଦୀର୍ଘ ୪୦ ବର୍ଷରୁ ଏହି ଗାଁରେ କ୍ରିକେଟ, ଫୁଟବଲ, କବାଡି ଖେଳ ଆନ୍ତଃରାଜ୍ୟ ଟୁର୍ଣ୍ଣାମେଣ୍ଟ ହୋଇଆସୁଛି । ସିଂହଝର ଏକ ଖେଳପ୍ରେମୀ ଗାଁ ଭାବରେ ରାଜ୍ୟରେ ନାଁ କରିଛି । ଗାଁର ପିଲାଠାରୁ ବୁଢ଼ା ସମସ୍ତେ ଗ୍ରାମୀଣ ଖେଳ କୁଦକୁ ଅତି ଗୁରୁତ୍ୱ ଦେଇଥାନ୍ତି । ଏହି ପୁରାତନ ଗାଁରେ ସରକାରଙ୍କ ପକ୍ଷରୁ କୌଣସି ଖେଳପଡିଆଟିଏ ନାହିଁ । ପ୍ରତିବର୍ଷ ବେସରକାରୀ ପଡିଆ ଜମିକୁ ମରାମତି କରି ବହୁ ପ୍ରସିଦ୍ଧ ଆନ୍ତଃରାଜ୍ୟ ବୁଢ଼ାରାଜା କ୍ରିକେଟ କପ୍ ଆୟୋଜନ କରି ଆସୁଛନ୍ତି ସିଂହଝର ଗ୍ରାମବାସୀ । ରାୟପୁର, ବିଳାସପୁର, କଟକ, ଭୁବନେଶ୍ୱର, ଝାଡଖଣ୍ଡ ଭଳି ଆନ୍ତଃରାଜ୍ୟ ଖେଳାଳିମାନଙ୍କୁ ନିମନ୍ତ୍ରଣ କରି ସିଙ୍ଗଝରରେ ଖେଳ ପ୍ରଦର୍ଶନ ହୋଇଥାଏ । ଗାଁରେ ସରକାରୀ ଖେଳ ପଡିଆ ନଥିବାରୁ ଗାଁର ଖେଳପ୍ରେମୀ ଚିନ୍ତିତ ଥିଲେ । ଏହି ଅସୁବିଧାକୁ ନେଇ ଗାଁର ବୁଢୀ ମାଆ ସାବିତ୍ରୀ ମାଝୀଙ୍କୁ ଜଣାଇଥିଲେ । ଗାଁ ପିଲାଙ୍କ ଅଳି ଅର୍ଦ୍ଦଳି ଶୁଣିବା ପରେ ଗ୍ରାମୀଣ ଖେଳ କୁଦର ବିକାଶ ପାଇଁ ୫ଏକର ଜମି ଦାନ କରିଛନ୍ତି ଖେଳପ୍ରେମୀ ସାବିତ୍ରୀ ମାଝୀ । ବର୍ତ୍ତମାନ ଜଣେ ୯୫ ବର୍ଷୀୟ ଖେଳପ୍ରେମୀ ମହିଳାଙ୍କ ଏହି ମହାନ କାମକୁ ଜିଲ୍ଲା ବ୍ୟାପି ପ୍ରଶଂସା କରାଯାଉଛି । ସାବିତ୍ରୀ ମାଉସୀ କହନ୍ତି ଯେ ଗାଁ ପିଲାଙ୍କ ଖେଳକୁଦରେ ମୁଁ ବହୁତ ଆନନ୍ଦ ପାଇଥାଏ... । ଆମ ଗାଁ ପିଲା ଖେଳରେ ବିଜୟୀ ହେଲେ ମୋତେ ବହୁତ ଖୁସି ଲାଗେ । ମୁଁ ଦେଇଥିବା ଖେଳ ପଡିଆ ଜମିରେ ପିଲାମାନେ ଖେଳ ଖେଳି ବ୍ୟାୟାମ ପ୍ରାଣାୟମ କରି ସୁସ୍ଥ ରହିବେ । ଆଗରୁ ଅପର ପ୍ରାଇମେରୀ ସ୍କୁଲ, ହାଇସ୍କୁଲ, କଲେଜ, ଦେବୀ ପୀଠ ଗାଁ ଝାଙ୍କରଙ୍କୁ ଜମି ଦାନ କରିଥିଲି । ୨୦୨୫ ମସିହାରେ ଖେଳ ପଡିଆ ପାଇଁ ଜମି ଦାନକରି ମୁଁ ବେଶ ଖୁସି ବୋଲି ସାବିତ୍ରୀ କହିଛନ୍ତି । ଖେଳ ପ୍ରେମୀ ସାବିତ୍ରୀ ମାଝୀଙ୍କ ସ୍ୱାମୀ ସ୍ୱର୍ଗୀୟ ନୀଳାମ୍ବର ମାଝୀ ଆଜକୁ ୧୦ ବର୍ଷ ପୂର୍ବେ ଆରପାରିକୁ ଚାଲିଯାଇଛନ୍ତି । ସାବିତ୍ରୀ ମାଝୀଙ୍କ ୫ ପୁଅ ୫ ଝିଅ ଅଛନ୍ତି । ପୁଅ ଚୁଡାମଣୀ ମାଝୀ, ଧରଣୀଧର ମାଝୀ, ଗୌରୀ ଶଙ୍କର ମାଝୀ, କେଦାର ମାଝୀ, ପ୍ରବୀଣ ମାଝୀ ରହିଥିବା ବେଳେ, ୫ ଝିଅ ବାସନ୍ତି ମାଝୀ, ଟିକେମେନୀ ମାଝୀ, ଗାୟତ୍ରୀ ମାଝୀ, ଦ୍ରୌପଦୀ ମାଝୀ, ହିମାଦ୍ରି ମାଝୀ । ସମସ୍ତ ଝିଅ ବାହା ହୋଇ ଅନ୍ୟ ଗାଁ ଯାଇଥିବା ବେଳେ, ୫ ପୁଅ ବୋହୂ ନାତି ନାତୁଣୀ ଯୌଥ ପରିବାର କୁନେଇ ସାବିତ୍ରୀଙ୍କ ସଂସାର । ଅପରପକ୍ଷେ ସାବିତ୍ରୀ ମାଝୀଙ୍କ ବିଚାର ଧାରାକୁ ଗାଁର ଯୁବ ଖେଳାଳିମାନେ ସଲାମ କରିଛନ୍ତି । ଆଜିର ଦିନରେ ମଣିଷ ଟିକିଏ ଜମି ପାଇଁ ହଣାକଟା ଭଳି ପରିସ୍ଥିତି ଉପୁଜୁଥିବା ବେଳେ, ଆମ ଗାଁର ସାବିତ୍ରୀ ମାଝୀଙ୍କ ମହାନକାର୍ଯ୍ୟ ଚିର ସ୍ମରଣୀୟ ହୋଇ ରହିବ ବୋଲି ଗାଁର ଯୁବକମାନେ କହିଛନ୍ତି । ସରକାର ଗ୍ରାମୀଣ ଖେଳ ପାଇଁ ଖେଳ ପଡିଆ ଟିଏ ଦେଲେ ନାହିଁ, ଏବେ ଆମ ଗାଁର ସାବିତ୍ରୀ ମାଉସୀ ଜମି ଦେଇଛନ୍ତି ଉକ୍ତ ଜମିରେ ସରକାର ପ୍ରଶାସନ ଖୁବ୍ ଶୀଘ୍ର ଷ୍ଟାଡିୟମ ନିର୍ମାଣ କରିଦିଅନ୍ତୁ ବୋଲି ଗାଁଲୋକେ ଦାବି କରିଛନ୍ତି ।

# କୁଟୁରାଚୁଆଁରେ ନିଶା ନିବାରଣ ସମାବେଶ




କୁଚିଣ୍ଡା (ଭାସ୍କର ନ୍ୟୁଜ୍): କୁଟୁରାଚୁଆଁ ସ୍ଥିତ ଶାସ୍ତ୍ରୀ ଜୀ ଯୁବକ ସଂଘ ପରିସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଅବିଭକ୍ତ ସମ୍ବଲପୁର ଜିଲ୍ଲା ଶାଖା ସଭାପତି ସୁବାସ ଚନ୍ଦ୍ର ନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏକ ବଡ଼ ଧରଣର ସମାବେଶରେ ସରକାରଙ୍କ ପ୍ରତିଶ୍ରୁତି ମୁତାବକ କୁଟୁରାଚୁଆଁ ପଞ୍ଚାୟତ କୁ ଏକ ନିଶାମୁକ୍ତ ପଞ୍ଚାୟତ ଗଠନ ପାଇଁ ଦାବି କରାଯାଇଥିଲା । ଏଥିରେ ଅଭିଯାନ ର କୁଚିଣ୍ଡା ଉପଖଣ୍ଡ ସଭାପତି ପୂର୍ବ ବ୍ଲକ ଅଧ୍ୟକ୍ଷ କରୁଣା କର କିସାନ, ଅଭିଯାନ ସମ୍ପାଦକ ତଥା ଓକିଲ ସଂଘ ସଂପାଦକ ସୁରେନ୍ଦ୍ର ଦେବ,କୁଚିଣ୍ଡା ବ୍ଲକ ଆବାହକ ମିତ୍ର ଭାନୁ ପ୍ରଧାନ, ସମିତି ସଭ୍ୟା ଯଶୋବନ୍ତି ମାଝୀ, ନାଏବ ସରପଞ୍ଚ ନବରନ୍ ନାୟକ ଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ଓ ସଭ୍ୟା ଭାଷଣ ଦେଇ ନିଶାମୁକ୍ତ ଓ ଆଦର୍ଶ ଗ୍ରାମ ପଞ୍ଚାୟତ ଗଠନ ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ଘୋଷଣା କରିଥିଲେ । ଏହାପରେ ଏକ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ଓ ପଡ଼ା ମାନଙ୍କୁ ଯାଇ ପଦଯାତ୍ରା ଓ ପଥପ୍ରାନ୍ତ ସଭା କରି ନିଶା ପାନ ନକରିବା ଓ ବେନିୟମ ନିଶା ବିକ୍ରୀ ନ କରିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଗଗନ ଶର୍ମା , ସାମାଜିକକର୍ମୀ ବିଜୁ ସାହୁ , ଲମ୍ବୋଦର କୁମୁରା, ତପନ ଦାସ,ମହିଳା ମହା ସଂଘ ସଭାପତି ଇନ୍ଦ୍ରାଣୀ ପ୍ରଧାନ, ସମ୍ପାଦିକା ଶୁଭଶ୍ରୀ ସାହୁ, ସି. ଆର୍. ପି. ପ୍ରଭାସିନୀ ନାୟକ,ରୀନା ଭଞ୍ଜ,ସୂର୍ଯ୍ୟ କାନ୍ତି ତେଲି, ବିମଳା ପଟେଲ ଶୈରେନ୍ଦ୍ରି ଶେଠ, ପ୍ରମିଳା ନାଏକ,ମାନସୀ ଛତ୍ରିଆ, ଇଲବତି କୁସୁମ,ଯାଜ୍ଞସେନୀ ପଟେଲ,ବିମଳା ପଟେଲ, ଏମବିକେ ଅନିତା ନାଏକ, ଚିତ୍ରସେନ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ । ଏହି ପଦଯାତ୍ରୀ ଦଳ ସହ କୁଚିଣ୍ଡା ପୋଲିସ ଟିମ ମଧ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରୁଥିବା ଦେଖାଯାଇଥିଲା । ପଦଯାତ୍ରା କୁଟୁରାଚୁଆ ଓ ସାତକମା ଗ୍ରାମପରେ ଆଗାମୀ ମଙ୍ଗଳବାର କିରା ଶାସନ ଓ କୁଡ଼ାପଡ଼ା ଗ୍ରାମ ପଞ୍ଚାୟତର ହେବ ବୋଲି ସମାଜସେବୀ ସୁବାସ ନାୟକ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମ ପରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇ ସାତକମାରୁ କୁଟୁରାଚୁଆଁ ରାସ୍ତା ରେ ଥିବା ଶାଖା ଭାଟି ଓ ସମସ୍ତ ବେନିୟମ ଭାଟି କୁ ସାତଦିନ ଭିତରେ ବନ୍ଦ ନ କଲେ ଆନ୍ଦୋଳନ ଶାଣିତ ହେବ ବୋଲି ଚେତାବନୀ ଦିଆଯାଇଛି ।

# ଶିଶୁ ମନ୍ଦିରରେ କଣ୍ଢେଇ ଦିବସ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପାରଳାଖେମୁଣ୍ଡି ଠାରେ କଣ୍ଢେଇ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରାରମ୍ଭ ଓ ବୋଧ ଶ୍ରେଣୀର ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କଣ୍ଢେଇ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଦ୍ୟାଳୟର ଶତାଧିକ ଅଭିଭାବକ ଏହି କଣ୍ଢେଇ ଦିବସ ଅଂଶଗ୍ରହଣ କରିବା ସହ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମ ଉପଭୋଗ କରିଥିଲେ ।




ମୋବାଇଲ୍ ଏବଂ କାର୍ଟୁନ୍‌ର ଏହି ଯୁଗରେ ପିଲାମାନଙ୍କ ମଧ୍ୟରେ କଣ୍ଢେଇ ପ୍ରତି କମିଯାଉଥିବା ରୁଚିକୁ ପୁନଃଜାଗରଣ କରିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମଟି ଶିଶୁ ବାଟିକା ପ୍ରମୁଖ ମମତା ମହାପାତ୍ର ନେତୃତ୍ୱରେ ତଥା ପ୍ରଧାନାଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠାନର ପରିଚାଳନା ସମିତିର କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ପାଢ଼ୀ ଓ ସହ ସମ୍ପାଦକ ବିଭୁତି ଭୂଷଣ ରଥ ଉପସ୍ଥିତ ରହି ଶିଶୁମାନଙ୍କ ମାନସିକ ବିକାଶରେ ଓ ଶିକ୍ଷଣ ପ୍ରକ୍ରିୟାରେ କଣ୍ଢେଇ ତଥା ଖେଳନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମତପୋଷଣ କରିଥିଲେ ।

# ମଠ ବାବାଙ୍କୁ ହତ୍ୟା ଉଦ୍ୟମ



ନୂଆପଡ଼ା(ଭାସ୍କର ନ୍ୟୁଜ) : ନୂଆପଡ଼ା ଜିଲ୍ଲାଖରିଆରରୋଡ୍ ଜୋଙ୍କ ଥାନା ଅନ୍ତର୍ଗତ ସାଲିହାସ୍ଥିତଛାଓ୍ୱରୀ ମଠ ବାବାଙ୍କୁ ହତ୍ୟା ଉଦ୍ୟମ ହୋଇଛି । କିଛିଦୁର୍ବୃତ୍ତ ତାଙ୍କୁ ଛୁରୀରେ ଭୁସି ହତ୍ୟା କରିବାକୁ ଉଦ୍ୟମ କରିଛନ୍ତି । କିନ୍ତୁ ଏଥିରୁ ବାବା ଅଳ୍ପକେ ବର୍ତ୍ତି ଯାଇଛନ୍ତି । । ସଂପର୍କୀୟମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟଚିକିସ୍ତାଳୟରେ ଭର୍ତ୍ତି କରାଇଛନ୍ତି । ଏହି ଘଟଣାରେ ଜୋଙ୍କ ଥାନା ପୋଲିସ୍ ଏକ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଛି । ସେ ହେଲା, ଦେବୁ ମଣ୍ଡଳ । ତେବେ ଏହି ଘଟଣାରେ ସଂପୃକ୍ତ ଅନ୍ୟ ୩ ଅଭିଯୁକ୍ତ ଫେରାର୍ ରହିଛନ୍ତି । ସେମାନଙ୍କୁ ଧରିବା ଲାଗି ପୋଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି । ଆଜକୁ ପ୍ରାୟ ପନ୍ଦର ବର୍ଷ ହେବ ସାଲିହା ଜଙ୍ଗଲରେ ଭାରତୀ ବାବା ନାମକ ଜଣେ ସନ୍ନ୍ୟାସୀ ଆସି ମଠ କରି ରହୁଛନ୍ତି । ଗ୍ରାମବାସୀଙ୍କ ସହାୟତାରେ ଛାଓ୍ୱରୀ ମାତାଙ୍କ ମନ୍ଦିର କରି ପୂଜାର୍ଚ୍ଚନା ମଧ କରୁଛନ୍ତି । ବୁଧବାର ମଧ୍ୟାହ୍ନରେ ସ୍ଥାନୀୟ ହରିପୁର ଛକ ନିକଟକୁ ପରିବା କିଣିବାକୁ ବାବା ଭାରତୀ ଚାଲିଚାଲି ଯାଉଥିଲେ । ଏହି ସମୟରେ ଚାରିଜଣ ଯୁବକ ଏକ ବାଇକ୍ ଏବଂ କାର୍‌ରେ ଆସି ତାଙ୍କୁ ବାଟ ଓଗାଳିଥିଲେ । ବାବା କିଛି ବୁଝିବା ପୂର୍ବରୁ ସେମାନେ ତାଙ୍କୁ ମାରପିଟ କରି କାର୍‌ରେ ଅପହରଣ କରିନେଇଥିଲେ । ବାଟରେ ସେମାନେ ତାଙ୍କୁ ଛୁରି ଭୁସିଥିଲେ । ତେବେ ଦୀର୍ଘ ଦୁଇ ଘଣ୍ଟା ଧରି ସେମାନେ ବାବାଙ୍କୁ କାର୍‌ରେ ବୁଲାଇବା ପରେ ଶେଷରେ ହରିପୁର ଛକରେ ଛାଡ଼ି ପଳାଇଥିଲେ । ବାଟରେ ସେମାନେ ଗୁଳି ମଧ ଫୁଟାଇ ସାଧାରଣରେ ଆତଙ୍କ ସୃଷ୍ଟି କରଥିଲେ ବୋଲି ବାବା ଭାରତୀ କହିଛନ୍ତି । ତେବେ କେଉଁ କାରଣରୁ ଏହି ଆପରାଧୀକ ଘଟଣା ଘଟିଛି, ତାହା ଜଣାପଡ଼ିନାହିଁ । ନୂଆପଡ଼ା ପୋଲିସ୍ ଏନେଇ ନମ୍ବର ୬୧/୨୫ରେ ଖରିଆରରୋଡର ଆବିଦ ଖାନ, ଅମିର ଖାନ, ଦିନେଶ ଧ୍ରୁବ ଏବଂ ଦେବୁ ମଣ୍ଡଳଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଛି । ଏମାନଙ୍କ ମଧ୍ୟରୁ ଦେବୁ ମଣ୍ଡଳଙ୍କୁ ପୋଲିସ ଗିରଫ କରିଛି ।

# ବିଶ୍ୱ ବନ ଦିବସ ପାଳିତ

ଖଡ଼ିଆଳ(ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲା ଖଡ଼ିଆଳ ବନ ବିଭାଗ ପକ୍ଷରୁ ବିଶ୍ୱ ବନ ଦିବସ ଖଡ଼ିଆଳ ଡିଏଫଓ ଅଜିଜ ଖାଁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଏ ସି ଏଫ ମହମ୍ମଦ ସଲିହା, ରେଞ୍ଜର ଜୟଦେବ ମାଝି, ଖେଳ ଶିକ୍ଷକ ରତନ ସିଂ ବାରିକ, ମହେଶ ଦଣ୍ଡସେନା, ରାଜକପୁର ବାରିକ, ସାମ୍ବାଦିକ




କୁନୁ କରୁଆ, ତପନ ରଞ୍ଜନ ଦାସ, ଯୋଗେଶ୍ୱର ସଗରିଆ,ସନ୍ତୋଷ ଦଣ୍ଡସେନା, ଯୁଗଳ ମହାନନ୍ଦ,ଦେବାନନ୍ଦ ତାଣ୍ଡି,ବାପିନା ସାହୁ, ଯୋଗ ଦେଇ ଜଙ୍ଗଲ କିପରି ସୁରକ୍ଷା ରହିବ ସେନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଜଙ୍ଗଲର ମୁଖ୍ୟ ଶତ୍ରୁ ହେଉଛି ମନୁଷ୍ୟକୃତ ନିଆଁ ଲାଗିବା । ଏନେଇ ବିଭିନ୍ନ ସ୍ଲୋଗାନ ଦେଇ ଜଗଡ଼ମ୍ବା ହିରୋ ସୋ’ରୁମ ଠାରୁ ଖଡ଼ିଆଳ ମିଶନ ହସ୍ପିଟାଲ ୩୫୩ ଜାତୀୟ ରାଜପଥ ରେ ତିନି କିଲୋମିଟର ଏକ ବିରାଟ ସାଇକେଲ ଶୋଭାଯାତ୍ରା ବାହାରି ରାଜା ଅର୍ତ୍ତତ୍ରାଣ ହାଇସ୍କୁଲ ଖେଳପଡ଼ିଆରେ ଉଦ୍‌ଯାପିତ ହୋଇଥିଲା । ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମେ ଜଙ୍ଗଲକୁ ରକ୍ଷାକରି ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ହେବ ବୋଲି ଡି ଏଫ ଓ ଆଜିଜି ଖାନ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଫରେଷ୍ଟର ସୁଦାମ ବାଗ, ଖଗେଶ୍ୱର ମାଝି, ମହାଦେବ ବନଛୋର, ରାଜେଶ ହରିଜନ, ଘନଶ୍ୟାମ ଶବର, ଶିବରାମ ପଟେଲ, ନରେଶ ଦଣ୍ଡସେନାଙ୍କ ସମେତ ଖଡ଼ିଆଳ ଡ଼ିଭିଜନର ସମସ୍ତ ବନ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ରାଣା ପ୍ରତାପ ସ୍କୁଲରେ ବିଶ୍ୱ ପଖାଳ ଦିବସ




ବରଗଡ଼(ଭାସ୍କର ନ୍ୟୁଜ): ରାଣା ପ୍ରତାପ ସ୍କୁଲ ଠାରେ ମାର୍ଚ୍ଚ ୨୦ ତାରିଖ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି ଓଡ଼ିଆ ସଂସ୍କୃତି ସୁରକ୍ଷା ମଞ୍ଚର ବରଗଡ଼ ଜିଲ୍ଲା ଆବାହକ ପୂର୍ବତନ ଶିକ୍ଷକ କପିଳ ବାଗଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ଦିବସ ପାଳନ ଅବସର ରେ ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସାମୂହିକ ଭାବେ ପଖାଳ ଭୋଜନ କରିଥିଲେ । ଏହି ଅବସରରେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ତ୍ରିପାଠୀଙ୍କ ଅଧ୍ୟକ୍ଷତା ରେ ‘ଓଡ଼ିଶା ଜାତିର ପ୍ରିୟଖାଦ୍ୟ ପଖାଳ’ ବିଷୟ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଆଲୋଚନାରେ ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଶିକ୍ଷୟିତ୍ରୀ ଜ୍ୟୋତି ବେହେରା ଦୀପିକା କୁଲୁ, ସୀମା ଭୋଇ ଗୀତା ଜାଲ, ଭାରତୀ ସେଟ୍, ବବିତା ନାଏକ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିବା ବେଳେ ଶିକ୍ଷୟିତ୍ରୀ ସୁନୀତା ମିଶ୍ର ଉପସ୍ଥିତ ରହି ଆମ ପ୍ରିୟ ଖାଦ୍ୟ ‘ପଖାଳ’ କବିତା ପାଠ କରିବା ସହ ଧନୀ ହେଉ କି ଗରିବ ପ୍ରତି ଟି ଓଡ଼ିଆ ଙ୍କ ପାଇଁ ପଖାଳ କେତେ ପ୍ରିୟ ସେ ବିଷୟ ରେ ଉଲ୍ଲେଖ କରିଥିଲେ ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସଂଯୋଜକ କପିଳ ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଆର୍ମି ନିଯୁକ୍ତି ପଞ୍ଜୀକରଣ ଆରମ୍ଭ

ସମ୍ବଲପୁର(ଭାସ୍କର ନ୍ୟୁଜ): ଅନୁଗୁଳ, ବରଗଡ,ବଲାଙ୍ଗିର, ଢେଙ୍କାନାଳ , ଦେବଗଡ, ଝାରସୁଗୁଡା ,କେନ୍ଦୁଝର , ସମ୍ବଲପୁର , ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲ୍ଲା ର ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ଅଗ୍ନିପଥ ଯୋଜନା ମାଧ୍ୟମରେ ଆର୍ମି ନିଯୁକ୍ତି ପଞ୍ଜୀକରଣ ଆରମ୍ଭ ହୋଇଛି । ଏହି ଆର୍ମି ନିଯୁକ୍ତି ପଞ୍ଜୀକରଣ ମାର୍ଚ୍ଚ ମାସ ୧୨ ତାରିଖ ଠାରୁ ଅପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥି ନିମନ୍ତେ ପ୍ରାର୍ଥୀମାନଙ୍କୁ ୨୫୦ ଟଙ୍କା ଫି ଦେୟ ପଡିବ । ମାନଦଣ୍ଡ , ଶିକ୍ଷାଗତ ଯୋଗ୍ୟତା ଏବଂ ଅନ୍‌ଲାଇନ ପରୀକ୍ଷା ଅନୁସାରେ ପ୍ରାର୍ଥୀମାନେ ନିଯୁକ୍ତି ପାଇବେ । ରାଲି ବିଜ୍ଞାପନ ଜଏନ ଇଣ୍ଡିଆନ ଆର୍ମି ୱେବ ସାଇଟ୍ www. joinindian army. nic.in ଦେଖିପାରିବେ । ଆବେଦନ କରିବା ପାଇଁ ଅନଲାଇନ ରେଜିଷ୍ଟ୍ରେସନ ବାଧ୍ୟତାମୂଳକ ଅଟେ । ଅନଲାଇନ ରେଜିଷ୍ଟ୍ରେସନ ଅପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । ଆର୍ମି ନିଯୁକ୍ତି ରାଲି ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ପ୍ରାର୍ଥୀମାନଙ୍କ ପଞ୍ଜୀକୃତ ଇ-ମେଲରେ ଆଡମିଟ କାର୍ଡ ପ୍ରେରଣ କରାଯିବ ବୋଲି ସମ୍ବଲପୁର ଏଆରଓ ଜଣାଇଛନ୍ତି । ପ୍ରାର୍ଥୀମାନଙ୍କ କୌଣସି ଅସୁବିଧା ନିମନ୍ତେ ୦୬୬୩-୨୫୨୦୮୪୫ ନମ୍ବର ରେ ଯୋଗାଯୋଗ କରିପାରିବେ ବୋଲି ସମ୍ବଲପୁର ଏଆରଓ ସୁଚନା ଦେଇଛନ୍ତି ।

# ବିନ୍ଧ୍ୟବାସିନି ମନ୍ଦିର ପଡିଆର ଟେଣ୍ଡର ବାତିଲ ପାଇଁ ଦାବି




ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ପବିତ୍ର ପୁଣ୍ୟ କ୍ଷେତ୍ର ହରିଶଙ୍କର ବିନ୍ଧ୍ୟବାସିନୀ ମନ୍ଦିର ପରିସରରେ ସ୍ୱାଲାଖ ବିଁଝାଲ ସମାଜ ତରଫରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିନ୍ଧ୍ୟବାସିନୀ ମନ୍ଦିର ନିକଟରେ ଥିବା ପଡିଆକୁ ଦେବୋତ୍ତର ବିଭାଗ ତରଫରୁ ଟେଣ୍ଡର ଆହ୍ୱାନ କରାଯାଇଥିବାରୁ ତାକୁ ତୁରନ୍ତ ବାତିଲ ସହିତ ବିନ୍ଧ୍ୟବାସିନୀ ମନ୍ଦିର ଓ ପାଖ ପଡିଆକୁ ବିଂଝାଲ୍ ସମାଜ ନାମରେ ପଟା ଦେବାକୁ ଦାବି କରିଥିଲେ । କହିବା ଅନୁସାରେ ଦୀର୍ଘ ବର୍ଷ ହେଲା ଏହି ସ୍ଥାନ କୁ ବିଂଝାଲ ସମାଜ ତରଫରୁ ଦଖଲ କରିବା ସହିତ ମନ୍ଦିର ନିର୍ମାଣ କରି ପୂଜା କରି ଆସୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଦାବି ପୁରଣ ପାଇଁ ଦାବି ରଖିଥିଲେ । ଏନେଇ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଜିଲ୍ଲାପାଳଙ୍କୁ ଜଣାଇଥିବା କହିଥିଲେ । ଏହି ଅବସରରେ ବିଂଝାଲ ସମାଜ ତରଫରୁ ବରିଷ୍ଠ ସଦସ୍ୟ ଲୁଚନ ସିଂ ବରିହା, ଯଦୁମଣି ବରିହା,ବେଣୁଧର ବରିହା, ବିରଞ୍ଚି ବରିହା, ହୃଷିକେଶ ବରିହା, ଶଙ୍କର୍ଷଣ ଭୋଇ, ବିବାନ ସିଂ ବରିହା, ସୁରେନ୍ଦ୍ର ସିଂ ବରିହା, ମନୋହର ବରିହା, ବଳରାମ ବରିହା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପି କର୍ମକର୍ତ୍ତାଙ୍କ ଶୋକସଭା



କୁଚିଣ୍ଡା(ଭାସ୍କର ନ୍ୟୁଜ) : ଭାରତୀୟ ଜନତା ପାର୍ଟି, କୁଚିଣ୍ଡା ନଗର ମଣ୍ଡଳ ତରଫରୁ କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ବିଜେପି ରାଜ୍ୟ ସଭାପତି ସ୍ୱର୍ଗତ ଡ଼ା. ଦେବେନ୍ଦ୍ର ପ୍ରଧାନଙ୍କ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୁଚିଣ୍ଡା ନଗର ସଭାପତି ପ୍ରାଣବନ୍ଧୁ ନାଥ, ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଶିଲ ଅଗ୍ରୱାଲ, ଅରୁଣ ଅଗ୍ରୱାଲ, କାହ୍ନୁ ଚରଣ ନାୟକ, ସୁଦନ ଖଣ୍ଡା, ଟୁଲୁ ଦସଭାୟା, ମହେଶ ରାୟ, କୁଞ୍ଜଲତା ନାଏକ, ଅନୁପମା ନାଏକ, ସଙ୍ଗୀତା ଦାଶ, ଗାୟତ୍ରୀ ଚଲାନ, ସୁନୟନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଅଧପନ୍ତରିଆ ଅବସ୍ଥାରେ ଅଙ୍ଗନୱାଡ଼ି ଗୃହ



କନ୍ଧମାଳ/ବାଲିଗୁଡା(ଭାସ୍କର ନ୍ୟୁଜ) :ରାଜ୍ୟ ଓ କେନ୍ଦ୍ର ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି । କିନ୍ତୁ କିଛି ଠିକାଦାର ଓ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ହେଉ କିମ୍ବା ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଆସୁଥିବା ସମସ୍ତ ଟଙ୍କା କିଛି କାର୍ଯ୍ୟରେ ଲାଗୁଛି ଆଉ କିଛି କାର୍ଯ୍ୟ ଅଧପନ୍ତରୀୟ ଭାବେ ଆଜିବି ରହିଛି । ଅଧା ଖଣ୍ଡିଆ ଅବସ୍ଥାରେ ବର୍ଷ ବର୍ଷ ଧରି ପଡ଼ି ରହିବା ଦ୍ୱାରା ପିଲାଙ୍କ ପାଠ ପଢା ଭବିଷ୍ୟତର ସ୍ୱପ୍ନ ଦେଖୁଥିବା ଛାତ୍ର ଛାତ୍ରୀ ହେଉ କି କୁନି କୁନି ଶିଶୁ ହେଉ ସୁବିଧା ନପାଇ ଶିକ୍ଷା ରୁ ବଞ୍ଚିତ ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଏମିତି ଏକ ଅଧାପନ୍ତରିଆ ଅଙ୍ଗନବାଡି କେନ୍ଦ୍ର ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ୬ ନଂ ୱାର୍ଡ ନୂଆସାହି ଠାରେ ନିର୍ମାଣ କରାଯାଇଥିବା ଅଙ୍ଗନବାଡି କେନ୍ଦ୍ରରେ । ଏହି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ଗତ ୨୦୨୩ ଜାନୁଆରୀ ମସିହାରେ ସରକାରଙ୍କ ଅନୁଦାନ ମିଳିଥିଲା ଏବଂ କାର୍ଯ୍ୟ ଆରମ୍ଭ ହୋଇ ଫଳକ ଅନୁସାରେ ମାର୍ଚ୍ଚ ୨୦୨୩ ରେ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ମଧ ଅଧାପନ୍ତରୀଆ ଭାବେ ରହିଛି ଅଙ୍ଗନୱାଡି କେନ୍ଦ୍ରଗୃହ । ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ କରିବା ନିମନ୍ତେ ସ୍ଥାନୀୟ ଏକ ଠିକାଦାରଙ୍କୁ କାର୍ଯ୍ୟଭାର ଦିଆଯାଇଥିବା ଗ୍ରାମବାସୀ କହିଛନ୍ତି । ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ନିମନ୍ତେ ବହୁ ବାର ଲିଖିତ ଅଭିଯୋଗ ପରେ କେନ୍ଦ୍ର ପାଇଁ ୭, ୮୮, ୧୦୦ ଟଙ୍କା ଅନୁମୋଦନ ହୋଇଥିଲା । ତେବେ ଦୀର୍ଘ ୨ ବର୍ଷ ରୁ ଅଧିକ ବିତିଯାଇଥିଲେ ମଧ ଅଙ୍ଗନୱାଡି ଗୃହ ନିର୍ମାଣ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନ ହୋଇ ପଡ଼ିରହିଛି । ଯାହାଫଳରେ କୁନି କୁନି ପିଲାମାନେ ଆଉ ଏକ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ପାଠପଢୁଛନ୍ତି । ଯାହା କୁନି କୁନି ପିଲାଙ୍କ ପାଇଁ ଅଧିକଦୂରତା ହେଉଥିବା ଦେଖିବାକୁ ମିଳିଛି । ଆଜି ମଧ ଅପହଞ୍ଚ ଅଞ୍ଚଳରେ ଅନେକ ଅଧାପନ୍ତରିଆ ଅସମ୍ପୂର୍ଣ୍ଣ ଗୃହ ଦେଖିବାକୁ ମିଳୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନି ସେହି ଅର୍ଦ୍ଧ ନିର୍ମିତ ଗୃହ ଉପରେ । ଯଦି ସହରାଞ୍ଚଳରେ ଏହିପରି ଦୃଶ୍ୟ ଦେଖାଯାଏ ତେବେ ଗ୍ରାମାଞ୍ଚଳ କଥା କିଏ ପଚାରେ ।ଏହି ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ୬ ନଂ ୱାର୍ଡବାସୀ ଦାବି କରିଛନ୍ତି ।



ଭୁବନେଶ୍ୱର (ଭାସ୍କର ନ୍ୟୁଜ): କାଳବୈଶାଖୀ ପ୍ରଭାବରେ ଶନିବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ୪ ଦିନ ପ୍ରବଳ ବର୍ଷା ଲାଗି ରହିବ। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛି। ଶନିବାର ୩୦ ଜିଲ୍ଲାକୁ ବର୍ଷା ସହ ବଜ୍ରପାତ ଓ ପବନ ନେଇ ସତର୍କ ସୂଚନା ଦିଆଯାଇଛି। ଏଥିପାଇଁ ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବାବେଳେ ୧୮ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। କିଛି ସ୍ଥାନରେ ୪୦ରୁ ୫୦ ଏବଂ ଆଉ କେତେକ ସ୍ଥାନରେ ୫୦ରୁ ୬୦ କିମି ବେଗରେ ପବନ ବୋହିପାରେ ବୋଲି ବିଭାଗ ପୂର୍ବାନୁମାନ କରିଛି। ଏପରିକି ଅନେକ ସ୍ଥାନରେ କୁଆପଥର ବର୍ଷାର ସମ୍ଭାବନା ରହିଛି। ସେପଟେ ୨୩ ତାରିଖରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପବନ ବୋହିବା ନେଇ ୧୫ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୪ ତାରିଖରେ ମଧ୍ୟ ୫ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ପାଣିପାଗ ବିଶେଷଜ୍ଞ କହିଛନ୍ତି ଯେ ବାୟୁମଣ୍ଡଳ ଉପରିଭାଗରେ ଲଘୁଚାପର ପ୍ରଭାବ ରହିଛି। ଏହାସହ ଉତ୍ତର-ପଶ୍ଚିମ ଭାରତରେ ରହିଛି ଏକ ଟ୍ରାଫ୍ ଲାଇନ୍। ଏହାଫଳରେ ରାଜ୍ୟରେ କାଳବୈଶାଖୀ ବର୍ଷା ହେଉଛି ବୋଲି ବିଶେଷଜ୍ଞ କହିଛନ୍ତି।

# ରାହାମା ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ରାହାମା (ଭାସ୍କର ନ୍ୟୁଜ): ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବା ଭାଗବତ ପ୍ରଚାର ସମିତି ରାହାମା ଆନୁକୁଲ୍ୟରେ ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ-୨୦୨୫ ର ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠାନର ଧାରାବାହିକ ପ୍ରବଚକ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ସହ ଅଭୟ ନାୟକ ନାଇସର କୁଳପତି, ଓଡ଼ିଶା ଭାସ୍କରର ସିଇଓ ଏବଂ ସଂପାଦକ କୌସ୍ତୁଭ ଦାସ, ଓଡିଶା ଭାସ୍କର ଡିଜିଟାଲ ମୁଖ୍ୟ ସୁନୀଲ କୁମାର ମିଶ୍ର, ଅଧ୍ୟାପକ ପ୍ରଶାନ୍ତ ଶତପଥି, ରବୀନ୍ଦ୍ର ନାଥ ମିଶ୍ର,ଶ୍ରୀଜଗନ୍ନାଥ ଗବେଷକ ଡ଼ ଧୃତିଧର ଦାସ, ପ୍ରମୁଖ ମଞ୍ଚାସୀନ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାଖେଳା ଓ ନିଜର ଅନୁଭୂତି ବୋଲି ବର୍ଣ୍ଣନା କରି ମହାପ୍ରଭୁଙ୍କ ମାନବୀୟ ଲୀଳା ଉପରେ ବିଭିନ୍ନ ପ୍ରସଙ୍ଗ ମାନ ଉତ୍ଥାପନ କରିଥିଲେ ଏବଂ ରାହାମା ଶ୍ରୀଜଗନ୍ନାଥ ମହୋତ୍ସବର ଆଧ୍ୟାତ୍ମିକ ପରିବେଶ ଦେଖି ଅଭିଭୂତ ହୋଇ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ମୁଖ୍ୟ ସଂଯୋଜକ ତଥା ଅନୁଷ୍ଠାନର ସମ୍ପାଦକ ଡ଼ ସୁନାକର ବେହେରା ଅତିଥି ମାନଙ୍କୁ ମଞ୍ଚକୁ ସ୍ୱାଗତ କରି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମଞ୍ଚରେ ଉପସ୍ଥିତ ସମସ୍ତ ସାଧୁସନ୍ଥ ଓ ବିଶିଷ୍ଟ ଅତିଥି ମାନେ ମହୋତ୍ସବ ସ୍ଥଳ ପରିକ୍ରମା କରି ମା' ବିମଳା, ମା' ଲକ୍ଷ୍ମୀ, ଚାରିଧାମ ଦର୍ଶନ, ପଞ୍ଚସଖାଙ୍କ ଲୀଳା ପ୍ରଦର୍ଶନ, ବନ୍ଧୁ ମହାନ୍ତି, ଦାସିଆ ବାଉରୀ ଙ୍କ କଳାକୃତି ପ୍ରମୁଖ ପ୍ରଦକ୍ଷିଣ କରି ଶ୍ରୀଜଗନ୍ନାଥଙ୍କ ଚବିଶ ବେଶ, ଛପନ ଭୋଗ ଓ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ପୀଠ ଆଦି ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଶରତ ଚନ୍ଦ୍ର ସାହୁ, ମନୋହର ସ୍ୱାଇଁ, ଅକ୍ଷୟ କୁମାର ସାହୁ, ଉତ୍ତମ ଚରଣ ଦାସ, ଦୁର୍ଯ୍ୟୋଧନ ପାତ୍ର, ଲକ୍ଷ୍ମୀଧର ସାହୁ, କବିଚନ୍ଦ୍ର ବେହେରା,ପ୍ରଦୀପ୍ତ କୁମାର ସାହୁ, ପଣ୍ଡିତ ଡଃ ସିଦ୍ଧେଶ୍ୱର ପଣ୍ଡା, ସ୍ନେହମୟୀ ଆଚାର୍ଯ୍ୟ, ସରସ୍ୱତୀ ଦାସ, ବିନୋଦ କୁମାର ବରାଳ, ବାସୁଦେବ ବରାଳ, ଶ୍ରୀକାନ୍ତ ମହାନ୍ତି, ଭଞ୍ଜ କିଶୋର ସାହୁ,ଭିକାରୀ ଚରଣ ସେନାପତି, ବଂଶୀଧର କୁଣ୍ଡୁ, ସରୋଜ କୁମାର ଦାଶ, ସୌଭାଗ୍ୟ ନାୟକ, ବିନୋଦ କୁମାର ମୁଦୁଲି, ରମେଶ ଚନ୍ଦ୍ର ମହାପାତ୍ର, କିଶୋରୀ ଚରଣ ଦାସ, ଧ୍ରୁବ ଚରଣ ଦାସ ଓ ଅମୀୟ କୁମାର ଜେନା, ନୃସିଂହ ସେନାପତି, ଦେବାଶିଷ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଯୋଗଦାନ କରି ସମସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ଶେଷରେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ମହାପ୍ରସାଦ ସେବନ ର ସୁବନ୍ଦୋବସ୍ତ ହୋଇଥିଲା।

# ରୁଷ ଉପରେ ୟୁକ୍ରେନର ବଡ଼ ଆକ୍ରମଣ
## ବିମାନ ଘାଟିରେ ଜୋରଦାର ଡ୍ରୋନ ମାଡ଼

ନୂଆଦିଲ୍ଲୀ: ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନାଁ ନେଉନାହିଁ। ଏହି ଦୁଇଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ପାଇଁ କଥାବାର୍ତ୍ତା ଚାଲୁଥିବାବେଳେ ୟୁକ୍ରେନ ପକ୍ଷରୁ ରୁଷ ଉପରେ ବଡ଼ ଧରଣର ଆକ୍ରମଣ କରାଯାଇଛି। ରୁଷର ଆଣବିକ ବୋମାବର୍ଷୀ ବିମାନ ଥିବା ଘାଟି ଉପରେ ୟୁକ୍ରେନ ପ୍ରଚଣ୍ଡ ଡ୍ରୋନ ଆକ୍ରମଣ କରିଛି। ଏହି ଘାଟିଟି ରୁଷ-ୟୁକ୍ରେନ ସୀମାଠାରୁ ୭୦୦ କିମି ଦୂରରେ ଅବସ୍ଥିତ। ଅନ୍ୟପକ୍ଷରେ ରୁଷ ମଧ୍ୟ ୟୁକ୍ରେନ ଉପରେ ଘାତକ ଆକ୍ରମଣ ଜାରି ରଖିଛି। ୟୁକ୍ରେନର ଆକ୍ରମଣ ପରେ ଆକାଶରେ ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଓ ଧୂଆଁ ଦେଖିବାକୁ ମିଳିଛି। ଘାଟି ସହ ନିକଟରେ ଥିବା କେତେକ ଘର ଓ ହସ୍ପିଟାଲରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ତେବେ ୟୁକ୍ରେନ ଯୁଦ୍ଧ ବିରତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରୟାସ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଇସ୍ରାଏଲ ପକ୍ଷରୁ ଗାଜା ଉପରେ ବୋମା ବର୍ଷା କରାଯାଇଛି। ଅନେକ ଘରକୁ ଟାର୍ଗେଟ କରି ଇସ୍ରାଏଲ ଆକ୍ରମଣ କରିଥିବାରୁ ଏଥିରେ ମହିଳା ଓ ଶିଶୁଙ୍କ ସମେତ ୯୫ଜଣ ପାଲେଷ୍ଟାଇନଙ୍କ ମୃତ୍ୟୁ ଘଟିଛି। ସେହିପରି ଗତ ମଙ୍ଗଳବାର ଆକ୍ରମଣରେ ୪୦୦ରୁ ଉର୍ଦ୍ଧ୍ୱ ପାଲେଷ୍ଟାଇନଙ୍କ ମୃତ୍ୟୁ ହୋଇଥିଲା। ଗତ ଜାନୁଆରୀରେ ଯୁଦ୍ଧବିରତି ହେବାପରେ ଇସ୍ରାଏଲ ପ୍ରଥମ ଥରପାଇଁ ଗାଜାରେ ସ୍ଥଳ ଅପରେସନ ଆରମ୍ଭ କରିଛି। ଗାଜାକୁ ଖାଦ୍ୟ ଇନ୍ଧନ ସମେତ ଅନ୍ୟାନ୍ୟ ମାନବୀୟ ସହାୟତା ବନ୍ଦ କରି ଦେଇଥିବା ଇସ୍ରାଏଲ ହମାସ ବିରୋଧରେ ଯୁଦ୍ଧକୁ ଜୋରଦାର କରିବ ବୋଲି ସୂଚନା ଦେଇଛି।

# ପୋଲିସକୁ ପଥର ମାଡ଼, ୨୬ ଗୁରୁତର

ମୋହନା(ଭାସ୍କର ନ୍ୟୁଜ): ଚୋରା ଗଞ୍ଜେଇ ଚଢାଉ କରିବାକୁ ଯାଇ ପୋଲିସ ପଥରମାଡ଼ ଖାଇଛି। ଏଥିରେ ଆର.ଉଦୟଗିରି ଏସଡିପିଓଙ୍କ ସମେତ ୨୬ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପୋଲିସ ଚଢାଉ କରିବାବେଳେ ଶତାଧିକ ଲୋକ ପଥରମାଡ଼ କରିଥିଲେ। ଆହତ ପୋଲିସ କର୍ମଚାରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ବେଟିଂ କରି ପିଇଓ ଗିରଫ

ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପିଇଓ କ୍ଷେତ୍ରମୋହନ ନାୟକ ଜାଲିଆତି କରି ୪୩ ଲକ୍ଷ ଟଙ୍କା ସରକାରୀ ଅର୍ଥରେ ବେଟିଂ କରି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି।

# କ୍ୟାବିନେଟ୍ ବୈଠକରେ ୭ ବିଭାଗର ୧୦ ପ୍ରସ୍ତାବ ପାରିତ
## ଆୟୁଷ୍ମାନ ଭାରତ ଯୋଜନାକୁ ମଞ୍ଜୁରି

**ରାଜ୍ୟ ସଡ଼କ ନୀତିକୁ ଅନୁମୋଦନ**

**ଓଡ଼ିଶା ବେସାମରିକ ସେବା ନିୟମରେ ସଂଶୋଧନ**

**ଓଡ଼ିଶା ପ୍ରଶାସନିକ ସେବା ଗ୍ରୁପ୍-ଏ ନିୟମାବଳୀରେ ସଂଶୋଧନକୁ ମଞ୍ଜୁରି**

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୭ଟି ବିଭାଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇସ୍ପାତ ଓ ଖଣି, ପୂର୍ତ୍ତ, ସାଧାରଣ ପ୍ରଶାସନ, ଜଳସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି। ଓଡ଼ିଶାରେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାକୁ ମିଳିତ ଭାବେ ଲାଗୁ କରିବା ପାଇଁ ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ନୂଆ ସମନ୍ୱିତ ଯୋଜନାରେ ପ୍ରାୟ ୧.୦୩ କୋଟି ପରିବାରର ୩.୪୬ କୋଟି ହିତାଧିକାରୀ ପରିବାର ପିଛା ବାର୍ଷିକ ୫ଲକ୍ଷ ଓ ମହିଳା ସଦସ୍ୟମାନେ ଅତିରିକ୍ତ ୫ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ପାଇବେ। ସେହିଭଳି ୭୦ବର୍ଷ ବା ତଦୂର୍ଦ୍ଧ୍ୱ, ଆର୍ଥିକବର୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ ବୟୋବନ୍ଦନ ଯୋଜନା ଲାଗୁ କରାଯିବ। ଏହାଦ୍ୱାରା ସେମାନେ ପରିବାର ପିଛା ବାର୍ଷିକ ୫ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ପାଇପାରିବେ। ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ କ୍ୟାବିନେଟ ବୈଠକ ସଂପର୍କରେ ସୂଚନା ଦେଇ କହିଥିଲେ ଯେ କ୍ୟାବିନେଟ୍‌ରେ ରାଜ୍ୟ ସଡ଼କ ନୀତିକୁ ଅନୁମୋଦନ ପ୍ରଦାନ କରାଯାଇଛି। ସେହିପରି ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ଚାକିରି ନେଇ ନିୟମରେ ସଂଶୋଧନ ଅଣାଯାଇଛି। ଯେତେବେଳେ ଗୋଟିଏ ପରିବାରର ମୁଖିଆ ମୃତ୍ୟୁବରଣ କରନ୍ତି, ସେତେବେଳେ ତାଙ୍କ ପରିବାର ଅସହାୟ ହୋଇଥାନ୍ତି। ପୂର୍ବରୁ ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ ବିପନ୍ନ ପରିବାରକୁ ରାଜ୍ୟ ସରକାର ଓଡ଼ିଶା ସିଭିଲ ସର୍ଭିସ ନିୟମ ୧୯୯୦ ଅନୁଯାୟୀ ପରିବାରର ଜଣେ ସଦସ୍ୟଙ୍କୁ ଗ୍ରୁପ୍ ସି' କିମ୍ବା ଗ୍ରୁପ୍ ଡି'ରେ ନିଯୁକ୍ତି ଦେଉଥିଲେ। ୨୦୨୦ରେ ତତ୍କାଳୀନ ସରକାର ନୂତନ ନିୟମାବଳୀ ପ୍ରଣୟନ କରିଥିଲେ। ଯାହାଫଳରେ ଅନେକ ପରିବାର ଏହି ସହାୟତାରୁ ବଞ୍ଚିତ ହେଉଥିଲେ। ଅନ୍ୟପକ୍ଷରେ ଡିଏମ୍‌ଏଫ ପାଣ୍ଠିରେ ସଂଶୋଧନ କରାଯାଇଥିବା କୁହାଯାଇଛି। ଏହାଦ୍ୱାରା ଖଣି ଅଞ୍ଚଳରେ ପ୍ରଭାବିତ ପରିବାରବର୍ଗ ବହୁମାତ୍ରାରେ ଉପକୃତ ହେବେ। ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟତାଲିକା କେବଳ ଡିଏମ୍‌ଏଫ ଟ୍ରଷ୍ଟ ନିର୍ଦ୍ଧାରଣ କରିବ ଓ ଏଥିରେ ଅନ୍ୟ କେହି ହସ୍ତକ୍ଷେପ କରିପାରିବେ ନାହିଁ। ପୂର୍ବ ନିୟମ ତୁଳନାରେ ଏଥିରେ ଅନେକ ଉନ୍ନତି ଅଣାଯାଇଛି। ଏହାଦ୍ୱାରା ପରିବାରଗୁଡ଼ିକ ଲାଭଜନକ ଜୀବିକା, ଦକ୍ଷତା ବିକାଶ, କୃଷି ସହାୟତା ଇତ୍ୟାଦି ପାଇପାରିବେ। ସେହିପରି ବୈଠକରେ ଓଡ଼ିଶା ବେସାମରିକ ସେବା ନିୟମରେ ସଂଶୋଧନ କରାଯାଇଛି। ୨୦୨୦ ମସିହାରେ ନିୟମ ଲାଗୁହେବା ପୂର୍ବରୁ ଯେଉଁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାର ପାଇଁ ୧୯୯୦ ନିୟମ ଲାଗୁ ହେବ ଏବଂ ଥଇଥାନ ସହାୟତା ଯୋଜନାରେ ୧୯୯୦ ନିୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ। ଏହାଛଡ଼ା ଓଡ଼ିଶା ପ୍ରଶାସନିକ ସେବା ଗ୍ରୁପ୍-ଏ ନିୟମାବଳୀ ୨୦୧୪ରେ ଥିବା ବିଭାଗୀୟ ପରୀକ୍ଷାର ପାଠ୍ୟକ୍ରମରେ ଆବଶ୍ୟକ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଛି।

## ବିଧାନସଭାରେ ସଂସ୍କୃତି ମନ୍ତ୍ରୀଙ୍କ ସୂଚନା
# କୋଶଳୀ ଭାଷାକୁ ରାଜ୍ୟଭାଷାର ମାନ୍ୟତା ନେଇ ପ୍ରସ୍ତାବ ଆସିନି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୋଶଳୀକୁ ରାଜ୍ୟଭାଷା ମାନ୍ୟତା ମିଳିବ ନାହିଁ। ଶୁକ୍ରବାର ବିଧାନସଭାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ନେଇ ସ୍ପଷ୍ଟ କରିଛନ୍ତି। ବିଧାନସଭାରେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହା କହିଛନ୍ତି। ସମ୍ବଲପୁରୀ-କୋଶଳୀ ଭାଷାକୁ ରାଜ୍ୟଭାଷାର ମାନ୍ୟତା ଦାବି ସଂକ୍ରାନ୍ତୀୟ କୌଣସି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇନାହିଁ ବୋଲି ସେ ସୂଚନା ଦେଇଛନ୍ତି। କୋଶଳୀକୁ ରାଜ୍ୟଭାଷା ମାନ୍ୟତା ପ୍ରସଙ୍ଗରେ ମନ୍ତ୍ରୀଙ୍କ ଉତ୍ତର ପରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ମନ୍ତ୍ରୀ କିଛି ଜାଣି ନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରୀ-କୋଶଳୀ ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଉତ୍କଳ, କଳିଙ୍ଗ ଓ କୋଶଳକୁ ନେଇ ଓଡ଼ିଶା ଗଠନ ହୋଇଛି। ଏବେ ସରକାର କହୁଛନ୍ତି ମୁଁ ଯାହା କହିଛି ତାହା ମୋର ବ୍ୟକ୍ତିଗତ ମତ। କିନ୍ତୁ ଏହା ସାମୂହିକ ମତର ରୂପ ନେବ ବୋଲି ଶ୍ରୀ ମିଶ୍ର କହିଥିଲେ। ଅନ୍ୟପକ୍ଷରେ ବିଜେଡି ବିଧାୟକ ଅରୁଣ ସାହୁ ଶ୍ରୀ ମିଶ୍ରଙ୍କୁ ଥଟ୍ଟା କରି କହିଥିଲେ ଯେ ଜୟନାରାୟଣଙ୍କ ସ୍ୱର ନରମି ଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରବଳ ହଟ୍ଟଗୋଳ...

ମାତ୍ରେ ପୁଣି ଥରେ ସମାନ ସ୍ଥିତି ଉପୁନ୍ନ ହୋଇଥିଲା। ବିଧାନସଭାରେ ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ଅନ୍ୟପକ୍ଷର ୧୦ ଦିନ ଯାଏଁ କଂଗ୍ରେସର ସ୍ୱର ଦବାଇବାକୁ, ମହିଳା ସୁରକ୍ଷା ଦାବିକୁ କଣ୍ଠରୋଧ କରିବାକୁ ବିଜେପି ସରକାରର ଅତ୍ୟାଚାରକୁ କେବେ ବି ବରଦାସ୍ତ କରାଯିବନାହିଁ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। କଂଗ୍ରେସ ବାରମ୍ବାର ମହିଳା ସୁରକ୍ଷା ପାଇଁ ସର୍ବଦଳୀୟ ଗୃହ କମିଟି ଦାବି କରିଥିଲା। ନାବାଳିକାଙ୍କୁ ଧର୍ଷଣ ଓ ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି କଂଗ୍ରେସ। ବିଜେପି ସରକାର ସାମ୍ବାଦିକ ମାନଙ୍କୁ ବିରୋଧୀଙ୍କ ଦାବିର ଭିଜୁଆଲ ଲୋକଲୋଚନରେ ଆସିବାକୁ ଦେଲା ନାହିଁ। ତେଣୁ ମିଡ଼ିଆରେ କୌଣସି ଫଟୋ କି ଭିଡିଓ ଆସିଲା ନାହିଁ। କମିଟି କଲେନି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ବି କଣ୍ଠରୋଧ କରାଗଲା। କଂଗ୍ରେସ ଆଭିମୁଖ୍ୟ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ଆମେ ଘଣ୍ଟ ବାଡେଇଲୁ। ବିଧାନସଭା ଗଣତନ୍ତ୍ରର ମନ୍ଦିର। ତେଣୁ ଆମେ ଘଣ୍ଟ ବଜାଇ ବିଧାନସଭାର ପରିକ୍ରମା କଲୁ ବୋଲି କଂଗ୍ରେସ ବିଧାୟକ କହିଛନ୍ତି।

## ଜଷ୍ଟିସ ହରିଶ...

ସେହି ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ସହ ଉତ୍ତୀର୍ଣ୍ଣ ହୋଇଥିଲେ। ସେହିବର୍ଷ ସେପ୍ଟେମ୍ବର ୨୬ରେ ସେ ଆଇନଜୀବୀ ଭାବେ ନାମ ପଞ୍ଜିକରଣ କରିଥିଲେ। ୨୦୧୦ ଏପ୍ରିଲ ୧୩ ତାରିଖରେ କୋଲକାତା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ହାଇକୋର୍ଟ ବିଚାରପତିଙ୍କ ମଧ୍ୟରେ ସର୍ବଭାରତୀୟ ସ୍ତରରେ ସେ ହେଉଛନ୍ତି ସପ୍ତମ ବରିଷ୍ଠ ବିଚାରପତି। ଏହାସହ ସେ କୋଲକାତା ହାଇକୋର୍ଟର ମଧ୍ୟ ସବୁଠୁ ବରିଷ୍ଠ ବିଚାରପତି ବୋଲି ସୂଚନା ଦିଆଯାଇଛି।

## ପୂର୍ବତନ ବିଧାୟକ...

ସ୍ୱର୍ଗତଃ ଦେବେନ୍ଦ୍ର ଶର୍ମା ତୃଣମୂଳସ୍ତରରେ ଜଣେ ଉତ୍ତମ ସଂଗଠକ ଥିଲେ। ସେ କଂଗ୍ରେସ ଟିକେଟରେ ପଞ୍ଚଦଶ ବିଧାନସଭା (୨୦୧୪-୧୯)କୁ ନିର୍ବାଚିତ ହୋଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ୧୯୫୯ ମସିହା ମାର୍ଚ୍ଚ ୧୮ ତାରିଖରେ ଦେବେନ୍ଦ୍ର ଶର୍ମା କଟକରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରରେ ଜଣେ ରାଜନେତା, ସମାଜସେବୀ ଓ ଆଇନଜୀବୀ ଥିଲେ। ରେଭେନ୍ସା କଲେଜିଏଟ୍ ସ୍କୁଲରୁ ଶିକ୍ଷାଲାଭ କରି ସମାଜସେବା କ୍ଷେତ୍ରରେ ଅଗ୍ରସର ହୋଇଥିଲେ। ପରେ ମୟୂରଭଞ୍ଜ ଲ' କଲେଜରେ ଓକିଲାତି ପାଠ ସାରିବା ପରେ ୧୯୮୨ ମସିହାରେ ସେ ସ୍ନାତକ ଶିକ୍ଷା ଶେଷ କରିଥିଲେ। ପରେ ସ୍ୱର୍ଗତଃ ଶର୍ମା କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ଆସୋସିଏସନର ମୁଖ୍ୟଭାବେ କାର୍ଯ୍ୟ କରିବା ସହ ଏଆଇସିସି ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଜଣେ ସକ୍ରିୟ ସଦସ୍ୟ ହୋଇଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପିସିସି ସଭାପତି ଭକ୍ତ ଚରଣ ଦାସ, ବିଧାୟକ ତାରାପ୍ରସାଦ ବାହିନୀପତି ଓ ବହୁ ବିଶିଷ୍ଟ ବ୍ୟକ୍ତି ଓ ରାଜନେତା ଶୋକବ୍ୟକ୍ତ କରିଛନ୍ତି।

## ପ୍ରତି ଚାଲେଞ୍ଜର...

ଶୂନ୍ୟ ସହନଶୀଳ ନୀତି ଆପଣାଇଛନ୍ତି। ଆମେ ଆତଙ୍କବାଦକୁ ଉଚିତ ଜବାବ ଦେଉଛୁ। ଆମେ ଗୋଟିଏ ଦେଶରେ ଦୁଇଟି ଆଇନକୁ ଉଚ୍ଛେଦ କରିଛୁ। ପୂର୍ବ ସରକାର ଭୋଟବ୍ୟାଙ୍କ ପାଇଁ ଜାମ୍ମୁକାଶ୍ମୀରରୁ ଧାରା ୩୭୦ ହଟାଇ ନଥିଲେ। ଏବେ ଲାଲଚୌକରେ ତ୍ରିରଙ୍ଗା ଉଡୁଛି। ପୂର୍ବରୁ ଆତଙ୍କବାଦୀଙ୍କ ମୃତ୍ୟୁ ହେଲେ ଶୋଭାଯାତ୍ରା ହେଉଥିଲା। ଏବେ କିନ୍ତୁ ଆତଙ୍କବାଦୀମାନେ ଯେଉଁଠି ମରୁଛନ୍ତି, ସେହି ସ୍ଥାନରେ ହିଁ କବର ଦିଆଯାଉଛି। ଆମର ଲକ୍ଷ୍ୟ ହେଉଛି ଦେଶରୁ ନକ୍ସଲବାଦକୁ ବିଲୋପ କରିବା। ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଆମେ ନକ୍ସଲବାଦ ବିରୋଧରେ ଲଢୁଛୁ। ଆମର ସୁରକ୍ଷାକର୍ମୀ ଏପରି ସ୍ଥାନରେ ନିୟୋଜିତ ହେଉଛନ୍ତି, ଯେଉଁଠାରେ ଏପର୍ଯ୍ୟନ୍ତ ସୂର୍ଯ୍ୟ ବି ପହଞ୍ଚି ପାରିନାହାନ୍ତି। ଛତିଶଗଡ଼ରେ ସରକାର ପରିବର୍ତ୍ତନର ଗୋଟିଏ ବର୍ଷରେ ୩୮୦ ନକ୍ସଲଙ୍କ ମୃତ୍ୟୁ ହୋଇଛି। ତେବେ ଗୁରୁବାରର ୩୦ ନକ୍ସଲଙ୍କୁ ସେଥିରେ ସାମିଲ କରାଯାଇ ନାହିଁ। ଏହି ବର୍ଷକ ମଧ୍ୟରେ ୧୧୪୫ ନକ୍ସଲଙ୍କୁ ଗିରଫ କରାଯାଇଥିବାବେଳେ ୧୦୪୫ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେହିପରି ନକ୍ସଲଙ୍କ ଗୁଳିରେ ୨୬ଜଣ ସୁରକ୍ଷାକର୍ମୀ ପ୍ରାଣ ହରାଇଥିବା ଶ୍ରୀ ଶାହ ସୂଚନା ଦେଇଥିଲେ।

# ବାଙ୍ଗିରିପୋଷିରେ କାଳବୈଶାଖୀର ତାଣ୍ଡବ

ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚିଛି। ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ମାଡ଼ରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି ଘରଦ୍ୱାର। ଉଜୁଡ଼ିଯାଇଛି ଚାଷ ଜମି ଓ ପନିପରିବା ଚାଷ। ବାଙ୍ଗିରିପୋଷି ବ୍ଲକର ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଘରର ଆଜବେଷ୍ଟସ, ଟାଇଲ ଓ ଚାଳ ଭାଙ୍ଗିବା ସହ ଉଡ଼ିଯାଇଛି। ଶହଶହ ବାଇକର ମିରର, କାର୍‌ର କାଚ ଭାଙ୍ଗି ଚୁରମାର ହୋଇଯାଇଛି। ଘର ଭିତରେ ପାଣିପଶି ରନ୍ଧାଖାଦ୍ୟ ନଷ୍ଟ ହେବାଠାରୁ ଆରମ୍ଭ କରି ଘରେ ଥିବା ଆସବାବପତ୍ର, ଲୁଗାପଟା, ଧାନ, ଚାଉଳ, ପିଲାଙ୍କ ବହିଖାତା ସବୁ ଭିଜି ଓଦା ହୋଇଯାଇଛି। ବାଙ୍ଗିରିପୋଷି ବଜାର ମଧ୍ୟରେ ଥିବା ବହୁ ଦୋକାନ ଘର ମଧ୍ୟ କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ଆଗକୁ ପୁଣି ବର୍ଷା ପାଇଁ ସତର୍କ ସୂଚନା ଥିବାରୁ ପୀଡ଼ିତ ପରିବାରଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଯୁଦ୍ଧକାଳୀନ ଭିତ୍ତିରେ ସେବା ଯୋଗାଇ ଦେବାପାଇଁ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କୁ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଦରକାର ପଡ଼ିଲେ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ସହ ଖାଦ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରେ ଯେପରି ଗୋଟିଏ ବି ପୀଡ଼ିତ ପରିବାର ସରକାରୀ ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବାକୁ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ବିଧାୟିକା ଆଲୋଚନା କରିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ମଧ୍ୟ ତୁରନ୍ତ କ୍ଷୟକ୍ଷତି ଆକଳନ ପାଇଁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ମୁଣ୍ଡ ଗୁଞ୍ଜିବା ପାଇଁ ଘରର ଛାତ ସଂପୂର୍ଣ୍ଣ ନଷ୍ଟ ହୋଇଥିବାରୁ ପ୍ରାଥମିକ ଭାବେ ଖଣ୍ଡେ ଖଣ୍ଡେ ପଲିଥିନ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

A-1227

GOVT OF ODISHA
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, JEYPORE.
AT/PO : JEYPORE, DIST : KORAPUT.
PHONE NO : 06854-291412, e-mail- mijeypore@yahoo.co.in
e-Procurement Notice

BID IDENTIFICATION NO. MIDJEY 12/2024-25

No. 410 Date. 19.03.2025

The **Superintending Engineer, Minor Irrigation Division, Jeypore** on behalf of Governor of Odisha invites **Percentage Rate** bid in **Single** Cover System **in ONLINE MODE** Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Improvement to Check Dam.
2. No of works : 17 Nos.
3. Estimated cost : Approximately Rs. 6.14 to 12.58 Lakhs .
4. Period of completion : 2 (Two) calendar months.
5. Date and time of availability of bid documents in the portal : from 10.00 Hours of 24.03.2025 to 17.00 Hours of 05.04.2025.
6. Last date/ time for receipt of bids in the portal : 17.00 Hours of 05.04.2025.
7. Date of opening of Bid : 11.00 Hours on 07.04.2025.
8. The bidders have to participate in ONLINE bidding only.
9. Name of the Officer inviting Bid : Superintending Engineer , Minor Irrigation Division, Jeypore

Further details can be seen from the e-procurement portal https://tendersodisha.gov.in

Sd/-Superintending Engineer
MI Division, Jeypore

OIPR 32374/11/0007/2425

C-1959

NOTIFIED AREA COUNCIL, GOPALPUR,
GANJAM, ODISHA. PIN-761002
Email ID: nacgopalpur61@gmail.com

No. 768 Date: 21 / 03 / 2025

CORRIGENDUM

This is to notify that due to unavoidable circumstances, the tender for privatization of sanitation work at NAC Gopalpur vide Quotation Call Notice No. 724, dated 17.03.2025 is hereby cancelled.

Further information will be intimated later on.

Executive Officer
NAC Gopalpur

OIPR 13186/11/0015/2425

B-1095

GOVERNMENT OF ODISHA
OFFICE OF THE SUPERINTENDING ENGINEER
GANJAM[R&B]DIVISION NO.I BERHAMPUR
Phone/Fax:(0680) 2233683,e-mail :eernb1_bam@yahoo.com

"e"Procurement Notice
Bid Identification No.SE R&B Divn.No.I Bam. 59 /2024-25 Lr.No. 5702 dtd. 20.03.2025

| | | |
|---|---|---|
| Name of work | : | Building works. |
| No.of works | : | 01 (One) No |
| Estimated Cost | : | Approximately Rs.39.51 lakh |
| Period of completion. | : | Two Calender months. |
| Date and time of Availability of bid document in the portal. | : | From 10.00 hours of 28.03.2025 to 16.00 hours of 07.04.2025 |
| Last date / time for receipt of bids in the portal | : | Upto 16.00 hours of 07.04.2025. |
| Name & address of the Officer Inviting Bid | : | Superintending Engineer,Ganjam(R&B)Division No.I, Berhampur. |

Further details can be seen from the e-Procurement portal https://tendersodisha.gov.in

Sd/-Superintending Engineer
Ganjam(R&B)Division No.I
Berhampur

OIPR 34109/11/0023/2425

HOUSING AND URBAN DEVELOPMENT DEPARTMENT
OFFICE OF THE BARGARH MUNICIPAL COUNCIL: BARGARH
AT/PO/DIST.-BARGARH, PIN-768028

No. 1449 /, Date. 21.03.2025

*Invitation for Bids*

C-1960

BID IDENTIFICATION No.-03/BGH-MUN/2024-25
Tender ID-2025_ORULB_110354_1

| | | |
|---|---|---|
| 1 | Nature of Work | Civil Work |
| 2 | No. of Work | 01 no. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | "A" & "B" |
| 6 | Availability of Bids documents in website | From 09.00 Hrs Dt. 22.03.2025 to 17.00 Hrs Dt. 03.04.2025 |
| 7 | Date of Opening of Bid | Dt. 04.04.2025 11.00 hrs |

The bidders have to participate in ONLINE bidding only. Further details can be seen from the website i.e., http://tenderodisha.gov.in any addendum/corrigendum/cancellation of tender can also be seen only in the said website.

Sd/-Executive Officer
Bargarh Municipality

OIPR 13103/11/0010/2425

L-201

ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଆଠଗଡ଼

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କଟକ ଜିଲ୍ଲାରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଅଧୀନରେ ଥିବା ସରକାରୀ ଫଳ ବଗିଚାର ଫଳଗୁଡିକ ଚଳିତ ବର୍ଷ ପାଇଁ ନିଲାମ କରାଯିବ। ନିଲାମ ସମ୍ବନ୍ଧୀୟ ସମସ୍ତ ବିବରଣୀ ସାରଣୀ ତଳେ ଦିଆଗଲା ଇଚ୍ଛୁକ ବ୍ୟକ୍ତି ନିଲାମ ଫର୍ମ ଏବଂ ସର୍ତାବଳୀ ସମ୍ପୃକ୍ତ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଆଠଗଡ଼ଙ୍କ କାର୍ଯ୍ୟାଳୟରୁ ଟ ୧୦୦/- ବିନିମୟରେ ସଂଗ୍ରହ କରିପାରିବେ ଏବଂ ଯେ କୌଣସି କାର୍ଯ୍ୟ ଦିବସ ରେ ସମ୍ପୃକ୍ତ ବରପ୍ରାପ୍ତ ଅଧିକାରୀଙ୍କ ଅନୁମତି ନେଇ ବଗିଚାରେ ପର୍ଯ୍ୟବେକ୍ଷଣ କରିପାରିବେ।

ନିଲାମରେ ଭାଗ ନେବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନେ ନିଲାମ ଫର୍ମ ପୂରଣ କରି ତା ସହିତ ଉପଯୁକ୍ତ ଅମାନତ ରାଶି ସଂଲଗ୍ନ କରି ଏକ ଜଉମୁଦ ଲଫାପାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ରେଜିଷ୍ଟ୍ରୀ ଡାକ / କୋରିଅର ସର୍ଭିସ / ନିଜ ମାଧ୍ୟମରେ ତା ୨୮.୦୩.୨୦୨୫ ଅପରାହ୍ନ ୫ଟା ସୁଦ୍ଧା ଦାଖଲ କରିପାରିବେ। ଅମାନତ ରାଶି ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଆଠଗଡ଼ଙ୍କ ନାମରେ ଆକାଉଣ୍ଟ ପେୟୀ ଡ୍ରାଫ୍ଟ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ କଟକରେ ଦେୟ ହେବ ଜଉମୁଦ ଦିଅ ଲଫାପା ଗୁଡିକ ଆଗ୍ରହୀ ବ୍ୟକ୍ତି ବା ସେମାନଙ୍କର ପ୍ରତିନିଧିଙ୍କର ଉପସ୍ଥିତିରେ ନିର୍ଦ୍ଧାରିତ ତାରିଖ ଏବଂ ସମୟ ମଧ୍ୟରେ ଖୋଲାଯିବ। ସର୍ବାଧିକ ନିଲାମ ଡ଼ାକିଥିବା ବ୍ୟକ୍ତି ନିଲାମର ସମ୍ପୂର୍ଣ ନିଲାମ ଧନ ସେହିଦିନ ଦାଖଲ କରି ଫଳ ସଂଗ୍ରହ କରିବାର ଅଧିକାରୀ ହୋଇପାରିବେ।

ଯେ କୌଣସି ନିଲାମକୁ ନିମ୍ନ ସ୍ୱାକ୍ଷରକାରୀଙ୍କର କୌଣସି କାରଣ ନ ଦର୍ଶାଇ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ରହିଛି।

| କ୍ରମିକ ନମ୍ବର | ଫଳ ବଗିଚାର ନାମ ଓ ଠିକଣା | ଗଛର ନାମ | ସଂଖ୍ୟା | ଅମାନତ ରାଶି (ଉ ଖ ଉ) ଟଙ୍କା | ଟେଣ୍ଡର ଗ୍ରହଣ ଶେଷ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟ |
|---|---|---|---|---|---|---|---|
| ୧ | ବ୍ରହ୍ମପୁରା ଫାର୍ମ, ନରସିଂହପୁର | ଆମ୍ବ<br>କାଜୁ | ୧୨୦୦<br>୨୦୦ | ୫୦୦୦ | ୨୮.୦୩.୨୦୨୫<br>୫ P.M. | ୨୯.୦୩.୨୦୨୫<br>୩ P.M. | ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଆଠଗଡ଼. |
| ୨ | ୟୁନିଟ ଅର୍ଚାଡ଼, ନରସିଂହପୁର | ଆମ୍ବ | ୫୦ | ୫୦୦୦ | ୨୮.୦୩.୨୦୨୫<br>୫ P.M. | ୨୯.୦୩.୨୦୨୫<br>୩ P.M. | |
| ୩ | T.N. ଆଠଗଡ଼ | ଆମ୍ବ | ୬୦ | ୫୦୦୦ | ୨୮.୦୩.୨୦୨୫<br>୫ P.M. | ୨୯.୦୩.୨୦୨୫<br>୩ P.M. | |

OIPR 01415/11/0002/2425

ସ୍ୱା /- ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଆଠଗଡ଼.

ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ
IDFC FIRST Bank
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
**ସିଆଇଏନ: ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨**
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

**ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ରୁଣଗ୍ରହିତା ଓ ସହ -ରୁଣ ଗ୍ରହିତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ରୁଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ରୁଣଗ୍ରହୀତା ଓ ସହ- ଋଣ ଗ୍ରହୀତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ରୁଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ରୁଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ଅର୍ଥ |
|---|---|---|---|---|
| ୧ | ୮୪୧୭୮୨୩୨ ଏବଂ ୧୩୩୫୯୧୬୨୬ | ସମ୍ପତ୍ତି ବଦଳରେ ଋଣ | ୧୨.୦୩.୨୦୨୫ | ୬,୦୨,୯୩୨.୩୭/- |
| ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ଏମ୍‌ଡି ଅମିନ, ୨. ଶାହାଜାହାନ ବେଗମ୍ | | | | |
| ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ- ପ୍ଲଟ୍ ନଂ ୧୬୩୬/୧୨୧୧୨, ଏରିଆ ଏକର ୦.୦୭୫ ଡିସିମିଲ, ଖାତା ନଂ ୨୪୧୪/୧୩୬୧୨, ଅବସ୍ଥିତି ମୌଜା: ବରଗଡ଼, ଥାନା/ତହସିଲ- ବରଗଡ଼, ଜିଲ୍ଲା- ବରଗଡ଼, ଓଡ଼ିଶା-୭୬୮୦୨୮, ଏବଂ ବାଉଣ୍ଡରୀ: ପୂର୍ବ- ଏମ୍‌ଡି ସାମସୁଦ୍ଦିନ, ପଶ୍ଚିମ- ଏମ୍‌ଡି ହାର୍କ, ଉତ୍ତର- ଉଜ୍ଜଳ ସାହୁ, ଦକ୍ଷିଣ- ରାସ୍ତା | | | | |

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

**ସ୍ୱା/-ଅଧିକୃତ ଅଧିକାରୀ**
**ତାରିଖ: ୨୨.୦୩.୨୦୨୫** **ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**
**ସ୍ଥାନ: ଓଡିଶା**



ନୂଆଦିଲ୍ଲୀ: ଠପ୍ ହୋଇଯାଇଛି ଲଣ୍ଡନର ବ୍ୟସ୍ତବହୁଳ ହିଥ୍ରୋ ବିମାନବନ୍ଦର । ଭାରତ ସହ ଅନ୍ୟ ଦେଶକୁ ବିମାନ ଚଳାଚଳ ବନ୍ଦ କରାଯାଇଛି । ଏଭଳିକି ୧୨୦ରୁ ଅଧିକ ବିମାନର ଉଡ଼ାଣ ବାତିଲ୍ ହୋଇଥିବାବେଳେ ୧୩୦୦ ଅଧିକ ବିମାନ ପ୍ରଭାବିତ ହୋଇଛି। ଯାହାଫଳରେ ଫସି ରହିଛନ୍ତି ହଜାର ହଜାର ଯାତ୍ରୀ । ନିଆଁ ଲିଭିଥିଲେ ମଧ ସ୍ୱାଭାବିକ ହୋଇପାରିନି ବିମାନ ଚଳାଚଳ । ଆହୁରି ୨ରୁ ୩ ଦିନ ଲାଗିବା ନେଇ ଅନୁମାନ କରାଯାଉଛି । ପାଓ୍ୱାର ସବ୍ ଷ୍ଟେସନରେ ନିଆଁ ଲାଗିଯାଇଥିଲା । ଅଗ୍ନିକାଣ୍ଡ ଫଳରେ କୋଟି କୋଟି ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଉଛି। ହିଥ୍ରୋ ବିମାନ ବନ୍ଦର ବନ୍ଦ ହେତୁ ୧୩୦୦ରୁ ଅଧିକ ବିମାନ ପ୍ରଭାବିତ ହୋଇଛି। ୟୁରୋପରୁ ଆସୁଥିବା ସମସ୍ତ ବିମାନର ମାର୍ଗ ପରିବର୍ତ୍ତନ କରାଯାଇଛି ।

### ବିଚାରପତିଙ୍କ ଘରୁ ଟଙ୍କା ଜବତ ଘଟଣା

## ସୁପ୍ରିମ୍‌କୋର୍ଟଙ୍କ ତଦନ୍ତ ଆରମ୍ଭ




ନୂଆଦିଲ୍ଲୀ: ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଶବନ୍ତ ବର୍ମାଙ୍କ ବାସଭବନରୁ ୧୫ କୋଟି ନଗଦ ମିଳିବା ଘଟଣାରେ ତଦନ୍ତ ଆରମ୍ଭ କଲେ ସୁପ୍ରିମକୋର୍ଟ। ଏହି ପ୍ରେସ ବିଜ୍ଞପ୍ତିରେ, ସୁପ୍ରିମକୋର୍ଟ କହିଛନ୍ତି ଯେ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ ବର୍ମା ମାମଲା ଉପରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କଠାରୁ ଏକ ରିପୋର୍ଟ ମାଗିଛନ୍ତି। ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ନିଜ ସ୍ତରରେ ସୂଚନା ସଂଗ୍ରହ କରୁଛନ୍ତି ଏବଂ ସେ ମାର୍ଚ୍ଚ ୨୧ ସନ୍ଧ୍ୟା ସୁଦ୍ଧା ସୁପ୍ରିମକୋର୍ଟରେ ତାଙ୍କର ରିପୋର୍ଟ ଦାଖଲ କରିବେ। ଶୁକ୍ରବାର ଯଶବନ୍ତ ବର୍ମାଙ୍କ ଘରେ ଅଗ୍ନିକାଣ୍ଡ ଘଟିବାରୁ ଅଗ୍ନିଶମ ବାହିନୀ ଓ ପୁଲିସ ନିଆଁ ଲିଭାଉଥିବା ବେଳେ ଘରୁ ବିଡ଼ା ବଡ଼ା ଟଙ୍କା ମିଳିଥିଲା। ଏହାପରେ ଘଟଣା ବିଷୟରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ଅବଗତ କରାଯାଇଥିଲା। ଏତେ ଟଙ୍କା ମିଳିବା ପରେ ସୁପ୍ରିମକୋର୍ଟ କଲେଜିୟମ ପରାମର୍ଶରେ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଛି। ଅନ୍ୟପଟେ କଲେଜିୟମର କିଛି ବିଚାରପତି ଯଶବନ୍ତ ବର୍ମାଙ୍କର ଟ୍ରାନ୍ସଫର ନେଇ ମଧ ଚିନ୍ତା ପ୍ରକଟ କରିଛନ୍ତି। କେବଳ ଜଷ୍ଟିସ୍ ବର୍ମାଙ୍କୁ ସ୍ଥାନାନ୍ତର କଲେ ନ୍ୟାୟପାଳିକାର ଭାବମୂର୍ତ୍ତି ଖରାପ ହେବ ଏବଂ ଆଇନ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ବିଶ୍ୱାସ କମିଯିବ। ତେଣୁ ସେମାନେ ସ୍ୱେଚ୍ଛାକୃତ ଭାବରେ ଜଷ୍ଟିସ୍ ବର୍ମାଙ୍କ ଇସ୍ତଫା ମାଗିଥିବା ଜଣାପଡ଼ିଛି। ଯଦି ବର୍ମା ମନା କରନ୍ତି, ତେବେ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି କୁହାଯାଉଛି।

## ଦିଲ୍ଲୀ ପରାଜୟ ପରେ ଆପ୍‌ର ଅଦଳ ବଦଳ



ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜରିଓ୍ୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦମୀ ପାର୍ଟି (ଆପ୍)ର ଶୋଚନୀୟ ପରାଜୟ ପରେ ଦଳ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଦଳ ପକ୍ଷରୁ କିଛି ରାଜ୍ୟର ପ୍ରଭାବୀ ଏବଂ ମୁଖ୍ୟ ପଦବୀ ଅଦଳ ବଦଳ କରାଯାଇଛି। ଆମ୍ ଆଦମୀ ପାର୍ଟିର ଶୁକ୍ରବାର ପିଏସି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସୌରଭ ଭରଦ୍ୱାଜଙ୍କୁ ଦିଲ୍ଲୀର ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ୪ ରାଜ୍ୟର ପ୍ରଭାରୀ ଓ ଦୁଇ ରାଜ୍ୟର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଦଳର ବରିଷ୍ଠ ନେତା ଗୋପାଳ ରାୟଙ୍କୁ ଗୁଜରାଟ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ମନୀଷ ସିସୋଦିଆଙ୍କୁ ପଞ୍ଜାବର ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଥିବା ବେଳେ ସତ୍ୟେନ୍ଦ୍ର ଜୈନଙ୍କୁ ସହ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି । ଗୁଜରାଟ ପାଇଁ ଗୋପାଳ ରାୟଙ୍କୁ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଦୁର୍ଗେଶ ପାଠକଙ୍କୁ ସହ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ଗୋଆ ପାଇଁ ପଙ୍କଜ ଗୁପ୍ତାଙ୍କୁ ପ୍ରଭାରୀ ଦାୟିତ୍ୱ ଦିଆଯାଇଥିବା ବେଳେ ଦୀପକ ସିଂଗଲ, ଆଭାଷ ଚନ୍ଦେଲା ଓ ଅଂକୁଶ ନାରଙ୍ଗଙ୍କୁ ସହ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ଛତିଶଗଡ଼ ପାଇଁ ସନ୍ଦୀପ ପାଠକଙ୍କୁ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ମେହରାଜ ମଲିକଙ୍କୁ ଜମ୍ମୁ-କଶ୍ମୀରର ଅଧ୍ୟକ୍ଷ ପଦ ମିଳିଛି।

## କୋଇଲା ଉତ୍ପାଦନର ଐତିହାସିକ ସଫଳତାକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା




ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ସଫଳତାକୁ ପ୍ରଶଂସା କରିଛନ୍ତି। ଯାହା ଶକ୍ତି ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ପ୍ରତି ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତାକୁ ଦର୍ଶାଉଛି। ଶ୍ରୀ ମୋଦୀ ଏହି ସଫଳତାକୁ ପ୍ରଶଂସା କରି ଏହାକୁ ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି ଏବଂ ଏହି କ୍ଷେତ୍ର ସହିତ ଜଡିତ ଲୋକମାନଙ୍କର ନିରନ୍ତର ସମର୍ପଣ ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି। କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି କିଶନ ରେଡ୍ଡୀ ଏକ ଏକ୍ସ ପୋଷ୍ଟରେ ସୂଚନା ଦେଇଛନ୍ତି ଯେ, ଭାରତ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ଆକଳନ ଅତିକ୍ରମ କରିଛି। କେନ୍ଦ୍ର ମନ୍ତ୍ରୀଙ୍କ ଏକ୍ସ ପୋଷ୍ଟ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ମୋଦୀ ଲେଖିଛନ୍ତି; ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ। ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ମାଇଲଖୁଣ୍ଟ ଅତିକ୍ରମ କରିବା ଏକ ଉଲ୍ଲେଖନୀୟ ସଫଳତା, ଯାହା ଶକ୍ତି ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଉପଲବ୍ଧି ଏହି କ୍ଷେତ୍ର ସହିତ ଜଡିତ ସମସ୍ତ ଲୋକଙ୍କ ସମର୍ପଣ ଏବଂ କଠିନ ପରିଶ୍ରମକୁ ମଧ ପ୍ରତିଫଳିତ କରୁଛି ।

## ୧୮ ବିଧାୟକ ଛଅ ମାସ ଲାଗି ନିଲମ୍ବିତ



ବେଙ୍ଗାଲୁରୁ : କର୍ଣ୍ଣାଟକ ବିଧାନସଭାରୁ ବିଜେପିର ୧୮ ଜଣ ବିଧାୟକଙ୍କୁ ନିଲମ୍ବନ କରାଯାଇଛି। ବିଧାନସଭା ବାଚସ୍ପତି ୟୁ.ଟି. ଖାଦର ଶୁକ୍ରବାର 'ହନି ଟ୍ରାପ' ପ୍ରସଙ୍ଗ ଚର୍ଚ୍ଚାରେ ହଟ୍ଟଗୋଳ କରିବା ଓ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଯୋଗୁ ବିଧାୟକମାନଙ୍କୁ ୬ ମାସ ନିମନ୍ତେ ନିଲମ୍ବିତ କରିଛନ୍ତି। ବିରୋଧୀ ଦଳ ବିଧାୟକମାନେ ହାଇକୋର୍ଟର ଜଣେ ସିଟିଂ ବିଚାରରପତିଙ୍କ ଦ୍ୱାରା ହନିଟ୍ରାପ ମାମଲାର ବିଚାରବିଭାଗୀୟ ତଦନ୍ତ ଦାବି କରିଥିଲେ। ଏଥିପାଇଁ ସେମାନେ ବାଚସ୍ପତିଙ୍କ ପୋଡିୟମ ନିକଟକୁ ପହଞ୍ଚି କାଗଜ ଚିରିବା ସହ ହଟ୍ଟଗୋଳ କରିଥିଲେ। ବିଧାନସଭାରେ ବିରୋଧୀ ଦଳ ବିଧାୟକଙ୍କ ବିଶୃଙ୍ଖଳାକୁ ନେଇ କର୍ଣ୍ଣାଟକ ଆଇନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚ.କେ.ପାଟିଲ ଏକ ବିଧେୟକ ଉପସ୍ଥାପନ କରିଥିଲେ। ଏଥିରେ ବିଶୃଙ୍ଖଳିତ ବିଧାୟକଙ୍କୁ ଗୃହରୁ ୬ ମାସ ନିମନ୍ତେ ନିଲମ୍ବିତ କରିବା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ତାହା ଗୃହୀତ ହୋଇଛି। ନିକଟରେ ଏକ ହାଇପ୍ରୋଫାଇଲ ହନିଟ୍ରାପ ମାମଲା କର୍ଣ୍ଣାଟକରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥି ଯୋଗୁ କର୍ଣ୍ଣାଟକ ରାଜନୀତି ଉଷ୍ମ ହେଉଥିବା ବେଳେ ବିରୋଧୀ ଦଳ ବିଚାର ବିଭାଗୀୟ ତଦନ୍ତ ଦାବି କରୁଛନ୍ତି।

## ଗଙ୍ଗାରେ ପହଁରିଲେ ବାବା ରାମଦେବ



ହରିଦ୍ୱାର: ନିଜ ଫିଟନେସକୁ ନେଇ ଚର୍ଚ୍ଚାରେ ରୁହନ୍ତି ବାବା ରାମଦେବ। କେତେବେଳେ ଘୋଡା ସହ ରେସ୍ କରି ତ ପୁଣି କେବେ ନଦୀରେ ପହଁରି। ଆଉ ତାଙ୍କର ସେହି ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୁଏ। ଏହି ଅବସରରେ ଶୁକ୍ରବାର ଗଙ୍ଗା ନଦୀକୁ ଲମ୍ଫ ମାରି ପହଁରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୫୯ ବର୍ଷୀୟ ବାବାଙ୍କ ଫିଟନେସର ପ୍ରଶଂସା କରିଛନ୍ତି ୟୁଜର୍ସ। ହରିଦ୍ୱାରର ହର କି ପୋଡିରେ ପହଞ୍ଚିବା ପରେ ବାବା ରାମଦେବ ମାତା ଗଙ୍ଗାଙ୍କ ପୂଜାର୍ଚ୍ଚନା କରିବା ସହ ସ୍ନାନ କରିଥିଲେ। ନଦୀରେ ବୁଡ ପକାଇଥିଲେ । ହେଲେ ସେତିକିରେ ମନ ମାନିଲାନି ଯେ ସ୍ନାନ ପରେ ବାବା ନଦୀକୁ ସିଧା ଲମ୍ଫ ମାରିଥିଲେ । ଗାର୍ଡ ସହ ଗଙ୍ଗାରେ ପହଁରି ପହଁରି ସେ ଏପଟରୁ ସେପଟ ହୋଇଥିଲେ । ଆଉ ୫୯ ବର୍ଷୀୟ ବାବାଙ୍କ ଯୁବକତ୍ୱ ଦେଖି ଉପସ୍ଥିତ ଲୋକେ ତାଙ୍କୁ ଉତ୍ସାହିତ କରିଥିଲେ ।

## ଟ୍ରେନ୍‌କୁ ପଥରମାଡ ଘଟଣାରେ ୯ ଗିରଫ




ନୂଆଦିଲ୍ଲୀ: ଶୁକ୍ରବାର ବିହାର ପାଟନାର ରେଳ ସୁରକ୍ଷା ବାହିନୀ ଏକ ବଡ଼ ସଫଳତା ହାସଲ କରିଛି। ରେଳ ସୁରକ୍ଷା ବଳ (ଆରପିଏଫ୍) ଟ୍ରେନ ଉପରେ ପଥର ଫିଙ୍ଗୁଥିବା ୯ ଜଣଙ୍କୁ ଗିରଫ କରିଛି। ଏହି ପଥର ଫିଙ୍ଗାଳିମାନେ ବିହାରର ଦାନାପୁର ଡିଭିଜନ ଏବଂ ସମସ୍ତିପୁର ଡିଭିଜନ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବିଭିନ୍ନ ଟ୍ରେନ ଉପରେ ପଥର ଫିଙ୍ଗୁଥିଲେ । ସୂଚନା ଅନୁଯାୟୀ, ଫେବୃଆରୀ ୧୪ ରୁ ଫେବୃଆରୀ ୨୫ ମଧ୍ୟରେ ୧୧ଟି ଭିନ୍ନ ଭିନ୍ନ ଗାଡ଼ି ଉପରେ ପଥର ଫିଙ୍ଗା ଘଟଣା ଘଟିଥିଲା। ଯେଉଁଥିରେ ଏଫଆଇଆର ରୁଜୁ ହୋଇଥିଲା। ଏଫଆଇଆର ପଞ୍ଜିକରଣ କରିବା ପରେ, ସୁରକ୍ଷା ବାହିନୀ ସିସିଟିଭି ଫୁଟେଜ୍ ଆଧାରରେ ପଥର ଫିଙ୍ଗାଳିମାନଙ୍କୁ ଚିହ୍ନଟ କରିଥିଲେ ଏବଂ ଦାନାପୁର ଡିଭିଜନ ଏବଂ ସମସ୍ତିପୁର ଡିଭିଜନ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବିଭିନ୍ନ ଟ୍ରେନ ଉପରେ ପଥର ଫିଙ୍ଗିଥିବା ଅଭିଯୋଗରେ ନଅ ଜଣଙ୍କୁ ଗିରଫ କରିଥିଲା ପଥର ଫିଙ୍ଗା ଘଟଣାରେ ରେଳବାଇ ଆଇନର ଧାରା ୧୪୫ବି, ୧୪୬, ୧୫୩ ଏବଂ ୧୭୪ଏ ଅନୁଯାୟୀ ଜଣଙ୍କୁ ଗିରଫ କରାଯାଇଛି। ଦାନାପୁର ଡିଭିଜନର ଆରାରେ ପଥର ଫିଙ୍ଗିବାର ଚାରୋଟି ଘଟଣା ଘଟିଥିଲା । ଯେଉଁଥିରେ ରେଳ ଆଇନର ଧାରା ୧୫୩ ଅନୁଯାୟୀ ଚାରି ଜଣ ଭିନ୍ନ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ସେହିପରି, ଇସଲାମପୁରରେ ମଧ ଜଣେ ବ୍ୟକ୍ତିଙ୍କୁ ରେଳବାଇ ଝରକା ଭାଙ୍ଗିବା ଅଭିଯୋଗରେ ଗିରଫ କରାଯାଇଥିଲା। ଗାଡ଼ି ଉପରକୁ ପଥର ଫିଙ୍ଗିବା ଏବଂ ଯାତ୍ରୀମାନଙ୍କୁ ହଇରାଣ କରିବା ଅଭିଯୋଗରେ ବକ୍ସରରେ ଦୁଇଜଣ ଏବଂ ଦାନାପୁରରେ ଦୁଇଜଣଙ୍କୁ ଗିରଫ କରାଯାଇଥିଲା।

## ଛତିଶଗଡ଼ ଦେଶର 'ଅକ୍ସିଜେନ ଜୋନ୍' ପାଲଟିଛି : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶୁକ୍ରବାର ବିଧାନସଭାର କମିଟି କକ୍ଷରେ ଆୟୋଜିତ ବିଶ୍ୱ ବନୀକରଣ ଦିବସ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ ଏବଂ ରାଜ୍ୟବାସୀଙ୍କୁ ଜଙ୍ଗଲ ସଂରକ୍ଷଣ ଏବଂ ପ୍ରୋତ୍ସାହନର ବାର୍ତ୍ତା ଦେଇଥିଲେ। ସେମିନାରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ ଛତିଶଗଡ଼ ଦେଶର 'ଅକ୍ସିଜେନ ଜୋନ' ପାଲଟିଛି ଏବଂ ସମଗ୍ର ଭାରତକୁ ଅକ୍ସିଜେନ ଯୋଗାଇ ଆସୁଛି। ସେ କହିଥିଲେ ଯେ ରାଜ୍ୟର ୪୪ ପ୍ରତିଶତ ଭୂମି ଜଙ୍ଗଲରେ ଆଚ୍ଛାଦିତ, ଯାହା କେବଳ ପରିବେଶ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଆମର ସାଂସ୍କୃତିକ ଏବଂ ଆର୍ଥିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଂଶ। ଏହି ଅବସରରେ, ମୁଖ୍ୟମନ୍ତ୍ରୀ ଛତିଶଗଡ ରାଜ୍ୟରେ ବନ୍ୟ ଖାଦ୍ୟଯୋଗ୍ୟ ପ୍ଲାଣ୍ଟସ୍ ପୁସ୍ତକ ଉନ୍ମୋଚନ କରିଥିଲେ ଏବଂ ପୁଦିନା ସ୍ୱାଦର ବସ୍ତର କାଜୁ ଉତ୍ପାଦ ମଧ ଉନ୍ମୋଚନ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଇ କହିଛନ୍ତି ଯେ ଛତିଶଗଡ଼ର ଜନସଂଖ୍ୟାର ୩୨ ପ୍ରତିଶତ ଆଦିବାସୀ ଭାଇଭଉଣୀ ଯେଉଁମାନେ ଜଙ୍ଗଲ ସହିତ ଗଭୀର ଭାବରେ ଜଡିତ। ଛତିଶଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଛନ୍ତି ଯେ ଏଠାକାର ଜଳପ୍ରପାତ, ଆଦିବାସୀ ସଂସ୍କୃତି ଏବଂ ସମୃଦ୍ଧ ଜୈବ ବିବିଧତା ସମଗ୍ର ଦେଶ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି। ସେ କହିଥିଲେ ଯେ ନବ ରାୟପୁରରେ ପିପୁଲ୍ସ ଫର୍ ପିପୁଲ୍ କାର୍ଯ୍ୟକ୍ରମ ଅଧୀନରେ, ପ୍ରତ୍ୟେକ ଛକରେ ପିପଲ ଗଛ ଲଗାଯାଇଛି, ଯାହା ଭବିଷ୍ୟତରେ ଶୁଦ୍ଧ ଅମ୍ଳଜାନର ଏକ ଶକ୍ତିଶାଳୀ ଉତ୍ସ ହେବ।ସେମିନାରରେ ଉଦବୋଧନ ଦେଇ ବିଧାନସଭା ବାଚସ୍ପତି ଡକ୍ଟର ରମଣ ସିଂହ କହିଥିଲେ ଯେ ଛତିଶଗଡ଼ର ଜଙ୍ଗଲକୁ ବିଶ୍ୱର ସବୁଠାରୁ ସୁନ୍ଦର ଜଙ୍ଗଲ ମଧ୍ୟରେ ଗଣନା କରାଯାଏ। ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ କେଦାର କଶ୍ୟପ କହିଛନ୍ତି ଯେ ଛତିଶଗଡ଼ର ଆଦିବାସୀ ସମ୍ପ୍ରଦାୟର ସମଗ୍ର ଜୀବନ ଜଙ୍ଗଲ ଉପରେ ନିର୍ଭରଶୀଳ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଅରୁଣ ସା, ବିଧାୟକ ଧର୍ମଲାଲ କୌଶିକ, ଧର୍ମଜିତ ସିଂହ, ଯୋଗେଶ୍ୱର ରାଜୁ ସିହ୍ନା, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ଭି. ଶ୍ରୀନିବାସ ରାଓ ଏବଂ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଣିଜ୍ୟ



ମୁମ୍ବାଇ: ଦୁନିଆର ସବୁଠାରୁ ଧନୀ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ବିଲ ଗେଟ୍ସ ପ୍ରାୟତଃ ଭାରତ ଗସ୍ତରେ ଆସିଥାନ୍ତି। କିଛିଦିନ ତଳେ ମଧ ତାଙ୍କୁ ଭାରତରେ ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ ସେ ଆଉ ସଚିନ ତେନ୍ଦୁଲକରଙ୍କ ମିଶି ବଡାପାଓର ଆନନ୍ଦ ନେଉଥିବାର ମଧ ନଜରକୁ ଆସିଛି । ଏହି ଭିଡିଓକୁ ପ୍ରଥମେ ବିଲ୍ ଗଟ୍ସ ନିଜେ ସୋସିଆଲ ମିଡିଆରେ ଶେୟାର କରିଥିଲେ । ଯେଉଁଥିରେ ସେ ଲେଖିଛନ୍ତି, 'କାର୍ଯ୍ୟକୁ ଯିବା ପୂର୍ବରୁ ଜଳଖିଆ ବ୍ରେକ'। ଭିଡିଓ ଉପରେ 'ସର୍ଭିଙ୍ଗ ସୁନ୍' ବୋଲି ଲେଖା ହୋଇଥିଲା । ତେନ୍ଦୁଲକରଙ୍କ ସହ ତାଙ୍କର କିଛି ସ୍ପେଶାଲ ପ୍ଲାନ ଥିବା ଭିଡିଓରୁ ଜଣାପଡିଛି । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ସଚିନ ତେନ୍ଦୁଲକର କିମ୍ବା ବିଲ୍ ଗେଟ୍ସ କୌଣସି ବ୍ୟବସାୟିକ କାରବାରକୁ ନେଇ ପୁଷ୍ଟି କରି ନାହାଁନ୍ତି । ତେବେ ବିଲ ଗେଟ୍ସ ଭାରତ ଭ୍ରମଣ କରିବା ପରେ ନିଜ ବ୍ଲଗରେ ଲେଖିଥିଲେ, ମୁଁ କିଛି ନୂଆ ଉପାୟ ସହ ଆସିଛି । କାରଣ ଭାରତରେ ଖୁବ ସ୍ମାର୍ଟ ଏବଂ ମହତ୍ୱକାଂକ୍ଷୀ ଲୋକ ଥାଆନ୍ତି । ସେ ଆହୁରି ମଧ କହିଛନ୍ତି ଯେ ଭାରତର ଲୋକମାନେ ଜାଣନ୍ତି କିପରି ନୂତନ ଉପାୟରେ ସମସ୍ୟାର ସମାଧାନ କରାଯିବ।

## ଟିପିସିଓଡିଏଲ୍ ପକ୍ଷରୁ ଗ୍ରୀଷ୍ମଋତୁ ପାଇଁ ଜୋରଦାର ପ୍ରସ୍ତୁତି



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ୨୦୨୫ ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ବର୍ଦ୍ଧିତ ବିଦ୍ୟୁତ ଚାହିଦାକୁ ପୂରଣ କରିବାକୁ ପ୍ରସ୍ତୁତ ରହିଛି। ୨୫୨୪ ମେଗାଓ୍ୱାଟ୍‌ର ସର୍ବୋଚ୍ଚ ଚାହିଦା ସହିତ ଟିପିସିଓଡିଏଲ୍ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ବିଦ୍ୟୁତ୍ ବଂଟନ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଭୁବନେଶ୍ୱରରେ ଏକ କେନ୍ଦ୍ରୀଭୂତ ବିଦ୍ୟୁତ ବିତରଣ ପ୍ରଯୁକ୍ତି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହି ଉନ୍ନତ ସୁବିଧା ସୁପରଭାଇଜରୀ କଂଟ୍ରୋଲ ଆଣ୍ଡ ଡାଟା ଆକ୍ୱିଜିସନ (ଏସସିଏଡିଏ) ଏବଂ ଏକ ଉନ୍ନତ ବିତରଣ ପରିଚାଳନା ବ୍ୟବସ୍ଥା (ଏଡିଏମଏସ) ମାଧ୍ୟମରେ ନେଟଓ୍ୱାର୍କର ବାସ୍ତବ ସମୟ ନିରୀକ୍ଷଣକୁ ସକ୍ଷମ କରୁଛି, ଯାହା ୩୩ କେଭି ଫିଡର, ପ୍ରାଥମିକ ସବ୍‌ଷ୍ଟେସନ (ପିଏସଏସ) ଏବଂ ୧୧ କେଭି ଫିଡରର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରୁଛି। ପାଓ୍ୱାର ସିଷ୍ଟମ କଂଟ୍ରୋଲ ସେଂଟର (ପିଏସସିସି)ରେ ବ୍ୟାକଅପ୍ ପାଓ୍ୱାର ବ୍ୟବସ୍ଥା ଏବଂ ଉତ୍ସର୍ଗୀକୃତ ଯୋଗାଯୋଗ ଚ୍ୟାନେଲଗୁଡିକ ପରିଚାଳନାଗତ ନିର'ରତାକୁ ଆହୁରି ସୁଦୃଢ଼ କରିପାରିଛି। ଗ୍ରୀଷ୍ମ ଋତୁ ପ୍ରସ୍ତୁତି ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ଗ୍ରୀଷ୍ମ ଋତୁରେ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା। ଅତ୍ୟାଧୁନିକ ଜ୍ଞାନକୌଶଳ, ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଭଲ ଭାବେ ପ୍ରସ୍ତୁତ କର୍ମଚାରୀଙ୍କ ସହାୟତାରେ ଟିପିସିଓଡିଏଲ୍ ଗ୍ରାହକଙ୍କ ପାଇଁ ସେବାର ଗୁଣବତ୍ତା ଏବଂ ନିରାପତ୍ତା ବୃଦ୍ଧି କରିବା ସହିତ ବଢୁଥିବା ବିଦ୍ୟୁତ ଚାହିଦାକୁ ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏହି ଦୃଢ଼ ପଦକ୍ଷେପ ସହିତ ଟିପିସିଓଡିଏଲ୍ ସେବା ଯୋଗାଉଥିବା ଅଞ୍ଚଳରେ ନିରବଚ୍ଛିନ୍ନ, ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି।

## ଏପ୍ରିଲ ୧ରୁ ମୋବାଇଲ୍ ନମ୍ବରରେ ଚାଲିବନି ୟୁପିଆଇ

ନୂଆଦିଲ୍ଲୀ: ଏପ୍ରିଲ ୧ରୁ ମୋବାଇଲ୍ ନମ୍ବରଗୁଡ଼ିକରେ ବନ୍ଦ ହୋଇଯିବ ୟୁପିଆଇ ସେବା। ଟଙ୍କା ପଠାଇ ପାରିବେନି ଲୋକେ। ତେବେ ସବୁ ନମ୍ବରରେ ନୁହେଁ କେବଳ ନିଷ୍କ୍ରିୟ ମୋବାଇଲ୍ ନମ୍ବରଗୁଡ଼ିକରେ ୟୁପିଆଇ ସେବା ଆଉ କାମ କରିବ ନାହିଁ। ଜାଲିଆତି ଏବଂ ଅନଧିକୃତ କାରବାରକୁ ରୋକିବା ପାଇଁ ନ୍ୟାସନାଲ୍ ପେମେଣ୍ଟ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ), ବ୍ୟାଙ୍କ ଏବଂ ପେମେଣ୍ଟ୍ ସେବା ପ୍ରଦାନକାରୀ (ପିଏସପି) ଗୁଡ଼ିକୁ ଏପରି ନମ୍ବରଗୁଡ଼ିକୁ ଡିଲିଙ୍କ୍ କରିବାକୁ ନିର୍ଦ୍ଦେଶ ଦେଇଛି। ୟୁପିଆଇ ସହିତ ଲିଙ୍କ୍ ହୋଇଥିବା ନିଷ୍କ୍ରିୟ ମୋବାଇଲ୍ ନମ୍ବରଗୁଡ଼ିକ ସୁରକ୍ଷା ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ୟୁପିଆଇ ସହିତ ଲିଙ୍କ୍ ହୋଇଥିବା ନିଷ୍କ୍ରିୟ ମୋବାଇଲ୍ ନମ୍ବରଗୁଡ଼ିକ ସୁରକ୍ଷା ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି।

## କ୍ରମ୍ପଟନ୍ ପକ୍ଷରୁ ସ୍ଲିମ୍‌ଓ-ଅଲଟ୍ରା-ସ୍ଲିକ୍‌ର ଶୁଭାରମ୍ଭ

Crompton

ମୁମ୍ବାଇ : ପାରମ୍ପରିକ ଡ଼େକୋରେଟିଭ ଉଚ୍ଚମାନ ଆଲୋକ ବ୍ୟବସ୍ଥାର ଏକ ନୂତନ ସମ୍ଭାରକୁ ପ୍ରଦାନ କରିବାକୁ ଯାଇ କ୍ରମ୍ପଟନ ଗ୍ରୀଭସ କ୍ରୁମର ଇଲେକ୍ଟ୍ରିକାଲ ଲିମିଟେଡ଼,ଏହାର ବ୍ୟାଟେନ ଲାଇଟିଙ୍ଗ ପୋର୍ଟଫୋଲିଓର ସମ୍ଭାରକୁ ଅଧିକ ବିସ୍ତାରିତ କରିବାକୁ ଯାଇ ଦୁଇଟି ନୂତନ ସାମଗ୍ରୀର ଶୁଭାରମ୍ଭ କରିଛି – ଇନଫାଇନିଆ ୨୪ଓ୍ୱାଟର ଏକ ଅନନ୍ୟ ଅପ୍ରତ୍ୟକ୍ଷ ଆଲୋକ ସାମଗ୍ରୀର ଡ଼ିଜାଇନ ସହିତ ପ୍ରିଷଟେକ୍ ଜ୍ଞାନକୌଶଳ। ଏହି ଇନଫାଇନିଆ ୨୪ଓ୍ୱାଟ ଏକ ଅନନ୍ୟ ଡ଼ିଜାଇନ ସହିତ ଡ଼େକୋରେଟିଭ ଶେଷ ସ୍ପର୍ଶସମସ୍ତଙ୍କ ପାଇଁ ଉଜ୍ଜ୍ୱଳତମ ପାରମ୍ପରିକ ପ୍ରଦର୍ଶନର ଏକ ଆକର୍ଷଣ ଆଣିପାରିଛି। କମ୍ପାନୀର ବ୍ୟାଟେନ ଆଲୋକ ବ୍ୟବସ୍ଥା ସମ୍ଭାରର ଏହି ନୂତନ ମଡ଼େଲର ଯୋଗଦାନ ଅବସରରେ ଶାଳୀନ ନାୟକ, ଉପସଭାପତି ଏବଂ ବିଜିନେଓ ହେଡ଼ ଲାଇଟିଙ୍ଗ, କ୍ରମ୍ପଟନ ଗ୍ରୀଭସ କ୍ରୁମର ଇଲେକ୍ଟ୍ରିକାଲ ଲିଃ. ଏଥିରେ ସାମିଲ ହୋଇ ମତବ୍ୟକ୍ତ କରି କହିଛନ୍ତି, 'କ୍ରମ୍ପଟନରେ ଆମେ ଆଲୋକ ବ୍ୟବସ୍ଥାକୁ ଉଜ୍ଜ୍ୱଳତମ ତଥା ଏକ ପ୍ରମୁଖ ଉପାଦାନ ଭାବରେ ଘର ତଥା କାର୍ଯ୍ୟାଳୟ ଗୁଡ଼ିକର ଡ଼େକୋରେସନ ଏବଂ ଡ଼ିଜାଇନ ତଥା ବ୍ୟବହାରକାରୀ ମାନଙ୍କର ବ୍ୟକ୍ତିଗତ ପସନ୍ଦ ତଥା ଅଭିଜ୍ଞତାକୁ ସମ୍ପୂର୍ଣ୍ଣଭାବରେ ପ୍ରାଧାନ୍ୟ ଦେବା ସହିତ ଏସବୁକୁ ଅନୁମୋଦିତ କରିଛୁ। ଇନଫାଇନିଆ ୨୪ଓ୍ୱାଟ ତଥା ସ୍ଲିକ୍‌ସ୍ଲିମ୍‌ଓ ୨୦ଓ୍ୱାଟ ମଡ଼େଲର ବ୍ୟାଟେନ ସମ୍ଭାରରେ ଯୋଗଦାନ ସହିତ ଆମେ ଏକ ପରିବର୍ତ୍ତନର ଧାରାକୁ ଆଲୋକ ବ୍ୟବସ୍ଥା କ୍ଷେତ୍ରରେ ଉପସ୍ଥାପନ କରିପାରିଛୁ। ଇନଫାଇନିଆ ୨୪ଓ୍ୱାଟ କେବଳ ଏକ ଉଚ୍ଚମାନର ଆଲୋକ ପ୍ରଦାନ କରିଥାଏ ତାହା ନୁହେଁ ଏହା ମଧ୍ୟ ଏକ ଚମକ-ମୁକ୍ତ ଆରାମଦାୟକ ପରିବେଶ ପ୍ରଦାନ କରିଥାଏ। ପ୍ରତ୍ୟେକ ବାସଗୃହର ଅଭିଳାଷାକୁ ନେଇ ଡ଼ିଜାଇନର ଏହି ଷ୍ଟାଇଲିଷ୍ଟ ତଥା ଦକ୍ଷ ଆଲୋକମାଳାର ବିକଳ୍ପ ପ୍ରତ୍ୟେକସ୍ଥାନର ଉନ୍ନତ ଉତ୍କୃଷ୍ଟ ଆଲୋକ ସଜ୍ଜିକରଣକୁ ଦ୍ୱିଗୁଣିତ କରିଥାଏ ସେ ଘର ହେଉ ଅଥବା କାର୍ଯ୍ୟାଳୟହେଉ ଏକ ଶୋଭାବର୍ଦ୍ଧନକାରୀ କାର୍ଯ୍ୟଦକ୍ଷତାକୁ ସୁନିଶ୍ଚିତ କରେ। ଇନଫାଇନିଆବ୍ୟା ଟେନର ମୂଲ୍ୟ ୯୭୫ ଟଙ୍କା ଥିବାବେଳେ ସେହିଭଳି ସ୍ଲିମ୍‌ଓର ମୂଲ୍ୟ ୯୦୦ ଟଙ୍କା ରହିଛି।

## ଆଇକନିକ୍ ହ୍ୱାଇଟ ରଚିଲା ଇତିହାସ

ABD
Allied Blenders and Distillers

ମୁମ୍ବାଇ : ଭାରତର ତୃତୀୟ ସର୍ବବୃହତ ସ୍ପିରିଟ କମ୍ପାନୀ ଆଲାଏଡ ବ୍ଲେଣ୍ଡର୍ସ ଆଣ୍ଡ ଡିଷ୍ଟିଲର୍ସ ଲିମିଟେଡ (ଏବିଡି) ତାହାର ଆଇକନିକ ହ୍ୱାଇଟ ସହିତ ଏକ ନୂଆ ସଫଳତା ହାସଲ କରିଛି। ଏହାର ଶୁଭାରମ୍ଭ ହେବାପରେ ମାତ୍ର ୩୪୪ ଦିନରେ ଏହି ବ୍ରାଣ୍ଡ ୫୦ ଲକ୍ଷ (୫ ନିୟୁତ) କେସ୍ ବିକ୍ରି କରିଛି। ସେପ୍ଟେମ୍ବର ୨୦୨୩ରେ ଆରମ୍ଭ ହୋଇଥିବା ଏହି ପ୍ରିମିୟମ ବ୍ରାଣ୍ଡ ତାହାର ଆକର୍ଷଣୀୟ ଡିଜାଇନ ଏବଂ ଗୁଣବତ୍ତା ଦ୍ୱାରା ଦ୍ରୁତଗତିରେ ବଜାରରେ ନିଜର ସ୍ଥାନ ସୁଦୃଢ଼ କରିଛି। ଏବିଡିର ମ୍ୟାନେଜିଂ ଡାଇରେକ୍ଟର ଆଲୋକ ଗୁପ୍ତା ଏହାକୁ କମ୍ପାନୀ ପାଇଁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ଉଲ୍ଲେଖ କରିବା ସହିତ ଆନ୍ତର୍ଜାତିକ ସ୍ତରରେ ବ୍ରାଣ୍ଡ×ର ପ୍ରସାର ସମ୍ପର୍କରେ ପ୍ରକାଶ କରିଛନ୍ତି। ଚିଫ୍ ଇନୋଭେସନ ଆଣ୍ଡ ଷ୍ଟ୍ରାଟେଜି ଅଫିସର ବିକ୍ରମ ବସୁ ଏହାକୁ ଗେମ୍‌ଚେର ବ୍ରାଣ୍ଡ ବୋଲି ବର୍ଣ୍ଣନା କରିଛନ୍ତି। ପୂର୍ବ ଓ ଉତ୍ତର ଭାରତରେ ଏହାର ପ୍ରାରମ୍ଭିକ ଶୁଭାରମ୍ଭ ସମୟରେ ୨୦୨୨-୨୩ ଆର୍ଥିକ ବର୍ଷରେ ଆଇକନିକ ହ୍ୱାଇଟ×ରେ ୩.୨ ଲକ୍ଷ କେସ× ବିକ୍ରି ରେକର୍ଡ କରାଯାଇଛି। ଆଇକନିକ ହ୍ୱାଇଟର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଆଲାଏଡ ବ୍ଲେଣ୍ଡର୍ସ ଆଣ୍ଡ ଡିଷ୍ଟିଲର୍ସ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଆଲୋକ ଗୁପ୍ତା କହିଛନ୍ତି, '୨୦୨୫ ଆର୍ଥିକ ବର୍ଷର ମାତ୍ର ୩୪୪ ଦିନରେ ୫୦ ଲକ୍ଷ କେସ ବିକ୍ରି ଅତିକ୍ରମ କରିବା ଏବିଡି ପାଇଁ ଏକ ନିର୍ଣ୍ଣାୟକ ସମୟ ହୋଇଛି, ଏହାର ଅତ୍ୟାଧୁନିକ ମିଶ୍ରଣ ଏବଂ ଷ୍ଟାଇଲିସ ପ୍ୟାକେଜିଂ ପାଇଁ ଯୁବପିଢିଙ୍କ ମଧ୍ୟରେ ଆଇକନିକ ଭାରତର ଏକ ନମ୍ବର ଟ୍ରେଣ୍ଡିଂ ହ୍ୱିସ୍କି ହୋଇପାରିଛି।

## ଡ୍ରୋନ୍‌ସ ଟେକ୍ନୋଲୋଜିର ବ୍ୟବହାର ସମ୍ବନ୍ଧରେ ଶିକ୍ଷା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମାରୁତ ଡ୍ରୋନସ-ଭାରତର ଅଗ୍ରଣୀ ଡ୍ରୋନସ ଟେକ୍ନୋଲୋଜି ଏବଂ ଉତ୍ପାଦନ କମ୍ପାନୀ ପକ୍ଷରୁ ଓଡିଶାର ଧାନ ଚାଷୀ ମାନଙ୍କୁ ଡ୍ରୋଣ ଟେକ୍ନୋଲୋଜିକୁ ବ୍ୟବହାର କରି କିପରି ଧାନ ଉତ୍ପାଦିକା ଶକ୍ତି ବଢ଼େଇ ପାରିବେ ତାହାର ଶିକ୍ଷା ପ୍ରଦାନ କରୁଛନ୍ତି । ମାରୁତ ଗତ ୧୩ ଦିନ ମଧ୍ୟରେ ୪୫ ଟି ଗ୍ରାମକୁ ଗସ୍ତ କରି ୨୫୦୦ ରୁ ଅଧିକ ଧାନ ଚାଷୀଙ୍କ ପାଇଁ ଅନ୍-ସାଇଟ୍ ଡ୍ରୋନ୍ ପ୍ରଦର୍ଶନ କରିଛନ୍ତି। ରାଜ୍ୟର ସବୁଠାରୁ ଅଧିକ କୃଷି ଉତ୍ପାଦନକାରୀ ଜିଲ୍ଲା ମଧ୍ୟରୁ ବରଗଡ଼ ହେଉଛି ଅନ୍ୟତମ, ଏହାର ୮୦% ରୁ ଅଧିକ ଜନସଂଖ୍ୟା କୃଷି ଉପରେ ନିର୍ଭରଶୀଳ। କିଛି ଉନ୍ନତ ଚାଷୀ ଡ୍ରୋନ୍ ବିଷୟରେ ସଚେତନ ଥିଲେ ମଧ, ଅଧିକାଂଶ କ୍ଷୁଦ୍ର ଚାଷୀ ଏହାର କ୍ଷମତା ବିଷୟରେ ଅଜ୍ଞ ଅଛନ୍ତି। ସାର, କୀଟନାଶକ ସିଂଚନ ଏବଂ ଫସଲ ସ୍ୱାସ୍ଥ୍ୟ ନିରୀକ୍ଷଣ ପାଇଁ ଡ୍ରୋନ୍ ବ୍ୟବହାର, ମଜୁରୀ ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିବା ଏବଂ ଉତ୍ପାଦକତାକୁ ଉନ୍ନତ କରିବାର ସମ୍ଭାବନା ରଖିଛି। ନିଜ ହାତରେ କରି ଶିଖେଇବା – ଡ୍ରୋନ୍ ଆଡଭୋକେଟଙ୍କ ସହ ମେହେର ବାବୁ, ବରଗଡ଼ ଜିଲ୍ଲାର ଡାଙ୍ଗ ଗାଁର ଜଣେ ୫୦ ବର୍ଷୀୟ ବ୍ୟକ୍ତି କୃଷି କାର୍ଯ୍ୟ ପାଇଁ ଡ୍ରୋନ୍ ପ୍ରଯୁକ୍ତିର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଡ୍ରୋନ୍ ପ୍ରଦର୍ଶନର ନେତୃତ୍ୱ ନେଇ ଗ୍ରାମାଂଚଳ ଓଡ଼ିଶାରେ ଚହଳ ସୃଷ୍ଟି କରୁଛନ୍ତି। ଗତ କିଛି ମାସ ଧରି, ମେହେର ବାବୁ କିଷାନ ମେଳା ଏବଂ କୃଷି ସମାବେଶରେ ସାମିଲ ହୋଇଛନ୍ତି, ତାଙ୍କ ସହିତ ଚାରୋଟି କିଷାନ୍ ଡ୍ରୋନ୍ ଆଣିଛନ୍ତି ଯାହା ଦ୍ୱାରା ଚାଷୀମାନଙ୍କ କୃଷି ଉତ୍ପାଦନ ବୃଦ୍ଧି କରିବା ସହିତ ଡ୍ରୋନ୍ କିପରି ମଜୁରୀ ଏବଂ ସିଂଚନ ଖର୍ଚ୍ଚ ହ୍ରାସ କରିପାରିବ ସେ ବିଷୟରେ ଶିକ୍ଷା ଦେଉଛନ୍ତି। ମାରୁତ ଡ୍ରୋନ୍‌ସର ସିଇଓ ଏବଂ ସହ-ପ୍ରତିଷ୍ଠାତା ପ୍ରେମ କୁମାର ବିଶାଳଓ୍ୱାଥ କହିଛନ୍ତି, 'ଆଗାମୀ ବର୍ଷଗୁଡ଼ିକରେ, ଭାରତରେ ଚାଷ ପାଇଁ ଡ୍ରୋନ ଟ୍ରାକ୍ଟର ପରି ଅତ୍ୟାବଶ୍ୟକ ହୋଇଯିବ। ମେହେର ବାବୁଙ୍କ ପରି ଉତ୍ସର୍ଗୀକୃତ ବ୍ୟକ୍ତିବିଶେଷଙ୍କ ଅକ୍ଳାନ୍ତ ପ୍ରୟାସ ପାଇଁ ଧନ୍ୟବାଦ, ଯେଉଁମାନେ ଏହି ପରିବର୍ତ୍ତନକାରୀ ପ୍ରଯୁକ୍ତିବିଦ୍ୟାକୁ ଓଡ଼ିଶାର କୋଣ ଅନୁକୋଣକୁ ଆଣୁଛନ୍ତି, ଚାଷୀମାନେ ଡ୍ରୋନ ସେବା କେମିତି ସହଜରେ ପାଇବେ, ଯାହା ସେମାନଙ୍କୁ ସେମାନଙ୍କର ଉତ୍ପାଦନ ବୃଦ୍ଧି କରିବା ଏବଂ କୃଷି ପଦ୍ଧତିରେ ବିପ୍ଳବ ଆଣିବା ପାଇଁ ସଶକ୍ତ କରିବ। ଓଡ଼ିଶାରେ ଏବେ କୃଷି ସମୟ ଆସୁଥିବାରୁ, ସିଂଚନ କାର୍ଯ୍ୟକଳାପ ବ୍ୟାପକ ହେବା ଆଶା କରାଯାଉଛି। ମେହେର ବାବୁଙ୍କ ଲକ୍ଷ୍ୟ ଅତି ସ୍ପଷ୍ଟ – ବରଗଡ଼ ଜିଲ୍ଲାର ଅତି କମରେ ୧୦୦ ଜଣ ଚାଷୀଙ୍କୁ ସେମାନଙ୍କ ଫସଲ ପାଇଁ ସାର ଏବଂ କୀଟନାଶକ ସିଂଚନ କରିବା ପାଇଁ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାକୁ ରାଜି କରାଇବା। ଡ୍ରୋନ ବିନିଯୋଗ କରିବାକୁ ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ ତାଙ୍କର ତୃଣମୂଳ ସ୍ତରର ପ୍ରୟାସ ଏବଂ ସଚେତନତା ଅଭିଯାନ ଜାରି ରଖିଛନ୍ତି। ଓଡ଼ିଶାର କୃଷି ପରିଦୃଶ୍ୟକୁ ପରିବର୍ତ୍ତନ କରିବା ପାଇଁ ମେହେର ବାବୁଙ୍କ ଉତ୍ସର୍ଗୀକୃତତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ, କାରଣ ସେ ଗ୍ରାମୀଣ ଭାରତରେ ଚାଷୀମାନଙ୍କୁ ଶିକ୍ଷିତ କରିବା ଏବଂ ଡ୍ରୋନ ପ୍ରଯୁକ୍ତିବିଦ୍ୟା ଗ୍ରହଣକୁ ସମର୍ଥନ କରିବା ପାଇଁ ତାଙ୍କର ମିଶନ ଜାରି ରଖିଛନ୍ତି।

## ନିଭା ବୁପା ପକ୍ଷରୁ ରାଇଜ୍‌ର ଯୋଜନାର ଶୁଭାରମ୍ଭ

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ସ୍ୱାସ୍ଥ୍ୟ ବୀମା ପ୍ରଦାନକାରୀ କମ୍ପାନୀ ନିଭା ବୁପା ହେଲ୍‌ଥ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ ପକ୍ଷରୁ ଭାରତର 'ମିସିଂ ମିଡିଲ' ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଅଧିକ ପହଂଚଯୋଗ୍ୟ କରିବା ପାଇଁ ଡିଜାଇନ କରାଯାଇଥିବା ଏକ ସ୍ୱାସ୍ଥ୍ୟ ବୀମା ଯୋଜନା 'ରାଇଜ୍'ର ଉନ୍ମୋଚନ କରାଯାଇଛି। ମୂଲ୍ୟ ଓ ନମନୀୟତା ପ୍ରଦାନ କରୁଥିବା ଅନେକ ଶିଳ୍ପ ପ୍ରଥମ ଫିଚରଗୁଡିକ ସହିତ 'ରାଇଜ୍' ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ସୁଲଭତା ଓ ଉପଲବ୍ଧତାକୁ ପୁନଃବ୍ୟାଖା କରିବା ପାଇଁ ପ୍ରସ୍ତୁତ ରହିଛି । ରାଇଜ୍‌ର ଶୁଭାରମ୍ଭ ସମ୍ପର୍କରେ ନିଭା ବୁପା ହେଲ୍‌ଥ ଇନ୍ସ୍ୟୁରାନ୍ସର ଅଣ୍ଡରରାଇଟିଂ, ପ୍ରଡକ୍ଟସ ଆଣ୍ଡ କ୍ଲେମ୍‌ସ ବିଭାଗର ନିର୍ଦ୍ଦେଶକ ଡଃ ଭାବତୋଷ ମିଶ୍ର କହିଛନ୍ତି, 'ନିଭା ବୁପାରେ ଆମେ ଆମର ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରୁଥିବା ଅଭିନବ ସମାଧାନ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ । ରାଇଜ କେବଳ ଭାରତର ମିସିଂ ମିଡିଲ ପାଇଁ ବୀମା ଅନ୍ତରକୁ ଦୂର କରିବା କ୍ଷେତ୍ରରେ ଏକ ପଦକ୍ଷେପ ନୁହେଁ ବରଂ ଏହା ଆଇଆରଡିଏଆଇର ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଲକ୍ଷ୍ୟ ସହ ଜଡିତ ରହିଛି । 'ଏହି ପ୍ଲାନଗୁଡିକ ବ୍ୟକ୍ତିଗତ, ବହୁ-ସଦସ୍ୟ ବିଶିଷ୍ଟ ଓ ଫ୍ୟାମିଲି ଫ୍ଲୋଟର ଭାରିଆଂଟରେ ଉପଲବ୍ଧ ହେଉଛି । ଅଂଚଳ ଅନୁଯାୟୀ ଜଣେ ୩୫ ବର୍ଷ ବୟସ୍କ ବ୍ୟକ୍ତିଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପାଇଁ ସର୍ବନିମ୍ନ ୬୪୧୬ ଟଙ୍କାରୁ ୮୬୬୯ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରୁ ଆରମ୍ଭ ହେଉଥିବା ମୂଲ୍ୟ ରହିବ ।




ନୂଆଦିଲ୍ଲୀ : ଶନିବାରଠୁ ଆରମ୍ଭ ହେବ ଆଇପିଏଲ ସିଜିନ୍ ୧୮ । ଉଦ୍‌ଘାଟନୀ ମ୍ୟାଚରେ ମୁହାଁମୁହିଁ ହେବେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ କୋଲକାତା ନାଇଟ୍ ରାଇଡର୍ସ । ଏହି ମ୍ୟାଚ୍ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଆରସିବିର ଅଧିନାୟକ ରଜତ ପତିଦାର ହୋଇଥିବା ବେଳେ ଅଜିଙ୍କ୍ୟ ରାହାଣେ କେକେଆରର ନେତୃତ୍ୱ ନେଉଛନ୍ତି । ଚଳିତଥର ଆର୍‌ସିବି ନିଜର ପ୍ରଥମ ଆଇପିଏଲ୍ ଟାଇଟଲ ହାତେଇବା ଉଦ୍ଦେଶ୍ୟରେ ମଇଦାନକୁ ଓହ୍ଲାଇବ । କିନ୍ତୁ ଟିମ୍‌ରେ ଏବେ ବି ରହିଛି ଅନେକ ଦୁର୍ବଳତା । ଯାହା ଟିମ୍‌କୁ ଟାଇଟଲଠାରୁ ଦୂରେଇ ରଖିବା ପାଇଁ ଦାୟୀ ହୋଇପାରେ। ଆଇପିଏଲରେ ସର୍ବାଧିକ ୨୫ ଜଣ ଖେଳାଳି ଟିମ୍‌ରେ ରଖିପାରିବ । କିନ୍ତୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଟିମ୍‌ରେ ରଖିଛି ମୋଟ ୨୨ ପ୍ଲେୟର । ତେବେ ଆରସିବିରେ ରହିଛନ୍ତି ସର୍ବାଧିକ ବୋଲର। ବାଙ୍ଗାଲୋର ଟିମ୍‌ରେ ୯ ବୋଲର, ୬ ଜଣ ବ୍ୟାଟର ଏବଂ ୭ ଜଣ ଅଲରାଉଣ୍ଡର ଅଛନ୍ତି । ଟିମ୍‌ରେ ଜୋଶ ହାଜେଲଉଡଙ୍କ ବ୍ୟତୀତ କୌଣସି ପ୍ରଭାବଶାଳୀ ବିଦେଶୀ ଖେଳାଳି ନାହାନ୍ତି । ଟିମ୍‌ରେ ଲୁଙ୍ଗି ଏନଗିଡି ରୂପରେ ଆଉ ଜଣେ ବିଦେଶୀ ବୋଲର ଅଛନ୍ତି । କିନ୍ତୁ ତାଙ୍କର ପ୍ରଭାବ ଆଇପିଏଲରେ ବିଶେଷ ରହିନି । ଆରସିବି ଟିମ୍‌ରେ ଏଥର ୭ ଅଲରାଉଣ୍ଡର ପ୍ଲେୟର ଅଛନ୍ତି । କିନ୍ତୁ ଟିମ୍ ଏହି କ୍ଷେତ୍ରରେ ମଧ୍ୟ ଦୁର୍ବଳ ମନେ ହେଉଛି । ପ୍ରଥମ ମ୍ୟାଚରୁ ଟିମ୍ ପ୍ରାୟ ପ୍ରତ୍ୟେକ ମ୍ୟାଚରେ ଲିଆମ୍ ଲିଭିଙ୍ଗଷ୍ଟୋନ୍‌ଙ୍କୁ ସୁଯୋଗ ଦେବ । ବ୍ୟାଟସମ୍ୟାନ୍ ଭାବରେ ଫିଲ୍ ସଲ୍ଟ ଏବଂ ବୋଲର ଭାବରେ ଜୋଶ୍ ହାଜେଲଉଡ୍ ପରେ, ଟିମ୍ କେବଳ ୨ ଜଣ ବିଦେଶୀ ଖେଳାଳିଙ୍କୁ ବାଛିପାରିବ । ତେଣୁ ଟିମ୍ ଡେଭିଡ୍ ଏବଂ ରୋମାରିଓ ସେଫର୍ଡ ଏକାଠି ଖେଳିବା କଷ୍ଟକର ହୋଇପାରେ। ତେଣୁ ଏହି ସବୁ ଦୁର୍ବଳତା ପରେ ଟିମ୍ ଟ୍ରଫି ଜିତିବା ପ୍ରାୟ କଷ୍ଟକର ହେବ ।

# ଆଇଓସି ମହିଳା ଅଧ୍ୟକ୍ଷ ହେଲେ କ୍ରିଷ୍ଟି କୋଭେଣ୍ଟ୍ରି

## ଶୁଭକାମନା ଜଣାଇଲେ ଜୟ ଶାହା



ନୂଆଦିଲ୍ଲୀ: କିର୍ଷ୍ଟି କୋଭେଣ୍ଟ୍ରିଙ୍କୁ ଗୁରୁବାର ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ନୂଆ ଅଧ୍ୟକ୍ଷ ମନୋନୟନ କରାଯାଇଛି। ଏହି ପଦକୁ ନିର୍ବାଚିତ ହେବାରେ କିର୍ଷ୍ଟି ପ୍ରଥମ ମହିଳା ତଥା ଆଫ୍ରିକୀୟ। କୋଭେଣ୍ଟ୍ରି ଆଇଓସିର ୧୦ମ ଅଧ୍ୟକ୍ଷ ହୋଇଛନ୍ତି ଓ ଏହି ପଦବୀରେ ଏପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ସବୁ ଅଧ୍ୟକ୍ଷଙ୍କ ଠାରୁ ଯୁବ। ସେ ଜୁନ ୨୪ ତାରିଖରେ ଏବେକା ଆଇଓସି ଅଧ୍ୟକ୍ଷ ଥମସ ବାକଙ୍କ ସ୍ଥାନ ଗ୍ରହଣ କରିବେ। ବାକ ଏହି ପଦବୀରେ ଗତ ୧୨ ବର୍ଷ ହେଲା ଅବସ୍ଥାପିତ ଅଛନ୍ତି। ଏହି ଅବସରରେ ଆନ୍ତର୍ଜାତୀୟ କ୍ରିକେଟ ପରିଷଦର ସଭାପତି ଜୟ ଶାହ ଆନ୍ତର୍ଜାତୀୟ ଅଲିମ୍ପିକ କମିଟିର ନବନିର୍ବାଚିତ ସଭାପତି କ୍ରିଷ୍ଟି କୋଭେଣ୍ଟ୍ରିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କ୍ରିଷ୍ଟି କୋଭେଣ୍ଟ୍ରି ପ୍ରଥମ ମହିଳା ଯିଏ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଭାପତି ହୋଇଛନ୍ତି। ଏହା ବ୍ୟତୀତ କ୍ରିଷ୍ଟି କୋଭେଣ୍ଟ୍ରି ଜିମ୍ବାୱେର କ୍ରୀଡା ମନ୍ତ୍ରୀ ଅଛନ୍ତି। ତଥାପି, ଏବେ ସେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଭାପତି ପଦ ଗ୍ରହଣ କରିବେ। ଆହୁରି ସେ କହିଛନ୍ତି ଯେ ସେ ଲସ ଆଞ୍ଜେଲସ ଅଲିମ୍ପିକ ଗେମ୍ସ ୨୦୨୮ରେ କ୍ରିକେଟକୁ ସାମିଲ କରିବା ପାଇଁ ପ୍ରତିବଦ୍ଧ। ଏଥିପାଇଁ ସେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ନବନିର୍ବାଚିତ ସଭାପତି କ୍ରିଷ୍ଟିଙ୍କ ସହ କାମ କରିବାକୁ ଅପେକ୍ଷା କରିଛନ୍ତି। ପୂର୍ବରୁ, କ୍ରିକେଟକୁ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡା ଏବଂ ୨୦୨୩ ଏସୀୟ କ୍ରୀଡାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ସେହି ସମୟରେ, ୨୦୨୮ ଲସ ଆଞ୍ଜେଲସ ଅଲିମ୍ପିକ ଗେମ୍ସରେ କ୍ରିକେଟକୁ ସାମିଲ କରିବା ପାଇଁ ଏବେ ପ୍ରସ୍ତୁତି ଚାଲିଛି। ଯଦି ଏହା ହୁଏ, ତେବେ ପ୍ରାୟ ୧୨୮ ବର୍ଷ ପରେ କ୍ରିକେଟ ଅଲିମ୍ପିକ୍ସ ଗେମ୍ସକୁ ଫେରିବ। ସୂଚନାଯୋଗ୍ୟ, କ୍ରିଷ୍ଟି କୋଭେଣ୍ଟ୍ରି ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଦଶମ ଅଧ୍ୟକ୍ଷ ହେବେ। ଏହା ବ୍ୟତୀତ, ସେ ଆଇଓସିର ସଭାପତି ନିର୍ବାଚିତ ହେବାରେ ପ୍ରଥମ ମହିଳା ଏବଂ ପ୍ରଥମ ଆଫ୍ରିକୀୟ ହେବେ। ଗ୍ରୀସର କୋଷ୍ଟା ନାଭାରିନୋରେ ଅନୁଷ୍ଠିତ ଆଇଓସିର ୧୪୪ତମ ଅଧିବେଶନରେ କ୍ରିଷ୍ଟି କୋଭେଣ୍ଟ୍ରିଙ୍କୁ ଅଧ୍ୟକ୍ଷ ନିର୍ବାଚିତ କରାଯାଇଥିଲା। ପୂର୍ବରୁ, କ୍ରିଷ୍ଟି କଭେଣ୍ଟ୍ରିଙ୍କୁ ଓଡଉ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ ସମୟରେ କ୍ରିଷ୍ଟି କୋଭେଣ୍ଟ୍ରିଙ୍କୁ ଦେଖିବାକୁ ମିଳିଥିଲା। ତଥାପି, ଯଦି କ୍ରିକେଟ ଅଲିମ୍ପିକ ଗେମ୍ସରେ ପୁନରାଗମନ କରେ, ତେବେ ଏହାକୁ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯିବ। କ୍ରିକେଟ ବ୍ୟତୀତ, ବେସବଲ, ଫ୍ଲାଗ ଫୁଟବଲ, ଲାକ୍ରୋସ ଏବଂ ସ୍କ୍ୱାସ ୨୦୨୮ ଲସ ଆଞ୍ଜେଲସ ଅଲିମ୍ପିକ ଗେମ୍ସରେ ଫେରିବାର ସମ୍ଭାବନା ଅଛି।

## ଆଜିଠୁ ଆଇପିଏଲ୍ ମହା ଲଢ଼େଇ, ବର୍ଷା ସାଜିବ ବାଧକ

# ବାତିଲ ହୋଇପାରେ ଉଦ୍‌ଘାଟନୀ ମ୍ୟାଚ୍

କୋଲକାତା: ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବ। ଏହାକୁ ନେଇ କ୍ରିକେଟ୍ ଜଗତରେ ପ୍ରବଳ ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ତେବେ ରାମନବମୀ ଅବସରରେ ଆବଶ୍ୟକ ସୁରକ୍ଷା ପ୍ରଦାନ କରିବାକୁ ସ୍ଥାନୀୟ ପୁଲିସ ମନା କରିବା ପରେ ଏପ୍ରିଲ ୬ରେ ଏଠାରେ ଖେଳାଯିବାକୁ ଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଓ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ମ୍ୟାଚ୍ ଗୁଆହାଟୀକୁ ସ୍ଥାନାନ୍ତର ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ଡିଫେଣ୍ଡିଂ ଚାମ୍ପିଅନ୍ କୋଲକାତା ନାଇଟ୍ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ମୁକାବିଲା ହେବ। ଉଦ୍‌ଘାଟନୀ ସମାରୋହର ପ୍ରଦର୍ଶନୀ ଧୁମ୍‌ଧାମରେ ଅନୁଷ୍ଠିତ ହେବ। କଳାକାରମାନଙ୍କ ମଧ୍ୟରେ ଦିଶା ପଟାନି ଏବଂ ଶ୍ରେୟା ଘୋଷାଲ ମଧ୍ୟ ପ୍ରଦର୍ଶନ କରିବେ। ଏହି ଅବସରରେ କୋଲକାତାର ପାଣିପାଗ ବିଭାଗ



ଅରେଞ୍ଜ ଆଲର୍ଟ ଜାରି କରିବା ସହିତ ସିଜିନ୍‌ର ଉଦଘାଟନୀ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହେବାର ସମ୍ଭାବନା ରହିଥିବା କହିଛି। ଭାରତ ପାଣିପାଗ ବିଭାଗ (ଆଇଏମଡି) ଗୁରୁବାରରୁ ରବିବାର ପର୍ଯ୍ୟନ୍ତ ଦକ୍ଷିଣ ବଙ୍ଗରେ ଝଡ଼ତୋଫାନ ଏବଂ ବର୍ଷା ହେବାର ପୂର୍ବାନୁମାନ କରିଛି। ରିପୋର୍ଟ ଅନୁଯାୟୀ, ଶନିବାର କୋଲକାତାରେ ବର୍ଷା ହେବାର ସମ୍ଭାବନା ୭୪% ଅଛି ଯେତେବେଳେ ମେଘ ଆଚ୍ଛାଦନ ୯୭% ରହିବ। ସନ୍ଧ୍ୟାରେ ବର୍ଷା ହେବାର ସମ୍ଭାବନା ୯୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ତେଣୁ, ଏହା ନିଶ୍ଚିତ ଯେ ଆଇପିଏଲର ୧୮ତମ ସଂସ୍କରଣର ପ୍ରଥମ ଦିନରେ ଇଡେନ୍ ଗାର୍ଡେନ୍ସରେ ପ୍ରଚୁର ବର୍ଷା ହେବ। କୋଲକାତା ଏବଂ ଆରସିବି ଫଳାଫଳ ପାଇଁ ପର୍ଯ୍ୟାପ୍ତ ଓଭର ଖେଳିପାରିବେ କି ନାହିଁ, ତାହା ବର୍ତ୍ତମାନ କହିବା କଷ୍ଟକର।

STATE HIGHWAYS AUTHORITY OF JHARKHAND
Government of Jharkhand

e-procurement Notice inviting BID

Ref No: SHAJ/Misc/NTPC/Badam Coal Mining/2020/225 Date: 20.03.2025

1. State Highways Authority of Jharkhand, Ranchi invites BID for **"Construction of two lane road from Badam Coal Block to BES Railway Siding (Total Length-Ch. 5.800 km. to 15.500 km. = 9.700 km.) in Block Barkagaon, district – Hazaribagh"** on deposit basis. The approximate cost of the work is Rs. 59.32 crore (Approx).
2. The interested bidders who have experience in execution of similar works and required technical & financial strength may obtain Bid document from e-tendering portal www.jharkhandtenders.gov.in from **25.03.2025 (15:00 hrs) to 22.04.2025 (15:00 hrs).** The complete BID Application shall be submitted online by **22.04.2025 (upto 15:00 hrs)** on e-tendering portal www.jharkhandtenders.gov.in. All the details regarding this BID will be available on the above mentioned website.
3. The contractors are required to submit non-refundable **Tender Fee** of Rs. 50,000/- (Rs. Fifty thousand only) & **Bid Security (EMD)** of Rs. 60.00 Lakh (Rs. Sixty Lakhs) only. Tender fees and Earnest money Deposit(EMD) shall be deposited online as per **Information Technology & E-Governance Department order no 120 dated 03.10.2023.** The undersigned will open the received bid online on **23.04.2025** at **15:30 hrs.**
4. *No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.*

Sd/-
Member (Technical)
State Highways Authority of Jharkhand, Ranchi
Deen Dayal Nagar
(Near Office of Executive Engineer, NH Division, Ranchi)
Booty Road, Ranchi-834008. Ph.: 0651-2361306,
E-mail: membertechnical.shaj3@gmail.com

PR 348905 State Highway Authority of Jharkhand(24-25).D

## ପ୍ରଥମ ବ୍ୟାଟ୍ସମ୍ୟାନ୍ ଭାବେ ଗିବ୍‌ସ ମାରିଥିଲେ ୬ ବଲ୍‌ରୁ ୬ଛକା




ନୂଆଦିଲ୍ଲୀ : ଭାରତର ଅଲ୍‌ରାଉଣ୍ଡର ଯୁବରାଗ ସିଂ ଅନ୍ତର୍ଜାତୀୟ କ୍ରିକେଟରେ ୬ ବଲ୍‌ରୁ ୬ଛକା ଲଗାଇଥିଲେ। ୨୦୦୭ ଟି-୨୦ ବିଶ୍ୱକପରେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଯୁବରାଜ ମାରିଥିଲେ ଗୋଟିଏ ଓଭରରେ ଛଅଟି ଛକା । ସେ ଏହି ରେକର୍ଡ ୧୯ ସେପ୍ଟେମ୍ବର ୨୦୦୭ରେ କରିଥିଲେ । କିନ୍ତୁ ଯୁବରାଜଙ୍କ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରେ ଅନ୍ୟ ଜଣେ ପ୍ଲେୟର ୬ ବଲରେ ୬ ଛକା ମାରିଥିଲେ । ଏହି ରେକର୍ଡ ସାଉଥ୍ ଆଫ୍ରିକା ପ୍ଲେୟରଙ୍କ ନାଁରେ ରହିଛି। ସେ ହେଉଛନ୍ତି ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ବ୍ୟାଟର ହର୍ଷେଲ ଗିବସ୍ । କ୍ରିକେଟ ଜଗତରେ ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ପ୍ରସିଦ୍ଧ ଥିଲେ ହର୍ଷେଲ । ୧୬ ମାର୍ଚ୍ଚ ୨୦୦୭ରେ ସେ କ୍ରିକେଟ ଇତିହାସରେ ଏହି ରେକର୍ଡ କରିଥିଲେ ଏବଂ ସମସ୍ତଙ୍କୁ କରିଥିଲେ ଚକିତ । ଗିବ୍ସ ବିଶ୍ୱକପ୍ ମ୍ୟାଚ୍‌ରେ ଲଗାତାର ୬ ବଲ୍‌ରେ ୬ଟି ଛକା ମାରିଥିଲେ । ଏହି ସଫଳତା କୌଣସି ବି ବ୍ୟାଟରଙ୍କ ପାଇଁ ଏକ ସ୍ୱପ୍ନ । ୨୦୦୭ ବିଶ୍ୱକପରେ ସେଣ୍ଟ କିଟ୍ସ ସହରର ୱାର୍ଣ୍ଣର ପାର୍କରେ ଦକ୍ଷିଣ ଆଫ୍ରିକା ଏବଂ ନେଦରଲ୍ୟାଣ୍ଡ ମଧ୍ୟରେ ଖେଳାଯାଇଥିଲା ମ୍ୟାଚ୍ । ଏହି ମ୍ୟାଚରେ ହର୍ଷେଲ ଗିବ୍ସ ଏକ ଦମଦାର ଇନିଂସ ଖେଳିଥିଲେ। ଏହି ସମୟରେ ୩୦ତମ ଓଭରରେ ବୋଲିଂ କରିବାକୁ ଆସିଥିଲେ ନେଦରଲ୍ୟାଣ୍ଡସ୍ ବୋଲର ଡାନ୍ ଭାନ୍ ବୁଙ୍ଗେ। ସେ ଗିବ୍ସଙ୍କୁ ପକାଇଥିଲେ ଏକ ଆକ୍ରମଣାତ୍ମକ ବଲ୍ । ଗିବ୍ସ ସେହି ବଲକୁ ଚମତ୍କାର ଭାବରେ ଛକା ମାରିଥିଲେ । ଏହାପରେ ଗିବ୍ସ କ୍ରମାଗତ ଆଉ ୫ଟି ବଲରେ ଛକା ମାରିଥିଲେ। ଏହାସହିତ ଗିବ୍ସ କ୍ରିକେଟ ଇତିହାସର ପ୍ରଥମ ବ୍ୟାଟସମ୍ୟାନ୍ ହୋଇଥିଲେ ଯିଏକି ୬ ବଲରେ ମାରିଥିଲେ ୬ ଛକା । ବର୍ତ୍ତମାନ ଯାଇଁ ସେ ବିଶ୍ୱ କ୍ରିକେଟରେ ଏକମାତ୍ର ବ୍ୟାଟର ଯିଏକି ଦିନିକିଆ ମ୍ୟାଚରେ ଲଗାଇଥିଲେ ୬ ଛକା।

## ଆଇପିଏଲ୍ : ବିସିସିଆଇ ଘୋଷଣା କଲା ଅମ୍ପାୟାର୍ସଙ୍କ ତାଲିକା

# ୭ ଜଣ ନୂଆ ବ୍ୟକ୍ତିଙ୍କୁ ମିଳିଲା ସ୍ଥାନ

## ବାଦ୍ ପଡିଲେ କୁମାର ଧର୍ମସେନା ଏବଂ ଅନିଲ ଚୌଧୁରୀ




ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୫ ପାଇଁ ଅମ୍ପାୟାରଙ୍କ ଦଳ ଘୋଷଣା କରିଛି ବିସିସିଆଇ। ଏହି ଦଳରେ ସାତ ଜଣ ନୂଆ ଭାରତୀୟ ଅମ୍ପାୟାରଙ୍କୁ ସାମିଲ କରାଯାଇଛି, ଯେଉଁମାନେ ପ୍ରଥମ ଥର ପାଇଁ ଆଇପିଏଲରେ ଅମ୍ପାୟାରିଂ କରୁଥିବାର ଦେଖାଯିବେ। ସେହିପରି ଅଭିଜ୍ଞ ଅମ୍ପାୟାର କୁମାର ଧର୍ମସେନା ଏବଂ ଅନିଲ ଚୌଧୁରୀ ଏଥର ପଡ଼ିଆରେ ଦେଖିବାକୁ ମିଳିବେ ନାହିଁ। ଭାରତୀୟ ଅଭିଜ୍ଞ ଅମ୍ପାୟାର ଅନିଲ ଚୌଧୁରୀ ଏବଂ ପୂର୍ବତନ ଶ୍ରୀଲଙ୍କା ଅଫ ସ୍ପିନର କୁମାର ଧର୍ମସେନା ଏଥର ଆଇପିଏଲରେ ଅମ୍ପାୟାରିଂ କରିବେ ନାହିଁ। ଅଭିଜ୍ଞ ଅମ୍ପାୟାର ଅନିଲ ଚୌଧୁରୀ ଏଥର କମେଣ୍ଟ୍ରି କରୁଥିବାର ଦେଖାଯିବେ। ଏହି ଦୁଇଜଣଙ୍କ ଅନୁପସ୍ଥିତିରେ, ଅନ୍ତର୍ଜାତୀୟ ଅମ୍ପାୟାର ମାଇକେଲ ଗଫ, କ୍ରିସ ଗାଫନି ଏବଂ ଆଡ୍ରିଆନ ହୋଲ୍ଡଷ୍ଟକ ଦାୟିତ୍ୱ ତୁଲାଇବେ। ବିସିସିଆଇ ଦଳରେ ସାମିଲ ହୋଇଥିବା ସାତ ଜଣ ନୂଆ ଅମ୍ପାୟାର ହେଉଛନ୍ତି ସ୍ୱରୂପାନନ୍ଦ କନ୍ନୁର, ଅଭିଜିତ ଭଟ୍ଟାଚାର୍ଯ୍ୟ, ପରାଶର ଜୋଶୀ, ଅନିଶ ସହସ୍ରବୁଦ୍ଧେ, କେଶୁର କେଲକର, କୌଶିକ ଗାନ୍ଧୀ, ଅଭିଜିତ ବେଙ୍ଗର। ସେହି ସମୟରେ, କିଛି ଦିନ ପୂର୍ବେ, ଟଚଉଇ ଏକ ପୋଷ୍ଟ ଶେୟାର କରି ଓଟଖରେ ଅମ୍ପାୟାର ଭାବରେ ତନ୍ମୟ ଶ୍ରୀବାସ୍ତବଙ୍କ ଡେବ୍ୟୁ ବିଷୟରେ ସୂଚନା ଦେଇଥିଲା। ସମସ୍ତ ନୂତନ ଅମ୍ପାୟାର ଅଭିଜ୍ଞ ଅମ୍ପାୟାର ଏସ ରବି ଏବଂ ସିକେ ନନ୍ଦନଙ୍କ ପରାମର୍ଶରେ କାର୍ଯ୍ୟ କରିବେ। ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ସାତ ଜଣ ନୂଆ ଅମ୍ପାୟାରଙ୍କ ତାଲିକାରେ ସାମିଲ ହୋଇଥିବା କୌଶିକ ଗାନ୍ଧୀଙ୍କ ବିଷୟରେ ବିସିସିଆଇର ଏକ ସୂତ୍ର କହିଛନ୍ତି, 'କୌଶିକ ଗାନ୍ଧୀ ଜଣେ ପୂର୍ବତନ ତାମିଲନାଡୁ ଖେଳାଳି ଏବଂ ସେ ୩୪ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଛନ୍ତି।' ସେ ତାଙ୍କର ଦ୍ୱିତୀୟ ସିଜିନରେ ଅମ୍ପାୟାର ଭାବରେ ଏହି ଦାୟିତ୍ୱ ନିର୍ବାହ କରିବେ। ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପରେ, ସେ ମହିଳା ଅନ୍ତର୍ଜାତୀୟ ମ୍ୟାଚ, ମହିଳା ପ୍ରିମିୟର ଲିଗ ଏବଂ ଏବେ ଇଣ୍ଡିଆନ ପ୍ରିମିୟର ଲିଗରେ ଅମ୍ପାୟାରିଂ କରୁଥିବାର ଦେଖାଯିବେ।

कार्यपालक अभियंता का कार्यालय ग्रामीण विकास विशेष प्रमंडल, बोकारो।
ई–निविदा आमंत्रण सूचना
ई– पुनर्निविदा सूचना संख्या – RDD/SD/BOKARO/41/2024-25/GR_03/RE
1.कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के नावाडीह प्रखण्ड अंतर्गत पंचायत पेंक एवं पंचायत मुंगोरंगामाटी के कोठी के बीच चमगड़वा नाला पर पुल निर्माण। (लम्बाई 34 .26 मी०) | 25347500.00 | 507000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 03.04.2025
3. ई–निविदा प्राप्ति की तिथि एवं समय – दिनांक 03.04.2025 से दिनांक 24.04.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 26.04.2025 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल,
बोकारो।

PR 348956 Rural Development(24-25)D

## ଆର୍‌ଏସ୍‌ପିରେ ଅଲ୍ ଓଡ଼ିଶା ଚେସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

ରାଉରକେଲା(ଭାସ୍କର ନ୍ୟୁଜ୍) : ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ (ଏଓସିଏ)ର ତତ୍ତ୍ୱାବଧାନରେ ସେଲ୍, ରାଉରକେଲା ଇସ୍ପାତ କାରଖାନାର ସ୍ପୋର୍ଟ୍ସ ୟୁନିଟ୍ ଦ୍ୱାରା ଆୟୋଜିତ ଓଡ଼ିଶା ରାଜ୍ୟ ଓପନ୍ ଏବଂ ଜୁନିଅର ୧୩ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍-୨୦୨୫ ମାର୍ଚ୍ଚ ୨୧ ତାରିଖରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଆରଏସପି ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଉତ୍ସବରେ ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି କେ ଜୋଜୋ ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ସହର ସେବା ବିଭାଗର ଜିଏମ ଇନ ଚାର୍ଜ ଟି ଜି କାନେକର ଏବଂ ଏଓସିଏର ପୂର୍ବତନ ସଭାପତି ତଥା ପ୍ରତିଯୋଗିତା ନିର୍ଦ୍ଦେଶକ ଜି.ସି. ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଏବଂ ଅନ୍ୟ ସମ୍ମାନିତ ବ୍ୟକ୍ତିମାନେ ଆନୁଷ୍ଠାନିକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହା ପରେ ଶ୍ରୀ ବେହୁରିଆ ଚାମ୍ପିଅନସିପ୍ ଉଦଘାଟନ ଘୋଷଣା କରିଥିଲେ। ସେ ଟୁର୍ଣ୍ଣାମେଣ୍ଟର ଆରମ୍ଭ ଅବସରରେ ଚେସ୍ ବୋର୍ଡରେ ଗୋଟି ଚାଳନା କରିଥିଲେ। ଶ୍ରୀ ବେହୁରିଆ ତାଙ୍କ ଉଦଘାଟନୀ ବକ୍ତବ୍ୟରେ ଯୁବପିଢ଼ିଙ୍କୁ ଚେସ୍ ଭଳି ପ୍ରଭାବଶାଳୀ ମସ୍ତିଷ୍କ ଖେଳରେ ନିୟୋଜିତ କରିବା ପାଇଁ ଏପରି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ ଆରଏସପିର ଭୂମିକା ଉପରେ ଆଲୋକପାତ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇ ସେ ସମସ୍ତଙ୍କୁ ସମଗ୍ର ଟୁର୍ଣ୍ଣାମେଣ୍ଟରେ ପ୍ରକୃତ କ୍ରୀଡାମନୋଭାବ, ରଣନୈତିକ ଚିନ୍ତାଧାରା ଏବଂ ଦୃଢ଼ତା ପ୍ରଦର୍ଶନ କରିବାକୁ ଅନୁପ୍ରେରିତ କରିଥିଲେ ଏବଂ ସେମାନଙ୍କର ଜ୍ଞାନାତ୍ମକ ଦକ୍ଷତା ବୃଦ୍ଧି କରିବା ପାଇଁ ଏହି ସୁଯୋଗର ସର୍ବାଧିକ ଉପଯୋଗ କରିବାକୁ ଉତ୍ସାହିତ କରିଥିଲେ। ଶ୍ରୀ ଜୋଜୋ ତାଙ୍କ ଭାଷଣରେ ଖେଳାଳିମାନଙ୍କୁ ଚାମ୍ପିଅନସିପରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ଟି ଜି କାନେକର ସ୍ୱାଗତ ଭାଷଣ ଦେଇଥିଲେ। ଡେପୁଟି ମ୍ୟାନେଜର (କ୍ରୀଡା) ରଘୁ ନନ୍ଦନ ପାଢୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମାର୍ଚ୍ଚ ୨୩ ତାରିଖରେ ଶେଷ ହେବାକୁ ଥିବା ଚାମ୍ପିଅନସିପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୪୨ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ମ୍ୟାଚ୍ ଦୁଇଟି ବର୍ଗରେ ଖେଳାଯାଉଛି। ମୁକ୍ତ ବର୍ଗରେ ୧୦୬ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୧୩ ବର୍ଷରୁ କମ୍ ବୟସ ବର୍ଗରେ ୧୩୬ ଜଣ ଅଂଶଗ୍ରହଣ କରୁଛନ୍ତି। ଆରଏସପିର କ୍ରୀଡା ବିଭାଗ ସେକ୍ଟର-୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ବାହାରସ୍ଥାନର ଖେଳାଳି ଏବଂ ଖେଳାଳିଙ୍କ ପିତାମାତା/ଅଭିଭାବକଙ୍କ ପାଇଁ ମାଗଣା ଛାତ୍ରାବାସ ରହଣି ବ୍ୟବସ୍ଥା ପ୍ରଦାନ କରିଛି। ଆରଏସପି ବାହାର ଖେଳାଳିମାନଙ୍କୁ ଖାଦ୍ୟ ମଧ୍ୟ ଯୋଗାଇ ଦେଉଛି। ଚାମ୍ପିଅନସିପ୍ ସମୟରେ ସ୍ଥାନୀୟ ଖେଳାଳିମାନଙ୍କୁ ମାଗଣା ମଧ୍ୟାହ୍ନ ଭୋଜନ ସୁବିଧା ପ୍ରଦାନ କରାଯାଇଛି। ଏହି ୮ ରାଉଣ୍ଡ ଟୁର୍ଣ୍ଣାମେଣ୍ଟ ସ୍ୱିସ୍ ସିଷ୍ଟମ ଅଧୀନରେ ଖେଳାଯାଉଛି।



## ୭ରୁ ଜାତୀୟ ସବ୍ ଜୁନିୟର ଫେନସିଂ ଚାମ୍ପିୟନସିପ୍




କଟକ (ଭାସ୍କର ନ୍ୟୁଜ୍): ରାଜ୍ୟ କ୍ରୀଡ଼ା ବିଭାଗ ଓ ରାଜ୍ୟ ଫେନସିଂ କ୍ରୀଡ଼ା ସଂଘର ମିଳିତ ଉଦ୍ୟମରେ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି ୨୬ ତମ ଜାତୀୟ ସବ୍ ଜୁନିୟର ଫେନସିଂ ଚାମ୍ପିୟନସିପ୍। ଏହି ପ୍ରତିଯୋଗିତା ସ୍ଥାନୀୟ ଜବାହାର ଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ କଡା ମୁକାବିଲା ଦେଖିବାକୁ ମିଳିବ। ୨୭ରୁ ୨୯ ତାରିଖ ୪ ଦିନି ଧରି ଏହି ଇଭେଣ୍ଟ ଚାଲିବାକୁ ଥିବାବେଳେ ଏଥିରେ ଦେଶର ପ୍ରାୟ ସମସ୍ତ ରାଜ୍ୟରୁ ମୋଟ ୫୫୦ ପ୍ରତିଯୋଗୀ ଭାଗ ନେବେ। ମୋଟ ୨୮ଟି ଦଳ ମଧ୍ୟରେ ହେବ କଡ଼ା ଟକ୍କର। ଉଭୟ ବାଳକ ଓ ବାଳିକା ବର୍ଗରେ ଖେଳାଯିବ ସମସ୍ତ ମୁକାବିଲା। ଚଳିତ ବର୍ଷ ଓଡ଼ିଶା ଟିମ୍ ବିଭିନ୍ନ କ୍ୟାମ୍ପରେ ଭଲ ଅଭ୍ୟାସ କରିଛି। ତେଣୁ ଏହି ମେଗା ପ୍ରତିଯୋଗିତାରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ଆଶା ରଖିଛି ରାଜ୍ୟ ସଙ୍ଘ।

OFFICE OF THE EXECUTIVE ENGINEER
PLANNING AND INVESTIGATION DIVISION
ROAD CONSTRUCTION DEPARTMENT (RCD), RANCHI
Nirupan Bhawan, 3rdFloor, Room No. 401, 56-Set
Doranda, Ranchi-834002

e-Procurement ( Short Tender Notice )
Letter of Invitation (LOI) No.-20/2024-25 (1st Call)
e-Tender Ref No:-.RCD/PID/RANCHI/20/2024-25 Date:-21.03.2025

| | | |
|---|---|---|
| 1 | Name Of Work | Consultancy Services for Preparation of Feasibility Study Report to ease the Traffic System of Redma Chowk,Daltonganj situated at junction of Daltonganj-Lesliganj-Panki (SH 10) and NH-75 in Palamu District in State of Jharkhand. *Only Empanelled consultant with RCD under category-I vide letter No. 3063(S) WE Dated 22.08.2022 are allowed to bid. |
| 2 | Tentative Length | To be determined by consultant |
| 3 | Period of Completion of Work | 30 Days |
| 4 | Cost of Tender documents& Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 20000.00 (Twenty thousand only) as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 24.03.2025,10:30 AM |
| 7 | Online Last Date/Time of Bid Submission | 08.04.2025, 17:00 PM |
| 8 | Date and Time of Bid opening | 09.04.2025, 17:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |

**Note:-** Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi

PR 348943 Road (24-25)_D

कार्यालय जिला परिषद, हजारीबाग

ई–निविदा आमंत्रण सूचना संख्या :– 42/2024–25
दिनांक 19/03/2025
मद का नाम :– जिला खनिज फाउण्डेशन ट्रस्ट

| क्र0 | प्रखण्ड | योजना का नाम | प्राक्कलित राशि | परिमाण विपत्र का मूल्य | अग्रधन की राशि | योजना पूर्ण करने की तिथि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | सदर | स्पेष्टिक विद्यालय, हुरहुरू, हजारीबाग के उन्नयन कार्य। | 5100000.00 | 10000.00 | 102000.00 | नौ माह |
| 2 | बरही | अनुमण्डल अस्पताल, बरही का उन्नयन हेतु विविध निर्माण कार्य। | 17321500.00 | 10000.00 | 347000.00 | एक वर्ष |
| 3 | चौपारण | सामुदायिक स्वास्थ्य केन्द्र, चौपारण का उन्नयन हेतु विविध निर्माण कार्य। | 21348600.00 | 10000.00 | 427000.00 | एक वर्ष छः माह |
| 4 | ईचाक | उ0म0वि0, गरडीह का उन्नयन हेतु विविध निर्माण कार्य। | 10856800.00 | 10000.00 | 218000.00 | एक वर्ष |
| 5 | ईचाक | प्राथमिक मध्य विद्यालय, लुन्दरू का उन्नयन हेतु विविध निर्माण कार्य। | 12903500.00 | 10000.00 | 259000.00 | एक वर्ष |
| 6 | ईचाक | राजकीय उत्क्रमित मध्य विद्यालय, खुटरा का उन्नयन हेतु विविध निर्माण कार्य। | 15744400.00 | 10000.00 | 315000.00 | एक वर्ष |
| 7 | बरही | उ0 मध्य विद्यालय, केदारूत का उन्नयन हेतु विविध निर्माण कार्य। | 11647100.00 | 10000.00 | 233000.00 | एक वर्ष |
| 8 | बरही | परियोजना उच्च विद्यालय, खोड़ाहार का उन्नयन हेतु विविध निर्माण कार्य। | 16804200.00 | 10000.00 | 337000.00 | एक वर्ष |
| 9 | विष्णुगढ़ | उच्च विद्यालय, उच्चाघना का उन्नयन हेतु विविध निर्माण कार्य। | 13095900.00 | 10000.00 | 262000.00 | एक वर्ष |
| 10 | ईचाक | प्राथमिक विद्यालय, गोबरबंदा का उन्नयन हेतु विविध निर्माण कार्य। | 6284000.00 | 10000.00 | 126000.00 | नौ माह |
| 11 | ईचाक | प्राथमिक विद्यालय, रूद का उन्नयन हेतु विविध निर्माण कार्य। | 6984600.00 | 10000.00 | 140000.00 | नौ माह |
| 12 | ईचाक | प्राथमिक विद्यालय, ग्राम करमटांड का उन्नयन हेतु विविध निर्माण कार्य। | 8119200.00 | 10000.00 | 163000.00 | नौ माह |
| 13 | बरही | उ0 मध्य विद्यालय, बिजैया का उन्नयन हेतु विविध निर्माण कार्य। | 9011500.00 | 10000.00 | 181000.00 | नौ माह |
| 14 | कटकमसाण्डी | नव प्राथमिक विद्यालय, लुण्डी का उन्नयन हेतु विविध निर्माण कार्य। | 9465200.00 | 10000.00 | 190000.00 | नौ माह |
| 15 | टाटीझरिया | उत्क्रमित मध्य विद्यालय, गोधिया का उन्नयन हेतु विविध निर्माण कार्य। | 5888700.00 | 10000.00 | 118000.00 | नौ माह |
| 16 | ईचाक | नव प्राथमिक विद्यालय, कोयरी टोला देवकुली का उन्नयन हेतु विविध निर्माण कार्य। | 5977400.00 | 10000.00 | 120000.00 | नौ माह |
| 17 | कटकमदाग | ग्राम मसरातु टोला कृष्णानगर में कोनार नदी पर पुलिया का निर्माण। | 9990400.00 | 10000.00 | 200000.00 | नौ माह |
| | | पुनः निविदा (पंचम कॉल) | | | | |
| 18 | विष्णुगढ़ | स्वास्थ्य उपकेन्द्र, चौथा का निर्माण। | 5550000.00 | 10000.00 | 111000.00 | नौ माह |

1.वेबसाईट में निविदा प्रकाशन की तिथि 28.03.2025
2.ई–निविदा प्राप्ति की तिथि एवं समय 29.03.25 से 15.04.2025 अपराह्न 5:00 बजे तक।
3.निविदा खोलने का स्थान– जिला परिषद, हजारीबाग।
4.निविदा खोलने की तिथि एवं समय 17.04.2025 पूर्वाह्न 10:00 बजे।
5.निविदा आमंत्रित करने वाले पदाधिकारी का नाम एवं पता – जिला अभियंता, जिला परिषद, हजारीबाग।
6.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
7.ई–निविदा प्रकोष्ठ का दूरभाष सं0–06546 261406 ई–मेल – districtboardhazaribag@gmail.com
8.निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता बंद कर दिया जाता है तो उसकी सारी जवाबदेही आपकी होगी।
9.निविदा की शर्तें कार्यालय के सूचना पट्ट या www.jharkhandtenders.gov.in पर देखा जा सकता है।

जिला अभियंता,
जिला परिषद, हजारीबाग

PR 348908 (District)24-25*D



ଅଟା ଚକୁଟିବା ପରେ କେଉଁମାନେ ସଙ୍ଗେ ସଙ୍ଗେ ରୁଟି କରନ୍ତି ତ କେହି କିଛି ଘଣ୍ଟା ପରେ ତ କେହି ତା' ପରଦିନ ମଧ ରୁଟି କରିଥାନ୍ତି। ହେଲେ ଆପଣମାନେ ଜାଣିଛନ୍ତି କି, ଅଟା ଚକୁଟିବା ପରେ ବେଶୀ ସମୟ ଯାଏ ରଖିବା ଉଚିତ୍ ନୁହେଁ, କାରଣ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଏହା ଖରାପ ପ୍ରଭାବ ପକାଇଥାଏ। ଯଦି ଅଟାକୁ ବେଶୀ ସମୟ ରଖା ଯାଏ ଦଳି ରଖାଯାଏ, ତେବେ ଏଥିରେ ବ୍ୟାକ୍ଟେରିଆ ବଢ଼ିପାରେ । ପରେ ଏଥିରେ ରୁଟି ପ୍ରସ୍ତୁତ କରି ଖାଇଲେ ଶରୀରରେ ଅନେକ ଗମ୍ଭୀର ରୋଗ ଦେଖାଯିବାର ଆଶଙ୍କା ରହିଛି ।

ହେବ ଭୟଙ୍କର ରୋଗ: ଯେତେବେଳେ ଚକଟା ଅଟାକୁ ଅଧିକ ସମୟ ରଖାଯାଏ, ସେତେବେଳେ ଏଥିରେ ପ୍ରାକୃତିକ କିଣ୍ୱନ ପ୍ରକ୍ରିୟା ଆରମ୍ଭ ହୁଏ । ଗରମ ଏବଂ ଆର୍ଦ୍ରତା ଯୋଗୁଁ, ଅଟାରେ ବ୍ୟାକ୍ଟେରିଆ ଏବଂ କବକ ବଢ଼ିପାରନ୍ତି, ଯାହା ଅଟାର ଗୁଣବତ୍ତା ନଷ୍ଟ କରିଦିଏ । ଏଥିରୁ ତିଆରି ରୁଟି ଖାଇବା ଦ୍ୱାରା ପେଟ ସମସ୍ୟା ସହ ବଦହଜମି, ଗ୍ୟାସ କିମ୍ବା ଏସିଡିଟି ଭଳି ସମସ୍ୟା ହୋଇପାରେ। ଚକଟା ଅଟାକୁ ଫ୍ରିଜରେ ରଖୁଥିଲେ ସାବଧାନ: ବିଶେଷକରି ଗ୍ରୀଷ୍ମ ଋତୁରେ, ଏହା ଶୀଘ୍ର ନଷ୍ଟ ହୋଇପାରେ। ଯଦି ଅଟାକୁ ୬-୭ ଘଣ୍ଟାରୁ ଅଧିକ ସମୟ ପାଇଁ ରଖାଯାଏ, ତେବେ ଶୀଘ୍ର ନଷ୍ଟ ହେବା ସହ ଏହା ଖଟା ମଧ ହୋଇପାରେ। ଏଥିରୁ ପ୍ରସ୍ତୁତ ରୁଟି ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ସମୟ ବଞ୍ଚାଇବା ପାଇଁ, କିଛି ଲୋକ ରାତିରେ ଅଟା ଚକଟି ଫ୍ରିଜରେ ରଖନ୍ତି ଏବଂ ସକାଳେ ଏଥିରୁ ରୁଟି ତିଆରି କରନ୍ତି। ଏହାକୁ ଖାଇବା ଦ୍ୱାରା ପେଟରେ ଜଳାପୋଡ଼ା, ଗ୍ୟାସ ଏବଂ ଏସିଡିଟି ସମସ୍ୟା ସୃଷ୍ଟି ହୋଇପାରେ।



# ଅଭିଭାବକଙ୍କ ପାଇଁ ଟିପ୍ସ

## ପିଲା ଝଗଡ଼ା କରୁଥିଲେ ଏପରି କରନ୍ତୁ.....

*ଝଗଡ଼ା କରିବା ସାଧାରଣତଃ ପିଲାଙ୍କର ଏକ ସ୍ୱଭାବ । ଅଧିକାଂଶ ସମୟରେ ଦେଖାଯାଏ ପିଲା ବାହାରେ ଝଗଡ଼ା କରି କାହାଠାରୁ ମାଡ଼ ଖାଇ କିମ୍ବା କାହାକୁ ମାଡ଼ ଦେଇ ଘରକୁ ଫେରେ। କେତେକ ଅଭିଭାବକ ଖୁସି ହୋଇଯାଆନ୍ତି ଯେ ଆମ ପିଲା ମାଡ଼ ଖାଇନି ଏବଂ ମାଡ଼ ଦେଇଛି । ଦରକାର ପଡ଼ିଲେ ଏଥିପାଇଁ ସାବାସ୍ କହିବାକୁ ମଧ ପଛାନ୍ତି ନାହିଁ । କିନ୍ତୁ ଯଦି ପିଲାଟି ମାଡ଼ ଖାଇକି ଫେରେ। ତାକୁ ଗାଳି ପରେ ଗାଳି କରି ଚାଲନ୍ତି । ହେଲେ ଏପରି କରିବା ପରିବର୍ତ୍ତେ ପିଲାଙ୍କୁ କିପରି ବୁଝାଇବେ ସେ ସମ୍ପର୍କରେ କେତୋଟି କଥା.....*

### ଘରେ ଝଗଡ଼ା କରିଥିଲେ

ଘରେ ଯେଉଁ ବୟସର ପିଲା ଥାଆନ୍ତୁ ନା କାହିଁକି ବେଳେ ବେଳେ ଝଗଡ଼ା ହୋଇଯାଏ । ଏହି ପରିସ୍ଥିତିରେ ଜଣେ ଭଲ ଅଭିଭାବକ ଭାବେ ଆପଣଙ୍କ ଦାୟିତ୍ୱ ହେଉଛି କାହାର ସପକ୍ଷ ନନେଇ ନିରପେକ୍ଷ ଭାବେ ସମାଧାନ କରନ୍ତୁ । ଦୁଇଜଣଙ୍କୁ ଅଲଗା ଅଲଗା ବୁଝାନ୍ତୁ ଏବଂ ବଡ଼କୁ ସାନର ଆଦର କରିବା ଶିଖାନ୍ତୁ । ଝଗଡ଼ା ବିଷୟରେ ବାହାରେ କୁହନ୍ତୁ ନାହିଁ । କାରଣ ପିଲାଙ୍କୁ ଖରାପ ଲାଗିପାରେ ।

### ଘରେ ଝଗଡ଼ା କରିଥିଲେ

ଯଦି ଆପଣଙ୍କ ପିଲା ବାହାରେ ଝଗଡ଼ା କରିଥାଏ ତେବେ ଆଦୌ ଖୁସି କିମ୍ବା ବିରକ୍ତି ହୁଅନ୍ତୁ ନାହିଁ । ଏ ସମ୍ପର୍କରେ ସାଙ୍ଗେ ସାଙ୍ଗେ ଅନ୍ୟ ଅଭିଭାବକଙ୍କ ପାଖରେ ଅଭିଯୋଗ କରନ୍ତୁ ନାହିଁ । ଅନ୍ୟ କେହି ଅଭିଯୋଗ କରୁଥିଲେ ଧ୍ୟାନରେ ଶୁଣନ୍ତୁ । କାରଣ ପିଲା ଝଗଡ଼ା କରିବା ପରେ ପୁଣି ଏକାଠି ହୋଇଯିବେ ଏଥିପାଇଁ ଆପଣ ନିଜ ପାଖ ପଡ଼ୋଶୀଙ୍କ ସହିତ ଅପ୍ରିୟ ହୁଅନ୍ତୁ ନାହିଁ ।

### ପିଲାକୁ ବୁଝାନ୍ତୁ

ଯଦି ଆପଣଙ୍କ ପାଖକୁ ବାରମ୍ବାର ପିଲାର ଅଭିଯୋଗ ଆସୁଥାଏ ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ କିମ୍ବା ମାଡ଼ଗାଳି ଦିଅନ୍ତୁ ନାହିଁ । ନିଜର ବ୍ୟସ୍ତତା ତାକୁ ଜଣାଇବା ପରିବର୍ତ୍ତେ ଭଲ ଭାବେ ବୁଝାନ୍ତୁ ଯେ, ଝଗଡ଼ା କରୁଥିବା ପିଲା ସହିତ କେହି ସାଙ୍ଗ ହେବାକୁ ଭଲ ପାଆନ୍ତି ନାହିଁ । ଯଦି ସେ ଏହି ପରି ଝଗଡ଼ା କରିବ ତେବେ ତାକୁ କେହି ସାଙ୍ଗ କରିବେ ନାହିଁ ।

### ତଥାପି ନ ବୁଝିଲେ

ପ୍ରଥମଥର ନବୁଝିଲେ ତାକୁ ସ୍ନେହରେ ବୁଝାନ୍ତୁ । ଏପରି କରିବା ଦ୍ୱାରା ଯଦି ସେ ନ ବୁଝେ ଆପଣ ଟିକେ ଶକ୍ତ ହୁଅନ୍ତୁ । ତଥାପି ଯଦି ଅବୁଝା ହୁଏ ତେବେ ତାକୁ ଶାସ୍ତି ଦିଅନ୍ତୁ । କିନ୍ତୁ ମନେରଖିବେ ଏହି ଶାସ୍ତି ଯେପରି ମାଡ଼ ନହୁଏ । ଆପଣ କିଛି ସମୟ ପାଇଁ ତା ମନ ପସନ୍ଦ କାର୍ଟୁନ ଶୋ ବନ୍ଦ କରି ଦିଅନ୍ତୁ କିମ୍ବା କିଛି ଦିନ ତାର ମନ ପସନ୍ଦ ଜିନିଷ ଖାଇବାକୁ ଦିଅନ୍ତୁ ନାହିଁ । ଦରକାର ପଡ଼ିଲେ କିଛିଦିନ ତାକୁ ବାହାରକୁ ଖେଳିବାକୁ ମଧ ଛାଡ଼ନ୍ତୁ ନାହିଁ ।



ଆପଣ ଆଦୌ ଭୁଲ ଚିନ୍ତାରେ ଯାଆନ୍ତୁ ନାହିଁ ଯେ ପିଲାଟିର ଝଗଡ଼ା ଅର୍ଥ ତାର ମାନସିକ ଭାବେ ସମ୍ଭବତଃ କୌଣସି ସମସ୍ୟାକୁ ନେଇ ସେ ତା ଆଚରଣରେ ଏହାକୁ ପ୍ରଦର୍ଶିତ କରୁଛି। ପିଲାମାନେ ଉତ୍ତେଜିତ ହେବା ଏପରି ବୟସରେ ଆଦୌ ଏକ ଭଲ ଲକ୍ଷଣ ନୁହେଁ। ପିଲାଟିର ଶାରୀରିକ ଓ ମାନସିକ ବିକାଶ ସହିତ ବୌଦ୍ଧିକ ବିକାଶ ମଧ ଅଗ୍ରଗତି କରୁଛି ସେ ଦିଗକୁ ଟିକେ ଭଲ ଭାବେ ଚିନ୍ତା କରନ୍ତୁ। ପିଲାଟିକୁ ଆଧାତ୍ମିକ ଭାବ ସମ୍ପନ୍ନ କରନ୍ତୁ। ଆପଣ ଯେ କୌଣସି ଦେବାଦେବୀ, ଠାକୁର ବା ଆଧାତ୍ମିକ ଗୁରୁଙ୍କ ଶରଣାପନ୍ନ ହୁଅନ୍ତୁ ନା କାହିଁକି ପିଲାଟିକୁ କିନ୍ତୁ ଏହିପରି ବୟସରେ ଆଧାତ୍ମିକ ଓ ଆନନ୍ଦମୟ ଜୀବନ ବିତାଇବା ପାଇଁ ଶିକ୍ଷାଟି ଦିଅନ୍ତୁ।ପିଲାଟି ଭିତରେ ମାନବୀୟ ମୂଲ୍ୟବୋଧ ଓ ସମସ୍ତଙ୍କୁ ଭଲ ପାଇବା ଏହିପରି ଦିଗ ଗୁଡ଼ିକୁ ଶିକ୍ଷା ଦିଅନ୍ତୁ।

କୌଣସି ପରିସ୍ଥିତିରେ ଆପଣଙ୍କର ଆଭିଜାତ୍ୟ, ଅର୍ଥ, ପ୍ରତିପତ୍ତି, କ୍ଷମତା ବା ବାହୁବଳ ଯେ ଦୁନିଆର ସର୍ବୋଚ୍ଚ ଶକ୍ତି ଏ ଶିକ୍ଷା ଯେପରି ପିଲାଟି ଉପରେ ନପଡ଼େ ସେ ଦିଗକୁ ଭୁଲି ଯାଆନ୍ତୁ ନାହିଁ। ପିଲାମାନେ ହେଉଛନ୍ତି ଆମ ସୃଷ୍ଟିର ଶ୍ରେଷ୍ଠ ସର୍ଜନା।







# କୋରାପୁଟ ପିଜୁଳିକୁ ଭୁଲିପାରୁନାହାନ୍ତି ଦେଶୀ ଗାର୍ଲ

ପିଜୁଳି ପ୍ରେମରେ ପ୍ରିୟଙ୍କା ଚୋପ୍ରା । ତଳମାଳିରେ ଫିଲ୍ମ ଏସ୍ଏସ୍ଏମ୍ବି-୨୯ର ସୁଟିଂ ସାରି ଫେରିବା ବେଳେ ସାଙ୍ଗରେ ପ୍ରିୟଙ୍କା ନେଇଛନ୍ତି କୋରାପୁଟର ସ୍ମୃତି । ବାଟରେ ପିଜୁଳି କିଣି ଖାଇବା ସହ ସୋସିଆଲ ମିଡିଆରେ ସେୟାର କରିଛନ୍ତି ପୋଷ୍ଟ । ଏତିକି ନୁହେଁ ମହିଳା ବେପାରୀଙ୍କ ସଚ୍ଚୋଟତାକୁ ମଧ ପ୍ରଶଂସା କରିଛନ୍ତି । ଯାହା ଖୁବ୍ ଭାଇରାଲ ହେଉଛି । ପୋଷ୍ଟ ସେୟାର କରି ଲେଖିଥିଲେ- ବିଶାଖାପାଟଣା ଏୟାରପୋର୍ଟ ଯିବା ବେଳେ ଜଣେ ମହିଳା ପିଜୁଳି ବିକ୍ରି କରୁଥିବା ଦେଖିଲି। କଞ୍ଚା ପିଜୁଳି ଦେଖି ମୁଁ ନିଜକୁ ସମ୍ଭାଳି ପାରିଲିନି । ତୁରନ୍ତ ମହିଳାଙ୍କ ପାଖକୁ ଯାଇ ପିଜୁଳି ଦର ପଚାରିଲି । ମହିଳା ଉତ୍ତରରେ ଦେଇଥିଲେ ୧୫୦ ଟଙ୍କା । ଏହାଶୁଣି ମୁଁ ତାଙ୍କୁ ୨୦୦ ଟଙ୍କିଆ ନୋଟ୍‌ଟେ ଦେଲି । ମହିଳା ୫୦ ଟଙ୍କା ଫେରାଇଲେ । ହେଲେ ମୁଁ ତାଙ୍କୁ କହିଲି ତୁମେ ସେ ୫୦ ଟଙ୍କା ରଖିଦିଅ କିନ୍ତୁ ସେ ମୋତେ ୫୦ ଟଙ୍କା ପୁଣି ଫେରାଇଦେଲେ । ମହିଳାଙ୍କ ସଚ୍ଚୋଟତା ସତରେ ପ୍ରଶଂସନୀୟ । ସେ ସମସ୍ତଙ୍କ ପାଇଁ ଉଦାହରଣ । କେବଳ ପ୍ରିୟଙ୍କା ଓ ଏସ୍.ଏସ୍ ରାଜାମୌଲି ନୁହେଁ ଫିଲ୍ମର ପୁରା ଟିମ୍ ପକ୍ଷରୁ କୋରାପୁଟର ଆତିଥେୟତାକୁ ଧନ୍ୟବାଦ ଜଣାଇଥିଲେ । ହାତ ଲେଖା ସହ ଭୁରି ଭୁରି ପ୍ରଶଂସା କରିଥିଲେ କୋରାପୁଟର ଅପୂର୍ବ ସୌନ୍ଦର୍ଯ୍ୟର । ପ୍ରକାଶଥାଉକି, ବିଶିଷ୍ଟ ନିର୍ଦ୍ଦେଶକ ଏସ୍ଏସ୍ ରାଜାମୌଲିଙ୍କ ନିର୍ଦ୍ଦେଶିତ ଆଗାମୀ ସିନେମା ଏସ୍ଏସ୍ଏମ୍ବି ୨୯ରେ ପ୍ରିୟଙ୍କା ଚୋପ୍ରା ସାଉଥ୍ ସୁପରଷ୍ଟାର ମହେଶ ବାବୁଙ୍କ ନାୟିକା ଭୂମିକାରେ ନଜର ଆସିବେ ।



# ଥ୍ରିଲର-ହରର୍ ଫିଲ୍ମରେ କାମ କରିବାକୁ ଚାହୁଁଛନ୍ତି ଖୁସି

ମ୍ୟୁଜିକାଲ କମେଡି 'ଦ ଆର୍ଚିଜ୍' ଜରିଆରେ ଅଭିନୟ ଦୁନିଆକୁ ଆସିଲେ ଖୁସି କପୁର । ନିକଟରେ ରୋମାଣ୍ଟିକ୍ କମେଡି ଫିଲ୍ମ 'ଲଭ୍ୟାପା' ଓ 'ନାଦାନିୟାଁ'ରେ ନଜର ଆସିଲେ । ଏବେ ଅଭିନୟର ଆଉ ଏକ ଦିଗକୁ ପରଦାକୁ ଆଣିବାକୁ ଚାହୁଁଛନ୍ତି । ଗ୍ରାଜିୟା ଇଣ୍ଡିଆ ସହ ସଦ୍ୟ ସାକ୍ଷାତକାରରେ ଖୁସି ଥ୍ରିଲର-ହରର୍ ଫିଲ୍ମରେ କାମ କରିବାର ଇଚ୍ଛା ଜାହିର କରିଛନ୍ତି । ସେ କହିଛନ୍ତି, ଥ୍ରିଲର-ହରର ଫିଲ୍ମର ପ୍ରକ୍ରିୟା କେମିତି, ଦେଖିବାକୁ ସେ ସର୍ବଦା ଉତ୍ସୁକ ରହିଛନ୍ତି । ସମ୍ପୂର୍ଣ୍ଣ ହରର ନ ହେଲେ ବି ଟିକିଏ ସେମିତିକା ଫିଲ୍ମ କରିବାକୁ ତାଙ୍କର ଇଚ୍ଛା । ଏହି ଅନୁଭବ ଖୁବ୍ ମଜାଦାର ହେବ ବୋଲି ସେ କହନ୍ତି। ନାଟକୀୟ ଓ ଭାବପର୍ଣ୍ଣ ସିନ୍‌କୁ ସେ ପସନ୍ଦ କରନ୍ତି । ଏଭଳି ଥିମ୍‌କୁ ଫୋକସ୍ କରୁଥିବା ଫିଲ୍ମରେ କାମ କରିବାକୁ ଚାହୁଁଥିବା କଥା ମଧ କହିଛନ୍ତି । 'ଦ ଆର୍ଚିଜ୍', 'ଲଭ୍ୟାପା' ଓ 'ନାଦାନିୟାଁ' ଫିଲ୍ମରେ ନିଜର ଭୂମିକା ବିଷୟରେ ମଧ ଖୁସି ଆଲୋଚନା କରିଛନ୍ତି । କହିଛନ୍ତି, ପ୍ରତ୍ୟେକ ଚରିତ୍ର ପାଇଁ ସେ ବିଭିନ୍ନ ପ୍ରକ୍ରିୟାକୁ ଅନୁସରଣ କରିଥିଲେ । ଏହା ପରେ ସବୁଗୁଡ଼ିକୁ ପରସ୍ପର ସହ ଯୋଡ଼ିବାକୁ ମଧ ଚେଷ୍ଟା କରିଥିଲେ। 'ଲଭ୍ୟାପା'ରେ ସେ ନିର୍ବାହ କରିଥିବା ବାନି ଭୂମିକା ଟିକିଏ କଷ୍ଟକର ଥିଲା ବୋଲି କହିଛନ୍ତି। କାରଣ ବାସ୍ତବ ଜୀବନରେ ସେ ଯେମିତିକା ମଣିଷ, ବାନି ତା'ଠୁ ଭିନ୍ନ । ଏହି ଫିଲ୍ମରେ ଖୁସି ଆମିର ଖାନ୍‌ଙ୍କ ପୁଅ ଜୁନୈଦଙ୍କ ଅପୋଜିଟ୍‌ରେ ସ୍କ୍ରିନ୍ ଶେୟାର କରିଥିଲେ। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ 'ଲାଲ୍ ସିଂହ ଚଡ୍‌ଢା' ଫେମ୍ ଅଦ୍ୱୈତ ଚନ୍ଦନ। ଗତ ଫେବ୍ରୁଆରୀ ୭ ତାରିଖରେ ଏହା ଥିଏଟରକୁ ଆସିଥିଲା । ଅନ୍ୟପକ୍ଷେ, 'ନାଦାନିୟାଁ' ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିଲା । ଏହା ଜରିଆରେ ସୈଫ୍ ଅଲି ଖାନ୍‌ଙ୍କ ପୁଅ ଇବ୍ରାହିମ ଅଭିନୟ ଦୁନିଆରେ ଏଣ୍ଟ୍ରି କରିଥିଲେ । ଖୁସି ତାଙ୍କ ଅପୋଜିଟ୍‌ରେ ପିୟା ଜୟସିଂହ ଭୂମିକାରେ ନଜର ଆସିଥିଲେ ।

# ଅକ୍ଷୟଙ୍କ ଫିଲ୍ମକୁ ବେକାର କହି ଜୟା ଟ୍ରୋଲ୍



ଅକ୍ଷୟ କୁମାରଙ୍କ ଫିଲ୍ମକୁ ବେକାର କହି ଟ୍ରୋଲ ହେଲେ ଜୟା ବଚ୍ଚନ। ଏକ କାର୍ଯ୍ୟକ୍ରମରେ ଜୟା ବଚ୍ଚନ ଅକ୍ଷୟ କୁମାରଙ୍କ ଫିଲ୍ମ 'ଟଏଲେଟ୍ ଏକ ପ୍ରେମ କଥା' କୁ ଫ୍ଲପ କହିବା ସହ ଏହାର ମଜାକ ଉଡାଇଥିଲେ। ଏପରିକି ସମାଲୋଚନା କରି କହିଥିଲେ ଯେ ଏପରି ଶୀର୍ଷକ ଥିବା ଫିଲ୍ମକୁ ସେ କେବେବି ଦେଖିବାକୁ ପସନ୍ଦ କରିବେ ନାହିଁ। ଏହାର ଭିଡିଓ ଭାଇରାଲ ହେବା ପରେ ଫ୍ୟାନ୍ସ ସୋସିଆଲ ମିଡିଆରେ ଜୟା ବଚ୍ଚନଙ୍କୁ ଖୁବ୍ ଟ୍ରୋଲ୍ କରିଛନ୍ତି। ୟୁଜର୍ସ ମାନେ କମେଣ୍ଟ କରି କହିଛନ୍ତି ଯେ ଫିଲ୍ମର ଶୀର୍ଷକ ଯାହା ହେଲେ ମଧ ଏଥିରେ ସମାଜ ପାଇଁ ବାର୍ତ୍ତା ଥିଲା ଓ ଏହି ଫିଲ୍ମର ଉଦ୍ଦେଶ୍ୟ ଜନସଚେତନତା ଥିଲା। ସେହିପରି ଅନ୍ୟ ଜଣେ ୟୁଜର୍ସ କହିଥିଲେ, ଏହି ଫିଲ୍ମ ଯୋଗୁଁ ଆଜି ପ୍ରତ୍ୟେକ ଗାଁରେ ଶୌଚାଳୟ ନିର୍ମାଣ ହୋଇପାରିଛି। ତେବେ ଏହି ଫିଲ୍ମଟି ସ୍ୱଚ୍ଛ ଭାରତ ଅଭିଯାନର ଏକ ଅଂଶ ଥିଲା। ଏହି ଫିଲ୍ମଟି ରିଲିଜ ହେବାପରେ ଏହାର ପ୍ରଭାବରେ ଦେଶରେ ପ୍ରାୟ ୬୦ ମିଲିୟନ ଶୌଚାଳୟ ନିର୍ମାଣ ହୋଇଥିଲା। ଏପରିକି ୨୦୧୯ ସୁଦ୍ଧା ଦେଶରେ ଖୋଲାରେ ମଳତ୍ୟାଗ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା। କିଛି ୟୁଜର୍ସ ଅଭିନେତ୍ରୀଙ୍କୁ ତାଙ୍କ ସ୍ୱାମୀଙ୍କ ଫିଲ୍ମ 'ପିକୁ' କଥା ମନେ ପକାଇବା ସହ ସେଥିରେ ବିଗ୍ ବି ଙ୍କ ଚରିତ୍ର କଥା ମନେ ପକାଇ ଦେଇଥିଲେ। ଏହି ଫିଲ୍ମରେ ଅଭିନେତାଙ୍କର କୋଷ୍ଠକାଠିନ୍ୟ ସମସ୍ୟା ଥିଲା ଯାହାଫଳରେ ତାଙ୍କର ପେଟ ସଫା ହେଉନଥିଲା। ବାରମ୍ବାର ଶୌଚାଳୟ ଲାଗୁଥିବାରୁ ସେ ତାଙ୍କ କମୋଡ୍ ସାଙ୍ଗରେ ନେଇ ଯାଉଥିଲେ। ଏଥିରେ ଦୀପିକା ପାଦୁକୋନ ବିଗ୍ ବିଙ୍କ ଝିଅ ଭୂମିକାରେ ଅଭିନୟ କରିଥିଲେ। ସେହିପରି କିଛି ୟୁଜର୍ସ ଅଭିଷେକ ବଚ୍ଚନଙ୍କ ଫିଲ୍ମକୁ ମିଳୁଥିବା ରେଟିଂ ବିଷୟରେ ମଧ୍ୟ ମନେପକାଇ ଦେଇଥିଲେ। ତେବେ ଜୟା ବଚ୍ଚନ ଅକ୍ଷୟଙ୍କ ଫିଲ୍ମକୁ ଫ୍ଲପ୍ କହିଥିଲେ ମଧ ୭୫ କୋଟି ଟଙ୍କା ବଜେଟ୍ ରେ ନିର୍ମିତ ଫିଲ୍ମଟି ସାରା ବିଶ୍ୱରେ ୩୧୧.୫ କୋଟି ଟଙ୍କା ରୋଜଗାର କରିଥିଲା। ଏହା ସେତେବେଳର ସବୁଠାରୁ ବଡ଼ ହିଟ୍ ଫିଲ୍ମ ଥିଲା ଏବଂ ଏହି ଫିଲ୍ମ ଟି ଚୀନରେ ମଧ ସଫଳତା ଅର୍ଜନ କରିଥିଲା।



Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ପ୍ରଶାସନ ଓ ଜିଲା ସମାଜ ମଂଗଳ କାର୍ଯ୍ୟାଳୟ ଆୟୋଜନରେ ତିହିଡ଼ି ବ୍ଲକରେ ଶୁକ୍ରବାର କନ୍ୟା ସନ୍ତାନ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଛି। ତିହିଡ଼ି ଭାରପ୍ରାପ୍ତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସବିତା ବେହେରା ରଥକୁ ଉଦ୍‌ଘାଟନ କରିଥିଲେ। ପରେ ଏହି ରଥ ବ୍ଲକର ଭାଟପଡ଼ା, ଫତେପୁର, କୋହ୍ଲ, ମଙ୍ଗଳପୁର, ସିନ୍ଦୋଳ, ମୁକୁନ୍ଦପୁର ପ୍ରମୁଖ ପଞ୍ଚାୟତ ବୁଲି କନ୍ୟା ସନ୍ତାନ ସୁରକ୍ଷା ଉପରେ ଲୋକମାନଙ୍କୁ ସଚେତନତା କରାଇବା ସହିତ କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ ବୋଲି ବାର୍ତ୍ତା ଦେଇଥିଲେ। ସଚେତନତା ରଥ ଉଦ୍‌ଘାଟନ ବେଳେ ଅଙ୍ଗନୱାଡ଼ି ସୁପରଭାଇଜର ନମିତା ସାହୁ, ପ୍ରମିଳା ବେହେରା, ପଦ୍ମାଳୟା ମହାନ୍ତି, ମିନାଲତା ନାୟକ, କରିସ୍ମା ପାଣିଗ୍ରାହୀ, କ୍ଷଣପ୍ରଭା ବାରିକ, ହାରାମଣି ଦାସ, କାଜଲ ନାୟକ, ବୈଜୟନ୍ତୀମାଳା ନାୟକ, ଅଙ୍ଗନୱାଡ଼ି କର୍ମୀ ସୁଜାତା ଜେନା, ପ୍ରଭାତୀ ଦାସ, ଗୀତାରାଣୀ ସେଠୀ, ସଂଗୀତା ବଳ, ବିଳାସିନୀ ପଲାର, କୃଷ୍ଣପ୍ରିୟା ଜେନା, ନଳିନୀ ଲବଙ୍ଗଲତା ନାୟକ, ସବ୍ରାତୁନ ନେସା ବିବି ପ୍ରମୁଖ ଉପସ୍ଥିତ ଥିଲେ।

# ସୌରଶକ୍ତି ଚାଳିତ ଲୌହମୁକ୍ତ ଗାଁ ପାନୀୟ ଜଳ ବିଶୁଦ୍ଧିକରଣ ପ୍ରକଳ୍ପ ଉଦ୍‌ଘାଟିତ




କୋଣାର୍କ(ଭାସ୍କର ନ୍ୟୁଜ): ରାମଚଣ୍ଡୀ ଥାନା ଅନ୍ତର୍ଗତ ସୁତନ ଗ୍ରାମପଞ୍ଚାୟତର ହାତୁଆଦଣ୍ଡା, ଭିଙ୍ଗୁରାଡ଼ିହି ଓ ସୁତନ କଲୋନୀ ଗ୍ରାମରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାର ଓ ଲିଭପିଓର ଫାଉଣ୍ଡେସନଙ୍କ ମିଳିତ ସହଯୋଗରେ ଗ୍ରାମବାସୀ ମାନଙ୍କୁ ସୌରଶକ୍ତି ଚାଳିତ ଲୌହମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଗ୍ରାମରେ ଥିବା ସରକାରୀ ନଳକୂପର ଜଳକୁ ପମ୍ପ ଜରିଆରେ ସୌର ଚାଳିତ ଲୌହ ଜଳ ଅବସାରଣ ପ୍ରକଳ୍ପମାନ ସ୍ଥାପନ କରି ଏକ ସରଳ ଜଳ ବିଶୁଦ୍ଧି କରଣ ପ୍ରକ୍ରିୟା ମାଧ୍ୟମରେ ଜଳରୁ ହାନି କାରକ ବର୍ଜ୍ୟ ବାହାର କରି ବିଶୁଦ୍ଧ ପାନୀୟ ଜଳ ପାଇବାର ବ୍ୟବସ୍ଥା କରିବା ସହ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ସହିତ ଗ୍ରାମବାସୀ ଓ ଗ୍ରାମରେ ଥିବା ଜଳ ଓ ପରିମଳ କମିଟିକୁ ଏକ ହସ୍ତାନ୍ତର ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ହାତୁଆଦଣ୍ଡା ଗ୍ରାମ୍ୟ କୋଠାଘରଠାରେ ଏକ ସାଧାରଣ ସଭାରେ ସୁତନ ପଂଚାୟତର ସରପଞ୍ଚ ମେନକା ବେହେରା, ସମିତିସଭ୍ୟ କାଶୀନାଥ ନାୟକ, ଗ୍ରାମର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ପ୍ରକଳ୍ପ ଅଧିକାରୀ ଚିତ୍ତରଞ୍ଜନ ପରିଡ଼ା, ଏମଇ. କନସଲଟାଣ୍ଟ ପୂର୍ଣ୍ଣଚନ୍ଦ୍ର ମହନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗୋପ ବ୍ଲକର ସୁତନ, ତରକର, କୁଆପଡା ଓ ଅନ୍ୟ ଆଖ ପାଖ ପଞ୍ଚାୟତରେ ଘଟୁଥିବା ଜଳ ଜନିତ ସମସ୍ୟା ଓ ବିକାଶର ସମାଧାନ ପାଇଁ ଲିଭପିଓର ଫାଉଣ୍ଡେସନର ଆର୍ଥିକ ସହାୟତା ରେ୨୦୨୪-୨୫ବର୍ଷରେ ଗୋପ ବ୍ଲକରେ୧୦ଟି ଏବଂ କାକଟପୁର ବ୍ଲକରେ୧୦ଟି ଲୌହଜଳ ଅପସାରଣ ପ୍ରକଳ୍ପ ସ୍ଥାପନ କରାଯାଇଥିବାରୁ ଉଭୟ ସୋଲାର ଓ ଲିଭପିଓର ଫାଉଣ୍ଡେସନ କୁ କୃତଜ୍ଞତା ଜଣାଇଥିଲେ। ହାତୁଆଦଣ୍ଡା ଗ୍ରାମବାସୀଙ୍କ ତରଫରୁ ମୁରଲୀଧର ଜେନା, ଅକ୍ଷୟ କୁମାର ଜେନା, ରମାକାନ୍ତ ବେହେରା, ମିନାରାଣୀ ଜେନା, ସୁମିତ୍ରା ସାହୁ ପ୍ରମୁଖ ଅଞ୍ଚଳରେ ଜଳଜନିତ ସମସ୍ୟା ଓ ଏହି ପ୍ରକଳ୍ପରୁ ବିଶୁଦ୍ଧ ଜଳ ସଂଗ୍ରହ କରି ପାନୀୟଜଳ ଭାବେ ବ୍ୟବହାର କରି ଏଥିରୁ ଉପକୃତ ହେଉଥିବାରୁ ଏହାକୁ ପ୍ରଶଂସା କରିଥିଲେ ଏହି କାର୍ଯ୍ୟକ୍ରମକୁ ସୋଲାରର ସ୍ୱେଚ୍ଛାସେବୀ ପ୍ରେମାନନ୍ଦ ସାମନ୍ତରାୟ ଓ ଶିଖାରାଣୀ ବେଉରା ପ୍ରମୁଖ ପରିଚାଳନା କରିଥିଲେ।

# ଉଠାଦେକାନ ଉଚ୍ଛେଦ ପାଇଁ ପ୍ରଶାସନର ଶେଷ ସତର୍କ ସୂଚନା



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ବଜାରରେ ଥିବା ଉଭୟ ପାର୍ଶ୍ୱର ଉଠାଦୋକାନୀମାନଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରିବାକୁ ଶେଷ ସତର୍କ ସୂଚନା ଦିଆଯାଇଛି। ପ୍ରଶାସନ ପକ୍ଷରୁ ୩ଦିନ ମଧ୍ୟରେ ଦୋକାନ ଉଠାଇ ନେଇ ଜାଗା ଖାଲି କରିବାକୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ବିଜ୍ଞପ୍ତି ଅନୁସାରେ କେତେକ ଦୋକାନୀ ନିଜ ଦୋକାନ ଉଠାଇ ନେଇ ସ୍ଥାନ ଖାଲି କରିଥିବା ବେଳେ ଅନ୍ୟ ଦୋକାନୀମାନେ ସ୍ଥାନ ଖାଲି କରୁଥିବା ଦେଖିବାକୁ ମିଳିଛି। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗତ ୪ ତାରିଖରେ ଦୋକାନ ଉଠାଇ ନେବାକୁ ମାଇକ୍ ଯୋଗେ ପ୍ରଚାର କରାଯାଇ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ସ୍ଥାନ ଖାଲି କରିବାକୁ ସୂଚନା ଦିଆଯାଇଥିଲା। ମାତ୍ର ଦୋକାନୀମାନେ ଏଥିପ୍ରତି କର୍ଣ୍ଣପାତ ନକରି ଜିଲାପାଳ, ଉପଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଥଇଥାନ ପରେ ଉଚ୍ଛେଦ କରିବାକୁ ଦାବି କରିଥିଲେ। ପ୍ରଶାସନ ଏଥିରେ କୌଣସି ପଦକ୍ଷେପ ନନେଇ ୧୮ ତାରିଖରେ ଉପଜିଲାପାଳଙ୍କ ଆଦେଶ ସଂଖ୍ୟା ୯୫୫ ମୁତାବକ ଜାଗା ଖାଲି କରିବାକୁ ନୋଟିସ୍ ଜାରି କରିଥିଲେ। ପ୍ରଶାସନର ନିର୍ଦ୍ଦେଶ ନମାନିଲେ ଭାରତୀୟ ନ୍ୟାୟ ସଂହିତା ଧାରା ୧୫୨ ଅନୁଯାୟୀ ଦୋକାନୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ କରାଯାଇଥିଲା। ମିର୍ଜାପୁର ମୌଜାର ଖାତା ନଂ ୧୦୯୪, ପ୍ଲଟ ନଂ ୪୯୧, ୪୯୬, ୨୪୭୪, ୨୪୭୬ ନୟନ ଯୋରି କିସମରେ ଥିବା ସରକାରୀ ଜମିକୁ ଜବର ଦଖଲ କରି କେତେକ ବ୍ୟକ୍ତି ବ୍ୟବସାୟ କରୁଥିଲେ। ତିହିଡ଼ି ବଜାରର ଉଭୟ ପାର୍ଶ୍ୱରେ ଥିବା ୧୨୩ ଦୋକାନୀଙ୍କୁ ଉଚ୍ଛେଦ କରାଯିବ ବୋଲି ନୋଟିସ୍ ଦିଆଯାଇଥିବା ଜଣାପଡ଼ିଛି। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଉଚ୍ଛେଦ କରିବାକୁ ନୋଟିସ୍ ଦେଇଥିବା ଜଣାଯାଇଛି।

## ଭୋଟର କାର୍ଡ ସହ ଲିଙ୍କ୍ ହେବ ଆଧାର

କେନ୍ଦୁଝର(ଭାସ୍କର ନ୍ୟୁଜ): ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ୍ କରାଯିବା ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କେନ୍ଦୁଝର ମତଦାତାଙ୍କୁ ନିଜ ଭୋଟର କାର୍ଡ ସହିତ ଆଧାର ଲିଙ୍କ କରିବାକୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଏନେଇ ଗତବୁଧବାର ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ବାଚନ କମିଶନ କହିଛନ୍ତି ଯେ ବର୍ତ୍ତମାନର ପ୍ରଚଳିତ ଆଇନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଭୋଟର କାର୍ଡ ସହ ଆଧାର ଲିଙ୍କ୍ କରାଯିବ। ତେବେ ଏହା ବାଧ୍ୟତାମୂଳକ ଭାବେ ନୁହେଁ, ସମ୍ପୂର୍ଣ୍ଣ ଇଚ୍ଛାଧୀନ ଭାବେ କରାଯିବ ବୋଲି କମିଶନ କହିଛନ୍ତି। ନିର୍ବାଚନ କମିଶନଙ୍କ କହିବାନୁଯାୟୀ ସମ୍ବିଧାନର ଧାରା ୩୨୬ ଅନୁସାରେ ମତଦାନର ଅଧିକାର କେବଳ ଭାରତୀୟ ନାଗରିକଙ୍କୁ ମିଳିଥାଏ। କିନ୍ତୁ ଆଧାର ହେଉଛି କେବଳ ଜଣେ ବ୍ୟକ୍ତିଙ୍କ ପରିଚୟ। ସେଥିପାଇଁ ଭୋଟର ପରିଚୟ ପତ୍ର ସହିତ ଆଧାର ନମ୍ବରର ଲିଙ୍କ କରାଇବା ଲାଗି ସମସ୍ତ ଆଇନ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଭୋଟର କାର୍ଡ ସହ ଆଧାର ଲିଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ପାରଦର୍ଶିତା ଓ ସମାବେଶିତାକୁ ପ୍ରୋତ୍ସାହିତ କରିବା। ଏଥିପାଇଁ ନିର୍ବାଚନ କମିଶନ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ବୈଠକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ନିର୍ବାଚନ କମିଶନ ମଧ୍ୟ ଏହି ମାମଲାରେ ସମସ୍ତ ଜାତୀୟ ଓ ରାଜ୍ୟ ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳମାନଙ୍କ ଠାରୁ ଏପ୍ରିଲ ୩୦ ସୁଦ୍ଧା ଆବଶ୍ୟକ ପରାମର୍ଶ ମାଗିଛନ୍ତି।

## ୨୭ରେ କଂଗ୍ରେସର ବିଧାନସଭା ଘେରାଉ

ମାଲକାନଗିର(ଭାସ୍କର ନ୍ୟୁଜ): ସାର ରାଜ୍ୟରେ ଦିନକୁ ଦିନ ମହିଳା ନିର୍ଯାତନା, ଦୁଷ୍କର୍ମ ବଢ଼ିବାରେ ଲାଗିଛି। ଏହି ସବୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହେଇଛି। ବିଗତ ୨୪ ବର୍ଷର ବିଜେଡି କୁଶାସନ ସରକାରର ଅପାରଗତା ଓ ବର୍ତ୍ତମାନର ୮ ମାସର ଡବଲ ଇଞ୍ଜିନ ଦୁଃଶାସନ ସରକାର ଅମଳରେ ପ୍ରାୟ ୧୬ ସହସ୍ର ଉର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଛି। ଯାହାକୁ ନେଇ ଘୋର ଉଦବେଗ ପ୍ରକାଶ କରିଛି ଜାତୀୟ କଂଗ୍ରେସ ଦଳ। ଏହି ପରିପ୍ରେକ୍ଷୀରେ ରାଜ୍ୟ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଏହି ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ଶଗଡ଼ିଆ, ମାଲକାନଗିରି ଜିଲ୍ଲା ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ଦ୍ୱାରିକା ମହାପାତ୍ର, ମାଲା ମାଡ଼ି, ଜି. ଶ୍ରୀନିବାସ ରାଓ, ସରୋଜ ପାତ୍ର, ପ୍ରାଣ କୃଷ୍ଣ ମଣ୍ଡଳ, ଭିମା ଖ୍ୱାରସେ, ବିନାୟକ ପାତ୍ର, ଇସାକ୍ ଖୋସେଲା, ପଦ୍ମ ପାଙ୍ଗି, କେଶୁ ରାଓ, ପର୍ଶୁରାମ ଭକ୍ତ, କଂଗ୍ରେସ ଜିଲ୍ଲା ସଭାନେତ୍ରୀ ପ୍ରମୁଖଙ୍କ ସମେତ ଜିଲ୍ଲା କଂଗ୍ରେସର ଛାମୁଆ ନେତୃବର୍ଗ ଉପସ୍ଥିତ ଥିଲେ। ମାଲକାନଗିରି ଜିଲ୍ଲାର ଏମଭି ୭୨ର ଦୁଇ ନାବାଳିକା ଛାତ୍ରୀଙ୍କ ମୃତ୍ୟୁ ଘଟଣାର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ଦୁଇଛାତ୍ରୀଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ହୋଇଥିବା ପ୍ରଶାସନ କହୁଥିବା ବେଳେ କଂଗ୍ରେସ କିନ୍ତୁ ଏହା ଏକ ଗଣଦୁଷ୍କର୍ମ ବୋଲି ଅଭିଯୋଗ କରିଛି। ଘଟଣା ସଂପୃକ୍ତ ଏକାଧିକ ବ୍ୟକ୍ତି ଖୁଲମ୍‌ଖୁଲା ବୁଲୁଥିବା ବେଳେ ଏହି ଘଟଣାକୁ ଚପାଇବା ପାଇଁ ଅନ୍ୟ ଦେଶରୁ ଗ୍ରାମବାସୀଙ୍କୁ ଧମକ ଦିଆଯାଉଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାକୁ ନେଇ ମାର୍ଚ୍ଚ ୨୭ରେ ରାଜ୍ୟ ବିଧାନସଭା ଘେରାଉ କରିବା ପାଇଁ ରାଜ୍ୟ କଂଗ୍ରେସ ନିଷ୍ପତ୍ତି ନେଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପୋଲିସ ଓ ଜନତାଙ୍କ ସୁସମ୍ପର୍କ କାର୍ଯ୍ୟକ୍ରମ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ମାଓଗଡ ରୂପେ ପରିଚିତ ଖଟୁଆପଦର୍ ଗ୍ରାମରେ ପୋଲିସ ଓ ଯବାନ ମାନଙ୍କ ମିଳିତ ସହଯୋଗରେ ଆଜି ପୋଲିସ ଓ ଜନତାଙ୍କ ସୁ-ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଯୋଗଦେବା ସହ ସମ୍ମାନୀତ ଅତିଥି ରୂପେ ଟେମୁରୁପାଲି ସରପଂଚ ତୁମେଶ୍ୱର ସମରଥ ଓ କର୍ତନ ପାଲି ସରପଂଚ ଯୋଗ ଦେଇଥିଲେ। ଆଜିର କାର୍ଯ୍ୟ କ୍ରମରେ ଜିଲ୍ଲା ପରିଷଦ ଲୋକଙ୍କୁ କିଭଳି ମୁଖ୍ୟସ୍ରୋତରେ ସାମିଲ କରିବା ଓ ସରକାରଙ୍କ ଲୋକାଭିମୁଖୀ ଯୋଜନା କିଭଳି ଭାବରେ ପାଇପାରିବେ ନିଜ ବକ୍ତବ୍ୟ ଭାବରେ ବୁଝିଥିଲେ। କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ ଉପରେ ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଯବାନ ମାନଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ସହ ଗ୍ରାମବାସୀଙ୍କୁ କମଳ, ଶାଢ଼ୀ, ଲାଇଟ୍, ପିଲାଙ୍କୁ ଖେଳନା ଦେବା ସହ ପାଠ୍ୟକ୍ରମ ସାମଗ୍ରୀ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମରେ ଗ୍ରାମବାସୀ ଅଂଶଗ୍ରହଣ କରି ବେଶ୍ ଖୁସି ଅନୁଭବ କରିଥିଲେ।

## ଆସିକା ବ୍ଲକ୍‌ରେ ନୂତନ ବିଡିଓଙ୍କୁ ଶୁଭେଚ୍ଛା ଜଣାଇଲେ ଉପାଧ୍ୟକ୍ଷାଙ୍କ ସହ ବହୁ ଜନପ୍ରତିନିଧି



ଆସିକା(ଭାସ୍କର ନ୍ୟୁଜ): ଦୀର୍ଘ ଦିନର ଦକ୍ଷତାପ୍ରମାନ ପରେ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକକୁ ମିଳିଲା ସ୍ଥାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ। ପୂର୍ବରୁ ଅତିରିକ୍ତ ଦାୟିତ୍ୱ ଭାବେ କବିସୂର୍ଯ୍ୟନଗର ବିଡିଓ କାର୍ଯ୍ୟ ତୁଲାଉଥିବା ବେଳେ ବର୍ତ୍ତମାନ ନବନିଯୁକ୍ତ ବିଡିଓ ଭାବେ ଦାୟିତ୍ୱ ନେଇଛନ୍ତି ୨୦୨୦ ବେଚ ଓଏସ ଲିପିକା ଦାଶ। ସେ ପୂର୍ବରୁ ଗଜପତି ଜିଲ୍ଲାରେ ଡେପୁଟି କଲେକ୍ଟର ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ବର୍ତ୍ତମାନ ସେ ଆସିକା ବିଡ଼ିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କାର୍ଯ୍ୟରେ ଯୋଗଦାନ ପରେ ଆଜି କାର୍ଯ୍ୟାଳୟ ଠାରେ ସାକ୍ଷାତ କରିଛନ୍ତି ଆସିକା ବ୍ଲକ ଉପାଧ୍ୟକ୍ଷା ଏସ. ରେସ୍ମା ଦୋରାଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି। ନୂତନ ଦାୟିତ୍ୱ ପାଇଁ ସମସ୍ତେ ପୁଷ୍ପ ଗୁଚ୍ଛଦେଇ ବିଡ଼ିଓଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ଦେଖିବାକୁ ମିଳିଛି। ଏହି ଅବସରରେ କାଳାକଷପୁର ସରପଞ୍ଚ ଜୟନ୍ତୀ ବେହେରା, ଆଲିପୁର ସରପଞ୍ଚ ଜ୍ୟୋତିର୍ମୟୀ ନାୟକ, ଯୁବନେତା ଟୁଲୁ ଜେନା, ନିମିନା ସମିତିସଭ୍ୟ ଶଶାଙ୍କ ଚଢ଼ି, ପାଣ୍ଡିଆ ପଥର ସରପଞ୍ଚ ନୀଳାଞ୍ଚଳ ଗୌଡ଼, ସିଦ୍ଧାନନ୍ଦ ସମିତିସଭ୍ୟ, ରାଜିବ ପାତ୍ର ବାବନପୁର ସମିତି ସଭ୍ୟ ସନ୍ତୋଷ କୁମାର ଜେନା, ସମିର ବେହେରା ସମେତ ବହୁ ଜନସାଧାରଣ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ।

## ୩୦ଲକ୍ଷ ଅର୍ଥ ହଡପ ଅଭିଯୋଗରେ ସରପଞ୍ଚ କୋର୍ଟଚାଲାଣ

ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କଙ୍କିଳି ପଞ୍ଚାୟତ ସରପଞ୍ଚ ମକର ଚାନ୍ଦ ସାହୁଙ୍କୁ ସରକାରୀ ଅର୍ଥ ହଡପ ଅଭିଯୋଗରେ ଅଦାଲତ ଚାଲାଣ କରାଯାଇଥିବା ଜଣାପଡିଛି। ପରଜଙ୍ଗ ଏବଂ ନୂତନ ଭାବେ କାର୍ଯ୍ୟରତ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସିଏସପି ଫଣ୍ଡକୁ ନେଇ ସାମଞ୍ଜସ୍ୟ ରହିନଥିଲା। ପରଜଙ୍ଗ ବିଡ଼ିଓ ସୌଭାଗ୍ୟ ବେହେରାଙ୍କ ଥାନାରେ ଅଭିଯୋଗ କ୍ରମେ ଶ୍ରୀ ସାହୁ ଯୁଗ୍ମ ବ୍ୟାଙ୍କ ଖାତାରୁ ଟଙ୍କତା କରି ଫେବୃଆରୀ ୨୦୨୪ରୁ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ସାତଥରରେ ତିରିଶି ଲକ୍ଷ ଟଙ୍କା ବ୍ୟାଙ୍କରୁ ଉଠାଇଥିବା ଅଭିଯୋଗ ଅତିରିକ୍ତ ଜଣାପଡିଛି। ଏ ସମ୍ବନ୍ଧେ ଶ୍ରୀ ସାହୁଙ୍କୁ ପରଜଙ୍ଗ ପୋଲିସ ହେପାଜତରେ ଗୁରୁବାର ଆଣି ଅଟକ ରଖି ତଦନ୍ତ ଜାରି ରଖିଥିଲା ବେଳେ ୧୨୩/୨୫ମାମଲା ରୁଜୁକରି ଶୁକ୍ରବାରେ ଅଦାଲତକୁ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କ କାର୍ଯ୍ୟରେ କଟକଣା

ଜଗତସିଂହପୁର(ଭାସ୍କର ନ୍ୟୁଜ): ବିଗତ ବର୍ଷ ମାନଙ୍କରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି, ଚଳିତ ବର୍ଷ ସମ୍ଭାବ୍ୟ ରୌଦ୍ରତାପ ଜନିତ ଅଂଶୁଘାତ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ପ୍ରଖର ଖରାରେ କାର୍ଯ୍ୟରତ ଶ୍ରମିକମାନେ ରୌଦ୍ରତାପ ଜନିତ ଅଂଶୁଘାତ, ଜଳହୀନତା, ରକ୍ତରୁ ଲବଣତା ହ୍ରାସ ଓ ଜ୍ୱର ଇତ୍ୟାଦି ରୋଗର ଶିକାର ହେବାର ସମ୍ଭାବନା ଯଥେଷ୍ଟ ଅଧିକ। ଏହି ପରିପ୍ରେକ୍ଷୀରେ ଏପ୍ରିଲ ୨୦୨୫ରୁ ୧୫ ଜୁନ ୨୦୨୫ ପର୍ଯ୍ୟନ୍ତ ସମସ୍ତ ବାଣିଜ୍ୟ ଓ ଶିଳ୍ପସଂସ୍ଥା କର୍ତ୍ତୃପକ୍ଷ, ବ୍ୟବସାୟ ପ୍ରତିଷ୍ଠାନ ମାଲିକ, ଠିକାଦାର ଓ ଅନ୍ୟାନ୍ୟ ଘରୋଇ ନିଯୁକ୍ତିଦାତା ସେମାନଙ୍କ ଅଧିନରେ କାର୍ଯ୍ୟରତ ଶ୍ରମିକଙ୍କୁ ପୂର୍ବାହ୍ନ ୧୧ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବାହାରେ ଖରାରେ କାର୍ଯ୍ୟରେ ଲଗାଇପାରିବେ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆବଶ୍ୟକ ସ୍ଥଳେ ସେମାନେ କାର୍ଯ୍ୟ ନିର୍ଦ୍ଧିଷ୍ଟ ସମୟ ପରିବର୍ତ୍ତନ କରିପାରିବେ। ଯଦି କୌଣସି କାର୍ଯ୍ୟ ଅତ୍ୟନ୍ତ ଜରୁରି ମନେ ହୁଏ କିମ୍ବା ଅତ୍ୟାବଶ୍ୟକୀୟ ସେବା ସହ ଜଡିତ ଯେଉଁଥିରେ କି ଶ୍ରମିକମାନଙ୍କୁ ଉପରୋକ୍ତ ସମୟ ପାଇଁ ବିଶ୍ରାମ ଦିଆଯାଇ ପାରିବ ନାହିଁ ତେବେ ଉପରୋକ୍ତ ନିଯୁକ୍ତିଦାତାମାନେ ଶ୍ରମିକମାନଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ନିମନ୍ତେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବେ। ଯେପରିକି ଶୀତଳ ପାନୀୟ ଜଳର ବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା, ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଓଆରଏସ ପ୍ୟାକେଟ୍‌ର ବ୍ୟବସ୍ଥା ଆଦି କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ନିର୍ଦ୍ଦେଶାବଳୀ ସତର୍କତା ମତେ ପାଳନ କରିବାରେ କୌଣସି ନିଯୁକ୍ତିଦାତା ଖିଲାପ କଲେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ଜିଲ୍ଲାପାଳଙ୍କ ପ୍ରସ୍ତୁତି ସମୀକ୍ଷା



ରାୟଗଡ(ଭାସ୍କର ନ୍ୟୁଜ): ଚଳିତ ଗ୍ରୀଷ୍ମ ପ୍ରବାହ ଜନିତ ସମସ୍ୟାକୁ ମୁକାବିଲା କରିବା ନିମନ୍ତେ ରାୟଗଡ ଜିଲ୍ଲାରେ ପ୍ରସ୍ତୁତିକୁ ଆଜି ଜିଲ୍ଲାପାଳ ପାରୁଲ ପଟାୱରୀ ସମୀକ୍ଷା କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ, ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକକ୍ଷରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣଦୀପ ସାହାଟେ, ଉପଜିଲ୍ଲାପାଳ ରାୟଗଡ଼ ରମେଶ ଜେନାଙ୍କ ଉପସ୍ଥିତରେ ସମୀକ୍ଷା କରିଥିଲେ। ବୈଠକରେ ମୁଖ୍ୟତଃ ଗ୍ରୀଷ୍ମ ଋତୁରେ ପ୍ରତ୍ୟେକ ଗ୍ରାମ ପଂଚାୟତ, ସହରାଞ୍ଚଳ ଓ ଜନଗହଳି ସ୍ଥାନ ମାନଙ୍କରେ ଜଳଛତ୍ର ଖୋଲିବା ନିମନ୍ତେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜଳକ୍ଲିଷ୍ଟ ସ୍ଥାନମାନଙ୍କରେ ନଳକୂପ ପରୀକ୍ଷା ନିରୀକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ତୁରନ୍ତ ମରାମତି କରିବାକୁ କହିଛନ୍ତି। ଜଳକ୍ଲିଷ୍ଟ ସ୍ଥାନମାନଙ୍କୁ ଚିହ୍ନଟକରି ଆବଶ୍ୟକ ସ୍ଥଳେ ନୂତନ ନାଳକୂପ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଖନନ କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ମାନଙ୍କୁ ଓ ଗ୍ରାମ୍ୟ ଜଳଯୋଗାଣ ସଂସ୍ଥାର ଅଧିକାରୀଙ୍କୁ ଜିଲ୍ଲାପାଳ କହିଛନ୍ତି। ପ୍ରତ୍ୟେକ ବ୍ଲକରେ ଓ ସହରାଞ୍ଚଳରେ ନିୟନ୍ତ୍ରଣ କକ୍ଷ ଖୋଲାଯିବ। ପାଣି ସମସ୍ୟା ସମାଧାନ ନିମନ୍ତେ ସମସ୍ତ ବିଡିଓ ମାନେ ନିଜଆଡୁ ସ୍ୱତପ୍ରବୃତ ଭାବରେ ସମାଧାନ କରିବେ। ଗ୍ରଷ୍ମ ପ୍ରବାହ ନିମନ୍ତେ ସତର୍କତା ଅବଲମ୍ବନ ନିମନ୍ତେ ବ୍ୟାପକ ଜନସଚେତନତା କରାଯିବ। ଅଙ୍ଗନବାଡି କେନ୍ଦ୍ର ଆସନ୍ତାକାଲି ସକାଳ ୭ଘଟିକାରୁ ୯ଘଟିକା ପର୍ଯ୍ୟନ୍ତ ଚାଲିବ। ବିଦ୍ୟାଳୟ ଆସନ୍ତାକାଲିଠାରୁ ସକାଳୁଆ ହେବ। ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନ ଓ ଅଙ୍ଗନବାଡି କେନ୍ଦ୍ରରେ ଯଥେଷ୍ଟ ପାଣି ଓ ଓଆରଏସ ମହଜୁଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ କାର୍ଯ୍ୟ ୧୧.୦୦ଘଟିକାରୁ ଦିନ ୩.୦୦ଘଟିକା ପର୍ଯ୍ୟନ୍ତ ବନ୍ଦ ରହିବ ଓ ସେଠାରେ ପିଇବା ପାଣି ଓ ଚାମୁଣ୍ଡା ବ୍ୟବସ୍ଥା କରାଯିବ। ବସ ଚଳାଚଳ ମଧ୍ୟ ସକାଳ ୧୧.୦୦ଘଟିକାରୁ ଅପରାହ୍ନ ୩.୦୦ଘଟିକା ପର୍ଯ୍ୟନ୍ତ ଚଳାଚଳ ବନ୍ଦ ରହିବ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅବଶୁଘାତ ରୋଗୀ ମାନଙ୍କ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର କୋଠରୀ ମହଜୁଦ ରହିବ ଓ ନିୟନ୍ତ୍ରଣ କେନ୍ଦ୍ର ଖୋଲିବ। ବନବିଭାଗ ତରଫରୁ ଜଙ୍ଗଲ ନିଆଁ ଲିଭାଇବା ନିମନ୍ତେ ପଦ୍ଧକ୍ଷେପ ନେବେ। ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ଓ ପିଇବା ପାଣି ବ୍ୟବସ୍ଥା କରିବେ। ବିଦ୍ୟୁତ ବିଭାଗ ତରଫରୁ ଅନବରତ ବିଦ୍ୟୁତ ଯୋଗାଇବେ। ଅଗ୍ନି ସମ୍ପ ବିଭାଗ ତରଫରୁ ସତର୍କ ରହିବାକୁ କୁହାଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ବିଡ଼ିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ଫାର୍ମ ନଥାଇ ସରକାରୀ ଅର୍ଥ ହଡପ ଅଭିଯୋଗ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ଡାଏରୀ ଫାର୍ମକୁ ପ୍ରୋତ୍ସାହନ ଯୋଗାଇ ବେକାରୀ ସମସ୍ୟା ଦୂର କରିବା ପାଇଁ ସରକାର ଯୋଜନା କରୁଥିବା ବେଳେ ଏହି ଯୋଜନାର ଅର୍ଥ ଠକବ୍ୟକ୍ତି ଓ ପ୍ରାଣୀ ଚିକିତ୍ସାଧିକାରୀ ହରିଲୁଟ କରୁଛନ୍ତି। ଏହିଭଳି ଏକ ସାଙ୍ଘାତିକ ଅଭିଯୋଗ ଆସିଛି କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମପଞ୍ଚାୟତର ସନ୍ୟାସପୁର ଗ୍ରାମରୁ। ଅଭିଯୋଗ କରିଛନ୍ତି ଗୋଲଖ ଚନ୍ଦ୍ର ବେହେରା ନାମକ ଜଣେ ବୁଦ୍ଧିଜୀବୀ। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ତାଙ୍କ ଗ୍ରାମର ଅକ୍ଷୟ ପ୍ରଧାନ ନାମକ ଜଣେ ଠକ କୌଣସି ଡାଏରୀ ଫାର୍ମ ନକରି, କୌଣସି ଗାଈ ନପାଳି ସରକାରୀ ଅର୍ଥ ହଡପ କରିଛନ୍ତି। ଏଥିରେ ସଂପୂର୍ଣ୍ଣମାତ୍ରାରେ ସହଯୋଗ କରିଛନ୍ତି ପ୍ରାଣୀଚିକିତ୍ସା ବିଭାଗର ତଦନ୍ତକାରୀ ଅଧିକାରୀ। ଉଭୟ ମିଳିମିଶି ସରକାର ପ୍ରଦାନ କରୁଥିବା ଲକ୍ଷ ଲକ୍ଷ ଟଙ୍କାର ସରକାରୀ ସହାୟତାକୁ ହଡପ କରିଛନ୍ତି। ତେଣୁ ଠକ ଅକ୍ଷୟ ଓ ପ୍ରାଣୀଚିକିତ୍ସା ବିଭାଗର ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୋଲେଖ ଦାବି କରିଛନ୍ତି। ସେ କହିଛନ୍ତି ଏବେଠାରୁ ଯଦି ଠକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ଠକଙ୍କ ସଂଖ୍ୟା ବୃଦ୍ଧି ପାଇବ ଓ ସରକାରୀ ଅର୍ଥ ହରିଲୁଟ ହେବ। ଏହି ଅଭିଯୋଗର ନକଲ ଜିଲ୍ଲାପାଳ ଓ ଭିଜିଲାନ୍ସ ବିଭାଗର ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିବା ଗୋଲେଖ ସୂଚନା ଦେଇଛନ୍ତି।

## ମୋବାରକପୁର ନାଟ୍ୟ ମହୋତ୍ସବ ଉଦ୍‌ଯାପିତ



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତ ମୋବାରକପୁର ମେଳଣ ପଡିଆରେ ଶ୍ୟାମସୁନ୍ଦରଜୀଉ ନାଟ୍ୟ ପରିଷଦ ପକ୍ଷରୁ ଅନୁଷ୍ଠିତ ୩ୟ ବାର୍ଷିକ ନାଟ୍ୟ ମହୋତ୍ସବ ଶୁକ୍ରବାର ପ୍ରତ୍ୟୁଷରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅନିତା ରାଉତ ଉଦଘାଟନ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ମୁଖ୍ୟ ଅତିଥି, ହେମନ୍ତ ଜେନା, ଲଳିତ ରାଉତ ଓ ଶରତ ପଲାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବଙ୍ଗତ ଗ୍ରାମ୍ୟ କଳାକାର ଗୌରହରି ନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଗ୍ରାମ କଳାକାରଙ୍କ ଅଭିନିତ ଓ ନାଟ୍ୟଗୁରୁ ଶରତ ଜେନାଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ 'ତୋର ଦୋଷ ନା' ମୋର ଦୋଷ' ବୁଧବାର ମଞ୍ଚସ୍ଥ ହୋଇଥିଲା। ମୁଖ୍ୟ ଭୂମିକାରେ ନିଳାମ୍ବର ରାଉତ ଓ ଖଳନାୟକ ଭୂମିକାରେ ଶ୍ୟାମସୁନ୍ଦର ନାୟକ କରିଥିଲେ। ସେହିପରି ନାଟ୍ୟଗୁରୁ ରଞ୍ଜନ ପତିଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ 'ଲୁହରେ ଲେଖିଛି ନୂଆ କାହାଣୀ' ଗୁରୁବାର ମଞ୍ଚସ୍ଥ ହୋଇଥିଲା। ମୁଖ୍ୟ ଭୂମିକାରେ ସୁରଜ ସାହୁ ଓ ଖଳନାୟକ ଭୂମିକାରେ ସନ୍ତୋଷ ନାୟକ ଅଭିନୟ କରିଥିଲେ। ଚରିତ୍ର ଅଭିନେତା କାଳନ୍ଦୀ ନାୟକ, ହାସ୍ୟ ଅଭିନେତା କଳାକାର ଜେନା, ସତ୍ୟବ୍ରତ ବେହେରା, ମେସମ୍ୟରଞ୍ଜନ ବେହେରା, ରମେଶ ଶଙ୍ଖୁଆ, ସମରେନ୍ଦ୍ର ପତି, ଅଶୋକ ଦାସ, ଧନଞ୍ଜୟ ଗିରି, ରାଜୀବ ରାଉତ, କମଳାକାନ୍ତ ପରିଡ଼ା, ଜିତେନ୍ଦ୍ର ଜେନା, ସୁରେଶ ବେହେରା, କୃଷ୍ଣଚନ୍ଦ୍ର ସାହୁ, ଗୌରାଙ୍ଗ ନାୟକ, ମନୋଜ କୁମାର ଜେନାଙ୍କ ଅଭିନୟ ମନଛୁଆଁ ହୋଇଥିଲା। ଶଙ୍କର ଚିତ୍ରାଳୟ ପକ୍ଷରୁ ମଞ୍ଚସଜ୍ଜା କରାଯାଇଥିଲା ବେଳେ ରାଜେନ୍ଦ୍ର ରାଉତ କଳାକାରଙ୍କ ସଂଳାପରେ ସହାୟତା କରିଥିଲେ। ରମେଶ ଚନ୍ଦ୍ର ବେହେରା, ରାଜକିଶୋର ଜେନାଙ୍କ ସମେତ ନାଟ୍ୟ ପରିଷଦ ସଦସ୍ୟମାନେ ମହୋତ୍ସବ ପରିଚାଳନାରେ ସଂଯୋଜନା କରିଥିଲେ।

## ୧୪ ତମ ବୃଷବ ମହୋତ୍ସବ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଲତାହାରଣ ଗ୍ରାମ ପଞ୍ଚାୟତର (ବଡ଼) ଓଳଙ୍ଗର ଗ୍ରାମରେ ଥିବା ବୃଷବଙ୍କ ପୀଠରେ (୧୪) ତମ ବୃଷବ ମହୋତ୍ସବ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳାମାନେ ନଦୀ କୂଳରୁ ଜଳ ତୋଳି କଳସ ଯାତ୍ରାରେ ପୀଠ ସ୍ଥଳରେ ପହଂଚିବା ପରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ଦେବୁ ଭାଇନା ପୂଜା କାର୍ଯ୍ୟ ସମାପନ କରିଥିଲେ। ତିନିଦିନ ବ୍ୟାପି ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଅଖଣ୍ଡ ନାମ ସଂକୀର୍ତ୍ତନ କରାଯାଇଥିଲା। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଏହି ନାମଯଜ୍ଞରେ ଯୋଗଦେଇ ଘିଅ ଦୀପଜାଳି ନିଜନିଜ ପରିବାରର ସୁଖ ମନାସି ଥିଲେ ଓ ପ୍ରସାଦସେବନ କରିଥିଲେ। ଓଳଙ୍ଗର ଗ୍ରାମର ବରିଷ୍ଠ ବ୍ୟକ୍ତି ବିଶେଷମାନେ ଏହି କାର୍ଯ୍ୟରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ରଙ୍କ ବିୟୋଗରେ ଶୋକ ସଭା

ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବିଜେପି ଦଳର କୁଆଲୋ ଅଷ୍ଟଶମ୍ଭୁ ମଣ୍ଡଳ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ଷୀୟାନ ରାଜନେତା ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଶ୍ରୀ ପ୍ରଧାନଙ୍କ ଫଟୋ ଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ସହ ଅମର ଆତ୍ମାର ସଦଗତି ନିମନ୍ତେ କାମନା କରି ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ଶ୍ରୀ ପ୍ରଧାନ ପରଜଙ୍ଗରେ ବିଜେପି ଦଳକୁ ମଜଭୁତ କରିବାରେ ମୁଖ୍ୟ ଥିଲେ ଏବଂ ତାଙ୍କ ପ୍ରଚେଷ୍ଟାରେ ଦଳ ଆଗକୁ ବଢିଛି ବୋଲି କାର୍ଯ୍ୟକର୍ତା ମାନେ ଗୁଣଗାନ କରିଥିଲେ। ଅନୁଷ୍ଠିତ ସଭାରେ ଆଗଧାଡିର ଦଳୀୟ କାର୍ଯ୍ୟକର୍ତ୍ତା ମାନେ ସ୍ୱର୍ଗତ ପ୍ରଧାନଙ୍କ ରାଜନୀତି ଜୀବନୀ ଉପରେ ସ୍ମୃତି ଚାରଣ କରିଥିଲେ। ସଭାରେ ଦଳର ଶତାଧିକ ବରିଷ୍ଠ କର୍ମୀ, ଯୁବ ମୋର୍ଚ୍ଚା ଓ ମହିଳା ମୋର୍ଚ୍ଚା କର୍ମୀ ମାନେ ସାମିଲ ହୋଇଥିଲେ।

## ସ୍ୱର୍ଗତ କବି ବଳରାମ ପୂଜାରୀଙ୍କ ୫୧ ତମ ଜୟନ୍ତୀ ପାଳିତ



ଖଇରପୁଟ(ଭାସ୍କର ନ୍ୟୁଜ): ଓଡିଆ ଭାଷା ସାହିତ୍ୟର ଜଣେ ମାଟିମଗ୍ନା କବି ଭାବରେ ସ୍ୱର୍ଗତ ବଳରାମ ପୂଜାରୀ ସୁପରିଚିତ। ତାଙ୍କ ରଚନାରେ ମାଲ୍ୟବନ୍ତର ଭାବ ଝଲସି ଉଠେ। ସେ ଆଜି ଆମ ଗହଣରେ ଶବ୍ଦ ରୂପରେ ଅମର ହୋଇଗଲେ। ସୌଭାଗ୍ୟ ବସତ ସେ ବିଶ୍ୱ କବିତା ଦିବସ ଦିନ ଜନ୍ମ ଗ୍ରହଣ କରି ମାଲକାନଗିରି ଜିଲ୍ଲା ତଥା ଓଡିଶା ରାଜ୍ୟକୁ କାବ୍ୟମୟ କରି ପାରିଛନ୍ତି। ଆଜି ତାଙ୍କର ଅବର୍ତ୍ତମାନ ଆମ ସମସ୍ତଙ୍କୁ ଦୁଃଖ ଦେଉଛି ସତ କିନ୍ତୁ ସେ ଦେଇ ଯାଇଥିବା ପୁସ୍ତକ ସବୁ ଉତ୍ତର ପିଢ଼ିଙ୍କୁ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ତାଙ୍କ ଲେଖାର ସଂରକ୍ଷଣ ତଥା କବିଙ୍କ ସ୍ମୃତି ରକ୍ଷା କରି ପ୍ରତିମୂର୍ତ୍ତି ସ୍ଥାପନ, ବିଭିନ୍ନ ସଡକ ତାଙ୍କ ନାମରେ ନାମିତ କରିବା, କବିଙ୍କ ନାମରେ ପାଠାଗାର ପ୍ରତିଷ୍ଠା ଆଦି କରି ପାରିଲେ କବିଙ୍କ ପ୍ରତି ଉଚିତ୍ ସମ୍ମାନ ହେବ ବୋଲି 'କବି ବଳରାମ ପୂଜାରୀଙ୍କ ୫୧ ତମ ଜୟନ୍ତୀ' ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଜି ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ଡାରୱିନ୍ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଅଞ୍ଚଳରୁ ଅନେକ ସାରସ୍ୱତ ସାଧକ ଯୋଗଦେଇଥିଲେ। କବି ବଳରାମ ପୂଜାରୀଙ୍କ କିଛି ବର୍ଷର ସାଧନାକାଳ ଭିତରେ ଶବ୍ଦବ୍ରହ୍ମ, ମେଘମଗ୍ନା, ମାଟିମଗ୍ନା, ଈଶ୍ୱରଙ୍କ ଭାଡି, ଶ୍ୱେତପତ୍ର, କୋଣ୍ଡାକାମ୍ବେରୁ ଖୁଆଡ଼ କବିତା ପୁସ୍ତକ ପ୍ରକାଶିତ ହେବା ସହିତ ଓଡିଶାର ଅନେକ ସମ୍ବାଦପତ୍ର ଓ ପତ୍ରିକାରେ ତାଙ୍କ ଲେଖା ପ୍ରକାଶ ପାଇ ପାଠୋକୀୟ ଆଦୃତି ଲାଭ କରିଛି। ମାଲକାନଗିରି ମାଟିର ସାହିତ୍ୟକୁ ବିଶ୍ୱମୁଖୀ କରିବା ଥିଲା ତାଙ୍କର ଲକ୍ଷ୍ୟ। ତାଙ୍କ କାବ୍ୟିକ ଚେତନା ତାଙ୍କୁ ଦେଇଥିଲା ଭିନ୍ନ ପରିଚୟ। ମୁକେଶ କବାସିଙ୍କ ଦ୍ୱାର ପ୍ରସ୍ତୁତ କବିଙ୍କୁ ସମର୍ପିତ ବାଲୁକା କଳାକୁ ଅତିଥିମାନେ ଉଦଘାଟନ କଲା ପରେ ସଭାଗୃହ ଅନୁଷ୍ଠିତ ହୋଇଥିଲା ଆନୁଷ୍ଠାନିକ କାର୍ଯ୍ୟକ୍ରମ। ଆକାଶବାଣୀ ଜୟପୁରର ଉଦଘୋଷକ ଶ୍ରୀଯୁକ୍ତ ରଘୁନାଥ ବିଶ୍ୱାଳ ମଞ୍ଚ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରମିଳା ଲକ୍ଷ୍ମୀ ମାଝୀ, ଦେଶିଆ କୁଟୁମ୍ବର ସଭାପତି ଶ୍ରୀଯୁକ୍ତ ସାଇମନ ବିଡିକା, ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଶ୍ରୀଯୁକ୍ତ ଦଣ୍ଡପାଣି ମହାପାତ୍ର, ବ୍ଲକ୍ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ନିର୍ବାଣ ସାହିତ୍ୟ ସଂସଦର ସଂପାଦକ ଶ୍ରୀଯୁକ୍ତ ଚନ୍ଦ୍ରକାନ୍ତ ବିଶ୍ୱାଳ, ବରିଷ୍ଠ ବୁଦ୍ଧିଜୀବି ଚକ୍ରପାଣି ପରିଚ୍ଛା, ବୈଶାଖୀ ପରିବାରର ସଂପାଦକ ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ପଣ୍ଡା ଅତିଥି ଭାବରେ ଥିବାବେଳେ ଉପସ୍ଥିତ କବିମାନେ ବଳରାମ ପୂଜାରୀଙ୍କ ଲିଖିତ କବିତାପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ବଳରାମ ପୂଜାରୀଙ୍କ ପୁତ୍ର ରୁଦ୍ରାଭିଷେକ ପୂଜାରୀ ସ୍ୱାଗତ ଭାଷଣ ଦେଇଥିଲେ। କବିଙ୍କ ସ୍ମୃତିରେ ଏକ ସ୍ମରଣିକା ନମାଲ୍ୟବନ୍ତର ମହାନାୟକନ୍ତ ଉନ୍ମୋଚନ ହୋଇଥିଲା। କୁଡୁମୁଲୁଗୁମ୍ମା ସାମ୍ବାଦିକ ସଙ୍ଘ ତରଫରୁ କବି ପୂଜାରୀଙ୍କ ଧର୍ମପତ୍ନୀ ଶ୍ରୀମତୀ ପୁଷ୍ପାଞ୍ଜଳୀ ରଣାଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ଡାରୱିନ୍ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ରେ ଶୁକ୍ରବାର ଦିନ ମ୍ୟାଜିକ ବସ ଇଣ୍ଡିଆ ଫାଉଣ୍ଡଏସନ୍ ର ଏକ ଶାଖା ପାଞ୍ଚପିଢ଼ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ରେ ଉଦଘାଟିତ ହେଇଯାଇଛି। ଉଦ୍ଘାଟନୀ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, କରଞ୍ଜିଆ ବି ଇ ଓ ତରୁ ନାଏକ, ଯଶିପୁର ବି ଇ ଓ ଚତୁର୍ଭୁଜ ବାରିକ , କରଞ୍ଜିଆ ଡାକ୍ତଖାନା ର ଡାକ୍ତର ସମୀର ରଂଜନ ବେହେରା, ମ୍ୟାଜିକ ବସ ଇଣ୍ଡିଆ ଫାଉଣ୍ଡଏସନ ର ଆର୍ ଡି ପଲ୍ଲବ କୁମାର, ଆସିଟେଣ୍ଟ ମ୍ୟାନେଜର ଅଜୟ କୁମାର ନାଏକ ପ୍ରମୁଖ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ମ୍ୟାଜିକ ବସ ଇଣ୍ଡିଆ ଫାଉଣ୍ଡଏସନ୍ କେନ୍ଦୁଝର ଓ ମୟୂରଭଂଜ ଜିଲ୍ଲା ର ଛ ଟି ବ୍ଲକ ଯଥା କରଞ୍ଜିଆ, ଠାକୁରମୁଣ୍ଡା, ଶୁକ୍ରୁଳୀ, ଯଶିପୁର, ଝୁମ୍ପୁରା। ଓ କେନ୍ଦୁଝର ସଦର ଅଞ୍ଚଳ ର ୨୫୦ ବିଦ୍ୟାଳୟ ର ୮ ହଜାର ପିଲା ମାନଂକ ଜୀବନ କୌଶଳ ଶିକ୍ଷା, ମୌଳିକ ଭାଷା ଓ ଗଣିତ ଶିକ୍ଷା ପ୍ରଦାନ କରିବାର ଲକ୍ଷ୍ୟ ରଖିଛି । ଏହି ସଂସ୍ଥଦ୍ୱାରା ପଛୁଆ ବର୍ଗ ଛାତ୍ର ଛାତ୍ରୀ ଉପକୃତ ହେବା ସହିତ ଆଉ ଅଧା ରୁ କେହି ପାଠ ଛାଡ଼ିବେ ନାହିଁ ବୋଲି ଉପଜିଲ୍ଲାପାଳ ନିଜ ଅଭିଭାଷଣ ରେ ପ୍ରକାଶ କରିଥିଲେ। ସହକାରୀ ଜିଲ୍ଲାପାଳ ନିହାର ରଂଜନ ସେଠି ନିଜର ଅଭିଭାଷଣ ରେ ଛାତ୍ର ଛାତ୍ରୀ ମାନେ ନିୟମିତ ବିଦ୍ୟାଳୟ ଯିବାର ରାସ୍ତା ଦେଖାଇବ ଏହି ସଂସ୍ଥା ବୋଲି କହିଥିଲେ।କାର୍ଯ୍ୟକ୍ରମ କୁ ସଂସ୍ଥା ର ସମସ୍ତ ପଦାଧିକାରୀ ମାନେ ପରିଚାଳନା କରିଥିଲେ।



# ଧର୍ମଶାଳାରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ଅଣାୟତ୍ତ: ବିଜେଡି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ରାଜ୍ୟରେ ଲଘୁ ଖଣିଜ ସମ୍ପଦର ଚୋରାଚାଲାଣ ଅଣାୟତ ଅବସ୍ଥାରେ ପହଞ୍ଚିଛି ବୋଲି ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୂର୍ବତନ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ। ଶ୍ରୀ ବଳବନ୍ତରାୟ କହିଥିଲେ ଯେ, ବର୍ତ୍ତମାନର ବିଧାୟକ ହିମାଂଶୁ ସାହୁ ତାଙ୍କ ବୟାନରେ ଅଧିକାଂଶ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ କାର୍ଯ୍ୟରେ ବିଜେଡି କର୍ମୀମାନେ ନିୟୋଜିତ ହୋଇଛନ୍ତି ବୋଲି ଅଭିଯୋଗ କରିବା ସହିତ ବିଜେଡି ସରକାର ସମୟରେ ଧର୍ମଶାଳା ଅଞ୍ଚଳରୁ ବେଆଇନ ଖଣି ଖନନ ପାଇଁ ଜୋରିମାନା ଆକାରରେ ୩୦୦ ଶହ କୋଟିରୁ ଊର୍ଦ୍ଧ୍ୱ ଫାଇନ୍ ଆଦାୟ କରାଯାଇଥିଲା ବୋଲି ସ୍ୱୀକାର କରିଛନ୍ତି। ବିଧାୟକ ଭାବେ ନିର୍ବାଚିତ ହେବା ପରେ ଶ୍ରୀ ସାହୁ କେହି ଖଣି ଚୋର ବର୍ତ୍ତିବେ ନାହିଁ, ସମସ୍ତେ ବନ୍ଧା ହେବେ ବୋଲି ବୟାନ ଦେଇଥିଲେ। କିନ୍ତୁ, ଏହି ବୟାନ ଦେବାର ୭ ମାସରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କେହି ବନ୍ଧା ହେଲେ ନାହିଁ। ବାସ୍ତବରେ ବନ୍ଧା ହେବା ପାଇଁ ତାଲିକାରେ ଥିବା ତଥାକଥିତ ଖଣି ଚୋର ମାନଙ୍କ ସହିତ ବିଧାୟକ ଶ୍ରୀ ସାହୁ ବନ୍ଧୁ ହୋଇଯାଇଛନ୍ତି, ଯେଉଁଥିପାଇଁ ଆଉ ବାନ୍ଧିବାର ଆବଶ୍ୟକତା ନାହିଁ। ଗିରଫ କରିବା ଓ ଖଣି ଓ ରାଜସ୍ୱ ବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନର ଭୟ ଦେଖାଇ ବିଧାୟକ ଗୋଟିଏ ପରେ ଗୋଟିଏ ଲଘୁ ଖଣିଜ ବ୍ୟବସାୟୀଙ୍କୁ ନିଜ ଆଡ଼କୁ ନେଉଛନ୍ତି। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ନିରଞ୍ଜନ ରାଉତଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ନିର୍ବାଚନ ସମୟରେ ହୋଇଥିବା ଏକ ଗୋଷ୍ଠୀ ସଂଘର୍ଷ ମାମଲାରେ ୩୨ ଜଣଙ୍କ ମଧ୍ୟରୁ ୩୧ ଜଣଙ୍କୁ ବେଲ୍ ମିଳିସାରିଥିବା ବେଳେ ସେହି କେସ୍‌ରେ ଏଫଆଇଆରେ ନଥିଲେ ମଧ୍ୟ ୩୦୭ ଦଫା ଲଗାଇ ଶ୍ରୀ ରାଉତଙ୍କୁ ଜେଲ୍‌ରେ ରଖାଯାଇଛି ଏବଂ ଜେଲରେ ଥିବା ସମୟରେ ଗୋଟିଏ ପରେ ଗୋଟିଏ ମିଥ୍ୟା ମୋକଦ୍ଦମା ରୁଜୁ କରି ଶ୍ରୀ ରାଉତଙ୍କ ଖଣି, ବିଧାୟକ ନିଜ ଲୋକଙ୍କ ଜରିଆରେ ଲୁଟିବାରେ ଲାଗିଛନ୍ତି । ସେହିପରି ପ୍ରହଲ୍ଲାଦ ଲେଙ୍କାଙ୍କ ନାମରେ ମଧ୍ୟ ବାରମ୍ବାର ମିଥ୍ୟା କେସ୍ ରୁଜୁ ହେଉଛି। ବିଧାୟକ ଶ୍ରୀ ସାହୁ ପ୍ରଶାସନକୁ ପ୍ରଭାବିତ କରି ଖଣି ଲିଜ୍‌ଧାରୀଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି କରୁଛନ୍ତି। ସାରା ରାଜ୍ୟରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ଚାଲିଥିବା ବେଳେ ରାଜ୍ୟରେ ସବୁଠାରୁ ଅଧିକ ଲଘୁ ଖଣିଜ ସମ୍ପଦ ଥିବା ଧର୍ମଶାଳା ଅଞ୍ଚଳର ଜେନାପୁର ଥାନା ଅଧୀନରେ କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁ ନାହିଁ। ଓଲଟା, ସ୍ଥାନୀୟ ଜନସାଧାରଣ ଚୋରାଚାଲାଣକୁ ବିରୋଧ କରି ଗାଡି ରୋକୁଥିବା ବେଳେ, ପୋଲିସ ତାକୁ ମୁକୁଳାଇ ଦେବାର ଏକାଧିକ ଘଟଣା ଦେଖିବାକୁ ମିଳିଛି। ଧର୍ମଶାଳାର ଦଳିତ, ଅବହେଳିତ ଓ ନିଷ୍ପେସିତଙ୍କୁ ଛାଡ଼ି ବିଧାୟକ ଏବେ ଖଣି ମାଲିକ, କ୍ରସର ମାଲିକ ଓ ଠିକାଦାରଙ୍କୁ ଆପଣେଇଛନ୍ତି। ଅପରପକ୍ଷରେ, ଧର୍ମଶାଳା ଅଞ୍ଚଳରେ ଥିବା ରାମ୍‌କୋ ସିମେଣ୍ଟ କାରଖାନାରେ କାର୍ଯ୍ୟରତ କିଛି ସ୍ଥାନୀୟ ଯୁବକଙ୍କୁ ବିଜେଡି ସମର୍ଥକ ବୋଲି ବିଧାୟକଙ୍କ ନିର୍ଦ୍ଦେଶରେ ଚାକିରିରୁ ବିଦା କରାଯାଇଛି ଓ କିଛି ଯୁବକଙ୍କୁ ଓଡିଶା ବାହାରକୁ ବଦଳି କରାଯାଇଛି ବୋଲି ଶ୍ରୀ ବଳବନ୍ତରାୟ କହିଥିଲେ। ଏଣୁ, ଧର୍ମଶାଳା ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବର୍ତ୍ତମାନ କାହା ପ୍ରୋତ୍ସାହନରେ ଚାଲିଛି ଏଥିରୁ ସ୍ପଷ୍ଟ ହେଉଛି। ଧର୍ମଶାଳା ଅଞ୍ଚଳରେ ଚାଲିଥିବା ଲଘୁ ଖଣିଜ ସମ୍ପଦ ଲୁଟ୍ ଉପରେ ରାଜ୍ୟ ସରକାର ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଜେଡି ଦାବି କରୁଛି ବୋଲି ଶ୍ରୀ ବଳବନ୍ତରାୟ କହିଥିଲେ। ଡବଲ ଇଞ୍ଜିନ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ, ଆପଣଙ୍କ ଦଳର ସମର୍ଥିତ ସ୍ୱାଧୀନ ବିଧାୟକଙ୍କ କାର୍ଯ୍ୟକଳାପ ଉପରେ ଟିକିଏ ନଜର ରଖନ୍ତୁ।







ଲୋକସେବା ଭବନରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।

# ସୁଭଦ୍ରା ଯୋଜନାର ସଫଳତା ବିଷୟରେ ଆଲୋଚନା କଲେ ଉତ୍ତର ପ୍ରଦେଶ ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ଲୋକସେବା ଭବନ ଠାରେ ଉତ୍ତର ପ୍ରଦେଶ ରାଜ୍ୟର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ବେବି ରାଣୀ ମୌର୍ୟ ଓଡ଼ିଶା ପରିଦର୍ଶନ ରେ ଆସି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଓ ସଫଳତା ଉପରେ ବିଶଦ ଆଲୋଚନା କରିଛନ୍ତି। ଏହା ସହ ରାଜ୍ୟରେ ଅଙ୍ଗନବାଡି କେନ୍ଦ୍ରର ପରିଚାଳନା ଉପରେ ମଧ୍ୟ ସେ ଜାଣିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଉତ୍ତର ପ୍ରଦେଶ ମହିଳା ଓ ଶିଶୁ କଲ୍ୟାଣଙ୍କ ଅଧୀନରେ ଚାଲୁଥିବା ସମସ୍ତ ଯୋଜନା ବିଷୟରେ ମଧ୍ୟ ସେ ଆଲୋକପାତ କରିଥିଲେ।

# ପୂର୍ବତଟ ରେଳପଥର ୨୫୦ ନିୟୁତ ଟନ ପଣ୍ୟ ପରିବହନ ରେକର୍ଡ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ପୂର୍ବତଟ ରେଳପଥ ପୁଣି ଥରେ ପଣ୍ୟ ପରିବହନ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଂଟ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ହେବାର ୧୧ ଦିନ ପୂର୍ବରୁ ୨୫୦ ନିୟୁତ ଟନ୍ ମୂଳ ପଣ୍ୟ ପରିବହନ ହାସଲ କରିବାରେ ଭାରତର ପ୍ରଥମ ରେଳ ଜୋନ୍ ହୋଇଛି। ପୂର୍ବତଟ ରେଳପଥର ପଣ୍ୟ ପରିବହନ ରେକର୍ଡ ଭାରତୀୟ ରେଳବାଇର ସମସ୍ତ ପୂର୍ବ ମାନଦଣ୍ଡକୁ ଅତିକ୍ରମ କରିଛି, ଯାହା ଦେଶର ସର୍ବୋଚ୍ଚ ପଣ୍ୟ ପରିବହନ କ୍ଷେତ୍ର ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି। ଏହି ସଫଳତା ଲଗାତାର ଭାବେ ଦ୍ୱିତୀୟ ବର୍ଷ ପାଇଁ ୨୫୦ ନିୟୁତ ଟନ୍ ସୀମା ଅତିକ୍ରମ କରିଛି। ଏହି ସଫଳତାକୁ ହାସଲ କରିବା ପାଇଁ ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷରେ ୩୬୦ ଦିନ ସମୟ ନେଇଥିଲାବେଳେ ଚଳିତ ବର୍ଷ ୩୫୫ ଦିନରେ ଏହି ଲକ୍ଷ ହାସଲ କରିଛି। ଉଲ୍ଲେଖନୀୟ ଯେ, ପୂର୍ବତଟ ରେଳପଥ କ୍ରମାଗତ ଷଷ୍ଠ ଥର ପାଇଁ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନ ଅତିକ୍ରମ କରିବାର ଗୌରବ ମଧ୍ୟ ହାସଲ କରିଛି। ଏହା ବ୍ୟତୀତ, ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ଅଧିକାରକ୍ଷେତ୍ର ମଧ୍ୟରେ ୨୨୮.୩ ନିୟୁତ ଟନ୍ ମାଲ ପରିବହନ ମୁକ୍ତ/ଅନଲୋଡ କରିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨.୬% ଅଧିକ। ୨୦୨୩-୨୪ ଆର୍ଥିକ ବର୍ଷରେ ୨୧ ମାର୍ଚ୍ଚ ସୁଦ୍ଧା, ପୂର୍ବତଟ ରେଳପଥ ଏହାର ଅଧିକାର କ୍ଷେତ୍ରରେ ୨୨୨.୪ ନିୟୁତ ଟନ୍ ମାଲ ପରିବହନ କରିଥିଲା । ଏହି ଐତିହାସିକ ସଫଳତା ହାସଲ କରିବାରେ ପୂର୍ବତଟ ରେଳବାଇର ତିନୋଟି ରେଳ ମଣ୍ଡଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପ୍ରମୁଖ ପଣ୍ୟ ପରିବହନକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ:ତାଳଚେରରେ ଥିବା ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ର କୋଇଲା କ୍ଷେତ୍ର , ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାଞ୍ଚଟି ପ୍ରମୁଖ ବନ୍ଦର: ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ୍ ଏବଂ ଗୋପାଳପୁର, ବୈଲାଡିଲା (ଛତିଶଗଡ଼) ଏବଂ କେଉଁଝର ଜିଲ୍ଲା (ଓଡ଼ିଶା)ରେ ଲୁହା ଖଣି, ପ୍ରମୁଖ ଇସ୍ପାତ ଏବଂ ଆଲୁମିନିୟମ ଶିଳ୍ପ।ଚ ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ପଣ୍ୟ ପରିବହନ ମାଇଲଖୁଣ୍ଟ ହାସଲ କରିବାର ଏକ ଦୀର୍ଘକାଳୀନ ପରମ୍ପରା ରହିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନ ଅତିକ୍ରମ କରିବାରେ ଏହା ଅବିଭକ୍ତ ଦକ୍ଷିଣ ପୂର୍ବ ରେଳବାଇ ପରେ ଦ୍ୱିତୀୟ ରେଳ ଜୋନ୍ ଥିଲା। ଆଜି, ଏହା ଲଗାତାର ଦୁଇ ବର୍ଷ ହେଲା ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ ହାସଲ କରିବାରେ ପ୍ରଥମ ଜୋନ୍ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ବିଭିନ୍ନ କାର୍ଯ୍ୟକ୍ଷମ ଆହ୍ୱାନ ସତ୍ତ୍ୱେ, ଏହି ରେକର୍ଡ ଅତିକ୍ରମ କରିବାରେ ଯତ୍ନବାନ ଯୋଜନା, ସରକାରୀ କ୍ଷେତ୍ର, ଶିଳ୍ପ ଏବଂ ଅଂଶୀଦାରମାନଙ୍କ ସହିତ ସୁଗମ ସମନ୍ୱୟ ଏବଂ ଦକ୍ଷତା ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ସଫଳତା ସମ୍ଭବ ହୋଇପାରିଛି ।

# ଚେନ୍ନାଇ ସୀମା ପୁନଃ ନିର୍ଦ୍ଧାରଣ ବୈଠକରେ ଯୋଗଦେବ ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚେନ୍ନାଇଠାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.ଷ୍ଟାଲିନ୍‌ଙ୍କ ଦ୍ୱାରା ଆହୁତ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ପ୍ରଭାବିତ ହେବାକୁ ଥିବା ରାଜ୍ୟର ନେତୃମଣ୍ଡଳୀଙ୍କ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକରେ ଯୋଗଦେବାକୁ ବିଜୁ ଜନତା ଦଳ ତରଫରୁ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳର ପ୍ରତିନିଧି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ଡ଼ ଅମର ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ତଥା ଦଳର କାର୍ଯ୍ୟକ୍ରମ ରୂପାୟନ କମିଟିର ଅଧ୍ୟକ୍ଷ ସଂଜୟ କୁମାର ଦାସବର୍ମା ଚେନ୍ନାଇ ଯାତ୍ରା କରିଛନ୍ତି । ଆସନ୍ତାକାଲି ଏହି ବୈଠକରେ ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଓଡିଶା, କେରଳ, ପଶ୍ଚିମବଙ୍ଗ ଓ ପଞ୍ଜାବର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୀମା ପୁନଃନିର୍ଦ୍ଧାରଣ ହେଲେ ଓଡିଶାର ସ୍ୱାର୍ଥ କିପରି ସୁରକ୍ଷିତ ହୋଇପାରିବ, ସେ ସଂକ୍ରାନ୍ତୀୟ ଆଲୋଚନାରେ ଅଂଶଗ୍ରହଣ କରିବା ସକାଶେ ବିଜେଡି ନିଷ୍ପତି ଗ୍ରହଣ କରିଛି।

# ଥଣ୍ଡା ବୋତଲରେ ଦେଶୀ ମଦ ବିକ୍ରି, ୨ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଥଣ୍ଡା ବୋତଲ ଭିତରେ ଦେଶୀ ମଦ ପୂରାଇ ବିକ୍ରୀ ଚାଲିଥିବା ବେଳେ ଅବକାରୀ ଟିମ୍ ଚଢାଉ କରିଛି। ଭୁବନେଶ୍ୱର ଘାଟିକିଆ ବରମୁଣ୍ଡା ରାସ୍ତାରେ ଏକ ଦୋକାନରେ ବିଭିନ୍ନ କମ୍ପାନୀର ମୃଦୁପାନୀୟ ବୋତଲରେ ମଦ ବିକ୍ରି କରାଯାଉଥିଲା । ସ୍ନାକ୍ସ ଦୋକାନରେ ଏହି କାରବାର ଚାଲିଥିବା ବେଳେ ଏକ୍ସସାଇଜ ଟିମ୍ ପହଂଚି ଚଢାଉ କରିଛି। ଦୋକାନରେ ଚଢାଉ କରିବା ସହିତ କୋଲ୍ଡ ଡ୍ରିଙ୍କ୍ସ ଟ୍ରେ ସବୁ ଜବତ କରିଛି । ଘଟଣାରେ ଦୋକାନ ମାଲିକ ସମେତ ୨ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ ।

# ସାତଟି ବିଶ୍ୱବିଦ୍ୟାଳୟରେ ନାହାନ୍ତି ନିୟମିତ କୁଳପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ୧୭ଟି ବିଶ୍ୱବିଦ୍ୟାଳୟ ଥିବାବେଳେ ଏଥିରୁ ୭ଟିରେ ନିୟମିତ କୁଳପତି ନାହାନ୍ତି । ଏହିସବୁ ବିଶ୍ୱବିଦ୍ୟାଳୟଗୁଡିକ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

## ହାଇକୋର୍ଟରେ ଝାରସୁଗୁଡ଼ା ନିର୍ବାଚନ ମାମଲା

# ଟଙ୍କଧରଙ୍କ ଆବେଦନ ଖାରଜ

କଟକ(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମାମଲାରେ ବିଜୟୀ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପକ୍ଷରୁ ବିନା ଶୁଣାଣିରେ ଦୀପାଳୀଙ୍କ ଆବେଦନ ଖାରଜ କରିବାକୁ କରାଯାଇଥିବା ପ୍ରାର୍ଥନାକୁ ହାଇକୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି। ଅନ୍ୟପକ୍ଷରେ ଟଙ୍କଧରଙ୍କ ବିରୋଧରେ ରୁଜୁ ମାମଲାର ଶୁଣାଣି ଜାରି ରହିବ ବୋଲି ହାଇକୋର୍ଟ କହିଛନ୍ତି। ସେହିପରି ଟଙ୍କଧରଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସମ୍ପର୍କରେ ତଥ୍ୟ ଦାଖଲ କରିବାକୁ ହାଇକୋର୍ଟ ପରାଜିତ ପ୍ରାର୍ଥୀ ଦୀପାଳୀ ଦାସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟ ଉପରୋକ୍ତ ଆଦେଶ ଦେବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ୍ ୨୪ ତାରିଖରେ ହେବ ବୋଲି ସମୟ ଧାର୍ଯ୍ୟ କରିଛନ୍ତ । ସୂଚନାଥାଉକି ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତା ଦଳର ପରାଜିତ ପ୍ରାର୍ଥୀ ଦିପାଳୀ ଦାସ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି।

# କିମ୍ସରେ ହୃଦରୋଗରେ ପୀଡ଼ିତ ଦୃଷ୍ଟିହୀନ ରୋଗୀଙ୍କ ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିମସ ସିଟିଭିଏସ ବିଶେଷଜ୍ଞ ଡା ଅମିତ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ କାର୍ଡିଓ-ଥୋରାସିକ୍ ଏବଂ ଭାସ୍କୁଲାର ସର୍ଜରୀ (ସିଟିଭିଏସ) ବିଭାଗର ଡାକ୍ତରମାନେ ଏକ୍ୟୁଟ୍ ଆଓର୍ଟିକ ଡିସେକ୍ସନ ରୋଗରେ ପୀଡ଼ିତ ଥିବା ୬୪ ବର୍ଷୀୟ ଜଣେ ଦୃଷ୍ଟିହୀନ ରୋଗୀଙ୍କଠାରେ ଜଟିଳ ବେଣ୍ଟାଲ ପ୍ରକ୍ରିୟାରେ ସଫଳ ଅସ୍ତ୍ରୋପଚାର କରାଯାଇଛି । ଶରୀରର ସଂଯୋଜକ ଟିସୁକୁ ଦୁର୍ବଳ କରିଦେଉଥିବା ବଂଶଗତ ରୋଗ ମାର୍ଫାନ୍ସ ସିଣ୍ଡ୍ରୋମରେ ପୀଡିତ ରୋଗୀ ଛାତି ଏବଂ ପିଠିରେ ଗମ୍ଭୀର ଯନ୍ତ୍ରଣା ଅନୁଭବ କରିବାରୁ ସେ କିମ୍ସରେ ପରାମର୍ଶ ପାଇଁ ଆସିଥିଲେ । ହୃଦ୍‌ରୋଗ ବିଭାଗ ମୁଖ୍ୟ ଡା. ଶୁଭାଶିଷ ମିଶ୍ର ଏବଂ ଡା ପ୍ରଦୀପଙ୍କୁ ନେଇ ଏକ ହୃଦରୋଗ ବିଶେଷଜ୍ଞଙ୍କ ଦଳ ତାଙ୍କର ପରୀକ୍ଷା ନିରୀକ୍ଷା କରିଥିଲେ । ପରେ ସିଟି ଆଞ୍ଜିଓଗ୍ରାଫିରୁ ଏହା ଟାଇପ୍ ଏ ଆକ୍ୟୁଟ୍ ଆଓର୍ଟିକ ଡିସେକ୍ସନ୍ ବୋଲି ଜଣାପଡ଼ିଥିଲା । ଏହା ଅତ୍ୟନ୍ତ ଜଟିଳ ଓ ଜୀବନ ପ୍ରତି ଅଧିକ ବିପଦ ସମ୍ଭାବନା ରହୁଥିବାରୁ ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ ହୋଇଥାଏ । କିମ୍ସର ହୃଦ୍ ଅସ୍ତ୍ରୋପଚାର ବିଭାଗର ଡା ଅମିତ ଅଗ୍ରୱାଲ ଏବଂ ଡା ସିକେଆର ମହାପାତ୍ର, ନିଶ୍ଚେତକ ବିଶେଷଜ୍ଞ ଡା ଅଶୋକ ବଡମାଲି ଏବଂ ଡା ଜ୍ଞାନ ମିଶ୍ରଙ୍କ ନେତୃତ୍ୱରେ ତାଙ୍କର ଜରୁରୀକାଳୀନ ବେଣ୍ଟାଲ ପ୍ରକ୍ରିୟାରେ ଅସ୍ତ୍ରୋପଚାର କରାଯାଇଥିଲା ।

# କାଳବୈଶାଖୀ ଜନିତ କ୍ଷୟକ୍ଷତିର ସମୀକ୍ଷା ପାଇଁ ମୟୂରଭଞ୍ଜ ଯିବେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କାଳବୈଶାଖୀ ଜନିତ କ୍ଷୟକ୍ଷତିର ସ୍ଥିତି ସମୀକ୍ଷା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆସନ୍ତାକାଲି ଶନିବାର ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯିବେ। ଏନେଇ ମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ଆଜି ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି, ବିଶୋୟୀ, କୁଳିଅଣା ଆଦି ବ୍ଲକରେ କାଳବୈଶାଖୀ ଯୋଗୁ ପ୍ରବଳ ବର୍ଷା, ପବନ ସାଙ୍ଗକୁ କୁଆପଥର ମାଡ଼ରେ ଅନେକ ଚାଳ ଛପର ଟିଣ ଓ ଘରର ଛାତ ଉଡ଼ି ଯିବା ସହ ବହୁ ବଡ଼ ବଡ଼ ଗଛର ଡାଳ ଭାଙ୍ଗି ଯିବା ଯୋଗୁ ଯାତାୟାତ ଓ ବିଦ୍ୟୁତ ସରବରାହରେ ବାଧାପ୍ରାପ୍ତ ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏବାବଦରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲି ମୁର୍ମୁ, ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ଜିଲ୍ଲାର ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲି ।

# ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜଙ୍ଗଲ ହିଁ ଜୀବନ। ମାନବ ଜାତି ଓ ସୁସ୍ଥ ପରିବେଶ ପାଇଁ ଜଙ୍ଗଲର ଭୂମିକା ଅନସ୍ୱୀକାର୍ଯ୍ୟ। ଜଙ୍ଗଲ ସମଗ୍ର ବିଶ୍ୱ ପାଇଁ ପ୍ରକୃତିର ଏକ ବରଦାନ। ଜଙ୍ଗଲକୁ ପୃଥିବୀର ଫୁସ୍‌ଫୁସ୍ ବୋଲି କୁହାଯାଏ। କାରଣ ଏସବୁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳକୁ ଅବଶୋଷିତ କରି ବାୟୁକୁ ଶୁଦ୍ଧ କରିବା ସହିତ ଜଳବାୟୁକୁ ସନ୍ତୁଳିତ କରିଥାନ୍ତି । ଜଙ୍ଗଲ କେବଳ ପୃଥିବୀରେ ଜୀବନର ଅସ୍ତିତ୍ୱ ପାଇଁ ଜରୁରୀ ତାହା ନୁହେଁ ଜଳବାୟୁ ପରିବର୍ତନ ସହିତ ଲଢ଼ିବା ପାଇଁ ଏସବୁ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଜଙ୍ଗଲ ଯୋଗୁଁ ଆମେ ପ୍ରଦୂଷଣମୁକ୍ତ ବାୟୁ, ଯଥେଷ୍ଟ ବୃଷ୍ଟି, ଖାଦ୍ୟ, ଔଷଧ ଓ ଇନ୍ଧନ ପ୍ରଭୃତି ପାଇଥାଉ । ମନୁଷ୍ୟ ସମାଜ ପାଇଁ ବହୁମୂଲ୍ୟ ଜୈବବିବିଧତାର ମୂଳ ଉତ୍ସ ହେଉଛି ଜଙ୍ଗଲ । ଜଙ୍ଗଲର ଶ୍ରୀବୃଦ୍ଧି ଓ ସମୃଦ୍ଧି ଉପରେ ମାନବ ଜାତିର ଭବିଷ୍ୟତ ନିର୍ଭର କରିଥାଏ । ତେଣୁ ଜଙ୍ଗଲ ସମ୍ପଦର ପୋଷଣୀୟ ବ୍ୟବହାର, ପରିବେଶ ଅବକ୍ଷୟ ଓ ପ୍ରଦୂଷଣର ମାତ୍ରା ହ୍ରାସ କରିବା ଦିଗରେ ସମସ୍ତଙ୍କ ସଙ୍କଳ୍ପବଦ୍ଧ ଉଦ୍ୟମ ଲୋଡା ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଆହ୍ୱାନ ଦେଇଛନ୍ତି । ପୂର୍ବାହ୍ନରେ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ବିଶ୍ୱ ବନଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଲେ ଯେ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଡେରାଡୁନ୍ ଦ୍ୱାରା ଉପଗ୍ରହ ମାଧ୍ୟମରେ ପ୍ରାପ୍ତ ହେଉଥିବା ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ଓଡ଼ିଶା ରାଜ୍ୟର ସମୁଦାୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର ପରିମାଣ ୫୨,୪୩୩.୫୬ ବର୍ଗ କି.ମି. ଅଟେ, ଯାହାକି ରାଜ୍ୟର ସମୁଦାୟ ଭୌଗୋଳିକ ଆୟତନର ଶତକଡ଼ା ୩୩.୬୭ ଭାଗ । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଲେ ଯେ ଆମ ରାଜ୍ୟର ୪୮୦ କିଲୋମିଟର ସୁଦୀର୍ଘ ଉପକୂଳ ଏବେ ବୃଦ୍ଧି ପାଇ ୫୭୬ କିମି ହୋଇଛି । ନିକଟରେ ଋଷିକୁଲ୍ୟା ମୁହାଣକୁ ୭ ଲକ୍ଷ ଓ ଗହୀରମଥାକୁ ୭ ଲକ୍ଷ, ଏହିଭଳି ୧୪ ଲକ୍ଷ ଅଲିଭ ରିଡ୍‌ଲେ କଇଁଛ ଅଣ୍ଡାଦାନ ପାଇଁ ଆସିବା ରାଜ୍ୟ ଜଙ୍ଗଲ ବିଭାଗ ପାଇଁ ଗର୍ବ ଓ ଗୌରବର ବିଷୟ । ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା ବକ୍ତବ୍ୟ ରଖିଥିଲେ । ଶେଷରେ ଡ କେ ମୁରୁଗସେନ୍, ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂସ୍କୃତି ଏବଂ ପରମ୍ପରାର ସଂଯୋଗ ସେତୁ ପର୍ଯ୍ୟଟନ: ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପର୍ଯ୍ୟଟନ ଅର୍ଥନୈତିକ ଅଭିବୃଦ୍ଧିର ଧାରକ ହେବା ସହିତ ବିଭିନ୍ନ ଅଂଚଳର ଲୋକ, ସଂସ୍କୃତି ଏବଂ ପରଂପରା ମଧ୍ୟରେ ସଂଯୋଗ ସେତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରଠାରେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଆନ୍ଧ୍ର ପ୍ରଦେଶ ପର୍ଯ୍ୟଟନ ଫୋରମ୍ ଦ୍ୱାରା ଆୟୋଜିତ ରୋଡ଼-ଶୋକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଦ୍ୱାରା ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶା ରାଜ୍ୟ ମଧ୍ୟରେ ପର୍ଯ୍ୟଟନ ସହଯୋଗ ଦୃଢ଼ ହୋଇପାରିବ ଏବଂ ଆଂଚଳିକ ସଂଯୋଗୀକରଣ, ନିବେଶ ସୁଯୋଗ ସୃଷ୍ଟି ହେବା ସହିତ ସ୍ଥାୟୀ ପର୍ଯ୍ୟଟନ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୋତ୍ସାହନ ମିଳିବ। ଏପରି କାର୍ଯ୍ୟକ୍ରମ ଓଡିଶା ସହିତ ଆନ୍ଧ୍ର ପ୍ରଦେଶର ପର୍ଯ୍ୟଟନ ସଂପର୍କ ବୃଦ୍ଧି କରିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ଆନ୍ଧ୍ର ପ୍ରଦେଶ ଓ ଓଡିଶା ମଧ୍ୟରେ ଦୃଢ଼ ଐତିହାସିକ ଏବଂ ସାଂସ୍କୃତିକ ସଂପର୍କ ରହିଛି। ଆନ୍ଧ୍ର ପ୍ରଦେଶ ଏହାର ସମୃଦ୍ଧ ଐତିହ୍ୟ, ଚମତ୍କାର ଉପକୂଳ, ପ୍ରାକୃତିକ ଦୃଶ୍ୟ, ଆଧ୍ୟାତ୍ମିକ ପୀଠ ପାଇଁ ସୁପରିଚିତ । ସେହିପରି ଓଡ଼ିଶାର ସ୍ୱର୍ଣ୍ଣ ବେଳାଭୂମି, ମହିମାମଣ୍ଡିତ ଦେବଦେବୀ ପୀଠ ଓ ଆଧ୍ୟାତ୍ମିକ ପୀଠ ତଥା ଜନଜାତି ସଂସ୍କୃତି ପାଇଁ ବିଦିତ। ଓଡିଶା ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଦୀର୍ଘ ଦିନ ଧରି ଐତିହାସିକ, ସାଂସ୍କୃତିକ ଏବଂ ଆର୍ଥିକ ସଂପର୍କ ବଜାୟ ରହିଛି ଏବଂ ଏଥିପାଇଁ ଅନ୍ତଃରାଜ୍ୟ ପର୍ଯ୍ୟଟନର ବିକାଶ ନିମନ୍ତେ ଅପାର ସମ୍ଭାବନା ରହିଛି। ଉଭୟ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ଦେଶର ପ୍ରମୁଖ ରାଜ୍ୟ ଭାବେ ଉଭା ହୋଇଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ଉଭୟ ରାଜ୍ୟରେ ପର୍ଯ୍ୟଟନ ସମ୍ଭାବନା ଥିବା ସ୍ଥାନଗୁଡ଼ିକର ଚିହ୍ନଟ, ପର୍ଯ୍ୟଟନସ୍ଥଳୀଗୁଡ଼ିକର ଭିତିଭୂମିର ବିକାଶ ସହିତ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଂଟରପ୍ରାଇଜିଂ ନଟ୍ ଅଫ ଟ୍ରାଭେଲ ଆଣ୍ଡ ଟୁରିଜିମ୍ ଆସୋସିଏଟସ୍‌ର ସଭାପତି ଦେବାଶିଷ ମିଶ୍ର, ଆନ୍ଧ୍ର ପ୍ରଦେଶ ଟୁରିଜିମ୍ ଫୋରମ୍‌ର ସଭାପତି କେ. ବିଜୟ ମୋହନ ଏବଂ ଉପସଭାପତି ଡ. ଏସ୍ ପ୍ରଶାନ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ।

# ରାଜ୍ୟରେ ମିଶ୍ରଣ ହୋଇଛି ୫୬୧୯ ବିଦ୍ୟାଳୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହ୍ରାସ ଯୋଗୁଁ ରାଜ୍ୟରେ ୪୬୧୯ଟି ବିଦ୍ୟାଳୟର ମିଶ୍ରଣ କରାଯାଇଛି । ସବୁଠାରୁ ଅଧିକ ୩୦୮ଟି ବିଦ୍ୟାଳୟର ମିଶ୍ରଣ ହୋଇଛି ମୟୁରଭଞ୍ଜ ଜିଲ୍ଲାରେ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ହ୍ରାସ ଯୋଗୁଁ ମୋଟ ୪୬୧୯ଟି ବିଦ୍ୟାଳୟର ମିଶ୍ରଣ ହୋଇଥିବାବେଳେ ଏହି ତାଲିକାରେ ପୁରୀ ଜିଲ୍ଲାର ଗୋଟିଏ ହେଲେ ବିଦ୍ୟାଳୟ ନାହିଁ। ସବୁଠାରୁ କମ ୪୩ଟି ବିଦ୍ୟାଳୟ ମାଲକାନଗିରି ଜିଲ୍ଲାରେ ଥିବାବେଳେ କେନ୍ଦୁଝରରେ ୫୩ଟି, ସୋନପୁରରେ ୬୧ଟି, ଝାରସୁଗୁଡାରେ ୬୫ ଓ ଦେବଗଡରେ ୬୮ଟି ବିଦ୍ୟାଳୟ ରହିଛି ।

# ବିଧାନସଭାରେ ଲୋକଙ୍କ ସ୍ୱର ହୋଇ ଲଢେଇ ଜାରି ରଖିବ କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଆ ମାନଙ୍କୁ ଧର୍ଷଣ କରାଯାଉଛି । ଗତ ୯ ମାସ ହେଲା ନାରୀଙ୍କୁ ଅତ୍ୟାଚାର କରାଯାଉଛି । କଂଗ୍ରେସ ନିଷ୍ପତି ନେଇଛି ବିଧାନସଭାରେ ଲୋକଙ୍କ ସ୍ୱର ହୋଇ ଲଢେଇ ଜାରି ରଖିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ କହିଛନ୍ତି । ସରକାର ଅନ୍ଧ, କାଲା ଓ ବଧିର ହୋଇଯାଇଛି । ଗୃହ କମିଟି ନହେବା ଯାଏଁ ଆନ୍ଦୋଳନ ଜାରି ରହିବ । ସରକାରୀ ଦଳ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲାନି। କଂଗ୍ରେସ ବିଧାୟକଙ୍କୁ ଧକା ମାରିଲେ ବିଜେପି ବିଧାୟକ । ହେଲେ ଆମ ବିଧାୟକଙ୍କୁ ନିଲମ୍ବନ କରାଗଲା । ନିବେଦନ କରିଥିଲୁ ନିଲମ୍ବନ ଉଠାଇବାକୁ। ବାଚସ୍ପତି କହିଲେ, ବିଧାୟକ କ୍ଷମା ମାଗିଲେ ନିଲମ୍ବନ ଉଠିବ । କଂଗ୍ରେସ ନା ଇଂରେଜକୁ କ୍ଷମା ମାଗିଛି ନା ସରକାରକୁ କ୍ଷମା ମାଗିବ ବୋଲି ରାମଚନ୍ଦ୍ର କାଦାମ କହିଛନ୍ତି।

# ଭତ୍ତା ଅପେକ୍ଷାରେ ୬ଲକ୍ଷ ୪୬୮ ହିତାଧିକାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୬ ଲକ୍ଷ ୪ ହଜାର ୬୮୮ ଜଣ ଭତ୍ତା ପାଇଁ ଅପେକ୍ଷାରେ ଅଛନ୍ତି । ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରିଛନ୍ତି ୪୦,୯୨୭ଜଣ । ସେହିପରି ବିଧବା ଭତ୍ତା ପାଇଁ ଆବେଦନ କରିଛନ୍ତି ୬୧,୫୭୯ଜଣ । ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଛନ୍ତି ୪ ଲକ୍ଷ ୬୪ ହଜାର ୮୪୯ଜଣ । କୁଷ୍ଠ ରୋଗୀ ଭତ୍ତା ପାଇଁ ଆବେଦନ କରିଛନ୍ତି ୨୬୯। ବିଧାୟକ ସାରଦା ନାୟକଙ୍କ ପ୍ରଶ୍ନରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖିଛନ୍ତି।

# ବିଶ୍ୱ କବିତା ଦିବସରେ ଓଡ଼ିଆ କାବ୍ୟକୁ ସମୃଦ୍ଧ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ କବିତା ଦିବସରେ ଓଡ଼ିଆ କାବ୍ୟକୁ ସମୃଦ୍ଧ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମାଜର ବାସ୍ତବତାକୁ ଭାବନାତ୍ମକ ଢ଼ଙ୍ଗରେ ପରିପ୍ରକାଶ କରିବାର ସର୍ବୋତ୍କୃଷ୍ଟ ମାଧ୍ୟମ ହେଉଛି 'କବିତା'। ନିଜର କାଳଜୟୀ ରଚନା ମାଧ୍ୟମରେ ଆଞ୍ଚଳିକ ତଥା ଜାତୀୟ ସ୍ତରରେ ଭାଷା, ସାହିତ୍ୟର ଗରିମା ବୃଦ୍ଧି କରିବାରେ ବହୁମୂଲ୍ୟ ଅବଦାନ ରଖିଥିବା କବିମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଛି। ଆସନ୍ତୁ ଓଡ଼ିଆ କାବ୍ୟକୁ ଆହୁରି ସମୃଦ୍ଧ କରିବା ସହ ଏହାର ପ୍ରଚାର ପ୍ରସାର ପାଇଁ 'ବିଶ୍ୱ କବିତା ଦିବସ' ଅବସରରେ ସଂକଳ୍ପବଦ୍ଧ ହେବା।

# ବାଲିଯାତ୍ରାକୁ ଐତିହ୍ୟ ମାନ୍ୟତା ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଟକ ବାଲିଯାତ୍ରାକୁ ଐତିହ୍ୟ ମାନ୍ୟତା ଦେବାକୁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବିଧାନସଭାରେ ଲିଖିତ ଉତ୍ତରରେ ଏହା ଜଣାଇଛନ୍ତି। ମନ୍ତ୍ରୀ କହିଛନ୍ତି ବାଲିଯାତ୍ରା ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଥିବା ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ ପାଇଁ ପଦକ୍ଷେପ ନିଆଯିବ। ରାଜ୍ୟ ସରକାର ୟୁନିସ୍କୋର ପ୍ରକ୍ରିୟା ଅନୁଯାୟୀ ନୌବାଣିଜ୍ୟ ଇତିହାସ ଓ ବାଲିଯାତ୍ରା ଉପରେ ଦସ୍ତାବିଜ ତଥା ପ୍ରାମାଣିକ ତଥ୍ୟ ସଂଗ୍ରହ କରୁଛନ୍ତି। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଅନୁମୋଦିତ ପ୍ରଣାଳୀ ଅନୁଯାୟୀ ପ୍ରାମାଣିକ ଚିତ୍ର ପ୍ରସ୍ତୁତ କରି ୟୁନିସ୍କୋରେ ଉପସ୍ଥାପନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି।



# ଆମ କଳାହାଣ୍ଡି







## ବିଧାନସଭା ଘେରାଉ ପାଇଁ ଜିଲ୍ଲା କଂଗ୍ରେସ କମିଟିର ପ୍ରସ୍ତୁତି




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଆମ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ସଂପୂର୍ଣ୍ଣ ଭୁଷୁଡି ପଡିଛି । ନାରୀ ନିର୍ଯ୍ୟାତନା କ୍ଷେତ୍ରରେ ଏବେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଛି ବୋଲି ୨୦ ତାରିଖ ଗୁରୁବାର ଦିନ ଭବାନୀପାଟଣା ଠାରେ କଂଗ୍ରେସ ଦଳ ପକ୍ଷରୁ ଆୟୋଜିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । କଳାହାଣ୍ଡି ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ କଳାହାଣ୍ଡି ଦାୟିତ୍ୱରେ ଥିବା କଂଗ୍ରେସ ଦଳ ମୁଖପାତ୍ର ରାୟଗଡା ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ଅଜିତ ଦାଶ, କଳାହାଣ୍ଡି ଜିଲ୍ଲା ପାଇଁ କଂଗ୍ରେସର ପର୍ଯ୍ୟବେକ୍ଷକ ତଥା ନବରଙ୍ଗପୁରର ବରିଷ୍ଠ କଂଗ୍ରେସ ନେତା ମୁନ୍ନା ତ୍ରିପାଠୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଫଳତା ସଂପର୍କରେ ସୂଚନା ଦେଇଥିଲେ । ମୁଖପାତ୍ର ରାଜ୍ୟରେ ମ୍ୟାଟ୍ରିକ ପରୀକ୍ଷା ଦେଉଥିବା ଛାତ୍ରୀ ସନ୍ତାନ ପ୍ରସବ କରୁଛି, ରାସ୍ତାରେ ନାରୀ ନିର୍ଯ୍ୟାତନାର ଶୀକାର ହେଉଛି ବୋଲି କହି ଏବେ ରାଜ୍ୟର ନାରୀମାନେ ଆଦୌ ସୁରକ୍ଷିତ ନୁହନ୍ତି ବୋଲି ସେ ଆଶଙ୍କା ପ୍ରକାଶ କରିଥିଲେ । ଦାଶ କହିଲେ ଯେ ଏଥିରୁ ଜାଣି ପାରୁଥିବେ ଆମ ରାଜ୍ୟର ମହିଳାମାନେ ଏବେ କେତେ ସୁରକ୍ଷିତ ଅଛନ୍ତି । ଆମେ ବିଧାନସଭାରେ ଏ ପ୍ରଶ୍ନ ଉତ୍ଥାପନ କଲାବେଳେ ଆମ ଦଳର ବିଧାୟକଙ୍କୁ ବାହାର କରି ଦିଆଗଲା । ଏଭଳି ଅଗଣତାନ୍ତ୍ରିକ ଆଚରଣକୁ ଆମେ ଘୋର ନିନ୍ଦା କରୁଛି ବୋଲି ସେ ପ୍ରକାଶ କରିଥିଲେ । ତେଣୁ ରାଜ୍ୟ କଂଗ୍ରେସ ସଭାପତି ବିଶିଷ୍ଟ ନେତା ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୨୭ ତାରିଖ ଗୁରୁବାର ଦିନ ବିଧାନସଭାକୁ କଂଗ୍ରେସ ଦଳ ପକ୍ଷରୁ ଘେରାଉ କରାଯିବ ବୋଲି ସୂଚନା ସେ ଦେଇଥିଲେ । ମାତୃଜାତି ପ୍ରତି ଅନ୍ୟାୟକୁ କଂଗ୍ରେସ ଦଳ କଦାପି ବରଦାସ୍ତ କରିବ ନାହିଁ । ୨୭ ତାରିଖରେ କଂଗ୍ରେସ ବିଧାନସଭା ସାମ୍ନାରେ ଯେଉଁ ଭୟଙ୍କର ବିକ୍ଷୋଭ ହେ ସେଥିରେ ରାଜ୍ୟରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଭାଗନେବେ ବୋଲି ଉପସ୍ଥିତ ନେତାମାନେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ । ଏହି ସମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି କଂଗ୍ରେସର ଉପସଭାପତି ଉଛବ ସାହୁ, ସାଧାରଣ ସମ୍ପାଦକ ମାଣିକ ସୁନା, ଥୁଆମୂଳ ରାମପୁର ନେତ୍ରୀ ଦ୍ରୌପଦୀ ମାଝୀ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସରୋଜ ବାଗ, ଯୁବ କଂଗ୍ରେସ ରାଜ୍ୟ ପ୍ରବକ୍ତା ମହମ୍ମଦ ମହସୀନ୍(ସାହେବ) ଜିଲ୍ଲା କଂଗ୍ରେସର ଇନ୍ଦ୍ରଜିତ ମହାକୁଡ଼ ପ୍ରମୁଖ ।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର




ଭବାନୀପାଟଣା, ( ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ 'ଲୋକତତ୍ତ୍ୱ ଓ ଅନୁବାଦ ତତ୍ତ୍ୱ' ସଂପର୍କିତ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଏକ ଦିବସୀୟ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ଉଦ୍‌ଘାଟକ ଭାବେ ଯୋଗଦେଇ ଲୋକସାହିତ୍ୟ ସହିତ ନୃତତ୍ତ୍ୱର ସମ୍ବନ୍ଧ ବିଷୟରେ ବ୍ୟାଖ୍ୟା କରିଥିଲେ । କୁଳସଚିବ ପୀତାମ୍ବର ଭୋଇ ଲୋକ ଓ ତତ୍ତ୍ୱ ଶବ୍ଦର ବିଶ୍ଲେଷଣ କରିଥିଲାବେଳେ ଉପ-କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ଲୋକସାହିତ୍ୟ ସମ୍ପର୍କିତ ନିଜର ଅଭିମତ ପ୍ରକାଶ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ସହକାରୀ ପ୍ରଫେସର ଡକ୍ଟର ସାଗରିକା ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ବୈଷୟିକ ଅଧିବେଶନରେ ବକ୍ତା ରୂପେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଲୋକସାହିତ୍ୟର ଅଧ୍ୟୟନ ନିମନ୍ତେ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ବିଷୟରେ ଆଲୋଚନା କରିଥିଲେ । ଡକ୍ଟର ଦ୍ୱାରିକାନାଥ ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ, ପଲ୍ଲୀଶ୍ରୀ ମହାବିଦ୍ୟାଳୟ, ଚିକିସ୍ତା, ବରଗଡ ବକ୍ତାରୂପେ ଉପସ୍ଥିତ ରହି ଲୋକ ଶବ୍ଦର ବ୍ୟାଖ୍ୟା ସହିତ ଲୋକସାହିତ୍ୟ ସୃଷ୍ଟିର ମୂଳ ଉତ୍ସ ବିଷୟରେ କହିଥିଲେ । ଡକ୍ଟର କୌତୁକ ପନ୍ଦର, ସହକାରୀ ପ୍ରଫେସର, ସରକାରୀ ମହାବିଦ୍ୟାଳୟ, ବଲାଙ୍ଗୀର ସମୀକ୍ଷକ ଭାବେ ଲୋକସାହିତ୍ୟର ସମୀକ୍ଷା କରିଥିବାବେଳେ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦର ବିଭାଗ ମୁଖ୍ୟ ଡକ୍ଟର ପଲ୍ଲୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଅଧ୍ୟାପିକା ଡକ୍ଟର ପ୍ରତ୍ୟାଶା ଧଳ ବକ୍ତାମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅଧିବେଶନକୁ ଅଧ୍ୟାପକ ବାଲ୍ମିକୀ କରୁଆଁ ପରିଚାଳନା କରିଥିଲେ ଓ ଗବେଷକ ଡିଲେଶ୍ୱର ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବକ୍ତା ରୂପେ ଶ୍ରେୟା ହାଲଦାର୍, ଗବେଷିକା ଓ ଅନୁବାଦିକା, କଲିକତା, ଅନୁବାଦ ପରମ୍ପରା, ଅନୁବାଦ ପ୍ରବିଧି, ଅନୁବାଦର ସମସ୍ୟା, ଅନୁବାଦର ଭବିଷ୍ୟତ ସଂପର୍କରେ ଆଲୋଚନା କରିଥିଲେ । ବକ୍ତା ଡକ୍ଟର ବାଳକୃଷ୍ଣ ବେହେରା, ଅଧ୍ୟକ୍ଷ, ଝାଡଖଣ୍ଡ ବହଡାଗୋଡା ମହାବିଦ୍ୟାଳୟ, ଝାରଖଣ୍ଡର ଲୋକସଂସ୍କୃତିର ତାତ୍ତ୍ୱିକ ବ୍ୟାଖ୍ୟା କରିଥିଲେ । ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ସମୀକ୍ଷକ, ଅନୁବାଦ ବିଶ୍ୱ ସାହିତ୍ୟ ଜଗତକୁ ସୁଦୃଢ଼ କରୁଛି ବୋଲି ନିଜର ମତ ଦେଇଥିଲେ । ଅଧ୍ୟାପକ ସୁବ୍ରତ କୁମାର ମାଝୀ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ବାଲ୍ମିକୀ କରୁଆଁ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଡୋଳାମଣି ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ । ଆଲୋଚନାଚକ୍ର ଶେଷ ହେବା ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା ଓ ଏହାକୁ ଅଧ୍ୟାପିକା ରେଣୁକା ଡାକୁଆ ପରିଚାଳନା କରିଥିଲେ ।

## ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଧାରଣା, ରୋଗୀ ହନ୍ତସନ୍ତ



ନର୍ଲା, (ଭାସ୍କର ନ୍ୟୁଜ୍ ) : ଭୁବନେଶ୍ୱର ଠାରେ ରାଜ୍ୟର ଜାତୀୟ ସ୍ୱାସ୍ଥ୍ୟ ମିଶନ ଠିକା କର୍ମଚାରୀମାନେ ଧାରଣା ଦେଇଥିବାରୁ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି ହୋଇଛି । ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ କାର୍ଯ୍ୟରତ ଠିକା କର୍ମଚାରୀ ବିପିଏମ ସବୀର କୁମାର ପଧାନ, ଭିପିଡିଟିଏମ ଦେବାଶିଷ ଭୋଇ, ଏସଟିଏସ ଅଜିତ ଆଚାର୍ଯ୍ୟ, ଅବିନାଶ ସାହୁ, ବ୍ଲକ ଆକାଉଣ୍ଟ ମ୍ୟାନେଜର ପ୍ରଶାନ୍ତ ରଣା ପ୍ରମୁଖ ଭୁବନେଶ୍ୱର ଯାଇ ଧାରଣାରେ ବସିଥିବାରୁ ନର୍ଲା ସ୍ୱାସ୍ଥ୍ୟ ବିଭାଗରେ ରିପୋର୍ଟ ପ୍ରଦାନ, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଆଶା ପ୍ରୋତ୍ସାହନ ରାଶି ପ୍ରଦାନ, ଯକ୍ଷ୍ମା ନିୟନ୍ତ୍ରଣ, କୁଷ୍ଠ ନିୟନ୍ତ୍ରଣ, ଅଣସଂକ୍ରାମକ ରୋଗ କାର୍ଯ୍ୟକ୍ରମ, ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ, ଗର୍ଭବତୀ ମାଆ ମାନଂକର ପ୍ରସବ ପର୍ୱର୍ତ୍ତୀ ପାଉଣା, ରକ୍ତ ଶିକୁଳିର ପ୍ରୋତ୍ସାହନ ରାଶି ଭଳି ଅନେକ ପ୍ରୋତ୍ସାହନ ରାଶି ପ୍ରଦାନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ବିଶେଷ କରି ରାତି ଦିନ ନିୟମିତ ଗର୍ଭବତୀ ମହିଳା ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ କରି ଆସୁଥିବା ଆଶା କର୍ମୀମାନଙ୍କ ଦରମା ଏଯାଏଁ ହୋଇ ପାରୁ ନାହିଁ । ଫଳରେ ଆଶାକର୍ମୀମାନେ ଦରମା ନପାଇ ଅନେକ ହଇରାଣ ହେଉଥିବା ଜଣାପଡିଛି । ଏହାସହ ସଫେଇ କର୍ମଚାରୀଙ୍କ ମାସିକ ଦରମା ନ ପାଇ କର୍ମଚାରୀ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏମାନଙ୍କ ଧାରଣ ଯୋଗୁଁ ସ୍ୱାସ୍ଥ୍ୟସେବା ଠପ୍ ହୋଇ ପଡିଛି ।

## କର୍ତ୍ତବ୍ୟରେ ଅବହେଳା ଅଭିଯୋଗ, ୫ ଶିକ୍ଷକଙ୍କ ଦରମା ବନ୍ଦ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଯୋଗ ଦେଇଛନ୍ତି ଯୁବ ଶିକ୍ଷା ପ୍ରଶାସକ ଋଷିଆ ମେହେର । ସେ ଯୋଗ ଦେବା ଦିନଠାରୁ ବ୍ଲକର ବିଭିନ୍ନ ସ୍କୁଲ ପରିଦର୍ଶନ କରି ବ୍ଲକର ଦୁର୍ଗମ ତଥା ଉପାନ୍ତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ସଜାଡିବାକୁ ପ୍ରୟାସ ଆରମ୍ଭ କରିଛନ୍ତି । ଏପରିକି ଶ୍ରୀ ମେହେର ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ସ୍କୁଲଗୁଡିକରେ ଶିକ୍ଷା ବ୍ୟବସ୍ଥାର ତଦାରଖ ପାଇଁ ଅଚାନକ ଗସ୍ତ କରିବା ସହିତ କର୍ତ୍ତବ୍ୟରେ ଅବହେଳା କରୁଥିବା ପାଞ୍ଚଜଣ ଶିକ୍ଷକଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେବା ଏବେ ସାରା ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଛି । ଏପରିକି ବର୍ଷ ବର୍ଷ ଧରି କର୍ତ୍ତବ୍ୟରେ ଅବହେଳା କରୁଥିବା, ସ୍କୁଲରେ ଅନୁପସ୍ଥିତ ରହୁଥିବା, ଶିକ୍ଷକତାକୁ ଆଳ କରି ଅନ୍ୟାନ୍ୟ ଧନ୍ଦାରେ ମାତିଥିବା ଶିକ୍ଷକମାନଙ୍କ ଭିତରେ ଏବେ ଛନକା ପଶିଛି । ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମେହେର ବ୍ଲକର ଘୋଡାପୋଖରୀ, ପୁଇଗୁଡା, କରନମୁଣ୍ଡା, ଟୁରିସିମେଲ, ପ୍ରାଥମିକ ବିଦ୍ୟାଳୟ ସହିତ ପାଇକ ଥୁଆଗୁଡା ୟୁପି ସ୍କୁଲ ଓ ବିଜେପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଅଚାନକ ପରିଦର୍ଶନରେ ଯିବା ସହିତ ସେଠାରେ ପାଞ୍ଚଜଣ ଶିକ୍ଷକ ନିଜ କର୍ତ୍ତବ୍ୟରେ ଅବହେଳା କରୁଥିବା ସଂପର୍କରେ ଅବଗତ ହୋଇଥିଲେ । ଏହାପରେ ତୁରନ୍ତ ପଦକ୍ଷେପ ନେବା ସହିତ ପାଞ୍ଚଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ସହିତ ତୁରନ୍ତ ଦରମା ବନ୍ଦ ପାଇଁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମେହେରଙ୍କ ସହିତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ ତଥା ସ୍ଥାନୀୟ କ୍ଲଷ୍ଟର ସଂଯୋଜକ ଉପସ୍ଥିତ ଥିଲେ । ସେହିପରି ଶ୍ରୀ ମେହେର ବିଶ୍ୱନାଥପୁର ପଞ୍ଚାୟତ ଅନ୍ତର୍ଗତ ସୀତାପୁର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ସେଠାରେ ମଧ୍ୟାହ୍ନଭୋଜନର ମାନ ପରୀକ୍ଷା କରିବାକୁ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଉପସ୍ଥିତିରେ ନିଜେ ମଧ୍ୟାହ୍ନଭୋଜନ ଖାଇଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଗ୍ରାଉଣ୍ଡ ଜିରୋ ପରିଦର୍ଶନ ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନକୁ ନେଇ କର୍ତ୍ତବ୍ୟରେ ଲଗାତାର ଅବହେଳା କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ କୋକୁଆ ଭୟ ଦେଖିବାକୁ ମିଳିଥିବାବେଳେ ଅଭିଭାବକ, ସାଧାରଣ ଲୋକେ ଓ ବୁଦ୍ଧିଜୀବୀ ମହଲରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟକଳାପକୁ ପ୍ରଶଂସା କରାଯାଇଛି ।



## ବିଶ୍ୱ ବନ ଦିବସ ପାଳିତ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୟୁଥ୍ ଓ ୟୁକୋ କ୍ଲବ ଆନୁକୂଲ୍ୟରେ ବିଶ୍ୱ ବନ ଦିବସ -୨୦୨୫ ପାଳିତ ହୋଇଯାଇଛି । କେସିଙ୍ଗା ଫରେଷ୍ଟ ରେଞ୍ଜ ଅଫିସର ସ୍ନିଗ୍ଧା ସରିତା ବଳିୟାରସିଂହ ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଜଳ, ଜମି, ଜଙ୍ଗଲ ଜୀବ ଜଗତର ଅସଲ ଗନ୍ତାଘର ଏବଂ ସୁରକ୍ଷା ଓ ବିକାଶ ଦିଗରେ ଯୁବପିଢ଼ି ମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଅଧିବେଶନର ସଭାପତି ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା ଉପସ୍ଥିତ ସମସ୍ତ ଛାତ୍ରୀମାନଙ୍କୁ ସମସ୍ତ ପ୍ରକାର ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଓ ସଂରକ୍ଷଣ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଆୟୋଜିତ ହୋଇଥିବା ସ୍ଲୋଗାନ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଜି.କ୍ରିଷ୍ଣା ରେଡ୍ଡୀ ପରିଚାଳନା କରିଥିଲେ ଏବଂ ୟୁଥ୍ ଓ ୟୁକୋ କ୍ଲବର ସଂଯୋଜକ ଶିକ୍ଷକ ସୁନୀଲ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା ।

## ବରଯାତ୍ରୀ ଗାଡ଼ି ଦୁର୍ଘଟଣା
### ଜଣେ ମୃତ, ୬ ଗୁରୁତର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ୨୧ ତାରିଖ ଭୋରରେ ଏକ ବରଯାତ୍ରୀ ଗାଡି ଭାରସାମ୍ୟ ହରାଇ ୨୬ ନମ୍ବର୍ ଜାତୀୟ ରାଜପଥର ଚିଲିଗୁଡା ଗାଁ ନିକଟରେ ଓଲଟି ପଡ଼ିଛି । ଘଟଣାସ୍ଥଳରେ ଗାଡି ଚାଳକ ଭଜନ କରଙ୍କ ମୃତ୍ୟୁ ହୋଇଥିବାବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ମୃତକ ଜଣକ ଜୁନାଗଡ଼ ଥାନା ବରଗାଁର ଭଜନ କର ବୋଲି ଜଣାପଡିଛି । ଗୁରୁତର ମାନେ ସୁବାସ ଖମାରି, ବବିଲୁ ହରିଜନ, ସୁମନ୍ତ କର, ଧର୍ମରାଜ କର, ଅରୁପ ଖମାରି ତୋଫାନ ସୁନାନୀ ବୋଲି ସୂଚନା ମିଳିଛି । କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଏସ୍‌ଆର୍‌ଏମ ଭେଷଜ ମହାବିଦ୍ୟାଳୟ ଅନ୍ତର୍ଗତ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ମୃତାହତ ମାନେ ବରଗାଁରୁ ଛତିଶଗଡ଼ର କେରଣ୍ଡୁଲକୁ ବରଯାତ୍ରୀ ଯାଇ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା । କୋକସରା ପୋଲିସ ଘଟଣାର ତଦନ୍ତ କରୁଛି ।

## ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟରେ ନୂତନ ସୁଯୋଗ ସୃଷ୍ଟି ନିମନ୍ତେ ସେମିନାର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଭାଗିରଥି ହୋଟେଲ ଠାରେ ଦ୍ରୋଣାଚାର୍ଯ୍ୟ ସ୍କୁଲ ତରଫରୁ ୨୦ ତାରିଖ ଗୁରୁବାର ଦିନ ଏକ ଶିକ୍ଷାଭିତ୍ତିକ ସେମିନାରର ଆୟୋଜନ କରାଯାଇଥିଲା । ଏହି ସେମିନାରର ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ପାଇଁ କୋଟାଠାରେ ଥିବା ପ୍ରତିଷ୍ଠିତ 'ଏଲେନ୍ ଅନୁଷ୍ଠାନ' ସହଯୋଗରେ କଳାହାଣ୍ଡିର ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟ ଠାରେ ହାତ ପାଆନ୍ତାରେ କିଭଳି ଉନ୍ନତ ମାନର କ୍ୟାରିୟର ନିର୍ମାଣ କରାଯାଇ ପାରିବ । ଏହି ସେମିନାରରେ କଳାହାଣ୍ଡିର ଅନେକ ଛାତ୍ରଛାତ୍ରୀ, ଅଭିଭାବକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସମାଜସେବୀ ଅକ୍ଷୟ ଦାସ, ଉଦ୍ୟୋଗପତି ପ୍ରମୋଦ ଖମାରୀ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ଜଗଦୀଶ କୁମାର ମଣ୍ଡଳ, ବରିଷ୍ଠ ସାମ୍ବାଦିକ ତଥା ଲେଖକ ଉମାଶଙ୍କର କର, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ତଥା ସାମ୍ବାଦିକ ଶାନ୍ତନୁ କୁମାର ବେହେରା, ବିଶିଷ୍ଟ ସାମ୍ବାଦିକ ଓ କବି ଲଳିତ କାନୁନଗୋ, ମାରୱାଡି ମହିଳା ସମିତିର ସଭାପତି ଅନିତା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । କୋଟାର ଏଲେନ୍‌ରୁ ଆସିଥିବା ଶିକ୍ଷକମାନେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିବା ସଙ୍ଗେସଙ୍ଗେ ଏଲେନ୍ କିପରି ସେମାନଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ କରିବ ଏବଂ ସେମାନଙ୍କୁ ଡାକ୍ତର କିମ୍ବା ଇଂଜିନିୟର ହେବାରେ ସହାୟକ ହେବ ସେ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟର ପ୍ରିନ୍ସିପାଲ୍ ଅର୍ଚ୍ଚନା ଅଗ୍ରୱାଲ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ । ବିଦ୍ୟାଳୟର ଭାଇସ୍ ପ୍ରିନ୍ସିପାଲ୍ ପଦ୍ମନାଭ ପାଠି ସଭାକାର୍ଯ୍ୟ ପରିଚାଳନା କରିଥିଲେ ।


## କୃଷି ମହାବିଦ୍ୟାଳୟରେ କର୍ମ ଯୋଗାଣ ପ୍ରଶିକ୍ଷଣ ଶିବିର





ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ କୃଷି ମହାବିଦ୍ୟାଳୟ (ଓୟୁଏଟି)ଠାରେ ମହାବିଦ୍ୟାଳୟର ଶେଷ ବର୍ଷ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଇଡିପି, ଜାତୀୟ କୃଷି ଉଚ୍ଚଶିକ୍ଷା ପ୍ରକଳ୍ପ ଅନ୍ତର୍ଗତ କର୍ମ ଯୋଗାଣ ପ୍ରଶିକ୍ଷଣ ଶିବିର ଗତ ୨୦ ତାରିଖ ଗୁରୁବାର ଦିନ ଅନୁଷ୍ଠିତ ହୋଇ ଯାଇଅଛି । ଗୁରୁବାର ଦିନ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରା ଯାଇଥିଲା । ଏହି ଶିବିର ଆସନ୍ତା ତା.୨୭.୩.୨୫ ପର୍ଯ୍ୟନ୍ତ ଚାଲିବ ବୋଲି ଶିବିରର ମୁଖ୍ୟ ପରିଚାଳକ ଡଃ. ଲକ୍ଷ୍ମୀକାନ୍ତ ଦାସ ପ୍ରକାଶ କରିଛନ୍ତି । ଗତ ଗୁରୁବାର ଦିନ ଏହି କର୍ମ ଯୋଗାଣ ଶିବିରର ଉଦ୍‌ଘାଟନ ଉତ୍ସବ ସ୍ଥାନୀୟ କୃଷି ମହାବିଦ୍ୟାଳୟ, ଅଡିଟୋରିୟମ ଠାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଓୟୁଏଟିର ଡିଏସ୍ ଡବ୍ଲ୍ୟୁ ପ୍ରଫେସର ଲକ୍ଷ୍ମଣ କୁମାର ବାବୁ, ବିଶିଷ୍ଟ ଅତିଥି ଭାବେ ଡିପିଏମ୍‌ଇ ପ୍ରଫେସର ଦୟାନିଧି ମିଶ୍ର ଏବଂ ପ୍ରଶିକ୍ଷଣ ବିଶେଷଜ୍ଞ ଅଶୋକ ମହାକୁଡ଼ ଓ କୃଷି ମହାବିଦ୍ୟାଳୟ, ଭବାନୀପାଟଣାର ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ତାଲିମ ଶିବିରଟି ବିଶେଷ ଭାବେ ଚତୁର୍ଥ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଆୟୋଜନ କରାଯାଇଛି । ସଂପୃକ୍ତ ଶିବିରଟି ମୁଖ୍ୟ ପରିଚାଳକ ଡଃ.ଲକ୍ଷ୍ମୀକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲା ବେଳେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସଂଯୋଜକ ଭାବେ ସୁଜିତ ମାଝୀ, ଡଃ. ରଶ୍ମିତା ଟୋପ୍ପୋ ଏବଂ ଭବାନୀ ମହାକୁଡ଼ ପ୍ରମୁଖ କାର୍ଯ୍ୟ କରୁଥିବା ଜଣା ପଡଛି ।

## ରାଶିଫଳ


**ଶନିବାର, ୨୨ ମାର୍ଚ୍ଚ ୨୦୨୫**



**ମେଷ:** ଆଜି ଆପଣ ମାନସିକ କ୍ଲାନ୍ତ ଅନୁଭବ କରିପାରନ୍ତି ଏବଂ ପରିଶ୍ରମ କରିବା ସତ୍ତ୍ୱେ ଫଳାଫଳ କମ୍ ହେବ । ଅଧିକ ବ୍ୟସ୍ତତା ହେତୁ ଆପଣ ପରିବାରକୁ କମ୍ ସମୟ ଦେବେ, କିନ୍ତୁ ଆପଣ କାର୍ଯ୍ୟରେ ସଫଳତା ପାଇବେ । ପେଟ ଯନ୍ତ୍ରଣା ହେବାର ସମସ୍ୟା ହୋଇପାରେ ।




**ବୃଷ:** ଦିନ ଆରମ୍ଭରେ, ଆପଣଙ୍କର ମାନସିକ ସମସ୍ୟା ହୋଇପାରେ । ଶରୀରରେ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ଅସ୍ଥିରତା ଅନୁଭବ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ହୋଇପାରନ୍ତି । ଛାତ୍ରମାନେ ପଢିବା ଏବଂ ଲେଖିବାରେ କମ୍ ସମୟ ନେବେ ।



**ମିଥୁନ:** କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି । ଜୀବନସାଥୀ ଏବଂ ପିଲାମାନଙ୍କ ବିଷୟରେ ଚିନ୍ତା ହେବ । ସମସ୍ତଙ୍କ ଶରୀର, ମନ ଏବଂ ଧନରେ ବାଧା ଆସିବ । କୌଣସି କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ଏବଂ ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାକୁ ଏଡ଼ାନ୍ତୁ ।



**କର୍କଟ:** ଆଜି ଛାତି ଯନ୍ତ୍ରଣା କିମ୍ବା ଅନ୍ୟାନ୍ୟ ବ୍ୟାଧିରୁ ଯନ୍ତ୍ରଣା ଅନୁଭବ ହେବ । ଘରେ ସଦସ୍ୟଙ୍କ ସହ ତୀବ୍ର ଆଲୋଚନା କିମ୍ବା ବିତର୍କ ହେତୁ ମନରେ ଦୁଃଖ ମଧ୍ୟ ରହିବ । ଆଜିର ଦିନ ଅସୁବିଧାରେ ପରିପୂର୍ଣ୍ଣ । କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ।




**ସିଂହ:** ସ୍ୱାସ୍ଥ୍ୟ ଭଲ ହେବ ଏବଂ ଆପଣ ଭାଇମାନଙ୍କ ସହିତ ସମୟ ବିତାଇବେ । ଏକ ସୁନ୍ଦର ଯାତ୍ରାର ଯୋଗ ରହିଛି । ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କୁ ଭେଟିବାର ସମ୍ଭାବନା ଅଛି । କାର୍ଯ୍ୟରେ ସଫଳତା ପାଇ ବନ୍ଧୁମାନେ ଖୁସି ହେବେ । କଳା କ୍ଷେତ୍ରରେ ବିଶେଷ ଆଗ୍ରହ ରହିବ ।




**କନ୍ୟା:** ବକ୍ତବ୍ୟର ମଧୁରତା ସହିତ, ଆପଣ ଅନ୍ୟ ଲୋକଙ୍କ ମନରେ ଏକ ସକରାତ୍ମକ ଭାବନା ଛାଡି ପାରିବେ । ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ୍ୟ ଖୁସି ହେବ । ଏକ ସୁଖଦ ବ୍ୟାପାର ହେବ । ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବାରୁ ସନ୍ତୋଷର ଭାବନା ରହିବ ।



**ତୁଳା:** ଶାରୀରିକ ଏବଂ ମାନସିକ ସ୍ତରରେ ସୁଖ ଅନୁଭବ କରିବେ । ପୋଷାକ ଏବଂ ଆନନ୍ଦ-ପ୍ରମୋଦ ପଛରେ ଖର୍ଚ୍ଚ ହେବ । ଆଦର୍ଶଗତ ଭାବରେ ଦୃଢ ରହିବେ । ମନ ସୃଜନଶୀଳ ଧାରାରେ ରହିବ । ବୌଦ୍ଧିକ ଧାରା ଏବଂ ଆଲୋଚନା ପାଇଁ ଦିନଟି ଭଲ ।



**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ । କୋର୍ଟ ସମ୍ବନ୍ଧୀୟ କାର୍ଯ୍ୟରେ ଯତ୍ନବାନ ହୁଅନ୍ତୁ । ପ୍ରତ୍ୟେକ ବିଷୟର ମଧ୍ୟମ ଆଚରଣ ଅପଚୟରୁ ଦୂରେଇ ରହିବ । ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ଅଛି, ତଥାପି କୌଣସି କ୍ଷତି ହେବ ନାହିଁ । ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ ।




**ଧନୁ:** ଆଜି ଆପଣଙ୍କ ଆୟ ଏବଂ ଲାଭର ବୃଦ୍ଧି ସମ୍ଭାବନା ରହିଛି । ସାମାଜିକ କାର୍ଯ୍ୟରେ ଭାଗ ନେଇ ମନ ଖୁସି ହେବ । ବ୍ୟବସାୟରେ ଲାଭବାନ ହେବେ । ଶାରୀରିକ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଆୟ ଅପେକ୍ଷା ଖର୍ଚ୍ଚ ଅଧିକ ହେବ । ବକ୍ତବ୍ୟରେ ସଂଯମତା ରଖନ୍ତୁ ।



**ମକର:** ଆଜି କଣ୍ଟିଜେନ୍ସି ଟଙ୍କା ମିଳିପାରେ । ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ନଷ୍ଟ କରିପାରେ । ବ୍ୟବସାୟ କ୍ଷେତ୍ରରେ ଧନ ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀଙ୍କ ସୁଖ ଆପଣଙ୍କ ଉପରେ ରହିବ । ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ । ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ ।



**କୁମ୍ଭ:** ଆଜି ପ୍ରତିଯୋଗୀମାନଙ୍କ ସହିତ ବିତର୍କ କରନ୍ତୁ ନାହିଁ । ଶାରୀରିକ ଅସୁସ୍ଥ ରହିବେ । ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ । ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ । ଆଧ୍ୟାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ହୋଇପାରନ୍ତି ।



**ମୀନ:** ଆଜିର ଦିନ ସବୁ କ୍ଷେତ୍ରରେ ଆପଣଙ୍କ ପାଇଁ ଲାଭଦାୟକ । ଆଜି କିଛି ଦାନ କରନ୍ତୁ । ଉପଯୁକ୍ତ ଯୋଜନା ମାଧ୍ୟମରେ ବ୍ୟବସାୟ ବୃଦ୍ଧି ପାଇବ । ବ୍ୟବସାୟ ସହ ଜଡିତ ସ୍ଥାନାନ୍ତରଣର ସମ୍ଭାବନା ରହିଛି । ପିତା ଏବଂ ବରିଷ୍ଠମାନଙ୍କର ଆଶୀର୍ବାଦ ମିଳିବ । ଲାଭ ପାଇବେ । ଆୟ ବୃଦ୍ଧି ପାଇବ । ଛାତ୍ରମାନେ ପଢିବା ଏବଂ ଲେଖିବାରେ କମ୍ ସମୟ ନେବେ ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯